ଧରିତ୍ରୀ
DHARITRI

ଶନିବାର, ଜୁନ୍ ୧୩/୨୦୨୦ (୨୦ ପୃଷ୍ଠା) Saturday, June 13/2020

୪୬ଶ ଭାଗ ୧୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

କନିକାଙ୍କୁ ଫ୍ଲାଟ୍‌ରେ ଏଣ୍ଟ୍ରି ମିଳି ନ ଥିଲା

ଗୁଡ୍ଡନ ଫେମ୍ କନିକା ମାନ୍ ନିଜ ମା'ଙ୍କ ସହ ପାନିପତରୁ ମୁମ୍ବାଇକୁ ଆସିଛନ୍ତି। ଫେରିବା ପରେ ରହୁଥିବା ସୋସାଇଟିରେ ତାଙ୍କୁ କରୋନା ଭୟରେ ଏଣ୍ଟ୍ରି ମିଳି ନ ଥିଲା ବୋଲି ସେ କହିଛନ୍ତି।

୧୦୨୦

ଦ୍ରୋଣାଚାର୍ଯ୍ୟ ପାଇଁ ରାଜେଶ କୁମାରଙ୍କ ନାମ ସୁପାରିସ

ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ରାଜେଶ କୁମାର ରାଜୋଣ୍ଡଙ୍କ ନାମ ସୁପାରିସ କରିଛନ୍ତି ପୂର୍ବତନ ଜାତୀୟ ବକ୍ସିଂ କୋଚ୍ ଗୁରବକ୍ସ ସିଂ ସାନ୍ଧୁ।

ଘରୋଇ ସଂସ୍ଥାକୁ ସୁପ୍ରିମକୋର୍ଟ ଆଶ୍ୱସ୍ତି

ନୂଆଦିଲ୍ଲୀ,୧୨।୬(ପି.ଟି.)

କରୋନା ମହାମାରୀ ଜନିତ ଲକ୍‌ଡାଉନ ସମୟରେ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ବେତନ ଦେଇପାରି ନ ଥିବା ଘରୋଇ କମ୍ପାନୀ ବିରୋଧରେ ଜୁଲାଇ ଶେଷ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପସଂସ୍ଥା ଓ କର୍ମଚାରୀ ଉଭୟ ପରସ୍ପର ପାଇଁ ଆବଶ୍ୟକ। ତେଣୁ ସେମାନେ ଏକାଠି ବସି ବେତନ ପୈଠ ପ୍ରସଙ୍ଗର ସମାଧାନ କରିବା ଆବଶ୍ୟକ ବୋଲି ଜଷ୍ଟିସ୍ ଅଶୋକ ଭୂଷଣ, ସଞ୍ଜୟ କିଷନ କୌଲ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ରାଜ୍ୟ ସରକାର ଏଭଳି ସମାଧାନ ପ୍ରକ୍ରିୟା ପାଇଁ ସୁଯୋଗ ସୃଷ୍ଟି କରିବା ସହ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ କହିଛନ୍ତି।

ଲକ୍‌ଡାଉନ ସମୟରେ ପୂର୍ଣ୍ଣ ବେତନ ପ୍ରଦାନ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମାର୍ଚ୍ଚ ୨୯ରେ ଜାରି କରିଥିବା ସର୍କୁଲାରର ବୈଧତା ନେଇ ୪ ସପ୍ତାହ ମଧ୍ୟରେ ଅତିରିକ୍ତ ସତ୍ୟପାଠ ଦାଖଲ କରିବାକୁ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୨୯ ସର୍କୁଲାର ବିରୋଧରେ ବିଭିନ୍ନ କମ୍ପାନୀ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ଶେଷ ସପ୍ତାହକୁ ଧାର୍ଯ୍ୟ କରାଯାଇଛି। ସମାଧାନ ପ୍ରକ୍ରିୟା ପାଇଁ ଶ୍ରମ ବିଭାଗ ଜରିଆରେ ଅଦାଲତଙ୍କ ନିର୍ଦ୍ଦେଶନାମାକୁ କମ୍ପାନୀ ଓ କର୍ମଚାରୀଙ୍କ ପାଖରେ ପହଞ୍ଚାଇବା ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କହିଛନ୍ତି। ଲକ୍‌ଡାଉନବେଳେ କମ୍ପାନୀ ବନ୍ଦ ଥିଲେ ମଧ୍ୟ କର୍ମଚାରୀଙ୍କ ବେତନ ନ କାଟିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସର୍କୁଲାର ଜାରି କରି ନିଯୁକ୍ତିଦାତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଶ୍ରମ ଓ ନିୟୋଜନ ବିଭାଗ ସଚିବ ସବୁ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ ପତ୍ର ଲେଖି ମହାମାରୀ ବେଳେ କର୍ମଚାରୀ ଛଟେଇ ନ କରିବା ଏବଂ ବେତନ ହ୍ରାସ ନ କରିବାକୁ ନିଯୁକ୍ତିଦାତାମାନଙ୍କୁ ପରାମର୍ଶ ଦେବା ପାଇଁ କହିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଉପସ୍ଥିତ ରହି କହିଥିଲେ, ଲକ୍‌ଡାଉନ ପରେ ପ୍ରବାସୀ ଶ୍ରମିକମାନେ ନିଜ ରାଜ୍ୟକୁ ଫେରିଯାଉଥିବାରୁ ସେମାନଙ୍କୁ କାର୍ଯ୍ୟସ୍ଥଳରେ ଅଟକାଇ ରଖିବା ଲାଗି ପୂର୍ଣ୍ଣ ବେତନ ପ୍ରଦାନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

ଲକ୍‌ଡାଉନବେଳେ ପୂରା ବେତନ ଦେଇ ନ ଥିଲେ କାର୍ଯ୍ୟାନୁଷ୍ଠାନ ହୋଇପାରିବନି

ସାମାଜିକ ଦୂରତ୍ୱ ଉଲ୍ଲଂଘନ: ଭୁବନେଶ୍ୱର ୟୁନିଟ୍ ୨ ମାର୍କେଟ ବିଲ୍ଡିଂରେ ରଜ ପାଇଁ ଶୁକ୍ରବାର ଲୋକଙ୍କ ପ୍ରବଳ ଗହଳି। ପରେ ଅପରାହ୍ନରେ ବିଏମ୍‌ସି ପକ୍ଷରୁ ସଂପୃକ୍ତ ଅଞ୍ଚଳକୁ ସିଲ୍ କରିଦିଆଯାଇଛି। **(ରିପୋର୍ଟ: ପୃଷ୍ଠା–୫)**

ଅନ୍‌ଲାଇନ୍‌ରେ ହେବ ବିପିୟୁଟି ପରୀକ୍ଷା

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ଏଥର ଅନ୍‌ଲାଇନ୍‌ରେ ବିପିୟୁଟି ପରୀକ୍ଷା ହେବ। ଅନଲାଇନ୍‌ରେ ଇଞ୍ଜିନିୟରିଂ କଲେଜର ଅଷ୍ଟମ ସେମିଷ୍ଟର ପରୀକ୍ଷା ହେବ। ଜୁଲାଇ ପ୍ରଥମରୁ ଦ୍ୱିତୀୟ ସପ୍ତାହ ଭିତରେ ଅନ୍‌ଲାଇନ୍‌ରେ ଏହି ପରୀକ୍ଷା ହେବ ବୋଲି ନିଷ୍ପତ୍ତି ହୋଇଛି। ଯେଉଁ ଛାତ୍ରୀଛାତ୍ର ଅନ୍‌ଲାଇନରେ ପରୀକ୍ଷା ଦେବେ ନାହିଁ, ସେମାନେ କଲେଜ ଖୋଲିବା ପରେ ଅଫ୍‌ଲାଇନ୍‌ରେ ପରୀକ୍ଷା ଦେଇପାରିବେ। ଜିଲା ଓ ରାଜ୍ୟ ବାହାରେ ମଧ୍ୟ ପରୀକ୍ଷା କେନ୍ଦ୍ର କରାଯିବ। ତେବେ ଛାତ୍ରୀଛାତ୍ରମାନେ କେଉଁ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ସେ ନେଇ ଅପ୍‌ସନ୍ ବାଛି ପାରିବେ। ଏ ନେଇ ଶୁକ୍ରବାର ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ତଥା ବୈଷୟିକ ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଛି ଅଲ୍ ଓଡ଼ିଶା ବିପିୟୁଟି ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ। ସଂଘ ପକ୍ଷରୁ ମନ୍ତ୍ରୀଙ୍କ ବାସଭବନକୁ ଯାଇ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏହି ସମୟରେ ସଂଘ ଉପଦେଷ୍ଟା ଧୃତିରଞ୍ଜନ ମାର୍ଥାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

୧୭ରେ ଖୋଲିବ କଲେଜ, ବିଶ୍ୱବିଦ୍ୟାଳୟ

- କାର୍ଯ୍ୟରେ ଯୋଗଦେବେ ଅଧ୍ୟାପକ, କର୍ମଚାରୀ

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଆସନ୍ତା ୧୭ ତାରିଖରେ ଖୋଲିବ। ତେବେ ଛାତ୍ରୀଛାତ୍ର ନୁହେଁ, କେବଳ ଅଧ୍ୟାପିକା ଅଧ୍ୟାପକମାନେ କାର୍ଯ୍ୟକ୍ଷେତ୍ରକୁ ଯିବେ। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ଓ ବେସରକାରୀ କଲେଜ କର୍ମଚାରୀ ୧୭ ତାରିଖରୁ କାର୍ଯ୍ୟରେ ଯୋଗଦେବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ କଲେଜର ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। ସମସ୍ତ ଶିକ୍ଷକ, ଅଣଶିକ୍ଷକ ଏବଂ କର୍ମଚାରୀ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି। କରୋନା ଲକ୍‌ଡାଉନ୍ କଟକଣା ପରଠୁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ବନ୍ଦ ରହିଛି।

ମାସ୍କ ନ ପିନ୍ଧି ଗଣିଲେଣି ୧.୨୫ କୋଟି

ଭୁବନେଶ୍ୱର,୧୨।୬(ବ୍ୟୁରୋ)

କରୋନା ସଂକ୍ରମଣ ପ୍ରତିହତ କରିବାକୁ ରାଜ୍ୟ ସରକାର ଯଥା ସମ୍ଭବ ଚେଷ୍ଟା ଚଳାଇଛନ୍ତି। ଏପରି କି ଘରୁ ବାହାରକୁ ଗୋଡ଼ କାଢ଼ିଲେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ହେଲେ କେତେ ଜଣ ଅମାନିଆ ଏହାକୁ ନ ମାନି ବିନା ମାସ୍କରେ ଖୁଲମଖୁଲା ବୁଲୁଛନ୍ତି। ତେଣୁ ସାରା ରାଜ୍ୟରେ ପୋଲିସ ପକ୍ଷରୁ ମାସ୍କ ଯାଞ୍ଚକୁ ଜୋରଦାର କରାଯାଇଛି। ବଜାର ହେଉ ଅବା ପରିବାର ହାଟ ସବୁଠି ଚାଲିଛି ମାସ୍କ ଚେକିଂ। ଯେଉଁମାନେ ☞ପୃଷ୍ଠା–୪

ଥାନାରେ ରଖି ଅଧିକ ପୋଲିସ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

କରୋନା(କୋଭିଡ୍–୧୯) ମହାମାରୀ ସଂକ୍ରମଣ ଆଶଙ୍କା ଯୋଗୁ ପୋଲିସର କାର୍ଯ୍ୟଭାର ବଢି ଯାଇଛି। ରାଜ୍ୟର ଥାନାଗୁଡିକରେ ଅଧିକ କର୍ମଚାରୀ ମୁତୟନ ପାଇଁ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଅଭୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ପୋଲିସରେ ମାନବ ସମ୍ବଳର ଯୁକ୍ତିସଂଗତ (ରାଶନାଲାଇଜ) ପରିଚାଳନା କରି ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ କୁହାଯାଇଛି। ଏଥିପାଇଁ ୧୫ ଦିନ ମଧ୍ୟରେ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ, ବିଭିନ୍ନ ରେଞ୍ଜର ଡିଆଇଜି, ଜିଲାର ଏସ୍‌ପି ଓ ଡିସିପିମାନଙ୍କ ସହିତ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କରୋନା ଯୁଦ୍ଧ ସରିନାହିଁ। ଆମକୁ ଅଧିକ ସତର୍କ ହେବା ସହିତ ବୃତ୍ତିଗତ ଦକ୍ଷତାର ସହ କାମ କରିବାକୁ ପଡିବ। ସେହିପରି ଆଗାମୀ ଦିନରେ ଏହି ମନୋଭାବ ନେଇ ସେବା ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପୋଲିସ ବାହିନୀକୁ ଆହ୍ୱାନ ଦେଇଛନ୍ତି।

ଲକ୍‌ଡାଉନ୍ ସମୟରେ ଗତ ଅଢ଼େଇ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଓଡିଶା ପୋଲିସ ଯେଭଳି ଉଚ୍ଚମାନର ସଂଯମ ରକ୍ଷା କରି ମର୍ଯ୍ୟାଦା ଓ ମାନବିକତା ପ୍ରଦର୍ଶନ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିଛନ୍ତି ତାହା ଉଚ୍ଚ ପ୍ରଶଂସାଯୋଗ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଲକ୍‌ଡାଉନ୍ ସମୟରେ ଅନ୍ୟ ରାଜ୍ୟଗୁଡିକର ପ୍ରବାସୀ ଶ୍ରମିକମାନେ ଓଡିଶା ମଧ୍ୟ ଦେଇ ଯିବା ସମୟରେ ସେମାନଙ୍କୁ ସହାୟତା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର କେହି ଜଣେ ବି ରାଜ୍ୟରେ ଚାଲି କରି ଯିବେ ନାହିଁ ନୀତି(ଜିରୋ ୱାକିଂ ଇନ୍‌ସାଇଡ ଓଡିଶା) କାର୍ଯ୍ୟକାରୀ କରିଛନ୍ତି । ଏହି ନୀତିକୁ ପୋଲିସ ବାହିନୀ ଯେଭଳି ଉତ୍ତମ ସମନ୍ୱୟ ରଖି ସଫଳତାର ସହ କାର୍ଯ୍ୟକାରୀ କଲେ ଓ ଅନ୍ୟ ରାଜ୍ୟର ପ୍ରବାସୀ ଶ୍ରମିକମାନଙ୍କୁ ମାନବୀୟ ସେବା ଯୋଗାଇଥିଲେ ତାହା ଓଡିଶା ପୋଲିସର ଦକ୍ଷତା ଓ ବୃତ୍ତିଗତ ଉତ୍କର୍ଷତାର ନିଦର୍ଶନ। ବାତ୍ୟା ଅମ୍ଫନ ସମୟରେ ଓଡ୍ରାଫ ଓ ଅଗ୍ନିଶମ ସେବାର କର୍ମଚାରୀମାନେ ପଶ୍ଚିମବଙ୍ଗ ଯାଇ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। କରୋନା ଭୟ ସତ୍ତ୍ୱେ ସେମାନେ କୋଲକାତାରେ ଯେଭଳି ସାହସ, ମାନବିକତାର ସହ ବିପନ୍ନ ଲୋକଙ୍କୁ ସେବା ☞ପୃଷ୍ଠା–୪

ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

- ପୋଲିସର ସଂଯମ, ମାନବିକତାକୁ ଉଚ୍ଚ ପ୍ରଶଂସା
- ସେବା ମନୋଭାବ ଜାରି ରଖିବାକୁ ଆହ୍ୱାନ

ଗଞ୍ଜାମରେ ପାଳନ ହେବନି ରଜ

- ୧୬ ପର୍ଯ୍ୟନ୍ତ ମେଳା, ମହୋତ୍ସବ, ଦୋଳି ଖେଳ ମନା

ଛତ୍ରପୁର,୧୨।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଜିଲାରେ ରଜପର୍ବ, ମହୋତ୍ସବ, ମେଳା, ଦୋଳି ଓ ଅନ୍ୟ ଖେଳକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି । ଏ ନେଇ ଜିଲାପାଳ ଜାରି କରିଥିବା ନିର୍ଦ୍ଦେଶନାମା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। କୌଣସି ଅନୁଷ୍ଠାନ ଏପରି କାର୍ଯ୍ୟକ୍ରମ ଆୟୋଜନ କରି ଲୋକଙ୍କୁ ଏକାଠି କରି ପାରିବେନି। ୧୬ ତାରିଖ ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଗାର୍ମେଣ୍ଟସ ଓ ଷ୍ଟେଶନେରି ଦୋକାନ ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ହସିବା କଥା ନୁହେଁ

କ୍ଷମା ମାଗିଲେ ଜେନେରାଲ ମିଲେ

ୱାଶିଂଟନ,୧୧।୬

କୃଷ୍ଣକାୟ ଜର୍ଜ ଫ୍ଲୟଡ୍‌ଙ୍କ ମୃତ୍ୟୁ ପରେ ଆମେରିକାରେ ନିଆଁ ଜଳୁଥିବାବେଳେ ଟପ୍ ଜେନେରାଲ ମାର୍କ ଏ. ମିଲେ ତାଙ୍କର ଏକ ଅବାଞ୍ଛିତ କାର୍ଯ୍ୟକୁ ନେଇ ଶେଷରେ କ୍ଷମା ମାଗିଛନ୍ତି। ଗତ ସପ୍ତାହରେ ହ୍ୱାଇଟ୍ ହାଉସ୍ ବାହାରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ଚାଲିଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସେନା ପୋଷାକରେ ଏକ ଚର୍ଚ୍ଚକୁ ପରିଦର୍ଶନରେ ଯାଇ ଫଟୋ ଉଠାଇଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। ଏହି ପଦକ୍ଷେପକୁ ଜେନେରାଲ ମିଲେ ଭୁଲ ବୋଲି ସ୍ୱୀକାର କରିଛନ୍ତି। ଏହାସହ ତାଙ୍କ ଉପସ୍ଥିତି ଯୋଗୁ ଆଭ୍ୟନ୍ତରୀଣ ରାଜନୀତିରେ ସେନାର ସମ୍ପୃକ୍ତି ନେଇ ସାଧାରଣରେ ଧାରଣା ସୃଷ୍ଟି ହୋଇଥିବା କହିଛନ୍ତି।

୬୧ ବର୍ଷୀୟ ମାର୍କ ମିଲେ ହେଉଛନ୍ତି ଆମେରିକା ସେନାର ଜଣେ ଜେନେରାଲ ଏବଂ ସଶସ୍ତ୍ର ବଳର ବରିଷ୍ଠତମ ସାମରିକ ଅଧିକାରୀ। ସେ ଜଏଣ୍ଟ ଚିଫ୍‌ସ ଅଫ୍ ଡିଫେନ୍ସ ଷ୍ଟାଫ୍ ଅଧ୍ୟକ୍ଷ (ଦେଶର ସର୍ବୋଚ୍ଚ ସାମରିକ) ପଦରେ ଅବସ୍ଥାପିତ। ଏଭଳି ଏକ ମର୍ଯ୍ୟାଦାଜନକ ପଦବୀରେ ଥାଇ ସେ କୌଣସି ରାଜନୈତିକ କାର୍ଯ୍ୟକ୍ରମରେ ସାମିଲ ହେବା ଅନୁଚିତ। କିନ୍ତୁ ଜେନେରାଲ ମିଲେ ଗତ ୧ ତାରିଖରେ ଏକ ଭୁଲ କରିଥିଲେ। ସେହିଦିନ ହ୍ୱାଇଟ୍ ହାଉସ୍ ବାହାରେ ବିକ୍ଷୋଭ ପ୍ରଦର୍ଶନକାରୀମାନେ ଏକତ୍ରିତ ହୋଇ ସ୍ଲୋଗାନ ଦେଉଥିବାବେଳେ ରାଷ୍ଟ୍ରପତି ଟ୍ରମ୍ପ୍ ସେମାନଙ୍କୁ ରୋକିବା ପାଇଁ ନ୍ୟାଶନାଲ ଗାର୍ଡ ମୁତୟନ ଲାଗି ନିର୍ଦ୍ଦେଶ ଦେଇଥିଲେ। ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକ୍ରମେ ନ୍ୟାଶନାଲ ଗାର୍ଡ ସୈନ୍ୟମାନେ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାର୍ଜ କରି ଭିଡ଼କୁ ଘଉଡ଼ାଇଦେଇଥିଲେ। ଏହାର କିଛି ସମୟ ପରେ ଟ୍ରମ୍ପ୍ ସେନା ଅଧିକାରୀମାନଙ୍କ ସହ ଲାଫାୟତ୍ ସ୍କୋୟାରସ୍ଥିତ ସେଣ୍ଟ ଜନ୍ସ ଚର୍ଚ୍ଚ ଆଡ଼କୁ ବଢ଼ିଥିଲେ। ଏହି ଚର୍ଚ୍ଚରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନକାରୀମାନେ ହୋହଲ୍ଲା କରୁଥିଲେ। ଟ୍ରମ୍ପ୍ ସ୍ଥିତି ପରଖିବା ପାଇଁ ପବିତ୍ର ସ୍ଥାନରେ ପହଞ୍ଚିଥିବା କୁହାଯାଉଥିଲେ ହେଁ ଏହାକୁ ତାଙ୍କର ଏକ ରାଜନୈତିକ ☞ପୃଷ୍ଠା–୪

ଫ୍ଲୟଡ୍‌ଙ୍କ ମୃତ୍ୟୁ ପରେ ଅଶାନ୍ତ ଆମେରିକା

- ଜେନେରାଲ ମାର୍କ ମିଲେ ମାନିଲେ ଟ୍ରମ୍ପ୍‌ଙ୍କ ସହ ଚର୍ଚ୍ଚକୁ ଯାଇ ଭୁଲ୍ କରିଛନ୍ତି
- ରାଷ୍ଟ୍ରପତିଙ୍କ ସହ ହ୍ୱାଇଟ୍ ହାଉସ୍‌ରୁ ଜନ୍ସ ଚର୍ଚ୍ଚ ପର୍ଯ୍ୟନ୍ତ ଚାଲି ଚାଲି ଯାଇଥିବାରୁ ଦୁଃଖ ପ୍ରକାଶ କଲେ
- ଚର୍ଚ୍ଚରେ ଟ୍ରମ୍ପ୍‌ଙ୍କ ସହ ପ୍ରବେଶ ବେଳେ ସେନା ପୋଷାକରେ ଫଟୋ ଉଠାଇଥିଲେ

ଜେନେରାଲ ମାର୍କ ଏ. ମିଲେ

ଜିଏସ୍‌ଟି ଫାଇଲିଂରେ ନିୟମ କୋହଳ

ନୂଆଦିଲ୍ଲୀ,୧୨।୬

କରୋନା ଯୋଗୁ ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପ କ୍ଷତିଗ୍ରସ୍ତ ହୋଇଛି। କାରବାର ପ୍ରଭାବିତ ହୋଇଥିବା ଲୋକମାନେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଫାଇଲିଂ କରିବାରେ ନାନା ସମସ୍ୟା ସାମ୍ନା କରୁଛନ୍ତି। ଏହାକୁ ବିଚାର କରି ସରକାର ଟିକସଦାତାଙ୍କ ଲାଗି କିଛି ବିକଳ୍ପ ବ୍ୟବସ୍ଥା କରିଛନ୍ତି। ବାର୍ଷିକ ୫ କୋଟି ଟଙ୍କାର କାରବାର କରୁଥିବା ବ୍ୟକ୍ତିବିଶେଷଙ୍କ ଲାଗି ବିଳମ୍ବରେ ଜିଏସ୍‌ଟି ରିଟର୍ନ ଫାଇଲ ଉପରେ ଆଶ୍ୱସ୍ତି ମିଳିଛି। ଶୁକ୍ରବାର ବସିଥିବା ଜିଏସ୍‌ଟି ପରିଷଦ ବୈଠକରେ ବିଳମ୍ବ ଜିଏସ୍‌ଟି ଫାଇଲିଂ କ୍ଷେତ୍ରରେ ଲାଗୁଥିବା ସୁଧକୁ ୯%କୁ ହ୍ରାସ କରାଯାଇଛି। ଏହି ସୁଧ ହାର ପୂର୍ବରୁ ୧୮% ରହିଥିଲା। ଫେବୃୟାରୀ, ମାର୍ଚ୍ଚ ଏବଂ ଏପ୍ରିଲ ମାସ ଲାଗି ଏହି ସୁବିଧା ଉପଲବ୍ଧ ହେବ। ସେହିଭଳି ଚଳିତ ବର୍ଷ ସେପ୍ଟେମ୍ବର ଯାଏ ଲୋକଙ୍କୁ ରିଟର୍ନ ଫାଇଲ କରିବା ନେଇ ସୁବିଧା ଦିଆଯାଇଛି। ☞ପୃଷ୍ଠା–୪

- ବିଳମ୍ବ ଫାଇଲିଂରେ ୯%କୁ ହ୍ରାସ ହେଲା ସୁଧ ହାର
- ସେପ୍ଟେମ୍ବର ଯାଏ ଜିଏସ୍‌ଟି ଫାଇଲିଂ କରିହେବ
- ଟିକସ ଦେୟ ନ ଥିଲେ ଜରିମାନା ଲାଗିବନି
- ବିଳମ୍ବ ସେଲ୍‌ସ ରିଟର୍ନରେ ସର୍ବୋଚ୍ଚ ୫୦୦ ଟଙ୍କା ଜରିମାନା

ବେଜିଂକୁ ଫେରିଲା କରୋନା

ଚାଇନା ରାଜଧାନୀ ବେଜିଂରେ ୫୫ ଦିନ ପରେ ୩ ନୂଆ କରୋନା ସଂକ୍ରମଣ ମାମଲା ସାମ୍ନାକୁ ଆସିଛି। ଗତ ୨୪ ଘଣ୍ଟା ମଧ୍ୟରେ ଚାଇନା ମିଟ୍ ଫୁଡ୍ କମ୍ପ୍ରେହେନ୍‌ସିଭ୍ ରିସର୍ଚ୍ଚ ସେଣ୍ଟରରେ କାମ କରୁଥିବା ଦୁଇଜଣଙ୍କଠାରେ ପଜିଟିଭ୍ ବାହାରିଛି। ଉଭୟଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯାଇ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଖୋଜାଚାଲିଛି। ପ୍ରାଥମିକ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବାପାଙ୍କୁ କରୋନା ହୋଇଥିବାରୁ ୫୦ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି।

ହାଇବ୍ରିଡ୍ ହେବ ମୌସୁମୀ ଅଧିବେଶନ

ନୂଆଦିଲ୍ଲୀ,୧୧।୬

ଏଥର ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ହାଇବ୍ରିଡ୍ ହୋଇପାରେ। ଅର୍ଥାତ୍ ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ସଦସ୍ୟଙ୍କ ଉପସ୍ଥିତି ବ୍ୟକ୍ତିଗତ ଏବଂ ଭର୍ଚୁଆଲ (ଭିଡିଓ କନ୍‌ଫରେନ୍ସ ଜରିଆରେ) ହୋଇପାରେ। କାରଣ କରୋନା ଭାଇରସ୍ ସଂକ୍ରମଣ ଦୃଷ୍ଟିରୁ ସାମାଜିକ ଦୂରତ୍ୱ ଅବଲମ୍ବନ କରାଗଲେ ଉଭୟ ଉଚ୍ଚ ଓ ନିମ୍ନ ସଦନରେ ସ୍ଥାନାଭାବ ହେବ। ଭାରତ ସରକାରଙ୍କୁ ସାଇବର ଭିତ୍ତିଭୂମି ଯୋଗାଉଥିବା ନ୍ୟାଶନାଲ୍ ଇଫର୍ମେଟିକ୍ସ ସେଣ୍ଟର (ଏନ୍‌ଆଇସି) ମଧ୍ୟ ସମସ୍ତ ଏମ୍‌ପିଙ୍କ ଭର୍ଚୁଆଲ୍ ଯୋଗଦାନ ପାଇଁ ପ୍ଲାଟ୍‌ଫର୍ମ ବ୍ୟବସ୍ଥା କରିପାରି ନାହିଁ।

ଦେଶରେ ମହାମାରୀ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଅଫିସ ଓ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବାକୁ ଅନୁମତି ମିଳିଛି। ଏଭଳି ସମୟରେ ଆସନ୍ତା ମୌସୁମୀ ଅଧିବେଶନ ଚଳାଇବା ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଉଭୟ ରାଜ୍ୟ ସଭା ଓ ଲୋକ ସଭାର ସେକ୍ରେଟାରି ଜେନେରାଲ ପାର୍ଲାମେଣ୍ଟର ଭୌତିକ ଓ ଡିଜିଟାଲ ଭିତ୍ତିଭୂମିର ସମୀକ୍ଷା କରିବା ପରେ ପ୍ରିଜାଇଡିଂ ଅଫିସରମାନଙ୍କୁ ରିପୋର୍ଟିଂ କରିଛନ୍ତି। ସମସ୍ତ ସଦସ୍ୟ ଉପସ୍ଥିତ ରହି କିମ୍ବା ସମ୍ପୂର୍ଣ୍ଣ ଭାବେ ଭିଡିଓ କନ୍‌ଫରେନ୍ସ ଜରିଆରେ ମୌସୁମୀ ଅଧିବେଶନ ଚଳାଇବା ପାଇଁ ଉପଲବ୍ଧ ସୁବିଧା ପର୍ଯ୍ୟାପ୍ତ ନୁହେଁ ବୋଲି ସେମାନେ କହିଛନ୍ତି। ସୋସିଆଲ୍ ଡିଷ୍ଟାନ୍ସିଂ ନିୟମ ପାଳନ କରାଗଲେ ରାଜ୍ୟ ସଭାରେ ୨୪୫ରୁ ୬୦ ଏବଂ ଲୋକ ସଭାରେ ୫୪୩ ଜଣଙ୍କ ମଧ୍ୟରୁ ୧୦୦ରୁ ଅଳ୍ପ ଅଧିକ ସଦସ୍ୟଙ୍କ ପାଇଁ ବ୍ୟବସ୍ଥା କରାଯାଇପାରିବ ବୋଲି ସେକ୍ରେଟାରି ଜେନେରାଲ ଦ୍ୱୟ କହିଛନ୍ତି। ସୂତ୍ରରୁ ମିଳିଥିବା ସୂଚନାନୁସାରେ ଗୃହରେ ସ୍ଥାନାଭାବ, ଫିଜିକାଲ୍ ଡିଷ୍ଟାନ୍ସିଂ ନିୟମ ଏବଂ ଭର୍ଚୁଆଲ ଯୋଗଦାନ ପାଇଁ ଭିତ୍ତିଭୂମି ଯୋଗାଇବାରେ ଏନ୍‌ଆଇସିର ଅସାମର୍ଥ୍ୟକୁ ନେଇ ଏହି ଅଧିବେଶନ ହାଇବ୍ରିଡ୍ ହୋଇପାରେ।

ପାର୍ଲାମେଣ୍ଟ ଅଧିବେଶନରେ ଯୋଗଦେବା ସମସ୍ତ ଏମ୍‌ପିଙ୍କ ଅଧିକାର ଥିବାରୁ କେଉଁ ସଦସ୍ୟ ଉପସ୍ଥିତ ରହିବେ ଓ କିଏ ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରତିନିଧିତ୍ୱ କରିବେ ତାହା ଚୟନ କରାଯାଇ ନ ପାରେ। ସେହିପରି ସେଣ୍ଟ୍ରାଲ ହଲ୍ କିମ୍ବା ବିଜ୍ଞାନ ଭବନରେ ମଧ୍ୟ ସମସ୍ତ ଏମ୍‌ପିଙ୍କୁ ସାମାଜିକ ଦୂରତ୍ୱ ନିୟମାନୁସାରେ ବସାଇହେବ ନାହିଁ। ତେଣୁ ଅଦ୍ୟାବଧି କେବଳ ହାଇବ୍ରିଡ୍ ଅଧିବେଶନ ଚଳାଇବା ବିକଳ୍ପ ରହିଛି। ତେବେ ଅଧିବେଶନ ପରିଚାଳନାରେ କୌଣସିପ୍ରକାର ପରିବର୍ତ୍ତନ ଆଣିବାକୁ ହେଲେ ଉଭୟ ଗୃହରେ ପ୍ରସ୍ତାବ ଆଗତ କରିବାକୁ ପଡ଼ିବ। ମୌସୁମୀ ଅଧିବେଶନ ପରିଚାଳନା ପାଇଁ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଓ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ବିଭିନ୍ନ ବିକଳ୍ପ ଉପରେ ସମୀକ୍ଷା କରିଛନ୍ତି।

୧୬, ୧୭ରେ ମୁଖ୍ୟମନ୍ତ୍ରୀଙ୍କ ସହ ମୋଦିଙ୍କ ଆଲୋଚନା

ନୂଆଦିଲ୍ଲୀ, ୧୨।୬: ଭାରତରେ ଉଗ୍ରରୂପ ଧାରଣ କରିଛି ମହାମାରୀ କରୋନା। ବିଶ୍ୱରେ ବ୍ରିଟେନକୁ ଟପି ଚତୁର୍ଥ ସ୍ଥାନରେ ପହଞ୍ଚିଥିବା ଭାରତରେ ଏବେ ସଂକ୍ରମିତଙ୍କ ସଂଖ୍ୟା ୩ ଲକ୍ଷ ଟପିଛି। ସ୍ଥିତି ସୁଧାରିବା ଲାଗି ପ୍ରୟାସ ଜାରି ରହିଥିବା ବେଳେ ଆଗାମୀ ୧୬ ଓ ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଲକ୍‌ଡାଉନ୍ ଉଠିବା ଓ ପ୍ରବାସୀଙ୍କ ଆଗମନ ପରେ ନୂଆ ମାମଲା ବଢ଼ି ବଢ଼ି ଚାଲିଛି। ମହାରାଷ୍ଟ୍ରରେ ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ଟପିଥିବା ବେଳେ ତାମିଲନାଡୁ ଓ ଦିଲ୍ଲୀରେ ଭୟଙ୍କର ପରିସ୍ଥିତି ଦେଖାଦେଇଛି। କରୋନାର ସଫଳ ମୁକାବିଲା ଲାଗି ମୋଦି ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ଦେଶରେ ସ୍ଥିତି ଅସମ୍ଭାଳ

ନୂଆଦିଲ୍ଲୀ, ୧୨।୬

ମହାକାରୀ କରୋନା ସ୍ଥିତି ଅସମ୍ଭାଳ ଆଡ଼କୁ ଗତି କରୁଛି। ବିଶ୍ୱ ସହ ତାଳଦେଇ ଭାରତରେ ମଧ୍ୟ କରୋନା ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଦେଶରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୩,୦୧,୫୭୯ରେ ପହଞ୍ଚିଥିବା ବେଳେ ୮,୫୫୩ ଜଣ ପ୍ରାଣ ହରାଇଲେଣି। ଶୁକ୍ରବାର ଗୋଟିଏ ଦିନରେ ୧୦, ୯୫୬ ନୂଆ ମାମଲା ସାମ୍ନାକୁ ଆସିଥିଲା। ପ୍ରାୟ ୭ ରାଜ୍ୟରେ ଉଗ୍ର ସଂକ୍ରମଣ ସ୍ଥିତି ଏବେ ମୁଣ୍ଡବିନ୍ଧାର କାରଣ ପାଲଟିଛି। ମହାରାଷ୍ଟ୍ରରେ ସଂକ୍ରମିତଙ୍କ ସଂଖ୍ୟା ଲକ୍ଷେ ଟପିଥିବା ବେଳେ ରାଜଧାନୀ ଦିଲ୍ଲୀ, ତାମିଲନାଡୁ, ହରିୟାଣା, ପଶ୍ଚିମବଙ୍ଗ, ଜମ୍ମୁ-କଶ୍ମୀର ଓ ଉତ୍ତରପ୍ରଦେଶରେ ଉଗ୍ର ସଂକ୍ରମଣ ଦେଖିବାକୁ ମିଳିଛି। ଗତ ୧୦ ଦିନରେ ଏହି ରାଜ୍ୟଗୁଡ଼ିକରେ ସହସ୍ରାଧିକ ମାମଲା ସାମ୍ନାକୁ ଆସିଛି। ଦିଲ୍ଲୀରେ ପ୍ରତିଦିନ ୧୨ଶହରୁ ୧୪ଶହ ନୂଆ ମାମଲା ନଜର ଆସୁଛି। ତାମିଲନାଡୁରେ ମଧ୍ୟ ସମାନ ସ୍ଥିତି। ଗୁରୁବାର ଏଠାରେ ରେକର୍ଡ ୧,୯୨୭ ନୂଆ ମାମଲା ଦେଖିବାକୁ ମିଳିଥିଲା। ହରିୟାଣା ଓ ଜମ୍ମୁ-କଶ୍ମୀର ସ୍ଥିତି ଖରାପ ହେବାରେ ଲାଗିଛି। ଉତ୍ତରପ୍ରଦେଶ ତାଲିକାର ପଞ୍ଚମ ସ୍ଥାନକୁ ଉଠିଛି।

ଏହା ବ୍ୟତୀତ ମହାରାଷ୍ଟ୍ରରେ ସର୍ବାଧଇକ ୩,୭୧୭ ଜଣଙ୍କ ମୃତ୍ୟୁ ଘଟିଛି। ତାମିଲନାଡୁରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ୪୦ ହଜାର ଟପିଥିବା ବେଳେ ମୃତ୍ୟୁସଂଖ୍ୟା ୩୬୭ରେ ପହଞ୍ଚିଛି। ଦିଲ୍ଲୀରେ ୩୪,୬୫୪, ଗୁଜରାଟରେ ୨୨, ୫୬୨, ଉତ୍ତରପ୍ରଦେଶରେ ୧୨, ୦୮୮, ରାଜସ୍ଥାନରେ ୧୧, ୯୩୦, ମଧ୍ୟପ୍ରଦେଶରେ ୧୦,୨୪୧ ଓ ପଶ୍ଚିମବଙ୍ଗରେ ୧୦,୨୪୪ ସଂକ୍ରମିତ ଥିବା ଜଣାପଡ଼ିଛି। କ୍ରମଶଃ ରୋଗୀ ସଂଖ୍ୟା ବଢୁଥଇବା ବେଳେ ଏହା ଚିନ୍ତାର କାରଣ ପାଲଟିଛି।

- ୮,୫୫୩ ମୃତ, ୩ ଲକ୍ଷରୁ ଅଧିକ ସଂକ୍ରମିତ
- ରେକର୍ଡ ଭାଙ୍ଗୁଛି ମହାରାଷ୍ଟ୍ର

ଦେବେଗୌଡ଼ା, ଖାର୍ଗେ ରାଜ୍ୟ ସଭାକୁ ନିର୍ବାଚିତ

ବେଙ୍ଗାଲୁରୁ,୧୨।୬(ଆଇଏଏନ୍‌ଏସ୍)

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ସୁପ୍ରିମୋ ଏଚ୍.ଡି. ଦେବେଗୌଡ଼ା ଏବଂ ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। ସେହିପରି ଶାସକ ଭାଜପାର ଦୁଇଜଣ ତୃଣମୂଳ ସ୍ତରର ନେତା ଅଶୋକ ଗସ୍ତି ଏବଂ ଇରାନ୍ନା କଡାଡି ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଶୁକ୍ରବାର ଘୋଷଣା କରାଯାଇଛି। ଜୁନ୍ ୨୫ରେ ଜେଡିଏସ୍‌ର କୁପନ୍ଦ୍ରେ ରେଡ୍ଡୀ, କଂଗ୍ରେସର ବି.କେ. ହରିପ୍ରସାଦ, ରାଜୀବ ଗୌଡ଼ା ଏବଂ ଭାଜପାର ପ୍ରଭାକର କୋରେଙ୍କ କାର୍ଯ୍ୟକାଳ ପୂରଣ ହେଉଥିବାରୁ ରାଜ୍ୟ ସଭାରେ ସେମାନଙ୍କ ସ୍ଥାନରେ ଉପରୋକ୍ତ ନେତା ପ୍ରତିନିଧିତ୍ୱ କରିବେ। ୧୯ ତାରିଖରେ ରାଜ୍ୟ ସଭା ନିର୍ବାଚନ ଥିବାବେଳେ ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ଥିଲା। ସମୟସୀମା ଶେଷ ହେବା ପରେ ଅନ୍ୟ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ଦେବେଗୌଡା, ଖାର୍ଗେ, ଗସ୍ତି ଓ କଡାଡ଼ି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବୋଲି ରିଟର୍ନିଂ ଅଫିସର ଏମ୍.କେ. ବିଶାଳାକ୍ଷୀ ଘୋଷଣା କରିଥିଲେ। ଜେଡିଏସ୍‌ର ୩୪ ବିଧାୟକ ଥିବାବେଳେ କଂଗ୍ରେସ ସମର୍ଥନରେ ଦେବେଗୌଡ଼ା ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି।

ରାତ୍ର କର୍ଫ୍ୟୁ ବେଳେ ଆନ୍ତଃରାଜ୍ୟ ବସ୍‌କୁ ଅଟକାଅ ନାହିଁ

ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୨।୬(ପି.ଟି.): ସାରା ଦେଶରେ ଅନ୍‌ଲକ୍ ୧ ଆରମ୍ଭ ହେବା ସହ ଲକ୍‌ଡାଉନ ବେଳର ଅଧିକାଂଶ କଟକଣା କୋହଳ କରାଯାଇଛି। ରାତ୍ରକାଳୀନ କର୍ଫ୍ୟୁକୁ ରାତି ୯ଟାରୁ ସକାଳ ୫ଟା ମଧ୍ୟରେ ସୀମିତ କରାଯାଇଛି। ଏହି ସମୟରେ ଜାତୀୟ ତଥା ରାଜ୍ୟ ରାଜପଥରେ ଯାତ୍ରୀ ଓ ମାଲ୍ ପରିବହନ ଉପରେ ରାଜ୍ୟ କଟକଣା ଲଗାଉଥିବାରୁ କେନ୍ଦ୍ର ସରକାର ଏହାର ପ୍ରତିବାଦ କରିଛନ୍ତି। ରାତ୍ରକାଳୀନ କର୍ଫ୍ୟୁ ବେଳେ ଯାତ୍ରୀଙ୍କୁ ନେଇଯାଉଥିବା ଆନ୍ତଃରାଜ୍ୟ ବସ୍‌ଗୁଡ଼ିକୁ ନ ଅଟକାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସାନି ବିଜ୍ଞପ୍ତି ଜାରି କରାଯାଇଛି। ରାତିସାରା ମାଲ କିମ୍ବା ଯାତ୍ରୀ ପରିବହନ କରୁଥିବା ଗାଡ଼ିକୁ ବାଧା ଦିଆଯିବା ଉଚିତ ନୁହେଁ ବୋଲି ଏଥିରେ ସ୍ପଷ୍ଟ କରିଦିଆଯାଇଛି। ରାତ୍ରକାଳୀନ କର୍ଫ୍ୟୁ ବେଳେ କେତେକ ରାଜ୍ୟର ପୋଲିସ ସବୁପ୍ରକାର ଯାନ ଅଟକାଉଥିବା କେନ୍ଦ୍ର ସରକାରଙ୍କ ନଜରକୁ ଆସିବା ପରେ ଏଭଳି ସ୍ପଷ୍ଟୀକରଣ ଦେବାକୁ ପଡ଼ିଲା ବୋଲି ନୂଆ ନିର୍ଦ୍ଦେଶନାମାରେ କୁହାଯାଇଛି। ରାତି ୯ରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲୋକଙ୍କ ଭିଡ଼ କମାଇବା ଓ ସାମାଜିକ ଦୂରତ୍ୱ ସୁନିଶ୍ଚିତ କରିବା ଲାଗି କରାଯାଇଛି। ଅତ୍ୟାବଶ୍ୟକ ସେବା ଏବଂ ଆନ୍ତଃରାଜ୍ୟ ଯାତ୍ରୀଙ୍କ ବସ୍‌ରେ ଯାତାୟାତକୁ ବନ୍ଦ କରିବା ପାଇଁ ନୁହେଁ। ତେଣୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଆନ୍ତଃରାଜ୍ୟ ପରିବହନ ବନ୍ଦ ନ କରିବାକୁ ପରାମର୍ଶ ଦିଆଯାଇଛି।

କରୋନା ନେଲା କିସିଂ ବାବାଙ୍କ ଜୀବନ

ଭୋପାଳ/ନୂଆଦିଲ୍ଲୀ, ୧୨।୬

ମହାକାରୀ କରୋନାର ତାଣ୍ଡବ ଜାରି ରହିଥିବା ବେଳେ କିସିଂ ବାବା ଭାବେ ଜଣାଶୁଣା ମଧ୍ୟପ୍ରଦେଶର ଆସ୍‌ଲାମର ଆତ୍ମଘୋଷିତ ଭଗବାନ ଭୂତାଣୁ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ଲୋକମାନଙ୍କ ହାତକୁ କିସ୍‌କରି ସେ କରୋନା ରୋଗୀଙ୍କୁ ଭଲ କରିଆସୁଥିବା ଦାବି କରୁଥିଲେ। ଭକ୍ତମାନଙ୍କୁ କିସ୍ କରିବା ଦ୍ୱାରା ଅନେକେ ଭୂତାଣୁ ଆକ୍ରାନ୍ତ ହୋଇଥିଲେ। ତାଙ୍କ ସଂସ୍ପର୍ଶରେ ଆସିଥିବା ୮୫ ଜଣ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ୨୦୦ ଅନୁଗାମୀ କ୍ୱାରାଣ୍ଟାଇନ୍‌ରେ ଥଇବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦର୍ଶାଯାଇଛି। ଲୋକଙ୍କୁ ଭ୍ରମିତ କରି କଳାଯାଦୁ ଦେଖାଇବା ବାହାନାରେ କିସ୍ କରୁଥଇବା ବାବାଙ୍କ ଗତ ୪ ତାରିଖରେ ଜୀବନ ଯାଇଥିଲା। ନାରାୟଣପୁରର ୧୩ ଅନୁଗାମୀଙ୍କୁ ମିଶାଇ ଅନେକ ଲୋକ ତାଙ୍କ ଯୋଗୁ ସଂକ୍ରମିତ ହୋଇଥିବା ନୋଡ଼ାଲ ଅଧିକାରୀ ଡାକ୍ତର ପ୍ରମୋଦ ପ୍ରଜାପତି ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଆସ୍‌ଲମ୍ ଜିଲାରେ ଏବେ ୪୬ ଆକ୍ଟିଭ୍ ମାମଲା ଦେଖିବାକୁ ମିଳିଥିବା ବେଳେ ୪ ଜଣ ପ୍ରାଣ ହରାଇଛନ୍ତି।

ସଂସ୍ପର୍ଶରେ ଆସିଥିବା ୮୫ ସଂକ୍ରମିତ

ଚନ୍ଦ୍ରକୁ ଶୁଷ୍କ ଭାବିବା ଭୁଲ୍

ଟୋକିଓ, ୧୨।୬

ଚନ୍ଦ୍ର ଶୁଷ୍କ ବୋଲି ଆମେ ଭାବିଥାଉ। ବହୁ ଜ୍ୟୋତିର୍ବିଦ ଭାବନ୍ତି, ଆମର ଏକମାତ୍ର ଉପଗ୍ରହ ଅଙ୍ଗାରକ ଭଳି ଅସ୍ଥିର ତତ୍ତ୍ୱ ରହିତ, ଯାହା ପୃଥିବୀ ଓ ମଙ୍ଗଳ ମଧ୍ୟରେ ଧକ୍କାଖାଇ ଜଳିଯିବା ପରେ ସୃଷ୍ଟିହୋଇଛି। କିନ୍ତୁ ଏକ ନୂଆ ଗବେଷଣାରୁ ଜଣାପଡ଼ିଛି ଯେ, ଜାପାନର କଗୁୟା ଉପଗ୍ରହ ଚନ୍ଦ୍ରପୃଷ୍ଠରେ କାର୍ବନ ଆୟନ ବ୍ୟାପକ ପରିମାଣରେ ଆଚ୍ଛଦିତ ହୋଇ ରହିଛି। ବିଶେଷଜ୍ଞମାନେ ଏନେଇ ସାଇନ୍ସ ଆଡ୍‌ଭାନ୍ସେସ୍‌ରେ ଦର୍ଶାଇଛନ୍ତି। କଳା ଦେଖାଯାଉଥିବା ଚନ୍ଦ୍ରପୃଷ୍ଠରେ ବାହାର ସୌର ପବନକୁ ଛାଡ଼ି ଅସମାନ ଭାବେ ପ୍ରଚୁର ପରିମାଣର ଆୟନ ବିତରଣ ହୋଇଛି। ଏହାଛଡ଼ା ଚନ୍ଦ୍ରର ନିଜସ୍ୱ ଆଭ୍ୟନ୍ତରୀଣ ଅଙ୍ଗାରକ ରହିଛି। ଏଭଳି ରିପୋର୍ଟ ଆପୋଲୋ ମିଶନର ପରିପଛୀ ସଦୃଶ। ନୂଆ ରିପୋର୍ଟ ଚନ୍ଦ୍ରର ସ୍ଥିତି ଓ ଗଠନ ଲାଗି ପୁଣି ଅନୁସନ୍ଧାନକୁ ପ୍ରୋତ୍ସାହନ କରିବ ବୋଲି କୁହାଯାଉଛି।

ବଙ୍କରକୁ ଫେରିଯାଅ

ସିଟଲ,୧୨।୬

ଆମେରିକାର ପଶ୍ଚିମ ଉପକୂଳରେ ଥିବା ସିଟଲ ସହରରେ ବିକ୍ଷୋଭକାରୀଙ୍କ ପୋଲିସମୁକ୍ତ ସ୍ୱୟଂଶାସିତ ଜୋନ୍‌ରେ ହସ୍ତକ୍ଷେପ କରିବେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଧମକ ଦେଇଥିଲେ। ଫଳରେ ଟ୍ରମ୍ପ୍ ଓ ସିଟଲ ମେୟରଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଟ୍ରମ୍ପ୍ ନିଜ ବଙ୍କରକୁ ଫେରିଯାଆନ୍ତୁ ବୋଲି ମେୟର ଜେନି ଡୁର୍କାନ ଆକ୍ଷେପ କରିଛନ୍ତି।

ସୂଚନାଯୋଗ୍ୟ, କୃଷ୍ଣକାୟ ଜର୍ଜ ଫ୍ଲୋୟଡଙ୍କମୃତ୍ୟୁପରେଆମେରିକାରେ ହିଂସାତ୍ମକ ଆନ୍ଦୋଳନ ଚାଲିଥିବାବେଳେ ଉଭ୍ୟକ୍ତ ହଜାର ହଜାର ବିକ୍ଷୋଭକାରୀ ହ୍ୱାଇଟ ହାଉସ୍‌କୁ ଘେରିଯିବାରୁ ସୁରକ୍ଷା ଦୃଷ୍ଟିରୁ ଟ୍ରମ୍ପ୍‌ଙ୍କୁ ସିକ୍ରେଟ ସର୍ଭିସ ସଂସ୍ଥା ବଙ୍କର ମଧ୍ୟକୁ ନେଇଯାଇଥିଲା। ସିଟଲ୍‌କୁ କବ୍‌ଜା କରିଥିବା ବିକ୍ଷୋଭକାରୀଙ୍କୁ ଟ୍ରମ୍ପ୍ ଘରୋଇ ଆତଙ୍କବାଦୀ କହିଥିଲେ। ଏହାସହ ଯଦି ମେୟର ଜେନି ଡୁର୍କାନ ଓ ୱାଶିଂଟନ ଗଭର୍ନର ଜେ ଇନ୍‌ସଲ ସହରକୁ ନିୟନ୍ତ୍ରଣ କରିପାରୁନାହାନ୍ତି ତେବେ ସେ ନିଜେ ହସ୍ତକ୍ଷେପ କରିବେ ବୋଲି ଚେତାବନୀ ଦେଇଥିଲେ। ଏହାର ଉତ୍ତରରେ ମେୟର ଲେଖିଛନ୍ତି, ଆମ ସମସ୍ତଙ୍କୁ ସୁରକ୍ଷିତ ରଖିବାକୁ ଟ୍ରମ୍ପ୍ ତାଙ୍କ ବଙ୍କରକୁ ଚାଲିଯାଆନ୍ତୁ। ଗଭର୍ନର ମଧ୍ୟ ଟ୍ରମ୍ପ୍‌ଙ୍କୁ ଆକ୍ଷେପ କରିଛନ୍ତି। କହିଛନ୍ତି, ଶାସନ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ବ୍ୟକ୍ତି ୱାଶିଂଟନ ରାଜ୍ୟ ବ୍ୟାପାରରେ ମୁଣ୍ଡ ନ ଖେଳାନ୍ତୁ ଓ ଟୁଇଟ କରିବା ବନ୍ଦ କରନ୍ତୁ।

ଟ୍ରମ୍ପଙ୍କୁ ସିଟଲ୍ ମେୟରଙ୍କ ଆକ୍ଷେପ

ସେଣ୍ଟ ପିଟର୍ସବର୍ଗସ୍ଥିତ ଲଖତା ସେଣ୍ଟରରେ ହାଇଡ୍ରୋଲିଫ୍ଟ ଟିମ୍ ସଦସ୍ୟମାନେ ଜାତୀୟ ପତାକା ଧରି ରୁଷିଆ ଦିବସ ପାଳନ କରୁଛନ୍ତି।

ନେପାଳ ପୋଲିସ ଗୁଳିରେ ଭାରତୀୟ ମୃତ

ନୂଆଦିଲ୍ଲୀ,୧୨।୬(ପି.ଟି.)

ବିହାରର ସୀତାମାଢ଼ି ଜିଲା ସୀମାନ୍ତରେ ନେପାଳ ପୋଲିସର ଆଖିବୁଜା ଗୁଳିମାଡ଼ରେ ଜଣେ ଭାରତୀୟଙ୍କ ମୃତ୍ୟୁ ହେବା ସହ ୪ ଆହତ ହୋଇଛନ୍ତି। ସୋନେବର୍ଷା ଥାନା ପିପ୍ରା ପର୍ସାଇନ୍ ପଞ୍ଚାୟତର ଲାଲ୍‌ବନ୍ଦୀ-ଜାନକୀ ନଗର ସୀମାରେ ନେପାଳ ପୋଲିସ ସହ କେତେଜଣ ଭାରତୀୟଙ୍କର ବଚସା ହୋଇଥିଲା। ଉତ୍ତେଜିତ ହୋଇ ପୋଲିସ ଭାରତୀୟଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ବିକେଶ କୁମାର ରାୟ(୨୫) ନାମକ କୃଷକଙ୍କର ମୃତ୍ୟୁ ଘଟିଥିବାବେଳେ ପାଖ କ୍ଷେତରେ କାମ କରୁଥିବା ଉମେଶ ରାମ ଓ ଉଦୟ ଠାକୁର ଆହତ ହୋଇଛନ୍ତି। ଲଗନ ରାୟ ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନେପାଳ ପୋଲିସ ଅଟକ ରଖିଛି। ଗତମାସ ୧୭ରେ ନେପାଳ ପୋଲିସ ଫାଙ୍କା ଗୁଳି ଚଳାଇ ସୀମା ଅତିକ୍ରମ କରୁଥିବା ଭାରତୀୟଙ୍କୁ ତଡ଼ିଦେଇଥିଲା। ନେପାଳ ସହ ସୀମା ବିବାଦ ଚାଲିଥିବାବେଳେ ଗୁଳିକାଣ୍ଡ ପରେ ଉତ୍ତେଜନା ବୃଦ୍ଧି ପାଇଛି। ସେଠାକୁ ସଶସ୍ତ୍ର ସୀମା ବଳ ଯବାନଙ୍କୁ ପଠାଯାଇଛି।

- ସୀମାରେ ଉତ୍ତେଜନା
- ଏସ୍‌ଏସ୍‌ବି ଟିମ୍ ପଠାଗଲା

ଜୁଲାଇ ୨୧ରୁ ଅମରନାଥ ଯାତ୍ରା

ନୂଆଦିଲ୍ଲୀ, ୧୨।୬: ପ୍ରସିଦ୍ଧ ଅମରନାଥ ଯାତ୍ରା ଜୁଲାଇ ୨୧ରୁ ଆରମ୍ଭ ହୋଇ ଅଗଷ୍ଟ ୩ରେ ଶେଷ ହେବ। ଦିନକୁ ୨ ହଜାର ତୀର୍ଥଯାତ୍ରୀଙ୍କୁ ଯିବା ଲାଗି ଅନୁମତି ମିଳିବ। କରୋନା ଭୟ ଥିବାରୁ କେବଳ ବାଲ୍‌ଟା ରୁଟ୍‌ରେ ଶ୍ରଦ୍ଧାଳୁ ପବିତ୍ର ଯାତ୍ରା କରିବେ ବୋଲି ଶ୍ରୀ ଅମରନାଥଜୀ ଶ୍ରାଇନ୍ ବୋର୍ଡ କହିଛି। ଏନେଇ ସରକାରଙ୍କ ମତାମତକୁ ଅପେକ୍ଷା

୧୪, ୧୫ରେ ମାଟ୍ରିକ ଖାତା ଦେଖା ବନ୍ଦ

ଭୁବନେଶ୍ୱର, ୧୨।୬(ବ୍ୟୁରୋ): ରଜ ଉତ୍ସବ ପାଇଁ ମାଟ୍ରିକ ଖାତା ଦେଖା ବନ୍ଦ ରହିବ। ଆସନ୍ତା ୧୪ ଓ ୧୫ତାରିଖରେ ମାଟ୍ରିକ ଖାତା ମୂଲ୍ୟାୟନ ହେବ ନାହିଁ। ମୂଲ୍ୟାୟନ କେନ୍ଦ୍ରରୁ ଅନୁରୋଧ ଆସିବା ପରେ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶୁକ୍ରବାର ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

ସଂକ୍ଷେପରେ

ମହାନଦୀ ମୁହାଣରେ ବୁଡ଼ିଲା ମାଛଧରା ଡଙ୍ଗା: ୨ ମୃତ

ପାରାଦୀପ,୧୨।୬(ସ୍ୱ.ପ୍ର.): କିଛିଦିନ ବ୍ୟବଧାନ ପରେ ପୁଣି ପାରାଦୀପ ମହାନଦୀ ମୁହାଣରେ ଘଟିଛି ଦୁର୍ଘଟଣା। ସମୁଦ୍ରରୁ ମାଛଧରି ଫେରିବା ବେଳେ ଡଙ୍ଗା ବୁଡ଼ିଯିବାରୁ ୨ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବିଜୟଚାନ୍ଦପୁର ବାସିନ୍ଦା ବିଭୁଭୂଷଣ ମାଇତି(୪୯) ଓ ଗୁରୁଚାନ୍ଦ ରାୟ(୪୪)। ଆହତ ହେଲେ ଭୀମ ମଣ୍ଡଳ। ସୂଚନା ମୁତାବକ ଏହି ୩ଜଣଙ୍କ ସମେତ ମୋଟ୍ ୧୫ ମତ୍ସ୍ୟଜୀବୀ ଏକ ଡଙ୍ଗାରେ ଶୁକ୍ରବାର ପ୍ରତ୍ୟୁଷରୁ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିଲେ। ମଧ୍ୟାହ୍ନରେ ମାଛଧରି ଫେରିବା ବେଳେ ମୁହାଣରେ ଭାରସାମ୍ୟ ହରାଇ ଡଙ୍ଗା ବୁଡ଼ିଯାଇଥିଲା। ଘଟଣା ପରେ ସମସ୍ତ ୧୫ ଜଣ ମତ୍ସ୍ୟଜୀବୀ ନିଜ ଉଦ୍ୟମରେ ପହଁରିପହଁରି ଫେରିବାବେଳେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ଗୋଟିଏ ଡଙ୍ଗାରେ ୧୫ ମତ୍ସ୍ୟଜୀବୀ ସମୁଦ୍ରକୁ ଯିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ପାଣିକୁଣ୍ଡରେ ପଡ଼ି ଶିଶୁକନ୍ୟା ମୃତ

ଆସିକା,୧୨।୬(ଡି.ଏନ୍.ଏ.): ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଝଗଡ଼େଇ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ବିପିନ ପ୍ରଧାନଙ୍କ ୧ ବର୍ଷୀୟା ଶିଶୁକନ୍ୟା ଘରେ ଥିବା ପାଣିକୁଣ୍ଡରେ ପଡ଼ିଯିବାରୁ ମୃତ୍ୟୁ ଘଟିଛି। ଶିଶୁକନ୍ୟାଟି ପାଣିକୁଣ୍ଡ ନିକଟରେ ଖେଳୁଥିବା ବେଳେ ସେଥିରେ ପଡିଯାଇଥିଲା। ପରିବାର ଲୋକେ ତାକୁ ଉଦ୍ଧାର କରି ଆସିକା ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଆସିକା ଥାନାରେ ନଂ.୧୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

ତୈଳ ଦର ବୃଦ୍ଧିର ପ୍ରତିବାଦ

ଭୁବନେଶ୍ୱର,୧୨।୬(ବ୍ୟୁରୋ): ତୈଳଦର ବୃଦ୍ଧିକୁ ନେଇ ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ପ୍ରତିବାଦ କରାଯାଇଛି। ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପତ୍ତଳିକା ଦାହ କରିଛନ୍ତି। ସଭାପତି ମହାରଥୀ କହିଛନ୍ତି, କରୋନା ମହାମାରୀ ଯୋଗୁ ଦେଶ ହନ୍ତସନ୍ତ ହେଉଥିବାବେଳେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦର ମନଇଚ୍ଛା ବଢ଼ାଇଚାଲିବା ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ବର୍ତ୍ତମାନ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ବ୍ୟାରେଲ୍ ପିଛା ୩୦ ଡଲାରରୁ କମ୍ ଥିବାବେଳେ କେନ୍ଦ୍ର ସରକାର ଡିଜେଲ ଓ ପେଟ୍ରୋଲ ଦର ପ୍ରତିଦିନ ବଢ଼ାଇ ଚାଲିଛନ୍ତି। ଲୋକଙ୍କ ନିକଟରେ ରୋଜଗାର ନ ଥିବା ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ ହ୍ରାସ ପରିବର୍ତ୍ତେ ତୈଳ ଦର ବୃଦ୍ଧି କରିବା ଜନସାଧାରଣଙ୍କ ଅଣ୍ଟାକୁ ପାହାର ବୋଲି ଲୋକନାଥ ପ୍ରକାଶ କରିଛନ୍ତି।

ସବୁଠୁ ଉଚ୍ଚା ଥିଲା ଗୋପୀନାଥ ମନ୍ଦିର

ମହାନଦୀରୁ ପୁନରୁଦ୍ଧାର, ସଂରକ୍ଷଣ ଦାବି ତେଜିଲା

ନୟାଗଡ଼ ଅଫିସ,୧୨।୬

ମହାନଦୀ ଗର୍ଭରେ ଲୀନ ହୋଇଯାଇଥିବା ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ଗାଁକୁ ନେଇ ଏବେ ସବୁଠି ଚର୍ଚ୍ଚା। ଗାଁର ବିଶାଳ ଗୋପୀନାଥ ମନ୍ଦିରର ଦଧିନଉତି ଦୃଶ୍ୟମାନ ହେବା ପରେ ଅନେକ କଥା ଆଲୋଚନା ପରିସରକୁ ଆସିଛି। ବିଶେଷକରି ଗାଁଟି ଐତିହ୍ୟ ସମ୍ପନ୍ନ ଥିବାବେଳେ ଏହାର ଭିନ୍ନ ନାଁ ଥିବା କୁହାଯାଇଛି। କେହି ଏହାକୁ ହାଟୁଆରୀ ବୋଲି କହୁଥିବାବେଳେ କେହି ଏହାକୁ ବରୋହି ଗାଁ ବୋଲି କହୁଛନ୍ତି। ଅନ୍ୟପକ୍ଷରେ ଗୋପୀନାଥ ମନ୍ଦିରରେ ଠାକୁର ଗୋପୀନାଥଙ୍କ ସମେତ ଦଧିବାମନ, କାମନାଦେବୀ, ନୃସିଂହ, ରାହସବିହାରୀ ପୂଜା ପାଉଥିଲେ। ବନ୍ୟା ପୂର୍ବରୁ ଗ୍ରାମବାସୀ ସେଠାରୁ ଠାକୁରଙ୍କୁ ଧରି ପଳାଇ ଆସିଥିଲେ। କିନ୍ତୁ ଏହି ମନ୍ଦିର ସେଠାରେ ଥିବା ସମସ୍ତ ମନ୍ଦିରଠାରୁ ଅଧିକ ଉଚ୍ଚା ଥିଲା। ତେଣୁ ଏବେ ତାହା ଦେଖାଯାଉଛି ବୋଲି କୁହାଯାଉଛି। ପୂର୍ବରୁ ୧୧ ବର୍ଷ ତଳେ ମହାନଦୀର ଜଳସ୍ତର କମିବା ପରେ ମନ୍ଦିର ନଜରକୁ ଆସିଥିଲା। କିନ୍ତୁ ସେ ସମୟରେ ମନ୍ଦିର ସମ୍ପର୍କରେ ଖୋଳତାଡ ହୋଇ ନ ଥିଲା। ଏବେ ପ୍ରାୟ ସପ୍ତାହେ ହେଲା ପୁଣି ମନ୍ଦିରର ଚୂଡ଼ା ଦେଖିବାକୁ ମିଳିଛି। ମନ୍ଦିର ଭିତରେ ସେ ସମୟର ଐତିହ୍ୟ ଲୁଚି ରହିଛି, ତେଣୁ ଏହା ପୁନରୁଦ୍ଧାର ହେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଲାଣି।

ପିଲାଦିନର ସ୍ମୃତିକୁ ମନେ ପକାଇ ପଦ୍ମାବତୀ ଗ୍ରାମର ୯୫ ବର୍ଷର ବୃଦ୍ଧ ଦେବରାଜ ସାହୁଙ୍କ କହିବାନୁଯାୟୀ, ଗୋପୀନାଥ ମନ୍ଦିର ସବୁଠାରୁ ଉଚ୍ଚା ଥିଲା। ମନ୍ଦିର ବେଢ଼ାକୁ ସେ ବାପାଙ୍କ ସହ ଅନେକ ଥର ଯାଇଥିଲେ। ଠାକୁରଙ୍କ ନିକଟରେ ହେଉଥିବା ଭଜନ, ମେଳା ଓ କୀର୍ତ୍ତନରେ ଉପସ୍ଥିତ ରହି ମଜା ନେଇଥିଲେ। ମନ୍ଦିରର କାରୁକାର୍ଯ୍ୟ ଅତୀବ ମନୋରମ ଥିଲା ବୋଲି ସେ କହିଛନ୍ତି।

ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ କହିବାନୁଯାୟୀ, ଖଣ୍ଡପଡା ରାଜା ନଟବର ସିଂଙ୍କ ମନ୍ତ୍ରୀ ଥିଲେ ଗୁଣ୍ଡୁଣୀ ଗାଁର କୃପାସିନ୍ଧୁ ଛୋଟରାୟ, ଯେ କି ତାଙ୍କ ବଂଶଜ। କୃପାସିନ୍ଧୁଙ୍କ ବାପା କେଶବ ବୈବର୍ତ୍ତାଙ୍କର ପୁଅ ଝିଅ ହେଉ ନ ଥିଲେ। ପୁଅଟିଏ ହେଲେ ଗୋପୀନାଥ ମନ୍ଦିର ନିର୍ମାଣ କରିବେ ବୋଲି କେଶବ ମନାସି ଥିଲେ। କେଶବଙ୍କ ପୁଅ କୃପାସିନ୍ଧୁ ମନ୍ତ୍ରୀ ହେବା ପରେ ମନ୍ଦିର ଗଢ଼ିବାର ସ୍ୱପ୍ନ ସଫଳ ହୋଇଥିଲା, ଯାହାକି ୧୮୫୦ ମସିହାର ଘଟଣା ବୋଲି ତାଙ୍କ ବଂଶଜ କହୁଥିଲେ। ତେବେ ସେତେବେଳର ରାଜସ୍ୱ ଗାଁ ହାଟୁଆରୀ ବର୍ତ୍ତମାନର ପଦ୍ମାବତୀ ବୋଲି କୁହାଯାଉଛି। ମହାନଦୀ ଗତିପଥ ପରିବର୍ତ୍ତନ କରିବାରୁ ହାଟୁଆରୀ ବୁଡିଗଲା। ପ୍ରାୟ ୧ କିଲୋମିଟର ଦୂରରେ ଗଢ଼ିଉଠିଲା ହାଟୁଆରୀ ଗାଁ ଲୋକେଙ୍କ ନୂଆ ବସତି, ଯାହାର ନାଁ ରହିଲା ପଦ୍ମାବତୀ। ଗୋପୀନାଥ ମନ୍ଦିରର ଠାକୁର ଓ ଉପର ଚକ୍ର ପଦ୍ମାବତୀର ନୂଆ ଗୋପୀନାଥ ମନ୍ଦିରରେ ରହିଛି। ୨୦୧୮ରେ ନୂଆ ଗୋପୀନାଥ ମନ୍ଦିର ପୂର୍ଣ୍ଣାଙ୍ଗ ହୋଇଛି। ନଦୀ ଗର୍ଭର ମନ୍ଦିରରେ ଠାକୁର ନାହାନ୍ତି। କାରଣ ବନ୍ୟାରେ ମନ୍ଦିର ବୁଡିବା ପୂର୍ବରୁ ଠାକୁରଙ୍କୁ ସ୍ଥାନାନ୍ତର କରାଯାଇଥିଲା। କୃପାସିନ୍ଧୁ ଛୋଟରାୟ ବଞ୍ଚିବା ସମୟରେ ପୁଣି ନୂଆ ମନ୍ଦିର ନିର୍ମାଣ ହୋଇଥିଲା। ପରେ ତାଙ୍କ ପୁଅ ଦାଶରଥି ଛୋଟରାୟ ମନ୍ଦିର ଗଢ଼ିବାରେ ସହଯୋଗ କରିଥିଲେ। ହେଲେ ମନ୍ଦିର ଅପୂର୍ଣ୍ଣାଙ୍ଗ ରହିଯାଇଥିଲା ବୋଲି ଅନୁଭବ କହିଛନ୍ତି।

ସରପଞ୍ଚ ଶ୍ରୀକାନ୍ତ ସାହୁ କୁହନ୍ତି, ତାଙ୍କର ବାପା ଜେଜେ ବାପା କହିବାନୁଯାୟୀ ୧୯୩୩ ମସିହା ବନ୍ୟା ଗୋପୀନାଥ ମନ୍ଦିର ପରି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ମନ୍ଦିରକୁ ବୁଡାଇଦେଲା। ବନ୍ୟା ଯୋଗୁ ଗାଁ ଛାଡ଼ି ଲୋକେ ଅନ୍ୟତ୍ର ଚାଲିଗଲେ। ସେତେବେଳେ ପୁରୁଣା ପଦ୍ମାବତୀ ତଥା ବରୋହି ଗାଁରେ ୭ହଜାରରୁ ଊର୍ଦ୍ଧ୍ୱ ଲୋକ ଥିଲେ। ଏବେ ଗାଁର ଲୋକସଂଖ୍ୟା କମିଯାଇଛି। ତେବେ ମନ୍ଦିର ପୁନରୁଦ୍ଧାର ଦରକାର। ମନ୍ଦିର ଭିତରେ ଠାକୁର ଅଛନ୍ତି ନାଁ ନୂଆ ମନ୍ଦିରକୁ ଆସିଛନ୍ତି ତାହା ଜାଣିବା ନିହାତି ଆବଶ୍ୟକ ବୋଲି ସାହୁ କହିଛନ୍ତି।

ଐତିହ୍ୟ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ପାଣି ଭିତରେ ବୁଡି ରହିଥିବା ମନ୍ଦିରର ଉପରି ଭାଗ ଦେଖା ଯାଉଥିବାରୁ ମୂଳଦୁଆ ଠିକ୍‌ରହିଥିବା ଜଣାପଡୁଛି। ନଦୀର ତଟ ପରିବର୍ତ୍ତନ ଯୋଗୁ ଗୋପୀନାଥ ମନ୍ଦିର ପରି କିଛି ମନ୍ଦିର ପାଣିରେ ବୁଡି ଯାଇଥିବା ଜଣାପଡିଛି। ତେବେ ଉକ୍ତ ମନ୍ଦିର ସୂର୍ଯ୍ୟ ବଂଶର ଶାସକ ପୁରୁଷୋତ୍ତମ ଦେବଙ୍କ ସମୟରେ ନିର୍ମାଣ ହୋଇଥିବା ଅନୁମାନ କରାଯାଉଛି। କାଞ୍ଚି ଅଭିଯାନ ସମୟରେ ନୟାଗଡ, ଖଣ୍ଡପଡ଼ା, ରଣପୁର ଓ ଦଶପଲ୍ଲା ରାଜା ପୁରୁଷୋତ୍ତମ ଦେବଙ୍କୁ ସହଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ସୂର୍ଯ୍ୟବଂଶର ପୃଷ୍ଠପୋଷକତାରେ ବିଭିନ୍ନ ମନ୍ଦିର ଗଢ଼ିଉଠିଛି। ୧୬ ଶାସନ ଓ ୩୨ କରମାଡ଼ରେ ଦେବୀ ମନ୍ଦିର, ଶିବ ମନ୍ଦିର ଓ ଗୋପୀନାଥ ମନ୍ଦିର ରହିଛି।

କେତେ ବର୍ଷର ପୁରୁଣା କହିହେବନାହିଁ

ମନ୍ଦିରର ଗୋଟିଏ ପାର୍ଶ୍ୱକୁ ବାଲି ପୋତିବା ଆରମ୍ଭ କରିସାରିଛି। ଏହି ପାର୍ଶ୍ୱରେ ୮ଫୁଟ ବୁଡ଼ିବା ପରେ ଆଉ ଗଭୀରକୁ ଯାଇ ହେଉନାହିଁ। ଏଠାରୁ ହାତରେ ବାଲି କାଢ଼ିବା ଆରମ୍ଭ କରିଥିଲି, ହେଲେ ସମ୍ଭବ ହେଲା ନାହିଁ। ଅନ୍ୟ ପାର୍ଶ୍ୱରେ ବୁଡ଼ିବା ବେଳେ ୨୩ଫୁଟ ପର୍ଯ୍ୟନ୍ତ ଯାଇଥିଲି। ଉକ୍ତ ପାର୍ଶ୍ୱରେ ନଦୀର ସ୍ରୋତ କ୍ଷୀପ୍ର ଥିବା ଯୋଗୁ ସେଠାରୁ ବାହାରି ଆସିଥିଲି। ଏହା କେତେ ବର୍ଷର ପୁରୁଣା ମନ୍ଦିର ତାହା ମୋ ଦ୍ୱାରା କହିବା ଉଚିତ୍ ନୁହେଁ। ଖୁବ ଶୀଘ୍ର ଦିଲ୍ଲୀର ଏକ ଟିମ୍ ଓଡ଼ିଶା ଆସୁଛି। ଉକ୍ତ ଟିମ୍ ମଧ୍ୟ ଏହି ସ୍ଥାନକୁ ଯାଇ ଅନୁଧ୍ୟାନ କରିବ। ତେବେ ପାଣିର ସ୍ରୋତରେ ମନ୍ଦିରଟି ଗୋଟିଏ ଆଡକୁ ଢଳେଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଓଡ଼ିଶାରେ ଏଭଳି ଏକ ସ୍ମାରକ ବୁଡ଼ି ରହିଛି। ଏ ଦିଗରେ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରିବାକୁ ଚେଷ୍ଟା କରାଯିବା ଉଚିତ୍।

- ସବୀର ବକ୍ସି, ଅନ୍ତର୍ଜାତୀୟ ସମୁଦ୍ର ବୁଡ଼ାଳି

ଏଏସ୍‌ଆଇ ସଂରକ୍ଷଣ କରୁ

ଗୋପୀନାଥ ମନ୍ଦିରର କେତେ ବର୍ଷର ତାହା ଆମେ ନିଶ୍ଚିତ ହୋଇ କହିପାରିବୁନି। କିନ୍ତୁ ମନ୍ଦିରର ଯେଉଁ ଦଧିନଉତି ଦେଖାଯାଇଛି, ସେଥିରେ ଯେଉଁ ସାମଗ୍ରୀ ବ୍ୟବହାର ହୋଇଛି, ତା'ର ନିର୍ମାଣ ଶୈଳୀ ଏବଂ ସ୍ଥାନୀୟ କିମ୍ବଦନ୍ତୀଙ୍କୁ ଦୃଷ୍ଟିରେ ରଖି ଆମେ ଏହି ମନ୍ଦିର ପ୍ରାଚୀନ ବୋଲି ଅନୁମାନ କରୁଛୁ। ବର୍ତ୍ତମାନ ଆମେ ମହାନଦୀ ଭ୍ୟାଲି ହେରିଟେଜ୍ ସାଇଟ୍ ଡକ୍ୟୁମେଣ୍ଟେଶନ କରୁଛୁ। ଆମେ ତା'ର ସେଭଳି କିଛି ରିପୋର୍ଟ କରିନୁ। କାରଣ ଆନାଲିସିସ୍ ହୋଇନାହିଁ। ଆଉ ଥରେ ଆମ ଟିମ୍ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କଲାପରେ ଫାଇନାଲ ରିପୋର୍ଟ କରିବୁ। ତେବେ ଆମେ ଚାହୁଁଛୁ ଏହାକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ନିଜ ହାତକୁ ନେଉ। ଏହି ମନ୍ଦିର ସମ୍ପର୍କରେ ସବୁଆଡ଼େ ଚର୍ଚ୍ଚା ହେଉଛି। ଏଏସ୍‌ଆଇ କର୍ମଚାରୀମାନେ ମଧ୍ୟ ଦେଖୁଥିବେ। ଏତେବଡ଼ ହେରିଟେଜ୍‌କୁ ସଂରକ୍ଷଣ କରିବା ଉଚିତ। ଏହା ଏଏସ୍‌ଆଇର ଦାୟିତ୍ୱ।

- ଦୀପକ କୁମାର ନାୟକ, ପ୍ରୋଜେକ୍ଟ ଆସିଷ୍ଟାଣ୍ଟ, ଓଡ଼ିଶା, ଇନ୍‌ଟାକ୍

୧୦ ଛୁଇଁଲା କରୋନା ମୃତ୍ୟୁ

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

- ୧୮ ଜିଲାରୁ ୧୧୨ ନୂଆ ପଜିଟିଭ୍ ଚିହ୍ନଟ
- ଆପୋଲୋ ହସ୍ପିଟାଲରେ ଆଉ ଜଣେ ସଂକ୍ରମିତ

ରାଜ୍ୟରେ ଆଉ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଗଞ୍ଜାମ ଜିଲାର ଜଣେ ୫୫ ବର୍ଷୀୟ ବ୍ୟକ୍ତି। ତାଙ୍କର ଶ୍ୱାସଜନିତ ରୋଗ ଥିଲା। ଏହି ମୃତ୍ୟୁକୁ ମିଶାଇ ଗଞ୍ଜାମ ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି ପାଇଥିବାବେଳେ ରାଜ୍ୟରେ ଏହା ୧୦ ଛୁଇଁଛି। ସେହିପରି ରାଜ୍ୟରେ ୧୮ଜିଲାରୁ ୧୧୨ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦୭ ଜଣଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ଠାବ କରାଯାଇଥିବାବେଳେ ୫ଜଣ ସ୍ଥାନୀୟ ଆକ୍ରାନ୍ତ। ନୂଆ ୧୧୨ ଆକ୍ରାନ୍ତଙ୍କ ମଧ୍ୟରେ ସର୍ବାଧିକ ୨୧ଜଣ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ କର୍ମଚାରୀ ରହିଛନ୍ତି। ଏଥିସହିତ ପୁରୀରୁ ୧୫, ଖୋର୍ଦ୍ଧାରୁ ୮, ମୟୂରଭଞ୍ଜରୁ ୭, ଅନୁଗୋଳ ୬, କେନ୍ଦୁଝର, ଗଜପତି, ସମଲପୁର, ବଲାଙ୍ଗୀର ଓ ବାଲେଶ୍ୱରରୁ ୫ଜଣ ଲେଖାଏ ରହିଛନ୍ତି। ସେହିପରି ସୁନ୍ଦରଗଡ଼ ଓ ନୟାଗଡ଼ରୁ ୪ଜଣ ଲେଖାଏ ଥିବାବେଳେ ମାଲକାନଗିରି, ଯାଜପୁର, କଟକ ଓ ବୌଦ୍ଧରୁ ୩ଜଣ ଲେଖାଏ ଏବଂ ଝାରସୁଗୁଡ଼ା, ଦେବଗଡ଼ ଜିଲାରୁ ୨ଜଣ ଲେଖାଏ ଅଛନ୍ତି। ଖୋର୍ଦ୍ଧାରୁ ଚିହ୍ନଟ ହୋଇଥିବା ୮ଜଣଙ୍କ ମଧ୍ୟରେ ଭୁବନେଶ୍ୱରରୁ ଦୁଇଜଣ ରହିଛନ୍ତି। ପୁଣି ଆପୋଲୋ ହସ୍ପିଟାଲର ଜଣେ କର୍ମଚାରୀ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ହସ୍ପିଟାଲର ଜଣେ ୪୬ବର୍ଷୀୟ ମହିଳାଙ୍କଠାରେ କରୋନା ପଜିଟିଭ୍ ବାହାରିଥିବା ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ଏହି ହସ୍ପିଟାଲର ୩ଜଣ ଆକ୍ରାନ୍ତ ହୋଇସାରିଲେଣି। ବର୍ତ୍ତମାନ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୪୯୮ ଛୁଇଁଛି। ଅନ୍ୟପଟେ ଶୁକ୍ରବାର ୧୪ ଜିଲାରୁ ୧୨୦ଜଣ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୩୦ଜଣ ଥିବା ବେଳେ ଖୋର୍ଦ୍ଧାରୁ ୧୯, ବାଲେଶ୍ୱର ୧୪, ବଲାଙ୍ଗୀର ୧୨, ଢେଙ୍କାନାଳ ୯, ନୟାଗଡ଼ ଓ ସୁନ୍ଦରଗଡ଼ରୁ ୭ଜଣ ଲେଖାଏ ରହିଛନ୍ତି। ସେହିପରି ଅନୁଗୋଳରୁ ୬, କେନ୍ଦୁଝରରୁ ୫, ଜଗତ୍‌ସିଂହପୁର ଓ ପୁରୀରୁ ୪ଜଣ ଲେଖାଏ ଏବଂ ଦେବଗଡ଼, କେନ୍ଦ୍ରାପଡ଼ା ଓ ଝାରସୁଗୁଡ଼ାରୁ ଜଣେ ଲେଖାଏ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରାଜ୍ୟରେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୨୪୭୪ରେ ପହଞ୍ଚିଛି। ବର୍ତ୍ତମାନ ୧୦୧୧ ଜଣ ସକ୍ରିୟ ରୋଗୀ ଥିବାବେଳେ ୧୪୧୧ଜଣ ବିଭିନ୍ନ ହସ୍ପିଟାଲ ଆଇସୋଲେଶନରେ ରହିଛନ୍ତି।

କଟକ: ଦିନକରେ ୯୨ ପଜିଟିଭ

କଟକ ଅଫିସ,୧୨।୬

କଟକ ଜିଲାର ବିଭିନ୍ନ ଅଞ୍ଚଳରୁ ଶୁକ୍ରବାର ଗୋଟିଏ ଦିନରେ ସର୍ବାଧିକ ୯୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କାନପୁରରୁ ୨୬ଜଣ ଚିହ୍ନଟ ହୋଇଥିବାବେଳେ କଟକ ସହରରୁ ଜଣେ, ନିଶ୍ଚିନ୍ତକୋଇଲିରୁ ୪୩, ନିଆଳିରୁ ୧୧, ସାଲେପୁରରୁ ଦୁଇ, ମାହାଙ୍ଗାରୁ ୫ ଏବଂ ଡମପଡ଼ାରୁ ୪ଜଣ ଚିହ୍ନଟ ହୋଇଛନ୍ତି। ମାହାଙ୍ଗାର ୫ଜଣଙ୍କ ମଧ୍ୟରୁ ୪ଜଣ ସଙ୍ଗରୋଧ କେନ୍ଦ୍ରରୁ ହୋଇଥିବାବେଳେ ଜଣେ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଅନ୍ୟ ସମସ୍ତେ ସରକାରୀ ସଙ୍ଗରୋଧ କେନ୍ଦ୍ର ଏବଂ ଗୃହ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। ସାଲେପୁରରୁ ଦୁଇ ଆକ୍ରାନ୍ତଙ୍କ ମଧ୍ୟରୁ ଜଣଙ୍କୁ କଟକ ଏସ୍‌ସିବି ଏବଂ ଅନ୍ୟ ଜଣଙ୍କୁ କିମ୍ସ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିସହ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୧୧ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୨୪ଜଣ ସୁସ୍ଥ ହୋଇଥିବାବେଳେ ଜଣକ ମୃତ୍ୟୁ ହୋଇଛି।

୪ ଶିକାରୀ ଗିରଫ

ବନ୍ଧୁକ ସହ ବିସ୍ଫୋରକ ଜବତ

ସଜନାଗଡ଼, ୧୨।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟ ଅଧୀନ ଋଷିଆ ଡ୍ୟାମ୍ ନିକଟରେ ଶୁକ୍ରବାର ବନବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ୪ଜଣ ଶିକାରୀଙ୍କୁ ଗିରଫ କରିଛି। ଆଗକୁ ରଜ ଥିବାରୁ ଶିକାରୀମାନେ ଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ଅଭୟାରଣ୍ୟ ଭିତରକୁ ପ୍ରବେଶ କରିଥିବା ବେଳେ ବନବିଭାଗ ହାବୁଡ଼ରେ ପଡ଼ିଛନ୍ତି। ଗିରଫ ଶିକାରୀମାନେ ହେଲେ ବରହମ୍‌ପୁର ଥାନା କେସିପୁର ପଞ୍ଚାୟତ ଅଧୀନ ଭେଜିଗୋଠ ଗ୍ରାମର ରାମ ସିଂ, ବୁଦୁଡାହି ଗ୍ରାମର ଜେନା ସିଂ, ସମା ସିଂ ଏବଂ ବଢ଼େଇପଲ୍ଲା ଗ୍ରାମର ଗଣେଶ୍ୱର ସିଂ। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, କଳା ଓ ଧଳା ବାରୁଦ ସହିତ ଶିକାର ଯନ୍ତ୍ରପାତି ଜବତ କରା

ଆଜିର ମନ୍ତବ୍ୟ

ଭାରତ ଓ ଆମେରିକାର ଡିଏନ୍‌ଏରୁ ସହିଷ୍ଣୁତା ଉଭେଇଗଲାଣି।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

ଜନ୍ମଦିନର ଶୁଭେଚ୍ଛା

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

୬ ଜିଲାକୁ ଛାଡ଼ି ସବୁଠି ମୌସୁମୀ

୧୭ରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଶୁକ୍ରବାର ରାଜ୍ୟର ଅଧିକାଂଶ ଜିଲାରେ ପ୍ରବେଶ କରିଛି। ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର କେତେକ ଅଞ୍ଚଳକୁ ବାଦ୍ ଦେଲେ ଅନ୍ୟ ସବୁଠି ମୌସୁମୀ ସକ୍ରିୟ ହେଉଛି। ପାଗ ଅନୁକୂଳ ରହିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ମୌସୁମୀ ଆହୁରି ସକ୍ରିୟ ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡ଼ିଶାର କୋରାପୁଟ, ଗଜପତି, ରାୟଗଡ଼ା ଏବଂ ଗଞ୍ଜାମ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ସମୟରେ ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଅନୁଗୋଳ ଓ ବାଲେଶ୍ୱରର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅପରପକ୍ଷେ ମୌସୁମୀ ପ୍ରବେଶ କରିବା ସତ୍ତ୍ୱେ ରାଜ୍ୟରେ ଭଲ ବର୍ଷା ହେଉନାହିଁ। ଲଘୁଚାପ ଦୁର୍ବଳ ରହୁଥିବାରୁ ଘୂର୍ଣ୍ଣିବଳୟ ଯୋଗୁ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି। ତେବେ ଆସନ୍ତା ୧୭ ତାରିଖରୁ ରାଜ୍ୟରେ ବର୍ଷା ବଢିବ। ୧୭ରୁ ୨୧ ଯାଏ ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୨୨.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି କଟକରେ ୧୪.୮, ଭୁବନେଶ୍ୱରରେ ୧୧.୯, ବାରିପଦାରେ ୩୭, ଝାରସୁଗୁଡାରେ ୨୭, କେନ୍ଦୁଝରରେ ୭.୪, ସମ୍ବଲପୁରରେ ୯.୬, ମାଲକାନଗିରିରେ ୫୪.୨, ଟିଟିଲାଗଡ଼ରେ ୨୯, ପାରଳାଖେମୁଣ୍ଡିରେ ୬୫, ରାୟଗଡ଼ାରେ ୧୩, ଛତ୍ରପୁରରେ ୧୩ ଏବଂ ଦାରିଙ୍ଗବାଡିରେ ୩୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ଆଇଏଫ୍‌ଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ରାଜ୍ୟ ସରକାର ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ୧୯୮୮ ବ୍ୟାଚ ଆଇଏଫ୍‌ଏସ୍ ଅଫିସର ପୁସା ଝୁଲେ ମେକ୍ରୋଙ୍କୁ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଆର୍‌ପିଆର୍‌ସି) ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ୧୯୯୩ ବ୍ୟାଚ୍ ପ୍ରେମକୁମାର ଝାଙ୍କୁ ଡବ୍ଲ୍ୟୁଏଫ୍ ଏବଂ ଓବିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେ ଔଷଧୀୟ ବୃକ୍ଷ ବୋର୍ଡ (ମେଡିସନାଲ ପ୍ଲାଣ୍ଟ ବୋର୍ଡ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଛନ୍ତି। ଏଥିସହିତ ତାଙ୍କୁ ସେଣ୍ଟର ଫର ଏନଭାଇରନମେଣ୍ଟ ଷ୍ଟଡିଜ୍‌ର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଏମ. ଯୋଗଜୟାନନ୍ଦଙ୍କୁ ବାରିପଦାର ଆର୍‌ସିସିଏଫ୍ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ରୋହିତ କୁମାର ଲେଙ୍କାଙ୍କୁ ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ପ୍ରକାଶ ଚନ୍ଦ୍ର ଗୋଗିନାନୀଙ୍କୁ ଡେଙ୍କାନାଳ ଡିଏଫ୍‌ଓ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସଂଗ୍ରାମ କେଶରୀ ବେହେରାଙ୍କୁ ପାରଳାଖେମୁଣ୍ଡି ଡିଏଫ୍‌ଓ, ଆଇଏଫ୍‌ଏସ୍ ଅଫିସର ସମ୍ରାଟ ଗୌଡଙ୍କୁ ଭୁବନେଶ୍ୱର ଓଏଫ୍‌ଡିସି ଜିଏମ୍ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଖୁସ୍‌ୱନ୍ତ ସିଂଙ୍କୁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅତିରିକ୍ତ କାର୍ଯ୍ୟନିର୍ବାହୀ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ବିବେକ କୁମାରଙ୍କୁ ଖରିଆର ବନଖଣ୍ଡର ଡିଏଫ୍‌ଓ, ସାଏ କିରଣଙ୍କୁ ଶିମିଳିପାଳ ଉତ୍ତର ବନଖଣ୍ଡର ଡିଏଫ୍‌ଓ, ଆନନ୍ଦ ଏସ୍‌ଙ୍କୁ ଆଠମଲ୍ଲିକ ବନଖଣ୍ଡ ଡିଏଫ୍‌ଓ ଏବଂ ଲେଡେ ଗଜାନନ ଦାୟାନନ୍ଦଙ୍କୁ କରଞ୍ଜିଆ ବନଖଣ୍ଡର ଡିଏଫ୍‌ଓ ଭାବେ ନିଯୁକ୍ତି ଦିଆଯାଇଛି।

ଗଞ୍ଜାମରେ ପାଳନ ...

ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲିବ। ଅନ୍ୟ ଅଣ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସକାଳ ୭ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସତର୍କ କରାଇ ଦେଇଛନ୍ତି ।

ପ୍ରଥମ ପୃଷ୍ଠାରୁ...



ଥାନାରେ ରଖ ...

ଯୋଗାଇ ଦେଲେ ତା'ର ମଧ୍ୟ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। କୋଲକାତାରେ ବାତ୍ୟା ସମୟରେ ସହାୟତା ଯୋଗାଇବାକୁ ଯାଇ ଆମର ଓଡ୍ରାଫ ଓ ଅଗ୍ନିଶମ କର୍ମଚାରୀମାନେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ କହିଛନ୍ତି ଯେ, ଏହା ଏକ ଅସ୍ୱାଭାବିକ ପରିସ୍ଥିତି। ଏଥିରେ ଆମେ ସମସ୍ତେ ଦଳୀୟ ମନୋଭାବ (ଟିମ ସ୍ପିରିଟ) ନେଇ କାମ କରୁଛୁ। ଏହି ଆହ୍ୱାନର ମୁକାବିଲା କ୍ଷେତ୍ରରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସବୁଠାରୁ ଆଗରେ ଅଛନ୍ତି । ଏହି ଉତ୍ତମ କାର୍ଯ୍ୟକୁ ଜାରି ରଖିବାକୁ ସେ ପୋଲିସ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଜିଲାସ୍ତରରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯଥେଷ୍ଟ ଭାବେ ଉପଲବ୍ଧ ଅଛି, ପୋଲିସ ଏହାର ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ସେ ଏସ୍‌ପିମାନଙ୍କୁ ପରାମର୍ଶ ଦେଇଥିଲେ। ପୋଲିସ ମହାନିର୍ଦ୍ଦେଶକ ଅଭୟ ପୋଲିସ ପ୍ରଶାସନ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ମହିଳାମାନଙ୍କ ଉପରେ ଘରୋଇ ହିଂସାକୁ ରୋକିବା ପାଇଁ ପୋଲିସ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯାଇଛି। ୯୨୦୫ ଜଣ ମହିଳାଙ୍କ ସହିତ ଫୋନ ଜରିଆରେ ଯୋଗାଯୋଗ କରାଯାଇଛି। ଏଥିରେ ୫୩ଟି ମାମଲାରେ ଘରୋଇ ହିଂସାର ସୂଚନା ମିଳିଥିଲା ଏବଂ ଏଥିପାଇଁ ପୋଲିସ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆଯାଇଛି। ୮୦୦୨ଟି ଅସ୍ଥାୟୀ ମେଡିକାଲ କେନ୍ଦ୍ର(ଟିଏମସି)ର ସୁରକ୍ଷା ଦାୟିତ୍ୱ ନିଆଯାଇଛି। ପୋଲିସ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସଚେତନତା କାର୍ଯ୍ୟକ୍ରମ ବିଶେଷ କରି ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ପାଳନ ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି ବୋଲି ସେ କହିଥିଲେ। ସେହିପରି ମାନବିକତା ସମ୍ପନ୍ନ କାର୍ଯ୍ୟ କ୍ଷେତ୍ରରେ ମଧ୍ୟ ପୋଲିସ ଅଗ୍ରଣୀ ଭୂମିକା ନେଇଛି ବୋଲି ସେ କହିଥିଲେ। ରାଜ୍ୟରେ କୌଣସି ପ୍ରବାସୀ ଯେପରି ଚାଲିକରି ନ ଯିବେ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ୫୨୪ଟି ଟ୍ରିପ ଜରିଆରେ ୨୪,୮୮୭ ଅନ୍ୟ ରାଜ୍ୟ ପଥଚାରୀ ପ୍ରବାସୀଙ୍କୁ ସେମାନଙ୍କ ରାଜ୍ୟକୁ ପଠାଯାଇଛି। ଅଗ୍ନିଶମ ସେବା ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି କହିଛନ୍ତି, କୋଲକାତାକୁ ଏପ୍ରିଲ ୨୫ରେ ୩୭୨ ଜଣ ଯବାନ ଯାଇ ୧୨ଦିନ ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ସେମାନଙ୍କ କାର୍ଯ୍ୟକୁ କୋଲକାତାବାସୀ ଭୂୟଶୀ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ସେମାନେ ଯେତେବେଳେ କୋଲକାତା ହାଓ୍ୱଡା ରାସ୍ତାରେ ଯାଉଥିଲେ ସେତେବେଳେ ଦୁଇ ପାର୍ଶ୍ୱରେ ଜନତା ଛିଡା ହୋଇ ଓଡିଶା ମୁଖ୍ୟମନ୍ତ୍ରୀଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୋଲକାତାରୁ ଫେରିଥିବା ଅଗ୍ନିଶମ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କହିଥିଲେ ଯେ, ବର୍ତ୍ତମାନ ସମୟରେ ବିଭିନ୍ନ ଲକ୍‌ଡାଉନ୍ ନିୟମାବଳୀକୁ ପୋଲିସ ପ୍ରଶାସନ ଦକ୍ଷତାର ସହି ଲାଗୁ କରିପାରିଛି। ଯେ କୌଣସି ନିର୍ଦ୍ଦେଶକୁ ତୁରନ୍ତ ଲାଗୁ କରିବା କ୍ଷେତ୍ରରେ ପୋଲିସ ଯେପରି କାର୍ଯ୍ୟ ଦକ୍ଷତା ଦେଖାଇଛି ତାହା ପ୍ରଶଂସନୀୟ। ସମସ୍ତ ନିର୍ଦ୍ଦେଶାବଳୀକୁ ପୋଲିସ ଅତ୍ୟନ୍ତ ସୁଚାରୁରୂପେ କାର୍ଯ୍ୟକାରୀ କରିଛି। ବୃତ୍ତିଗତ ଦକ୍ଷତା ମାନବୀୟ ମୂଲ୍ୟବୋଧ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାରେ ପୋଲିସ ସଫଳ ହୋଇଛି ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ, ସୁନ୍ଦରଗଡ, ମାଲକାନଗିରି, ଗଞ୍ଜାମ, ବରଗଡ, ଗଜପତି, ଭଦ୍ରକ ଜିଲାର ଏସ୍‌ପିମାନଙ୍କ ସହିତ ସେମାନଙ୍କ ଜିଲାରେ ଜିରୋୱାଙ୍କିଂ ଇନ୍‌ସାଇଡ ଓଡିଶା ନୀତିର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଗୃହ ବିଭାଗ ସଚିବ ସଞ୍ଜୀବ ଚୋପ୍ରା ଧନ୍ୟବାଦ ଦେଇଥିଲେ।

କ୍ଷମା ମାଗିଲେ ...

ପଦକ୍ଷେପ ବୋଲି ବିଚାର କରାଯାଉଛି। ଜେନେରାଲ ମିଲେଙ୍କ ଭୁଲ ହେଲା ସେ ମଧ୍ୟ ସେନା ପୋଷାକରେ ଟ୍ରମ୍ପଙ୍କ ସହ ଉକ୍ତ ଚର୍ଚ୍ଚକୁ ଯାଇଥିଲେ। ସେଠାରେ ସେ ଫଟୋ ଅପର୍ଚୁନିଟି (ଫଟୋ ଉଠାଇବା ପାଇଁ ସୁଯୋଗ) ହାତେଇଥିଲେ। ଟ୍ରମ୍ପଙ୍କ ସହ ଜେନେରାଲ ମିଲେଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ତାଙ୍କର ଏହି କାର୍ଯ୍ୟକୁ ନିନ୍ଦା କରାଯାଇଛି। ଅନେକ ଆଇନପ୍ରଣେତା ଓ ପୂର୍ବତନ ସେନା ଅଧିକାରୀ ଏନେଇ କଡ଼ା ସମାଲୋଚନା କରିଛନ୍ତି। ମାର୍କ ମିଲେ ଏହି ପ୍ରସଙ୍ଗରେ ସେନାକୁ ମଧ୍ୟ ଘରୋଇ ରାଜନୀତି ଭିତରକୁ ଟାଣି ନେଇଥିବା ସେମାନେ କହିଛନ୍ତି। ବିବାଦ ସୃଷ୍ଟି ହେବା ପରେ ଜେନେରାଲ ମିଲେ ନିଜ ଭୁଲ୍ ସ୍ୱୀକାର କରିଛନ୍ତି। ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟର ଏକ ସମାରୋହରେ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ କହିଛନ୍ତି, ଟ୍ରମ୍ପଙ୍କ ସହ ହ୍ୱାଇଟ୍ ହାଉସ୍‌ରୁ ସେଣ୍ଟ ଜନ୍ସ ଚର୍ଚ୍ଚ ପର୍ଯ୍ୟନ୍ତ ଚାଲି ଚାଲି ଯାଇ ସେନା ପୋଷାକରେ ଫଟୋ ଉଠାଇବା ତାଙ୍କର ଏକ ଭୁଲ୍ ଥିଲା। ତାଙ୍କର ସେଠାରେ ରହିବା ଉଚିତ ନ ଥିଲା। ସେହି କ୍ଷଣ ଓ ସେହି ପରିବେଶରେ

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସେନା ପୋଷାକରେ ଜେନେରାଲ ମିଲେ ।

ତାଙ୍କର ଉପସ୍ଥିତି ଘରୋଇ ରାଜନୀତିରେ ସେନା ସାମିଲ ଥିବା ନେଇ ଧାରଣା ସୃଷ୍ଟି କରିଛି। ଜଣେ କମିଶନ୍‌ଡ ୟୁନିଫର୍ମଡ ଅଫିସର ହୋଇ ଏପରି ଅନୁଚିତ କାର୍ଯ୍ୟ କରିଥିବାରୁ ସେ ଅନୁତପ୍ତ। ଏଥିରୁ ସେ ଶିକ୍ଷାଲାଭ କରିଛନ୍ତି ଓ ସମସ୍ତେ ଶିଖିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଜେନେରାଲ ମିଲେ ଆହୁରି କହିଛନ୍ତି, ଜର୍ଜ ଫ୍ଲୟଡ୍‌ଙ୍କ ମୃତ୍ୟୁକୁ ନେଇ ସେ କ୍ଷୁବ୍ଧ। ଦେଶରେ ଆଫ୍ରିକୀୟ ଆମେରିକୀୟଙ୍କ ପ୍ରତି ଶହ ଶହ ବର୍ଷ ଧରି ଚାଲିଥିବା ଅନ୍ୟାୟର ପ୍ରତିବାଦରେ ଏହି ବିକ୍ଷୋଭକାରୀମାନେ ଆନ୍ଦୋଳନ କରୁଛନ୍ତି। ପ୍ରକାଶ ଯେ, ମେ ୨୫ରେ ମିନେସୋଟା ରାଜ୍ୟର ମିନିଆପୋଲିସରେ ୨୦ ଡଲାର ଜାଲ ନୋଟକୁ ନେଇ କୃଷ୍ଣକାୟ ଜର୍ଜ ଫ୍ଲୟଡ୍‌ଙ୍କୁ ପୋଲିସ ଧରିଥିଲା। ଶ୍ୱେତାଙ୍ଗ ପୋଲିସ ଅଧିକାରୀ ଡେରେକ୍ ଶଉଭିନ୍ ଫ୍ଲୟଡ୍‌ଙ୍କୁ ନିଜ ଆଣ୍ଠୁରେ ଚାପି ରଖିବାରୁ ସେ ନିଃଶ୍ୱାସ ପ୍ରଶ୍ୱାସ ନେଇ ନ ପାରି ପ୍ରାଣ ହରାଇଥିଲେ। ସେତେବେଳ ଦୃଶ୍ୟର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଆମେରିକାରେ ମୁଣ୍ଡଟେକିଥିବା ଆନ୍ଦୋଳନ ଥମିବାର ନାଁ ନେଉନାହିଁ। ଅଦ୍ୟାବଧି ଦେଶର ୧୪୦ରୁ ଊର୍ଦ୍ଧ୍ୱ ସହରକୁ ଏହି ନିଆଁ ବ୍ୟାପିଛି। ବିଭିନ୍ନ ସ୍ଥାନରେ ପ୍ରତିମୂର୍ତ୍ତି ଭଙ୍ଗାରୁଜା ଓ ଜଳାପୋଡ଼ା ଦେଖିବାକୁ ମିଳୁଛି। ଜର୍ଜ ଫ୍ଲୟଡ୍ ସମ୍ପ୍ରତି ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନର ପ୍ରତୀକ ପାଲଟିଯାଇଛନ୍ତି।

ଜିଏସ୍‌ଟି ଫାଇଲିଂରେ...

ମେ, ଜୁନ ଏବଂ ଜୁଲାଇ ମାସ ଲାଗି ରିଟର୍ନ ଫାଇଲ କରିବା ଅବଧିକୁ ମଧ୍ୟ ସେପ୍ଟେମ୍ବର ଯାଏ ବୃଦ୍ଧି କରାଯାଇଛି। ଏହି ସମୟ ଅବଧି ଲାଗି ବିଳମ୍ବ ଦେୟରେ କୌଣସି ସୁଧ କିମ୍ବା ଚାର୍ଜ ଲାଗୁ ହେବ ନାହିଁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଜିଏସ୍‌ଟି ପରିଷଦ ବୈଠକ ଶେଷ ହେବା ପରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଜୁଲାଇ ୨୦୧୭ଠାରୁ ଜାନୁୟାରୀ ୨୦୨୦ ମଧ୍ୟରେ ପଞ୍ଜୀକୃତ କମ୍ପାନୀଗୁଡ଼ିକର କୌଣସି ଟିକସ ଦେୟ ନ ଥିଲେ ବିଳମ୍ବରେ ଜିଏସ୍‌ଟି ଫାଇଲିଂ କଲେ ମଧ୍ୟ କୌଣସି ଜରିମାନା ଲାଗୁ ହେବ ନାହିଁ। ଅନ୍ୟ ଟିକସଦାତା ମାସିକ ସେଲ୍‌ସ ରିଟର୍ନ ଫାଇଲ କରି ନ ଥିଲେ ବିଳମ୍ବ ଦେୟ ଜନିତ ଜରିମାନାକୁ ହ୍ରାସ କରାଯାଇ ସର୍ବୋଚ୍ଚ ୫୦୦ ଟଙ୍କା ରଖାଯାଇଛି। ଜୁଲାଇ ୨୦୧୭ ଠାରୁ ଜାନୁୟାରୀ ୨୦୨୦ ସମୟ ଅବଧିରେ ଏହା ଲାଗୁ ହେବ। କରୋନା ପ୍ରଭାବ ନେଇ ଜିଏସ୍‌ଟି ପରିଷଦ ବୈଠକରେ ଆଲୋଚନା ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ଜିଏସ୍‌ଟି ସଂଗ୍ରହରେ ଉପୁଜିଥିବା ବାଧା, ଜୋତା, ସାର, ଏବଂ ଟେକ୍ସଟାଇଲ ସାମଗ୍ରୀ ଉପରେ ଟିକସକୁ ନେଇ ବିଚାର କରାଯିବା ଭଳି ପ୍ରସଙ୍ଗ ବୈଠକରେ ସାମିଲ ରହିଥିଲା। ଆଗାମୀ ବୈଠକଗୁଡିକରେ ପାନମସଲା ଉପରେ ଟିକସକୁ ମଧ୍ୟ ଆଲୋଚନା ପରିସରଭୁକ୍ତ କରାଯିବ। ସେହିଭଳି ରାଜ୍ୟଗୁଡିକୁ ପ୍ରଦାନ କରାଯାଉଥିବା ଜିଏସ୍‌ଟି କ୍ଷତିପୂରଣ ଆବଶ୍ୟକତା ଉପରେ ବିଚାର କରାଯିବ ବୋଲି ଜଣାପଡ଼ିଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କିସ ବାହୁନିବି ଖଜୁରି ଗଛକୁ
ମୂଳରୁ ପାହାଚ ପାହାଚ ।

ଖଜୁରି ଗଛର ବାହୁଙ୍ଗା ଏପରି ଭାବରେ କଟାଯାଇଥାଏ ଯେ ତା'ର ଗର ବା ଗଣ୍ଠି ମୂଳରୁ ଶେଷ ଯାଏ ପାହାଚିଆ ପାହାଚିଆ ହୋଇ ରହିଥାଏ। ସେହିପରି ଜଣ ଜଣଙ୍କର ଖରାପ ଗୁଣ ମୂଳରୁ ଶେଷଯାଏ ସମାନ ରହିଥାଏ । ବହୁ ଦୋଷ ଦୁର୍ଗୁଣରେ ପରିପୂର୍ଣ୍ଣ ହୋଇଥିବା ବ୍ୟକ୍ତିର ଗୋଟିଏ ଦୋଷଦୁର୍ବଳତା ପ୍ରତି ଟିପ୍ପଣୀ ଦେବା ବା ଅଙ୍ଗୁଳି ଦେଖାଇବା ନିରର୍ଥକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

କୁରୁବଳଙ୍କର ଖାଇବ
ପାଣ୍ଡବଙ୍କର ଗାଇବ ।

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେ କୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ୍ୟ ପର କରି ଦେଇପାରନ୍ତି। ଏପରି କି ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ବି ପଶ୍ଚାତ୍‌ପଦ ହୋଇ ନ ଥାନ୍ତି । ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତାପ୍ରକଟ କରିବା ବେଇମାନି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

ମାସ୍କ ନ ପିନ୍ଧି ...

ମାସ୍କ ନ ପିନ୍ଧି ବୁଲୁଛନ୍ତି ସେମାନଙ୍କ ଠାରୁ ପୋଲିସ ଜରିମାନା ଆଦାୟ କରୁଛନ୍ତି। ତେବେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଏପର୍ଯ୍ୟନ୍ତ ୧କୋଟି ୨୫ ଲକ୍ଷ ୮୪ହଜାର ଟଙ୍କା ଆଦାୟ ହୋଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭିଡିଓ କନ୍‌ଫରେନ୍ସ ବୈଠକରେ ଏହି ତଥ୍ୟ ଦେଇଛନ୍ତି ଡିଜିପି ଅଭୟ। ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ରା

ଶଟ୍‌ଡାଉନ ସମୟରେ ମାଛ, ମାଂସ, ଅଣ୍ଡା ହୋମ୍ ଡେଲିଭରି

ଭୁବନେଶ୍ୱର,୧୨।୬(ବ୍ୟୁରୋ): ସରକାର ସପ୍ତାହରେ ଯେଉଁଦିନ ଶଟ୍‌ଡାଉନ ଘୋଷଣା କରିଛନ୍ତି ସେହିଦିନଗୁଡିକରେ ଅନ୍‌ଲାଇନ ଜରିଆରେ କୁକୁଡ଼ା, ମାଛ ଏବଂ ଚିଙ୍ଗୁଡି ଯୋଗାଇ ଦିଆଯିବ। ରାଜଧାନୀସ୍ଥିତ ଓପୋଲଫେଡ ଓ ଚିଲିକା ଫ୍ରେସ୍ ବିକ୍ରୟ କେନ୍ଦ୍ର ମାଧ୍ୟମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଅଣ୍ଡା, କୁକୁଡ଼ା ମାଂସ ଓ ଚିଙ୍ଗୁଡି ଆଦି ଲୋକଙ୍କ ଘରେ ପହଞ୍ଚାଯିବ। ଗ୍ରାହକମାନେ ହୋମ ଡେଲିଭରି ଅର୍ଡର ପାଇଁ ଚିଲିକା ଫ୍ରେସ୍ କେନ୍ଦ୍ରର ଜେନେରାଲ ମ୍ୟାନେଜରଙ୍କ ମୋବାଇଲ ନଂ. ୭୮୯୪୯୨୧୫୩୭ରେ ଯୋଗାଯୋଗ କରିପାରିବେ। ଓପଲଫେଡ୍ ବିକ୍ରୟ କେନ୍ଦ୍ରର ବିଭିନ୍ନ ନମ୍ବର ମଧ୍ୟ ଜାରି କରାଯାଇଛି।

୧ ନଂ. ହାଟ, ମାର୍କେଟ ବିଲ୍ଡିଂ ସିଲ୍

ରଜ ବେପାରରେ ମାତିଥିଲେ, ନିୟମକାନୁନ ମାନୁ ନ ଥିଲେ

ୟୁନିଟ୍-୨ ମାର୍କେଟ୍ ବିଲ୍‌ଡିଂକୁ ସିଲ୍ କରୁଛନ୍ତି ବିଏମ୍‌ସି ଏବଂ ବିଡିଏ ଅଧିକାରୀ।

ସିଲ୍ ପରେ ୧ନଂ. ହାଟ।

- ସିଲ୍ ସମୟରେ ବିରୋଧ, ସ୍ଥିତି ନିୟନ୍ତ୍ରଣାଧୀନ
- ୨୦ରୁ ଊର୍ଦ୍ଧ୍ୱ ଦୋକାନ, ସିଙ୍ଗଲ୍ ବ୍ରାଣ୍ଡ ମଲ୍ ବନ୍ଦ କଲା ବିଏମ୍‌ସି

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ରଜ ପାଇଁ ରାଜଧାନୀର ବିଭିନ୍ନ ଡ୍ରେସ୍ ଓ ଶାଢ଼ି ଦୋକାନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ଗୁରୁବାର ଭଳି ଶୁକ୍ରବାର ମଧ୍ୟ ୟୁନିଟ୍-୨ ମାର୍କେଟ ବିଲ୍‌ଡିଂ, ରାଜମହଲ, ନୟାପଲ୍ଲୀ, ଶହୀଦନଗର ଆଦି ପ୍ରମୁଖ ଅଞ୍ଚଳର ଡ୍ରେସ୍ ଓ ଶାଢ଼ି ଶୋ'ରୁମ୍‌ଗୁଡ଼ିକରେ ପ୍ରବଳ ଗହଳି ଲାଗିଥିଲା। ୧ ନମ୍ବର ହାଟ ଓ ରସୁଲଗଡ଼ର କୋଚିଲେଇ ହାଟରେ ମଧ୍ୟ ଗହଳି ହୋଇଥିଲା। ଲୋକେ କରୋନା କଟକଣାକୁ ଭୁଲି କିଣାକିଣିରେ ବ୍ୟସ୍ତ ଥିଲେ। ସାମାଜିକ ଦୂରତ୍ୱ ଉଲ୍ଲଂଘନ ହେଉଥିବାବେଳେ ଅନେକଙ୍କ ମୁହଁରେ ମାସ୍କ ନ ଥିଲା। ସେହିପରି ବ୍ୟବସାୟୀମାନେ ମଧ୍ୟ କଟକଣା ଓ ନିୟମକାନୁନକୁ ଯେମିତି ଭୁଲିଯାଇଥିଲେ। ଏଭଳି ସ୍ଥିତି ଦେଖିବା ପରେ ବିଏମ୍‌ସି ପକ୍ଷରୁ ସିଲ୍ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ୧ ନମ୍ବର ହାଟ, ୟୁନିଟ୍ ୨ ମାର୍କେଟ ବିଲ୍ଡିଂ ସମେତ ସହରର ୨୦ରୁ ଊର୍ଦ୍ଧ୍ୱ ଦୋକାନ ଓ ମଲ୍‌କୁ ସିଲ୍ କରାଯାଇଛି। ଅନ୍ୟପକ୍ଷରେ ଶନିବାର ଓ ରବିବାର ଶଟ୍‌ଡାଉନ ଥିବାରୁ ଭୁବନେଶ୍ୱରର ସମସ୍ତ ଦୋକାନବଜାର ବନ୍ଦ ରହିବ।

ସୂଚନାଯୋଗ୍ୟ, ରାଜ୍ୟରେ ଏବେ ଲକ୍‌ଡାଉନ୍ ୫.୦ ଜାରି ରହିଛି। ଜୁନ୍‌ମାସ ରାଜ୍ୟବାସୀଙ୍କ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏହାସତ୍ତ୍ୱେ ଭୁବନେଶ୍ୱରରେ ଜନସାଧାରଣ ସାମାଜିକ ଦୂରତ୍ୱ ନିୟମକୁ ନ ମାନି ବଜାରରେ ଗହଳି କରୁଛନ୍ତି। ରଜ ପାଇଁ ବେପାର କରିବାକୁ ମଧ୍ୟ ଦୋକାନୀ ଯେମିତି ସବୁ କଟକଣା ଭୁଲିଯାଇଛନ୍ତି। ଏ ନେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏବଂ ଅତିରିକ୍ତ କମିଶନର ଅବନୀକାନ୍ତ ପଟ୍ଟନାୟକ ସୂଚନା ପାଇବା ପରେ ନିଜେ ଯାଇ ମାର୍କେଟ୍ ବିଲ୍ଡିଂ ଓ ୧ ନମ୍ବର ହାଟର ସମସ୍ତ ଦୋକାନ ବଜାର ବନ୍ଦ କରିଛନ୍ତି। ଶୁକ୍ରବାର ଦ୍ୱିତୀୟ ଦିନରେ ବିଏମ୍‌ସି, ବିଡିଏ ମିଳିତ ଟିମ୍‌ର ସମସ୍ତ ଉଚ୍ଛେଦକାରୀ ଦଳ ଏହି ସିଲ୍ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ମାର୍କେଟ ବିଲ୍ଡିଂ ସିଲ୍ ସମୟରେ ସ୍କ୍ୱାଡ୍‌କୁ ବିରୋଧ ଓ ପ୍ରତିବାଦର ସାମ୍ନା କରିବାକୁ ପଡ଼ିଛି। କେତେକ ବେପାରୀ ଦୋକାନ ବନ୍ଦ କରିବାକୁ ଅରାଜି ହେବା ସହ କିଛି ସମୟ ପାଇଁ ଦୋକାନ ଆଗରେ ବସି ରହିଥିଲେ। ତେବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ଅତିରିକ୍ତ କମିଶନର ପଟ୍ଟନାୟକ କହିଛନ୍ତି। କମିଶନରେଟ୍ ପୋଲିସ ସହାୟତାରେ ମିଳିତ ଉଚ୍ଛେଦକାରୀ ଦଳର ସମସ୍ତ ସ୍କ୍ୱାଡ୍ ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରଖିଛନ୍ତି। ବିଶେଷକରି କୋଭିଡ୍-୧୯ ନିୟମ ନ ମାନିବା, ସାମାଜିକ ଦୂରତ୍ୱ ନିୟମ ପାଳନ ନ କରିବା, ମାସ୍କ ଏବଂ ସାନିଟାଇଜର ବ୍ୟବହାର କରା ନ ଯିବା ନେଇ ଯାଞ୍ଚ ତଥା ସିଲ୍ ପ୍ରକ୍ରିୟା ଚାଲିଥିବା ସୂଚନା ମିଳିଛି। ଏ ନେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ରାଜଧାନୀରେ ଦୁଇ ଦିନ ହେବ ବିଏମ୍‌ସି ଦ୍ୱାରା ସିଲ୍ ପ୍ରକ୍ରିୟା ଆରମ୍ଭ ହୋଇଛି। ଦ୍ୱିତୀୟ ଦିନରେ ୧ ନମ୍ବର ହାଟ ଓ ୟୁନିଟ୍ ୨ ମାର୍କେଟ ବିଲ୍ଡିଂ ସମେତ ସହରର ୨୦ରୁ ଊର୍ଦ୍ଧ୍ୱ ଦୋକାନ ଓ ସିଙ୍ଗଲ ବ୍ରାଣ୍ଡେଡ୍ ମଲ୍‌କୁ ସିଲ୍ କରାଯାଇଛି। ରଜ ପାଇଁ ବଜାରରେ ଜନବହୁଳତା ଦେଖିବାକୁ ମିଳୁଥିବାବେଳେ ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ସହ କରୋନା ଭୂତାଣୁ ସଂକ୍ରମଣ ମାତ୍ରାକୁ କାବୁ କରିବା ଚେଷ୍ଟାରେ ବିଏମ୍‌ସି ଏଭଳି ପଦକ୍ଷେପ ନେଇଛି।

ସଂକ୍ଷେପରେ

ବୁଧବାରଠାରୁ ଅସ୍ଥିମଜ୍ଜା ପ୍ରତିରୋପଣ

୧୭ ଓ ୧୯ ତାରିଖରେ ଦୁଇଜଣଙ୍କ ପ୍ରତିରୋପଣ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

କଟକ ଅଫିସ,୧୨।୬: ପ୍ରାୟ ଅଢ଼େଇ ମାସ ବ୍ୟବଧାନ ପରେ ଏସ୍‌ସିବିରେ ଆରମ୍ଭ ହେବ ଅସ୍ଥିମଜ୍ଜା ପ୍ରତିରୋପଣ। ଏଥିପାଇଁ ଏସ୍‌ସିବି କ୍ଲିନିକାଲ ହେମାଟୋଲୋଜି ବିଭାଗରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ କେବଳ ବାକି ରହିଛି ହେପା ଫିଲଟର, ଏସି ଓ ଅନ୍ୟ ଉପକରଣର ଯାଞ୍ଚ

ଏସ୍‌ସିବି ମେଡିକାଲ

ପକ୍ରିୟା। ୧୭ ତାରିଖରେ ୭୭ତମ ଓ ୧୯ ତାରିଖରେ ୭୮ତମ ରୋଗୀଙ୍କ ଅସ୍ଥି ମଜ୍ଜା ପ୍ରତିରୋପଣ କରାଯିବ। ଶୁକ୍ରବାର ସୁଦ୍ଧା ୭୭ତମ ରୋଗୀଙ୍କ ସମସ୍ତ ପରୀକ୍ଷା ଶେଷ ହୋଇଛି। ଉଭୟ ରୋଗୀଙ୍କ ଅଟୋଲୋଗସ୍ (ନିଜସ୍ୱ ଅସ୍ଥିମଜ୍ଜା)କୁ ପ୍ରତିରୋପଣ କରାଯିବ। ଅତୀତରେ ଏହି ଦୁଇ ରକ୍ତ କର୍କଟ (ମଲ୍ଟିପୁଲ ମାୟୋଲୋମା)ରୋଗୀ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଯାଇ ଫେରି ଆସିଥିଲେ। ଏହି ଦୁଇଜଣ ରୋଗୀଙ୍କ ସମସ୍ତ ଅସ୍ତ୍ରୋପଚାର ପ୍ରକ୍ରିୟା କ୍ଲିନିକାଲ ହେମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ରବୀନ୍ଦ୍ର ଜେନାଙ୍କ ନେତୃତ୍ୱରେ କରାଯିବ। ଆସିଷ୍ଟାଣ୍ଟ ପ୍ରଫେସର ଡା. ମନମୋହନ ବିଶ୍ୱାଳ, ଡା. ସୁଧା ସେଠୀ, ଡା. ରାଜୀବ ନାୟକ, ସିନିୟର ରେସିଡେଣ୍ଟ ଡା. ଦିବ୍ୟଜ୍ୟୋତି ପୃଷ୍ଟି, ଲାବୋରାଟୋରୀ ଟେକ୍ନିସିଆନ ଆର୍.ଏନ୍. ସାହୁ, ଦେବୀ ଜେନା, ରଶ୍ମିରଞ୍ଜନ, ସେବିକା ସ୍ନେହଲତା ମଙ୍ଗରାଜ, ରଞ୍ଜିତା ଓ ମନ୍ଦାକିନୀ ସହଯୋଗ କରିବେ।

ଶ୍ରମିକଙ୍କୁ ହତ୍ୟା ଅଭିଯୋଗ

ରାସୋଲ, ୧୨।୬(ଡି.ଏନ.ଏ.): ଢେଙ୍କାନାଳ ଜିଲା ରାସୋଲ ଥାନା ଅଧୀନ ଖପରାନାଳ ଅଞ୍ଚଳର ଏକ ଚାଷଜମିରୁ ଶୁକ୍ରବାର ଜଣେ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ କୁକୁଟା ଗ୍ରାମର ବୁନୁ ବେହେରା (୪୦)। ମୃତଦେହର ବିଭିନ୍ନ ସ୍ଥାନରେ ମାରଣାସ୍ତ୍ରରେ ଆକ୍ରମଣ ଚିହ୍ନ ରହିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଛି। ଏ ନେଇ ମୃତକଙ୍କ ସ୍ତ୍ରୀ ଯଶୋବନ୍ତୀଙ୍କ ଅଭିଯୋଗକ୍ରମେ ନଂ. ୮୨/୨୦ରେ ଏକ ମାମଲା ରୁଜୁ କରାଯାଇଛି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଅଭିଯୋଗ ଅନୁଯାୟୀ, ବୁନୁ ଜଣେ ଦିନ ମଜୁରିଆ। ସେ ଶୁକ୍ରବାର ସକାଳେ ପଞ୍ଚପଡ଼ା ଗ୍ରାମକୁ କାମ କରିବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଖପରାନାଳ ଅଞ୍ଚଳର ଏକ ଜମିରୁ ତାଙ୍କର କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଥିଲା। ସୂଚନା ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ଯୁକ୍ତ୨ ବଳକା ପରୀକ୍ଷା: ପ୍ରସ୍ତୁତି ନେଇ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତଥ୍ୟ ମାଗିଲା ସିଏଚ୍‌ଏସ୍‌ଇ

ଭୁବନେଶ୍ୱର, ୧୨।୬(ବ୍ୟୁରୋ): ଯୁକ୍ତ ୨ ବଳକା ପରୀକ୍ଷା ପାଇଁ ପ୍ରସ୍ତୁତି ସମ୍ପର୍କରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସଇ) ପକ୍ଷରୁ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତଥ୍ୟ ମଗାଯାଇଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଏକା ସାଙ୍ଗରେ କେତେଜଣ ପରୀକ୍ଷାର୍ଥୀ ବସି ପରୀକ୍ଷା ଦେଇ ପାରିବେ ତାହାର ଡାଟା ପ୍ରସ୍ତୁତ କରି ୧୮ ତାରିଖ ସୁଦ୍ଧା ପରିଷଦକୁ ଦେବା ପାଇଁ ଚିଠିରେ ଉଲ୍ଲେଖ ରହିଛି। ଶ୍ରେଣୀଗୃହ ବ୍ୟତୀତ ରିଡିଂ ରୁମ୍, କମନ ରୁମ୍‌କୁ ମଧ୍ୟ ପରୀକ୍ଷା ହଲ ଭାବେ ଗଣାଯାଇପାରିବ। ଏପରି କି ନିଜ କଲେଜ ପରିସରରେ ଥିବା ହଷ୍ଟେଲକୁ ମଧ୍ୟ ଏଥିପାଇଁ ବ୍ୟବହାର କରିହେବ। ଯଦି ନିଜ କେନ୍ଦ୍ରରେ ଆବଶ୍ୟକ ସ୍ଥାନ ନ ହୁଏ ତେବେ ନିକଟସ୍ଥ ଉଚ୍ଚ ମାଧ୍ୟମିକ ସ୍କୁଲ କିମ୍ବା କଲେଜରେ ପରୀକ୍ଷା ପାଇଁ ବ୍ୟବସ୍ଥା କରିହେବ। ଏ ସଂକ୍ରାନ୍ତ ସମସ୍ତ ତଥ୍ୟ କାଉନସିଲରେ ଦାଖଲ କରିବାକୁ କୁହାଯାଇଛି। ଚଳିତବର୍ଷ ଯୁକ୍ତ ୨ର ଉଭୟ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ବିଷୟର ପରୀକ୍ଷା ବାକି ରହିଥିବାବେଳେ ଏହାକୁ ସିଏଚ୍‌ଏସଇ କରିବାକୁ ଯୋଜନା କରୁଛି।

କର୍କଟ ରୋଗୀଙ୍କଠାରେ ବିରଳ ଅସ୍ତ୍ରୋପଚାର

କିଡ୍‌ନୀ ସହ ପେଟର ରକ୍ତବାହୀ ଶିରାରୁ ବାହାର କରାଗଲା ଟ୍ୟୁମର

କଟକ ଅଫିସ,୧୨।୬

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ କିଡ୍‌ନୀ କ୍ୟାନ୍ସର ରୋଗୀଙ୍କଠାରେ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ଢେଙ୍କାନାଳ ଜିଲାର ଏହି ରୋଗୀ ଜଣକ ସମସ୍ତ ପ୍ରକାର ପରୀକ୍ଷା କରାଇବା ସହ ରାଜ୍ୟର ଅନେକ ବେସରକାରୀ ଓ ସରକାରୀ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଇବାକୁ ଚେଷ୍ଟା କରିଥିଲେ। ତାଙ୍କ ଦେହରେ ବଢୁଥିବା ଟ୍ୟୁମର କିଡ୍‌ନୀରୁ ହାର୍ଟର ଇନ୍‌ଫେରିଅର ଭେନାକାଭା (ପେଟକୁ ରକ୍ତବାହୀ ଶିରା) ଯାଏ ଲାଗିଥିଲା। ତେଣୁ ସବୁ ହସ୍ପିଟାଲ ଏହି ଜଟିଳ ଅସ୍ତ୍ରୋପଚାର କରିବାକୁ ମନା କରିଦେଇଥିଲେ। ଶେଷ ଆଶା ନେଇ ମେ' ଶେଷ ସପ୍ତାହରେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନକୁ ଆସିଥିଲେ ରୋଗୀ। ସେଠାରେ ଗତ ୭ ତାରିଖ ଡା. ଭାରତ ଭୂଷଣ ଶତପଥୀ ଓ ଡା. ଜୀବନ ଜ୍ୟୋତି ମିଶ୍ର ତାଙ୍କର ସଫଳ ଅସ୍ତ୍ରୋପଚାର କରିଛନ୍ତି। ଏହି ଅସ୍ତ୍ରୋପଚାରରେ ରୋଗୀଙ୍କ ଗୋଟିଏ କିଡ୍‌ନୀ ବାହାର କରାଯିବା ସହ ଇନ୍‌ଫେରିଅର ଭେନାକାଭା ପର୍ଯ୍ୟନ୍ତ ଲମ୍ବିଥିବା ଟ୍ୟୁମରକୁ କାଟି ବାହାର କରି ଦିଆଯାଇଛି। ଏବେ ରୋଗୀ ଜଣକ ସୁସ୍ଥ ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଅସ୍ତ୍ରୋପଚାରରେ ଡା. ରେଖା ଦାସ, ଡା. ପ୍ରଜ୍ଞା ଦାସ, ଡା. ଶ୍ୟାମ ସାହୁ ଓ ସେବିକା ଲକି ବେହେରା ସହଯୋଗ କରିଥିଲେ।

ବିକଳ୍ପ ଶିକ୍ଷା ଓ ମେଣ୍ଟରଶିପ୍ କାର୍ଯ୍ୟକ୍ରମ ଆରମ୍ଭ

ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପଦକ୍ଷେପ

ଭୁବନେଶ୍ୱର, ୧୨।୬(ବ୍ୟୁରୋ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ବିକଳ୍ପ ଶିକ୍ଷା ଓ ମେଣ୍ଟରଶିପ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ବିଭାଗ ଅଧୀନ ୧୭୩୧ଟି ଆବାସିକ ବିଦ୍ୟାଳୟରେ ରହି ଦ୍ୱିତୀୟରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପ୍ରାୟ ୬ଲକ୍ଷ ଏସ୍‌ଟି, ଏସ୍‌ସି ଛାତ୍ରୀଛାତ୍ର ଉପକୃତ ହେବେ। ଇଣ୍ଟରନେଟ୍ ସୁବିଧା ଥିବା ଛାତ୍ରୀଛାତ୍ରଙ୍କ ପାଇଁ ବିଭାଗ ପକ୍ଷରୁ ହ୍ୱାଟସ୍‌ଆପ୍ ଗ୍ରୁପ୍ କରାଯାଇଛି। ସୀମିତ ସମୟ ସୀମାରେ ଛାତ୍ରୀଛାତ୍ରମାନେ ପାଠ୍ୟକ୍ରମର ଇ-ବିଷୟବସ୍ତୁକୁ ପଢ଼ି ପାରିବେ। ଏହି କାର୍ଯ୍ୟକ୍ରମରେ ବିଭାଗ ଦ୍ୱାରା ଗଠିତ ରାଜ୍ୟ ରିସୋର୍ସ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ଇ-ବିଷୟବସ୍ତୁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ପାଖକୁ ପଠାଯାଉଛି। ଏଥିସହିତ ଏକ ଉପାଦେୟ ଅଡିଓ ଭିଜୁଆଲ୍ ଲର୍ନିଂ ରିସୋର୍ସ ପାଠ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରାଯାଇ ବିଭାଗୀୟ ୟୁ-ଟ୍ୟୁବ୍ ଚ୍ୟାନେଲ୍ (ଇସୁ ବିଦ୍ୟା)ରେ ଅପ୍‌ଲୋଡ୍ କରାଯାଇଛି। ଯେଉଁ ଛାତ୍ରୀଛାତ୍ରଙ୍କ ପାଖରେ ଇଣ୍ଟରନେଟ ସୁବିଧା ନାହିଁ ମେଣ୍ଟର ଟିଚର ସେମାନଙ୍କ ଘରକୁ ଯାଇ ପଢାଇବେ। ଛାତ୍ରୀଛାତ୍ରଙ୍କ ମନୋବୃତ୍ତି, ମନସ୍ତତ୍ତ୍ୱ, ସେମାନଙ୍କୁ ବହି ଯୋଗାଣ ଆଦି ସମ୍ପର୍କରେ ମଧ୍ୟ ଅବଗତ ହେବେ। ବିଭାଗୀୟ ଶିକ୍ଷକମାନେ ମେଣ୍ଟର ଭାବେ ପାଠ ପଢ଼ାଉଛନ୍ତି। ମେଣ୍ଟରମାନଙ୍କ ନିମନ୍ତେ ପ୍ରତି ସପ୍ତାହରେ ବିଭାଗ ପକ୍ଷରୁ ଭର୍ଚୁଆଲ୍ ତାଲିମ ପ୍ରଦାନ କରାଯାଉଛି। ୨୧,୨୩୯ଟି ଆଦିବାସୀ ଗ୍ରାମ ନିମନ୍ତେ ସମୁଦାୟ ୪,୪୬୭ ମେଣ୍ଟର ଟିଚର ଅଛନ୍ତି। ଏହି ବିକଳ୍ପ ଶିକ୍ଷା ଓ ମେଣ୍ଟର ଟିଚର କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଏସ୍‌ଟି, ଏସ୍‌ସି ଛାତ୍ରୀଛାତ୍ରଙ୍କ ସହିତ ସମ୍ପର୍କ ସ୍ଥାପନ କରାଯାଇପାରୁଛି। ସେମାନଙ୍କୁ କ୍ରିଟିକାଲ୍ ଲାଇଫ୍ ସ୍କିଲ୍ ସପୋର୍ଟ ପ୍ରଦାନ କରାଯାଇପାରିଛି।

ସିପିପି ନିଷିଦ୍ଧାଞ୍ଚଳରେ ଟିକ୍‌ଟକ୍

ଶ୍ରମିକଙ୍କ ଗେଟ୍‌ପାସ୍ ଜବତ

ବଅଁରପାଳ, ୧୨।୬(ଡି.ଏନ.ଏ.) ଅନୁଗୋଳ ଜିଲା ବଅଁରପାଳସ୍ଥିତ ନାଲ୍‌କୋ ସିପିପି ପ୍ଲାଣ୍ଟର ନିଷିଦ୍ଧାଞ୍ଚଳରେ ଜଣେ ଠିକା ଶ୍ରମିକ ଟିକ୍‌ଟକ୍ ଭିଡିଓ ଶୁଟିଂ କରିବା ମହଙ୍ଗା ପଡିଛି। ସୋସିଆଲ ମିଡିଆରେ ଉକ୍ତ ଭିଡିଓ ଭାଇରାଲ ହେବା ପରେ ସମ୍ପୃକ୍ତ ଶ୍ରମିକଙ୍କଠାରୁ ଗେଟ୍‌ପାସ ଜବତ କରାଯାଇଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ନାଲ୍‌କୋ ସିପିପି ପ୍ଲାଣ୍ଟର ସ୍ୱିଚ୍ ୱାର୍ଡରେ କାମ କରୁଥିବା ଶ୍ରମିକ ଜଣକ ପ୍ଲାଣ୍ଟ ଭିତରେ ଟିକଟିକ୍ ଭିଡିଓ କରି ଭାଇରାଲ କରିଥିଲେ। ପ୍ଲାଣ୍ଟ ଭିତରର ଫଟୋ କିମ୍ବା ଭିଡିଓ କେହି ଉତ୍ତୋଳନ ନ କରିବାର ନିୟମ ଥିଲେ ମଧ୍ୟ ଶ୍ରମିକ ଜଣକ ତାହାର ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଫଳରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କମ୍ପାନୀ ପକ୍ଷରୁ ତାଙ୍କ ଗେଟ୍‌ପାସ ଜବତ କରାଯାଇଛି। ଏ ନେଇ ନାଲ୍‌କୋର ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି, ସମ୍ପୃକ୍ତ ଠିକା ଶ୍ରମିକ ପ୍ଲାଣ୍ଟ ପରିସରର ନିଷିଦ୍ଧାଞ୍ଚଳରେ ଯେଉଁ ଟିକ୍‌ଟକ୍ କରିଛନ୍ତି ତାହା ବେଆଇନ। ଏଥିପାଇଁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କ ଗେଟ୍ ପାସ୍ ଜବତ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

ତାଳଚେର ସାରକାରଖାନା ଅଗ୍ରଗତି ସମୀକ୍ଷା କଲେ କେନ୍ଦ୍ର ମନ୍ତ୍ରୀ

ନୂଆଦିଲ୍ଲୀ,୧୨।୬

କେନ୍ଦ୍ର ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡବୀୟ ଶୁକ୍ରବାର ତାଳଚେର ସାର କାରଖାନା ସମେତ ଦେଶର ମୋଟ ୫ ୟୁନିଟର ପୁନରୁଦ୍ଧାର ଏବଂ ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏହି ୟୁନିଟଗୁଡିକ ମଧ୍ୟରେ ତାଳଚେର ଫର୍ଟିଲାଇଜର ଲିମିଟେଡ, ହିନ୍ଦୁସ୍ଥାନ ଉର୍ବରକ ରସାୟନ ଲିମିଟେଡ, ଗୋରଖପୁର, ବରୌନି, ସିନ୍ଦ୍ରୀ ଏବଂ ରାମଗୁନ୍ଦମ ଫର୍ଟିଲାଇଜର ଆଣ୍ଡ୍ କେମିକାଲ ଲିମିଟେଡ ରହିଛି। ଭିଡିଓ କନଫରେନ୍ସିରେ ହୋଇଥିବା ବୈଠକରେ ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରକଳ୍ପଗୁଡିକର ବିଭିନ୍ନ ଦିଗ ଉପରେ ମାଣ୍ଡବୀୟ ବିଚାର କରିବା ସହ ଏଗୁଡିକ ଯେଭଳି ଧାର୍ଯ୍ୟ ସୀମା ମଧ୍ୟରେ ଶେଷ ହେବ ସେ ନେଇ ଅଂଶୀଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ ସେପ୍ଟେମ୍ବର ସୁଦ୍ଧା ରାମଗୁନ୍ଦମ ଫର୍ଟିଲାଇଜରରୁ ଉତ୍ପାଦନ ହେବା ନେଇ ସେ ସୂଚନା ଦେଇଛନ୍ତି। ସେହିଭଳି ଅନ୍ୟ ୩ ପ୍ଲାଣ୍ଟଗୁଡିକରେ ପ୍ରାୟ ୭୭% ପର୍ଯ୍ୟନ୍ତ କାମ ଶେଷ ହୋଇଛି। ଓଡିଶାର ତାଳଚେର ଫର୍ଟିଲାଇଜର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ, ୟୁନିଟର ପ୍ରକଳ୍ପ ପୂର୍ବବର୍ତ୍ତୀ କାର୍ଯ୍ୟ ଚାଲୁ ରହିଛି। କୋଭିଡ ଯୋଗୁ ପ୍ରକଳ୍ପ କାର୍ଯ୍ୟରେ ଚ୍ୟାଲେଞ୍ଜ ଆସିଥିଲେ ମଧ୍ୟ ଏହାର ଅଗ୍ରଗତି ନେଇ ଯୋଜନା ହାତକୁ ନିଆଯାଇଛି ବୋଲି ମାଣ୍ଡବୀୟ କହିଛନ୍ତି।

ତାଲିକାରେ ଅଣସେବକଙ୍କ ନାଁ

ପୁରୀ ଅଫିସ,୧୨।୬

- କରୋନା ସହାୟତାରେ ଚଞ୍ଚକତା
- ସହାୟତାରୁ ବଞ୍ଚିତ ପାଣିଆ ଆପଟ ନିଯୋଗର ୭ ସଦସ୍ୟ
- ଉପଯୁକ୍ତ ତଦନ୍ତ ଦାବି କଲେ ନିଯୋଗ ସମ୍ପାଦକ

କରୋନା ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ପ

ନିଜ ଭିତରେ ଆଲୋକ ଜଳି ଉଠିବା ପର୍ଯ୍ୟନ୍ତ ତୁମେ ତୁମ ନିଜ ପାଇଁ କେତେକ ନୀତି ସ୍ଥିର କରିନିଅ। କିନ୍ତୁ ସେହି ନୀତିଗୁଡିକ ଯେପରି ତୁମକୁ ବାନ୍ଧି ନ ପକାଏ ବା ତୁମକୁ ଗୋଟିଏ ଜାଗାରେ ଲାଖି ନ ରଖାଏ !! –ଶ୍ରୀମା

ହସିବା କଥା ନୁହେଁ

ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଫେସ୍‌ବୁକ୍ ଫଟୋ ଭାଇରାଲ ଘଟଣାର ଏକ ସପ୍ତାହ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପୂରା ମିଡିଆ ଟିମ୍‌କୁ ବଦଳାଇଦେଇଛି। ବାତ୍ୟା ଅମ୍ଫନ୍ ଏବଂ ଚିଲିଫ୍ କାର୍ଯ୍ୟ ପରେ ମନ୍ତ୍ରଣାଳୟର ଫେସ୍‌ବୁକ୍ ଆକାଉଣ୍ଟ୍ ପରିଚାଳନା କରୁଥିବା ବ୍ୟକ୍ତି ଜଳଖିଆ ଏବଂ ଦୁଇଟି ହ୍ୱିସ୍କି ବୋତଲ ଥୁଆ ହୋଇଥିବା ଏକ ଟେବୁଲର ଫଟୋ ଅପଲୋଡ୍ କରିଥିଲେ। ଭୁଲ୍ ହୋଇଯାଇଛି ବୋଲି ଜାଣିବା ପରେ ଫଟୋଟିକୁ କାଢ଼ି ଦିଆଯାଇଥିଲେ ମଧ୍ୟ ଏହା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଭାଇରାଲ ହେବାରେ ସଫଳ ହୋଇଥିଲା। ସୂଚନାନୁସାରେ, ଭାରତୀୟ ସୂଚନା ସେବା ବିଭାଗର ବରିଷ୍ଠ ଅଧିକାରୀ ନିତୀନ୍ ଡି. ୱାକାଙ୍କର୍ ବର୍ତ୍ତମାନ ନୂତନ ମିଡିଆ ଟିମ୍‌ର ନେତୃତ୍ୱ ନେଉଥିବାବେଳେ ତାଙ୍କ ପୂର୍ବତନ ଅଧିକାରୀ ବସୁଧା ଗୁପ୍ତାଙ୍କୁ ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ (ପିଆଇବି)ର ଫ୍ୟାକ୍ଟ-ଚେକିଂ ୟୁନିଟ୍‌ର ମହାନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ୱାକାଙ୍କର୍ ଏହା ପୂର୍ବରୁ ସିବିଆଇ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଭାବେ କାର୍ଯ୍ୟ କରିଥିଲେ। ଏହା ମଧ୍ୟ ଜାଣିବାକୁ ମିଳିଛି ଯେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ବିରାଟ ମଜୁମଦାରଙ୍କୁ ଅଲ୍ ଇଣ୍ଡିଆ ରେଡିଓକୁ ବଦଳି କରାଯାଇଛି। ବୋଧହୁଏ, ଏହା ଏକମାତ୍ର ଗଡ଼ବଡ଼ ଘଟଣା ନୁହେଁ ଏବଂ ଶାହା ତାଙ୍କ ମନ୍ତ୍ରଣାଳୟରେ ବାବୁଙ୍କ ଦାୟିତ୍ୱହୀନତାକୁ ସହ୍ୟ କରିବାର ଉଦାହରଣ ନାହିଁ। ମିଡିଆ ଟିମ୍ ମନ୍ତ୍ରଣାଳୟ ଓ ସରକାରଙ୍କ ସଫଳତାର ବିବରଣୀ ପ୍ରସ୍ତୁତ କରିବା ଅବସରରେ ସେଥିରେ ମୋଦି-ଶାହାଙ୍କ ନାଗରିକତ୍ୱ ସଂଶୋଧନ ଆଇନକୁ ଅନ୍ତର୍ଭୁକ୍ତ ନ କରି ସାଂଘାତିକ ତ୍ରୁଟି କରିଛି। ଆଜ୍ଞା ହଁ, ତାହା ଆଦୌ କ୍ଷମାଯୋଗ୍ୟ ନୁହେଁ!

କେରଳରେ ସମ୍ଭାବ୍ୟ ଅଦଳବଦଳ

ଅତିରିକ୍ତ ମୁଖ୍ୟ ସଚିବ (ଗୃହ ଓ ଭିଜିଲାନ୍ସ) ବିଶ୍ୱାସ ମେହେଟ୍ଟାଙ୍କୁ କେରଳର ନୂତନ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦିଆଯିବା ଫଳରେ ଚଳିତ ମାସରେ ଅବସର ନେଇଥିବା ଟମ୍ ଜୋସ୍‌ଙ୍କ ଉତ୍ତରାଧିକାରୀ କିଏ ହେବ ସେ ନେଇ ଚାରିଆଡ଼େ ଚାଲିଥିବା ଜନରବ ଶାନ୍ତ ପଡ଼ିଯାଇଛି। ମେହେଟ୍ଟା ମୁଖ୍ୟ ସଚିବ ହେବା ପରେ ଗୁରୁତ୍ୱପୂର୍ଣ୍ଣ ଗୃହ ସଚିବ ପଦବୀରେ ଅନ୍ୟ କାହାକୁ ନିଯୁକ୍ତି ଦେବାକୁ ପଡ଼ିବ ଏବଂ ସେଥିପାଇଁ ଅନ୍ୟ ବିଭାଗରେ ମଧ୍ୟ ଅଦଳବଦଳ ଆବଶ୍ୟକ ହେବ। ସୂଚନାନୁସାରେ, ଅତିରିକ୍ତ ମୁଖ୍ୟ ସଚିବ ଟି.କେ. ଜୋସ୍ ଓ ଆଶା ଟମାସ୍ ଏବଂ ପ୍ରମୁଖ ସଚିବ ଭି. ବେଣୁ ଗୃହ ସଚିବ ପଦ ପାଇଁ ଦୌଡ଼ରେ ଆଗରେ ଅଛନ୍ତି। ୧୯୮୯ ବ୍ୟାଚ୍‌ର ଅନ୍ୟ ଜଣେ ବରିଷ୍ଠ ଅଧିକାରୀ ଦେବେନ୍ଦ୍ର କୁମାର ସିଂ କେନ୍ଦ୍ର ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ବିକାଶ କମିଶନର ଭାବେ କେନ୍ଦ୍ରୀୟ ଡେପୁଟେଶନରେ ରାଜ୍ୟ ଛାଡିଛନ୍ତି। ସେ ରାଜ୍ୟରେ ଅତିରିକ୍ତ ମୁଖ୍ୟ ସଚିବ (କୃଷି) ଦାୟିତ୍ୱ ତୁଲାଉଥିଲେ। ତଥାପି, ଅନେକ ପର୍ଯ୍ୟବେକ୍ଷକ ଆଶା କରନ୍ତି ନାହିଁଯେ, ଏହିଅଦଳବଦଳରେ ଜିଲାପାଳମାନଙ୍କୁ ଅନ୍ତତଃ ଆଉ କିଛିମାସ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ କରାଯିବ, କାରଣ ଏହାଦ୍ୱାରା କୋଭିଡ୍-୧୯ ମହାମାରୀକୁ ନିୟନ୍ତ୍ରଣ କରିବାର ପ୍ରୟାସ ପ୍ରଭାବିତ ହୋଇପାରେ। କୋଟାୟାମ୍ ଜିଲାପାଳ ପି. ସୁରେଶ ବାବୁଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ହୋଇପାରେ କାରଣ ସେ ଅବସର ନେବାକୁ ଯାଉଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ୧୯୯୦ ବ୍ୟାଚ୍ ଅଧିକାରୀମାନଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ଭାବରେ ପଦୋନ୍ନତି ଦେବା ପାଇଁ ତାଲିକାଭୁକ୍ତ କରିଛନ୍ତି। ଏହି ତାଲିକାରେ ଥିବା ବ୍ୟକ୍ତିମାନେ ହେଉଛନ୍ତି ଅଳକେଶ କୁମାର ଶର୍ମା, ଭି. ବେଣୁ, ଜି. କମଳା ବର୍ଦ୍ଧନ ରାଓ ଏବଂ ସାରଦା ମୁରଲୀଧରନ୍। ରାଓଙ୍କୁ ଛାଡି ଅନ୍ୟ ସମସ୍ତେ ରାଜ୍ୟ କ୍ୟାଡରରେ କାର୍ଯ୍ୟ କରୁଥିବାବେଳେ ରାଓ ଭାରତ ପର୍ଯ୍ୟଟନ ବିକାଶ ନିଗମର ଚେୟାରମ୍ୟାନ୍ ଭାବରେ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି।

ପିଏମ୍‌ଓ ବାବୁଙ୍କୁ ଲୋଭନୀୟ ପଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ସଚିବ ରାଜୀବ ଟମ୍ଟା ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ଯୁଗ୍ମ ସଚିବ ବ୍ରଜେନ୍ଦ୍ର ନବନୀତ ବର୍ତ୍ତମାନ ଯଥାକ୍ରମେ ବିଶ୍ୱବ୍ୟାଙ୍କ ଏବଂ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ)ରେ ନିଯୁକ୍ତି ପାଇବାକୁ ଯାଉଛନ୍ତି। ଏହା ମୋଦି ସରକାର ଦ୍ୱାରା ଘୋଷିତ କେତେକ ଆକର୍ଷଣୀୟ ବିଦେଶୀ ନିଯୁକ୍ତିର ଅନ୍ତର୍ଗତ। ଏହି ବରିଷ୍ଠ ଆଇଏଏସ୍ ବାବୁଦ୍ୱୟଙ୍କ ବିଦାୟକୁ ସର୍ବକ୍ଷମତାଶାଳୀ ପିଏମ୍‌ଓର ଅନୁଗ୍ରହ ହରାଇବା ଯୋଗୁ ନୁହେଁ, ବରଂ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଆନୁଗତ୍ୟ ପାଇଁ ପୁରସ୍କାର ଭାବରେ ଦେଖାଯାଉଛି। ସର୍ବୋପରି ୧୯୯୬ ବ୍ୟାଚ୍ ଗୁଜରାଟ କ୍ୟାଡର ଅଧିକାରୀ ଟମ୍ଟା ୨୦୧୪ରୁ ମୋଦିଙ୍କ ବ୍ୟକ୍ତିଗତ ସଚିବ ରହିଆସିଛନ୍ତି। ସେହିପରି ତାମିଲନାଡୁ କ୍ୟାଡରର ନବନୀତଙ୍କୁ ୨୦୧୬ରେ ହୋଇଥିବା ଅଦଳବଦଳ ସମୟରେ ଯୁଗ୍ମସଚିବ ଭାବରେ ନିଯୁକ୍ତ କରାଯାଇଥିଲା ଏବଂ ଗତବର୍ଷ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ଟମ୍ଟା ଅର୍ଥନୈତିକ ବ୍ୟାପାର ବିଭାଗ ଅଧୀନରେ ବିଶ୍ୱବ୍ୟାଙ୍କର ନିର୍ବାହୀ ନିର୍ଦ୍ଦେଶକଙ୍କ ବରିଷ୍ଠ ପରାମର୍ଶଦାତା ଭାବେ ନିଯୁକ୍ତି ପାଇଥିବାବେଳେ ନବନୀତ ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ ଭାରତର ବାଣିଜ୍ୟ ରାଷ୍ଟ୍ରଦୂତ ତଥା ଡବ୍ଲୁଟିଓର ସ୍ୱତନ୍ତ୍ର ପ୍ରତିନିଧି ହୋଇଛନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ ଅର୍ଥନୀତି ଏବଂ ବିଶ୍ୱ ବାଣିଜ୍ୟର ଅବସ୍ଥା ଖରାପ ହୋଇଯାଇଥିବା ବେଳେ ଏହି ସମୟରେ ସେମାନଙ୍କ ନିଯୁକ୍ତି ଗୁରୁତ୍ୱପୂର୍ଣ୍ଣ। ଉଭୟ ବିଶ୍ୱବ୍ୟାଙ୍କ ଏବଂ ଡବ୍ଲୁଟିଓ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବରେ ଆର୍ଥିକ ଅଭିବୃଦ୍ଧିରେ ଦେଖାଦେଇଥିବା ମାନ୍ଦାବସ୍ଥା ଦୂରକରିବା ଏବଂ ବାଣିଜ୍ୟରେ ଉନ୍ନତି ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଟମ୍ଟା ଏବଂ ନବନୀତଙ୍କ ବ୍ୟତୀତ କ୍ୟାବିନେଟ୍ ନିଯୁକ୍ତି କମିଟି (ଏସିସି) ଅନ୍ୟ ପାଞ୍ଚଜଣ ଅଧିକାରୀଙ୍କୁ ବିଦେଶରେ ନିଯୁକ୍ତି ପାଇଁ ମନୋନୀତ କରିଛି। ଏହି ବାବୁମାନେ ଆମେରିକା, ଚାଇନା, ସୁଇଜରଲାଣ୍ଡ, ଫିଲିପାଇନ୍ସ ଏବଂ ବେଲଜିୟମ୍ ଭଳି ଦେଶ ସହିତ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ପାଇଁ କାର୍ଯ୍ୟ କରିବେ। ସେମାନେ ହେଉଛନ୍ତି ରବି କୋଟା, ଅନୱାର ହୁସେନ୍ ଶେଖ୍, ଏନ୍. ଅଶୋକ କୁମାର, ଲେଖନ ଠକ୍କର ଏବଂ ଏଚ୍. ଆଥେଲି।

Email: dilipcherian@gmail.com

su | do | ku

Puzzles by Srikant Ghosh

ସୁ-ଡୋ-କୁ

B		E					2	A
1	8			B				
		D						1
			A	E			D	8
		6						
	4			D	B		3	
			2		6			E
	1				3			
		B	0	C				
								5
					2			9
A						7	E	4
				1	0	A	C	
	3	2				8		
	7		9	4		6		

	4							
7	3					D		
6		4			E	7		
5	9	3			1			
8	C			1				
		9			4			
2	D							
1		C	B	0				
	3				5			
D	2							
B	E	5	1	0	4			
D	B				E			
	E			A	6			
		8						

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

1	A	8	B	D	4	E	C	5
9	B	3	5	1	0	7	4	A
6	C	7	A	3	2	8	9	D
2	E	D	9	8	7	6	0	1
4	0	5	6	C	E	2	B	3
C	6	B	E	2	9	4	A	0
8	4	A	0	7	3	D	2	B
E	1	0	D	6	8	5	3	7
3	D	2	1	5	A	C	8	9
5	7	9	4	B	C	1	E	6
B	3	4	2	9	D	0	5	E
A	2	6	8	E	1	9	7	C
D	9	1	7	4	5	A	6	2
7	8	E	C	0	B	3	1	4
0	5	C	3	A	6	B	D	8

2	9	0
D	6	C
B	E	5
3	A	4
7	1	8
1	3	7
E	5	9
6	0	B
8	D	2
A	8	6
4	B	3
C	E	8
9	7	1

7	3	6
2	E	8
1	0	4
B	5	C
D	9	A
5	8	D
6	C	1
9	2	B
4	7	E
3	A	0
C	1	7
0	D	5
8	B	3
A	6	9
E	4	2

ଗତକାଲିର ଉତ୍ତର

ସହଭାଗିତାରେ ପରିଚାଳିତ ହେଉ ସଙ୍ଗରୋଧ କେନ୍ଦ୍ର

ନଟବର ଖୁଣ୍ଟିଆ

କୋଭିଡ୍-୧୯ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଯେଉଁ ତାଲାବନ୍ଦ ଘୋଷଣା ହୋଇଛି ସେଥିରେ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଦାଦନ ଶ୍ରମିକ ସବୁଠାରୁ ଅଧିକ। ତାଲାବନ୍ଦ ସମୟରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଘୋଷଣା କଲେ ଯେ, ଯେଉଁ ଶ୍ରମିକମାନେ ଯେଉଁଠି କାମ କରୁଛନ୍ତି ସେଇଠି ରହିବେ, ସେମାନଙ୍କର ଖାଦ୍ୟପେୟ ଓ ରହିବାର ବ୍ୟବସ୍ଥା ସ୍ଥାନୀୟ ସରକାର, ନିଯୁକ୍ତିଦାତା, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ବୁଝିବେ। ଆମ ଓଡ଼ିଶା ସରକାର ପାଦେ ଆଗକୁ ବଢ଼ିଯାଇ ବିଭିନ୍ନ ରାଜ୍ୟ ସରକାରଙ୍କୁ ପତ୍ର ଲେଖିଲେ ଯେ, ଓଡ଼ିଆ ଶ୍ରମିକମାନଙ୍କର ରହଣି ଖର୍ଚ୍ଚ ଓଡ଼ିଶା ସରକାର ବହନ କରିବେ। କେବଳ ସେତିକି ନୁହେଁ, ରାଜ୍ୟ ସରକାର ଆଠ ଜଣ ଆଇଏଏସ୍ ଅଫିସରଙ୍କୁ ନୋଡାଲ ଅଫିସର ରୂପେ ଦାୟିତ୍ୱ ଦେଇ କହିଲେ, ଏହି ଅଫିସରମାନେ ଅନ୍ୟ ରାଜ୍ୟରେ ଥିବା ଓଡ଼ିଆ ଶ୍ରମିକମାନଙ୍କର ସମସ୍ୟା ବୁଝି ତା'ର ସମାଧାନ କରିବେ। ଏହା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ଥିଲା, କିନ୍ତୁ କାର୍ଯ୍ୟକାରୀ ହେଲାନି। ପ୍ରବାସୀ ଓଡ଼ିଆ ଶ୍ରମିକମାନେ ତାଲାବନ୍ଦର ଦୁଇ ସପ୍ତାହ ଧୈର୍ଯ୍ୟ ଧରି ରହିଲେ। ଏହି ସମୟରେ ଦେଖିଲେ ଯେ, ତାଲାବନ୍ଦ ସମୟରେ ସେମାନଙ୍କୁ ମଜୁରି ମିଳିଲା ନାହିଁ। ପ୍ରଥମେ କେତେଦିନ ସରକାର, ସଂପୃକ୍ତ କମ୍ପାନୀ ଏବଂ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଖାଦ୍ୟପେୟର ବ୍ୟବସ୍ଥା କଲେ। ପରେ ବନ୍ଦ ହୋଇଗଲା। ସେମାନଙ୍କ ସଞ୍ଚୟ ଶେଷ ହୋଇଗଲା। ନିକଟରେ ଶିଳ୍ପ ସଂସ୍ଥା ଖୋଲିବାର ସମ୍ଭାବନା ଦେଖାଗଲା ନାହିଁ। ତାଲାବନ୍ଦକୁ ସଂପ୍ରସାରଣ କରାଗଲା। ସେମାନେ ଘରଭଡ଼ା ଦେଇ ନ ପାରିବାରୁ ଘର ମାଲିକମାନେ ଘର ଛାଡ଼ିବାକୁ କହିଲେ। ପୁନଶ୍ଚ ଏହି ଶ୍ରମିକମାନେ ଛୋଟ ଛୋଟ କୋଠରିରେ ଖୁନ୍ଦାଖୁନ୍ଦି ହୋଇ ରହୁଥିଲେ। ଭୂତାଣୁ ସଂକ୍ରମଣର ଭୟ ବଢ଼ିଲା। ଆଖି ଆଗରେ ଦେଖିଲେ ଭୂତାଣୁ ସଂକ୍ରମିତ ରୋଗୀକୁ ସମାଜ କିପରି ବ୍ୟବହାର କରୁଛି। ସେମାନେ ଆତଙ୍କିତ ହୋଇପଡ଼ିଲେ। ସେମାନେ ଦାବିକଲେ ଏବଂ ଅନେକ ସ୍ଥାନରେ ଆନ୍ଦୋଳନ କଲେ ନିଜ ନିଜ ଘରକୁ ଫେରିଯିବା ପାଇଁ ସରକାର ପରିବହନ ବ୍ୟବସ୍ଥା କରନ୍ତୁ। ଏପରି ଧୈର୍ଯ୍ୟହରା ହୋଇପଡ଼ିଲେ ଯେ କିଏ ପାଦରେ ଚାଲି ଚାଲି ଆସିଲା, କିଏ ସାଇକେଲରେ, କିଏ ସମୁଦ୍ର ପଥରେ ନୌକା କରି ଜୀବନକୁ ପାଣି ଛଡ଼ାଇ ଆସିଲା। ଆସିଲାବେଳେ କିଏ ଖାଇବାକୁ ନ ପାଇ ପ୍ରାଣ ହରାଇଲା, କିଏ ଦୁର୍ଘଟଣାରେ ପ୍ରାଣ ହରାଇଲା। ଶେଷରେ ତାଲାବନ୍ଦ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଠିକ୍ କଲେ ପ୍ରବାସୀ ଶ୍ରମିକମାନଙ୍କୁ ରେଳ ଯୋଗେ, ବସ୍ ଯୋଗେ ଫେରାଇ ଆଣିବାକୁ।

ଆମ ରାଜ୍ୟ ସରକାର ଏକ ସୁଚିନ୍ତିତ ଲମ୍ବା ଫର୍ଦ୍ଦ ପ୍ରସ୍ତୁତ କଲେ ପ୍ରବାସୀ ଶ୍ରମିକମାନେ ରାଜ୍ୟକୁ ଫେରିଲେ ସେମାନଙ୍କୁ କେଉଁଠି ସ୍ୱାଗତ କରାଯିବ- କାହାକୁ କେଉଁଠି ସଙ୍ଗରୋଧ କେନ୍ଦ୍ରରେ ରଖାଯିବ, ସେମାନଙ୍କର ଖାଦ୍ୟପେୟର କି ବ୍ୟବସ୍ଥା ହେବ, ସେମାନଙ୍କ ଅତ୍ୟାବଶ୍ୟକ ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ କ'ଣ କ'ଣ ହେବ, କିପରି ଦିଆଯିବ, ଖାଦ୍ୟପେୟର ମେନୁ କ'ଣ ହେବ ଇତ୍ୟାଦି। ସେମାନେ ଆସିଲେ ରାଜ୍ୟର ୬୭୯୮ଟି ପଞ୍ଚାୟତରେ ୧୬ ହଜାର ୬୨୬ ସଙ୍ଗରୋଧ କେନ୍ଦ୍ର ବା ଅସ୍ଥାୟୀ ଚିକିତ୍ସା କେନ୍ଦ୍ରରେ ରହିବେ। ଏହିସବୁ କେନ୍ଦ୍ରର ବେଡ୍ ସଂଖ୍ୟା ହେଲା ୭ ଲକ୍ଷ ୩୧ ହଜାର ୧୧୩। ପଞ୍ଚାୟତର ସରପଞ୍ଚମାନଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଗଲା ଏବଂ ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ଦିଆଗଲା। ବିଭିନ୍ନ ରାଜ୍ୟରୁ ପ୍ରଥମେ ପ୍ରବାସୀ ଶ୍ରମିକମାନେ ବସ୍‌ରେ ଆସିଲେ, ଏବେ ପ୍ରତିଦିନ ରେଳ ଯୋଗେ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ ଆସିଲେଣି। ସେମାନେ ଆସିଲା ପରେ କିପରି କେଉଁ ସଙ୍ଗରୋଧ କେନ୍ଦ୍ରକୁ ଯିବେ ତା'ର ମଧ୍ୟ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ସରକାର। କିନ୍ତୁ ପ୍ରକୃତ କ୍ଷେତ୍ରରେ କାର୍ଯ୍ୟକାରୀ କରିବାରେ ଅନେକ ସମସ୍ୟା ଦେଖାଯାଉଛି। ସେମାନଙ୍କୁ ଠିକ୍ ସମୟରେ ଖାଦ୍ୟ, ପାନୀୟ ଦିଆଯାଉ ନାହିଁ। ସେମାନେ ପହଞ୍ଚିବା ପରେ ଯଥାସମୟରେ ସଙ୍ଗରୋଧ କେନ୍ଦ୍ରକୁ ନିଆଯାଉ ନାହିଁ। ସଙ୍ଗରୋଧ କେନ୍ଦ୍ରରେ ବିଭିନ୍ନ ସମସ୍ୟା। କେଉଁଠି ସ୍ଥାନୀୟ ଲୋକେ ସଙ୍ଗରୋଧ କେନ୍ଦ୍ରରେ ସେମାନଙ୍କୁ ପୂରାଇଦେଉ ନାହାନ୍ତି। ସେମାନେ ବିଭିନ୍ନ ସମସ୍ୟା ମଧ୍ୟରେ ଅତ୍ୟାଚାରିତ ହୋଇଆସୁଥିବାରୁ ମାନସିକ ସନ୍ତୁଳନ ହରାଇ ଅନେକ ବିଶୃଙ୍ଖଳ ଆଚରଣ ପ୍ରଦର୍ଶନ କରୁଛନ୍ତି। କିଏ ସଙ୍ଗରୋଧ କେନ୍ଦ୍ର ଛାଡ଼ି ଲୁଚି ପଳାଇଲାଣି। ସରକାର ସଙ୍ଗରୋଧ ପାଇଁ ଯେଉଁ ନୀତିନିୟମ ପ୍ରଣୟନ କରିଛନ୍ତି ତାକୁ ମାନିବାକୁ ନାରାଜ କେହି କେହି।

ସରକାର ସିନା ଉପର ସ୍ତରରୁ ନୀତି ନିୟମ କରି ତଳ ସ୍ତରକୁ ନିର୍ଦ୍ଦେଶ ଦେଇଦେଲେ କିନ୍ତୁ ଜିଲା ଓ ବ୍ଲକ୍ ସ୍ତରରେ ଅମଲାତନ୍ତ୍ର ଏହା ପାଳନ କରୁନାହିଁ କେତେକ ସ୍ଥାନରେ। ପ୍ରବାସୀ ଶ୍ରମିକମାନଙ୍କୁ କେତେକ ସ୍ଥଳରେ ଅମଲାମାନେ ସହାନୁଭୂତି ପ୍ରଦର୍ଶନ ନ କରି ଅମାନୁଷିକ ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ ଆସୁଛି। ଅମଲାତନ୍ତ୍ରର ମଧ୍ୟ ସମସ୍ୟା ଅଛି। ଯଥେଷ୍ଟ ସଂଖ୍ୟାରେ କର୍ମଚାରୀ ନାହାନ୍ତି ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ। ମିସନାରୀ ଜିଲ୍ ନ ଥିଲେ ଏସବୁ କାର୍ଯ୍ୟ କରିବା ସମ୍ଭବ ନୁହେଁ। ଏଣେ ସରପଞ୍ଚଙ୍କୁ ଜିଲାପାଳ କ୍ଷମତା ଦିଆଯାଉଛି କିନ୍ତୁ ତାଙ୍କ ପାଖରେ ମାନବ ସମ୍ବଳ କାହିଁ ସେଇ କ୍ଷମତାକୁ ପ୍ରୟୋଗ କରି କେନ୍ଦ୍ରର ସୁପରିଚାଳନା କରିବା ପାଇଁ। ଅନେକ ପଞ୍ଚାୟତରେ ପିଅନଟିଏ ନାହିଁ। ଯିଏ ବା ଅଛି ତା'ର ମାସିକ ବେତନ ପାଞ୍ଚଶହ ଟଙ୍କା ମଧ୍ୟରେ ସୀମିତ। ସେ କ'ଣ ମନପ୍ରାଣ ଦେଇ ସରପଞ୍ଚକୁ ସାହାଯ୍ୟ କରିବ? ସରପଞ୍ଚମାନଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ଲେଖା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଆଯାଇଛି। ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀକୁ ଦୁଇ ତିନିଗୋଟି ପଞ୍ଚାୟତ ଦେଖିବାକୁ କୁହାଯାଉଛି, ଏଥିରେ ସରପଞ୍ଚମାନେ କରିବେ କ'ଣ ?

ରାଜ୍ୟ ସରକାର ଅତିମାତ୍ରାରେ ଅମଲାତନ୍ତ୍ର ଉପରେ ନିର୍ଭର କରୁଛନ୍ତି। ମନ୍ତ୍ରୀ, ବିଧାୟକ, ସାଂସଦ, ସ୍ଥାନୀୟ ନେତା, ସ୍ଥାନୀୟ ସମାଜସେବୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଆଦୌ ବିଶ୍ୱାସକୁ ନେଉ ନାହାନ୍ତି। ଏମାନେ ସମସ୍ତେ ଲୋକସଂପର୍କରେ ଥାଆନ୍ତି ଆଉ ସ୍ଥାନୀୟ ଲୋକଙ୍କର ମନୋଭାବ ଜାଣିବା ସହିତ ସେମାନଙ୍କ ଉପରେ ପ୍ରଭାବ ଥାଏ। ଯେଉଁ ସଙ୍ଗରୋଧ କେନ୍ଦ୍ର ଅବା ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ପଞ୍ଚାୟତ ସ୍ତରରେ ଗଠନ କରାଯାଉଛି ତା'ର ପରିଚାଳନା ଭାର ସରପଞ୍ଚ ଓ ଅମଲାଙ୍କ ହାତରେ ଛାଡ଼ି ନ ଦେଇ ଏମାନଙ୍କର ପ୍ରତିନିଧିକୁ ସାମିଲ କଲେ କାମଟି ସୁରୁଖୁରୁରେ ପରିଚାଳିତ ହୁଅନ୍ତା। ଏ ବିଷୟରେ କ୍ଷମତାସୀନ ଦଳର ଜଣେ ପୂର୍ବତନ ମନ୍ତ୍ରୀ ଓ ବର୍ତ୍ତମାନର ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଥିବା ବେଳେ, ଜଣେ ସାଂସଦ ଜିଲାପାଳଙ୍କୁ ଚ

କେସିସି ବ୍ୟାଙ୍କ ଦୁର୍ନୀତି

ମାଲକାନଗିରି,୧୨।୬(ଡି.ଏନ୍.ଏ.): ମାଲକାନଗିରି ଜିଲା ସଦର ମହକୁମା କେ.ସି.ସି. ବ୍ୟାଙ୍କ ଶାଖାରେ ଋଣ ନେଇଥିବା ଚାଷୀଙ୍କ ଋଣ ଖାତାରେ ଜାଲିଆତି କରି ୯୧ଜଣ ବେନାମୀ ଚାଷୀଙ୍କ ନାମରେ ୪୯ ଲକ୍ଷ ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଜଣେ ଚାଷୀଙ୍କ ନାମରେ ଦୁଇ ଦୁଇଥର ଋଣ ଉଠାଯାଇଛି। ଲ୍ୟାମ୍ପର ପୂର୍ବତନ ନିର୍ଦ୍ଦେଶକ ଅରକ୍ଷିତ ନାୟକ, ପୂର୍ବତନ ପରିଚାଳକ ଖୋକନ କୁମାର ବାରୋଇ, ଅମଲ କପାସିଆ, ନିତ୍ୟ ମଣ୍ଡଳ ପ୍ରମୁଖ ଏପରି ଅଭିଯୋଗ ଆଣିଛନ୍ତି। ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ଏବଂ ଜୟପୁର କେସିସି ବ୍ୟାଙ୍କର ସମ୍ପାଦକ, କୋର୍ପରେଟିଭ୍ ସୋସାଇଟି, ଜୟପୁର ଡିଭିଜନର ଡେପୁଟି ରେଜିଷ୍ଟ୍ରାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଏନେଇ ଲିଖିତ ଭାବେ ଅବଗତ କରାଯାଇଛି।

ସଂକ୍ଷେପରେ

ରାତ୍ରି କର୍ଫ୍ୟୁ, ଶଟ୍‌ଡାଉନରେ ଖୋଲା ରହିବ ରାସ୍ତାକଡ଼ ଢାବା

ଭୁବନେଶ୍ୱର,୧୨।୬(ବ୍ୟୁରୋ): ଶଟ୍‌ଡାଉନ ଏବଂ ଲକ୍‌ଡାଉନର କର୍ଫ୍ୟୁ ସମୟରେ ସମସ୍ତ ଢାବା ଖୋଲା ରହିବ। ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଥିବା ବେଳେ ଲକ୍‌ଡାଉନ କଟକଣା କ୍ରମଶଃ କୋହଳ ହୋଇଚାଲିଛି। ମାତ୍ର ଏହି ଜୁନ୍ ମାସ ସମସ୍ତଙ୍କ ଲାଗି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସରକାର କହିଛନ୍ତି। ଦୁଇ ସପ୍ତାହ ଧରି ମୌସୁମୀ ବର୍ଷା ହେବ। ଏହା ମଧ୍ୟ ବହୁତ ମାତ୍ରାରେ ପ୍ରଭାବ ପକାଇବ ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ସେହି ଅନୁଯାୟୀ ସରକାର ସନ୍ଧ୍ୟା ୭ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ର କର୍ଫ୍ୟୁକୁ ଜୋର୍‌ଦାର କରିବା ଲାଗି କହିଛନ୍ତି। ଏହାସହ ସପ୍ତାହକୁ ଶନିବାର, ରବିବାର ୧୧ଟି ଜିଲାକୁ ସମ୍ପୂର୍ଣ୍ଣ ଶଟ୍‌ଡାଉନ ରଖିବା ଲାଗି ଘୋଷଣା କରିଛନ୍ତି। ତେଣୁ ରାତ୍ରି କର୍ଫ୍ୟୁ ଏବଂ ଶଟ୍‌ଡାଉନ ସମୟରେ ଏଥର ଉଭୟ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ କଡରେ ଥିବା ଢାବା ଖୋଲାଯାଇପାରିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନ ଘୋଷଣା କରିଛନ୍ତି। ଶୁକ୍ରବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ସମୟରେ ଢାବାଗୁଡିକ କେବଳ ପାର୍ସଲ ଦେବେ। ଢାବାରେ ବସି କେହି ଖାଇପାରିବେ ନାହିଁ। ରାତିରେ ଜରୁରିକାଳୀନ ସାମଗ୍ରୀ ନେବା ଆଣିବା କରୁଥିବା ଗାଡିର ଡ୍ରାଇଭର ଅସୁବିଧା ଭୋଗୁଥିବାରୁ ଏହି ପଦକ୍ଷେପ ନିଆଯାଇଛି।

ଗାଡ଼ିଆରୁ ମସ୍ତକ ବିହୀନ ବିଷ୍ଣୁମୂର୍ତ୍ତି ଉଦ୍ଧାର

ବାଲେଶ୍ୱର ଅଫିସ, ୧୨।୬: ବାଲେଶ୍ୱର ଜିଲା ଔପଦା ବ୍ଲକ ଦକ୍ଷିଣନରସିଂହପୁର ପଞ୍ଚାୟତ ପ୍ରତାପଡ଼ା ଗାଁର ଜଗନିବାସ ପାଣିଗ୍ରାହୀଙ୍କ ଗାଡ଼ିଆରୁ ଗୁରୁବାର ଏକ ମସ୍ତକ ବିହୀନ ବିଷ୍ଣୁମୂର୍ତ୍ତି ଉଦ୍ଧାର କରାଯାଇଛି। ଗାଡିଆକୁ ପ୍ରାୟ ୧୦ଫୁଟରୁ ଉର୍ଦ୍ଧ୍ୱ ଗଭୀର ପର୍ଯ୍ୟନ୍ତ ଖୋଳାଯିବା ପରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧରିଥିବା ଏକ ମସ୍ତକ ବିହୀନ ବିଷ୍ଣୁମୂର୍ତ୍ତି ଉଦ୍ଧାର ହୋଇଛି। ତେବେ ଏହି ମୂର୍ତ୍ତିଟି ପ୍ରାଚୀନ କାଳର ବୋଲି ଚର୍ଚ୍ଚା ହେଉଛି। ଏହି ଖବର ପ୍ରଚାରିତ ହେବା ପରେ ମୂର୍ତ୍ତିକୁ ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳ ଲୋକାରଣ୍ୟ ହୋଇପଡିଥିଲା। କେହି ଏହାକୁ ପ୍ରାଚୀନ କାଳର ବୋଲି କହୁଥିବା ବେଳେ କେହି ଏହି ମୂର୍ତ୍ତିକୁ ଗାଡ଼ିଆ ଭିତରକୁ ଫିଙ୍ଗି ଦେଇଥିବା ମତ ଦେଇଛନ୍ତି। ଖବରପାଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ପିଡି ୱାଟରସେଟ୍ ବିଚିତ୍ର ନାରାୟଣ ମନ୍ତ୍ରୀ, ଏଏସ୍‌ସିଓ ସୌମ୍ୟରଞ୍ଜନ ଶତପଥି, ଏସ୍‌ସିଓ ବିକାଶ କୁମାର ସ୍ୱାଇଁ ଶୁକ୍ରବାର ଅପରାହ୍ନରେ ପହଞ୍ଚି ପରିଦର୍ଶନ କରିବା ସହ ମୂର୍ତ୍ତିଟିକୁ ନିରୀକ୍ଷଣ କରିଥିଲେ। ଉକ୍ତ ପଞ୍ଚାୟତର ମୃତ୍ତିକା ସଂରକ୍ଷଣ ତରଫରୁ ଖୋଳାଯାଇଥିବା ଅନ୍ୟ ପୋଖରୀଗୁଡ଼ିକୁ ମଧ୍ୟ ବୁଲି ଦେଖିଥିଲେ।

କ୍ୱାରାଣ୍ଟାଇନ କେନ୍ଦ୍ରରେ କଳାର ସ୍ପର୍ଶ

ବଅଁରପାଳ,୧୨।୬(ଡି.ଏନ.ଏ.)

ସ୍କୁଲ ପିଲରଗୁଡ଼ିକରେ ଚିତ୍ର ଅଙ୍କନ କରାଯାଇଛି।

କଳାର ସ୍ପର୍ଶ ଦେଇଥିବା ବିକାଶ ଭୋଇ।

ସ୍କୁଲରେ ପଢ଼ିଲା ବେଳେ ଭଲ ଚିତ୍ର ଆଙ୍କୁଥିଲେ। ଏହା ସେତେବେଳେ ତାଙ୍କ ପରିଚୟ ପାଲଟିଥିଲା। ହେଲେ ସେହି ପ୍ରତିଭାର ବିକାଶ ପୂର୍ବରୁ ପରିବାରର ବୋଝ ତାଙ୍କୁ କେରଳରେ ଶ୍ରମିକ

ପ୍ରତିଭା ଦେଖାଇଲେ ପ୍ରବାସୀ

କରିଦେଲା। ସେବେଠାରୁ ଆଉ ତୂଳୀ ଧରି ନ ଥିବା ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗିରିଧିବାସିଆ ଗ୍ରାମର ବିକାଶ ଭୋଇ (୧୮) ଏବେ ଗାଁ କ୍ୱାରାଣ୍ଟାଇନ କେନ୍ଦ୍ରରେ ଦେଇଛନ୍ତି ଯାଦୁକରୀ କଳାର ସ୍ପର୍ଶ। କାନ୍ଥ, ପିଲରଗୁଡ଼ିକରେ ସେ ଆଙ୍କିଥିବା ଚିତ୍ର ସଙ୍ଗରୋଧ କେନ୍ଦ୍ରର ଅନ୍ୟ ସାଥୀମାନଙ୍କୁ ବେଶ୍ ଚକିତ କରିଦେଇଛି। ଗ୍ରାମବାସୀ, ସରପଞ୍ଚ ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି।

ବିକାଶ କହିଛନ୍ତି, ବହୁ ଦୁଃଖ କଷ୍ଟରେ ସେ ୧୦ମ ଶ୍ରେଣୀ ଯାଏ ପଢ଼ିପାରିଛନ୍ତି। ପରିବାରର ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁ ସେ ଅଧିକ ପଢ଼ିବା ପରିବର୍ତ୍ତେ କେରଳ ଚାଲି ଯାଇଥିଲେ। ସେଠାରେ ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କରୋନା କଟକଣା ପରଠାରୁ ସେ ବହୁ ଦୁଃଖ କଷ୍ଟରେ ସେଠାରେ ଫସି ରହିଥିଲେ। ଗତ ୫ ତାରିଖରେ ସେ କେରଳରୁ ଫେରିଛନ୍ତି। ତାଙ୍କୁ ବଅଁରପାଳସ୍ଥିତ ପି.ବି.କେ. ହାଇସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ତେଣୁ ସେଠାରେ ଅଯଥାରେ ବସି ସମୟ ନଷ୍ଟ କରିବା ବଦଳରେ ସେ ସ୍କୁଲ ପିଲାଙ୍କ ପାଇଁ ସୁନ୍ଦର ଚିତ୍ରକଳାମାନ ଅଙ୍କନ କରିବାକୁ ଇଚ୍ଛା କରିଥିଲେ। ପ୍ରଥମେ କାଗଜରେ ବିଭିନ୍ନ ଚିତ୍ର ଆଙ୍କି ସେ ବଅଁରପାଳ ସରପଞ୍ଚ ଫକୀର ନାଏକଙ୍କୁ ଦେଇଥିଲେ। ଅନୁମତି ମିଳିଲେ ବିଦ୍ୟାଳୟ ପରିସରର ସୌନ୍ଦର୍ଯ୍ୟ ବଢ଼ାଇବେ ବୋଲି କହିଥିଲେ। ତାଙ୍କ କଥା ରଖି ସରପଞ୍ଚ ତୂଳୀ ଓ ବିଭିନ୍ନ ରଙ୍ଗ ଯୋଗାଇ ଦେବା ପରେ ସେ କାନ୍ଥ ଓ ପିଲରଗୁଡ଼ିକରେ ଗଣେଶ, ଜଗନ୍ନାଥ ଓ ବିଭିନ୍ନ ଦେବଦେବୀଙ୍କ ଚିତ୍ର ସହ ଫୁଲ ଏବଂ ଗଛମାନ ଆଙ୍କିଛନ୍ତି। ଏଥିରେ ଜଣେ ସହଯୋଗ ମଧ୍ୟ କରିଛନ୍ତି। ଓଡ଼ିଶାରେ ତାଙ୍କୁ ଭଲ କାମଟିଏ ମିଳିଗଲେ ଆଉ କେରଳ ଯିବେ ନାହିଁ ବୋଲି ବିକାଶ ପ୍ରକାଶ କରିଛନ୍ତି। ବିକାଶଙ୍କ ଏପରି ପ୍ରତିଭା ସମ୍ପର୍କରେ ସରପଞ୍ଚ ନାଏକ ଏବଂ ସାମାଜିକ କର୍ମୀ ଅଭୟ ସେନାପତି କହିଛନ୍ତି, ବିକାଶ ଚିତ୍ରକଳା ଅଙ୍କନ ପାଇଁ ଇଚ୍ଛା ପ୍ରକାଶ କରିବା ପରେ ତାଙ୍କୁ ପଞ୍ଚାୟତ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଥିଲା। ସେ ବେଶ୍ ସୁନ୍ଦର କାରୁକାର୍ଯ୍ୟ ମାନ କରି ସ୍କୁଲର ସୌନ୍ଦର୍ଯ୍ୟ ବଢ଼ାଇ ଦେଇଛନ୍ତି। କ୍ୱାରାଣ୍ଟାଇନ ଅବଧି ପୂରଣ ପରେ ବିକାଶଙ୍କୁ ଏଥିପାଇଁ ପାରିଶ୍ରମିକ ଦିଆଯାଇ ସମ୍ମାନର ସହ ଘରକୁ ପଠାଇ ଦିଆଯିବ ବୋଲି ସରପଞ୍ଚ ନାଏକ ପ୍ରକାଶ କରିଛନ୍ତି।

ବ୍ରହ୍ମ ତାଳଧ୍ୱଜ ରଥରେ ଯୋଡ଼ା ହେଉଛି ବରାନ୍ଦ

କେନ୍ଦ୍ରାପଡା ଇଚ୍ଛାପୁରଠାରେ ବଳଦେବଜୀଉଙ୍କ ରଥ ନିର୍ମାଣ ଚାଲିଛି।

କେନ୍ଦ୍ରାପଡ଼ା ଅଫିସ, ୧୨।୬

ଆସନ୍ତା ୨୩ ତାରିଖରେ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ରଥଯାତ୍ରା। କେନ୍ଦ୍ରାପଡାର ଇଚ୍ଛାପୁରସ୍ଥିତ ବ୍ରହ୍ମ ତାଳଧ୍ୱଜ ରଥରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉ ବିରାଜମାନ ହୋଇଥାନ୍ତି। ଚଳିତବର୍ଷ କରୋନା ସଂକ୍ରମଣ ପାଇଁ ରଥ ଗଡିବା ନେଇ ସନ୍ଦେହ ଥିଲେ ମଧ୍ୟ ଗତ ସ୍ନାନ ପୂର୍ଣ୍ଣିମାରେ ଚକ ଡେରାଲାଗି ହୋଇ ବରାନ୍ଦ ଯୋଡା ଆରମ୍ଭ ହୋଇଛି। ଆଷାଢ଼ କୃଷ୍ଣପକ୍ଷ ଏକାଦଶୀ ତିଥିରେ ନାହାକା ପୂଜାପୂର୍ବକ ଯୋଡା ହେବ ବୋଲି ରଥ ନିର୍ମାଣ ମୁଖ୍ୟ ରଘୁନାଥ ମହାରଣା କହିଛନ୍ତି। ସେ ସୂଚନା ଦେଇଛନ୍ତି, ଏହି ବିଶାଳ ରଥର ଉଚ୍ଚତା ୪୩ ହାତ ୧୦ ଆଙ୍ଗୁଳି। କଳସ ଓ ନେତକୁ ବାଦ ଦେଲେ କେବଳ ରଥର ଉଚ୍ଚତା ୬୫ ଫୁଟ ୬ ଇଞ୍ଚ ଓ ବ୍ୟାସ ୩୩ ଫୁଟ। ୧୭୨୮ ମସିହାରେ ମରହଟ୍ଟା ସନ୍ନ୍ୟାସୀ ସଚ୍ଚ ଗୋପାଳ ଦାସ ତୁଳସୀ କ୍ଷେତ୍ରରେ ଅବସ୍ଥାନ ପରେ ଶ୍ରୀଜୀଉଙ୍କ ମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ନିର୍ମିତ ହୋଇଥିଲା। ଏହି ମହାତ୍ମା ହିଁ ଉକ୍ତ ବିଶ୍ୱବିଖ୍ୟାତ ରଥର ପ୍ରବର୍ତ୍ତକ ବୋଲ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ମତ ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଦ୍ୱିବିନ୍ଦ ଦାନବ ବଧ କାଳରେ ତାଳବନରେ ବ୍ରହ୍ମା ଶ୍ରୀ ବଳଦେବଜୀଉଙ୍କୁ ଏହି ତାଳଧ୍ୱଜ ରଥ ପ୍ରଦାନ କରିଥିଲେ। ବଳଦେବ ସ୍ୱୟଂ ବାସୁଦେବ ଓ ଅନନ୍ତ। ସେ ପ୍ରଥମେ ତୁଳସୀ କ୍ଷେତ୍ରରେ ଏକାକୀ ପୂଜା ପାଉଥିଲେ। ପରବର୍ତ୍ତୀ କାଳରେ ତୁଳସୀଙ୍କ ପରିବର୍ତ୍ତେ ସୁଭଦ୍ରା ଓ ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରାଯାଉଛି। ରଥ ନିର୍ମାଣର ପାରମ୍ପରିକ ରୀତିନୀତି ସମ୍ପର୍କରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କୁହନ୍ତି, ଦୋଳ ପୂର୍ଣ୍ଣିମା ପରଦିନ ଚୈତ୍ର କୃଷ୍ଣ ପ୍ରତିପଦ ଦିବସରେ ରଥନିର୍ମାଣ ନିମନ୍ତେ ନିର୍ଦ୍ଦିଷ୍ଟ ବୃକ୍ଷରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ବନ୍ଧାଯାଇ ପୂଜା ପୂର୍ବକ ବୃକ୍ଷଚ୍ଛେଦନ କରାଯାଇଥାଏ। ଅକ୍ଷୟ ତୃତୀୟାରେ ଏହି କାଷ୍ଠ ପୂଜା ପାଇ ରଥ ନିର୍ମାଣ ଶୁଭାରମ୍ଭ ହୋଇଥାଏ। ରଥ କାଠ ସମ୍ପର୍କରେ ଟ୍ରଷ୍ଟି ଧୀରେନ ସାହୁ କୁହନ୍ତି, ଏହି ରଥ ନିର୍ମାଣ ପାଇଁ ବ୍ୟବହୃତ ରଥ କାଠ ଲାଗିଥାଏ। ତେବେ ଦୁଇଟି ନୂତନ ଚକ ଓ ଦୁଇଟି ଅଖ ବଦଳାଯିବା ବିଧାନ ରହିଛି। ଗତ ବର୍ଷର ବଳକା କାଠ ଚଳିତବର୍ଷ ରଥ ନିର୍ମାଣରେ ଲାଗିଥିବା ସେ ପ୍ରକାଶ କରିଛନ୍ତି।

ନିଷିଦ୍ଧାଞ୍ଚଳ ଘୋଷଣା, ଖୋଳାଗଲା ଟ୍ରେଞ୍ଚ

ଚମ୍ପୁଆ, ୧୨।୬(ଡି.ଏନ.ଏ.)

ଚୋରାବାଲି କାରବାର ଉପରେ ଲାଗିଲା ରୋକ୍

ନିଷିଦ୍ଧାଞ୍ଚଳରେ ଖୋଳାଯାଉଥିବା ଟ୍ରେଞ୍ଚ।

କେନ୍ଦୁଝର ଜିଲା ଚମ୍ପୁଆ ରାଜସ୍ୱ ବିଭାଗ ଅଧୀନରେ ରହିଥିବା ଚୋରା ବାଲିଉତ୍ସଗୁଡିକରୁ ନିୟମିତ ଚୋରା ବାଲିଚାଲାଣ ହେଉଥିବା ଜଣାପଡିବା ପରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରତିବନ୍ଧକ ଲଗାଯାଇଛି। ଚୋରା ବାଲି କାରବାର ହେଉଥିବା ରାସ୍ତାଗୁଡିକରେ ବାଲି ବୋଝେଇ ଗାଡିଗୁଡିକ ଯାତାୟାତ ନ କରିବା ପାଇଁ ଟ୍ରେଞ୍ଚ ଖୋଳାଯାଇଥିବା ବେଳେ ଉକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇ ସୂଚନାଫଳକ ଲଗାଯାଇଛି।

ଚମ୍ପୁଆ ତହସିଲ ଅଧୀନରେ ଥିବା ମେର୍ମେଦା, ଗୋପୀନାଥପୁର, ଶଶାଙ୍ଗ, ଲକ୍ଷ୍ମୀପଶିରେ ବାଲି ମାଫିଆମାନେ ରାତିରେ ବାଲିଚାଲାଣ କରୁଥିବା ବେଳେ ତହସିଲ ବିଭାଗ ପକ୍ଷରୁ ବାରମ୍ବାର ଚଢାଉ କରାଯାଇ ବାଲି ବୋଝେଇ ଗାଡିଗୁଡିକରୁ ଜରିମାନା ଆଦାୟ କରାଯାଉଛି। ଏହାସତ୍ତ୍ୱେ ମାଫିଆମାନେ ତହସିଲ ବିଭାଗକୁ ଚକ୍‌ମା ଦେଇ ଅନାୟାଶରେ ଏହି କାରବାର କରୁଥିଲେ।

କ୍ୱାକ୍‌ଙ୍କ ଚିକିତ୍ସା ନେଲା ଗର୍ଭବତୀଙ୍କ ଜୀବନ

ରାଇଘର,୧୨।୬(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ରାଇଘର ବ୍ଲକରେ କ୍ୱାକ୍‌ଙ୍କ ଚିକିତ୍ସା ଯୋଗୁ ଜଣେ ଗର୍ଭବତୀଙ୍କ ଜୀବନ ଯାଇଛି। ଉମରକୋଟ ବ୍ଲକ ବକଦା ପଞ୍ଚାୟତ ଚରାଗୁଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ୧୮ ବର୍ଷୀୟା ଝିଅ ଓ ଜଣେ ସମ୍ପର୍କୀୟଙ୍କ ପୁଅ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଫଳରେ ଯୁବତୀ ଗର୍ଭବତୀ ହୋଇଥିଲେ। ଏହା ଜାଣିବା ପରେ ପରିବାର ଲୋକେ ଝିଅକୁ ଜଲାଙ୍ଗପାରା ପଞ୍ଚାୟତ ଆଦିବାସୀ ଦାଶପୁର ଗ୍ରାମର କ୍ୱାକ୍ ନନ୍ଦୁରାମ ଗଣ୍ଡଙ୍କ ପାଖରେ ଚିକିତ୍ସା କରାଇଥିଲେ। ଯୁବତୀ ଜଣଙ୍କ ଗୁରୁତର ହେବାରୁ ଦିଶାରିଙ୍କ ଆଶ୍ରୟ ନିଆଯାଇଥିଲା। ଅବସ୍ଥା ନ ସୁଧୁରିବାରୁ ତାଙ୍କୁ ରାଇଘର ଚିକିତ୍ସାଳୟ ଓ ସେଠାରୁ ନବରଙ୍ଗପୁର ଜିଲା ମେଡିକାଲ ପଠାଯାଇଥିଲା। ସେଠାରେ ଯୁବତୀଙ୍କ ମୃତ୍ୟୁ ଘଟିଥିଲା। ରାଇଘର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କ୍ୱାକ୍‌ଙ୍କ ବିରୋଧରେ ଏତଲା ହୋଇଛି। ରାଇଘର ପୋଲିସ ୭୯/୨୦ରେ ମାମଲା ରୁଜୁକରି ଏହାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଗଗନେଶ୍ୱର ମାଝି କହିଛନ୍ତି। ଯୁବତୀଙ୍କ ମୃତ୍ୟୁ ପରେ କ୍ୱାକ୍ ଜଣକ ଫେରାର ହୋଇଯାଇଛନ୍ତି।

ଅନ୍ତ୍ୟୋଦୟ କାର୍ଡ ବଣ୍ଟନରେ ଅନିୟମିତତା ଅଭିଯୋଗ
ଭିନ୍ନକ୍ଷମ ମଞ୍ଚର ଆନ୍ଦୋଳନ ଚେତାବନୀ

କପ୍ତିପଦା,୧୨।୬(ଡି.ଏନ.ଏ)

ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରେ ଅନ୍ତ୍ୟୋଦୟ କାର୍ଡ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପ୍ରକୃତ ହିତାଧିକାରୀ ଏହି କାର୍ଡ ପାଇବାରୁ ବଞ୍ଚିତ ହେଉଥିବା ବେଳେ ଥିଲାବାଲା କାର୍ଡ ହାତେଇବାରେ ସଫଳ ହୋଇଛନ୍ତି। ଫଳରେ ବହୁ ବିଧବା, ଗରିବ ଓ ଅସହାୟ ଲୋକ ସରକାରଙ୍କ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର କପ୍ତିପଦା ଭିନ୍ନକ୍ଷମ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ କପ୍ତିପଦା ବିଡିଓଙ୍କୁ ପ୍ରଦାନ କରାଯାଇଛି। ଏହାର ନକଲ ଜିଲା ଯୋଗାଣ ଅଧିକାରୀ, ଭିଜିଲାନ୍ସ ଡିଏସପି, ବାରିପଦା ଓ କପ୍ତିପଦା ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଭିନ୍ନକ୍ଷମ ମଞ୍ଚ ଓ ଡିଏଲସି ସଦସ୍ୟମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କପ୍ତିପଦା ଯୋଗାଣ ଅଧିକାରୀ ଭାସ୍କର ବାରିକ୍‌ଙ୍କୁ ପଚାରିବାରୁ ୩୦ଟା ପାଖାପାଖି ରାଶନକାର୍ଡ ଧରି ସେମାନେ ମୋ ପାଖକୁ ଆସି ଏ ସବୁକୁ ଅନ୍ତ୍ୟୋଦୟ କାର୍ଡ କରିବାକୁ କହିଥିଲେ। ଟାର୍ଗେଟ ଆସିଲେ ଏସବୁକୁ ପଞ୍ଚାୟତସ୍ତରରେ ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ମୁଁ ସେମାନଙ୍କୁ କହିଥିଲି। ମାତ୍ର ସେମାନେ ଗାଳିଗୁଲଜ କରିବା ସହିତ ମୋତେ ଧମକ ଦେଇଥିଲେ। ଏ ନେଇ ମୁଁ ଥାନାରେ ଅଭିଯୋଗ କରିଛି ବୋଲି କହିଛନ୍ତି।

ପାଇଖାନାରେ ବିତୁଛି ଜୀବନ

ନୟାଗଡ଼ ଅଫିସ,୧୨।୬

- ଆବାସ ଯୋଜନା ଅପହଞ୍ଚ
- ୱାର୍ଡସଭ୍ୟା ହୋଇ ବି ଉପେକ୍ଷିତ

ଘର ନ ଥିବାରୁ ପାଇଖାନାରେ ବିତୁଛି ଜୀବନ। ଦିନେ କି ମାସେ ନୁହେଁ, ଅଢ଼େଇ ବର୍ଷ ଧରି ଜଣେ ମହିଳା ୱାର୍ଡମେମ୍ବରଙ୍କ ପରିବାର ଏଠାରେ ରହିଆସୁଛନ୍ତି। ନୟାଗଡ଼ ଜିଲା ରଣପୁର ବ୍ଲକ ସୁର୍କାବାଡି ପଞ୍ଚାୟତର ଠଣାପଲ୍ଲୀ ପାଟଣାରେ ଦେଖିବାକୁ ମିଳୁଛି ଏଭଳି ଅଭାବନୀୟ ଦୃଶ୍ୟ। ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ହୋଇ ବି ଆବାସ ଯୋଜନା ଅପହଞ୍ଚ ହୋଇରହିଛି।

ଠଣାପଲ୍ଲୀପାଟଣା ଗାଁର ରମେଶ ସେନାପତି ଜଣେ ଦିନ ମଜୁରିଆ। ଫାଇଲିନ୍‌ରେ ଘରଟି ଆଂଶିକ ନଷ୍ଟ ହୋଇଯାଇଥିଲା। ଏଠାରେ ସ୍ତ୍ରୀ, ମା', ପୁଅ, ଝିଅକୁ ନେଇ ୫ ପ୍ରାଣୀ କୁଟୁମ୍ବ କଷ୍ଟେମଷ୍ଟେ ଚଳି ଯାଉଥିଲେ। ହେଲେ ଅଢ଼େଇବର୍ଷ ତଳେ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଶେଷରେ ସ୍ୱଚ୍ଛ ଭାରତ ମିଶନରେ ନିର୍ମାଣ ହୋଇଥିବା ପାଇଖାନାରେ ଚିଣ ପକାଇ ରହିବାକୁ ବାଧ୍ୟ ହେଲେ। ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ରମେଶ ବ୍ଲକ, ପଞ୍ଚାୟତ, ଉପଜିଲାପାଳ, ପିଡି ଡିଆରଡିଏ ଓ ଜିଲାପାଳଙ୍କୁ ଅବଗତ କରାଇଥିଲେ ମଧ୍ୟ ତାଙ୍କ ଦୁଃଖ ଘୁଞ୍ଚି ନ ଥିଲା। ପରେ ପରେ ସ୍ତ୍ରୀ ବନୀତା ୨ନଂ. ୱାର୍ଡର ୱାର୍ଡମେମ୍ବର ହୋଇଥିଲେ। ଏହା ସତ୍ତ୍ୱେ ସେ ଘର ସମସ୍ୟା ସମାଧାନ କରିପାରି ନ ଥିଲେ। ପାଇଖାନା ପ୍ୟାନ ଉପରେ ଚାଲିଛି ରୋଷେଇ। ଘରର ଆସବାବପତ୍ର ରଖାଯାଉଛି। କଷ୍ଟେମଷ୍ଟେ ୩ ଜଣ ଶୋଇ ପାରୁଛନ୍ତି। ଅନ୍ୟ ୨ଜଣଙ୍କୁ ବାହାରେ ଶୋଇବାକୁ ପଡୁଛି। ଏ ନେଇ ୱାର୍ଡସଭ୍ୟା ବନିତା କହନ୍ତି, ଆମେ ଗରିବ ଲୋକ। ୱାର୍ଡମେମ୍ବର ହୋଇଗଲେ କ'ଣ ଦୁଃଖ ପଳାଇଯିବ। ଆମେ ପ୍ରଶାସନକୁ ସମସ୍ୟା ଜଣାଇଛୁ। ଯଦି ପଦକ୍ଷେପ ନ ନେବେ ଆମେ କ'ଣ କରିପାରିବୁ। ସରପଞ୍ଚ ମିନତି ସାହୁ କୁହନ୍ତି, ବନିତାଙ୍କ ପରିବାର ଗରିବ ଶ୍ରେଣୀର। ସେ ପୁଣି ଆମର ଜଣେ ୱାର୍ଡମେମ୍ବର। ଘର ଭାଙ୍ଗିବା ଓ ପାଇଖାନାରେ ରହିବା ସମ୍ପର୍କରେ ବ୍ଲକ ପ୍

ମହାନଦୀକୁ ଡେଇଁଲେ ଯୁବତୀ

କଟକ ଅଫିସ: ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ଯୁବତୀ ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଘଟଣା ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ବ୍ରିଜ ନିକଟରେ ଘଟିଛି। ଯୁବତୀ ଜଣଙ୍କ ହେଲେ ଆଠଗଡ଼ ରାଜବାଟୀନଗର ଅଞ୍ଚଳର। ପାରିବାରିକ ଅଶାନ୍ତି ଯୋଗୁ ଦୁଇଦିନ ହେବ ସେ ଘରୁ ଚାଲି ଆସିଥିଲେ। ଶୁକ୍ରବାର ଅପରାହ୍ନରେ ସେ ବ୍ରିଜ ଉପରେ ଚାଲିଚାଲି ଯାଉଥିବା ଦେଖିବାକୁ ମିଳିଥିଲା। ପରେ ହଠାତ୍ ସେ ନଦୀକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏସ୍‌ସିବିରେ ଭର୍ତ୍ତି କରିଥିବା ବେଳେ ସେ ସୁସ୍ଥ ଅଛନ୍ତି। ଏ ନେଇ ମାମଲା ରୁଜୁ ପରେ ତଦନ୍ତ ଆରମ୍ଭ ହୋଇଛି ବୋଲି ମାଲଗୋଦାମ ଥାନାଧିକାରୀ ରବି ନାରାୟଣ ଭଞ୍ଜ କହିଛନ୍ତି।

ସଂକ୍ଷେପରେ

୬୦ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

ଯାଁଳା,୧୨।୬ (ଡି.ଏନ୍.ଏ.): ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଶୁକ୍ରବାର ଯାଁଳା ଫାଣ୍ଡି ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଜିଲା ନବୀନାବାଗ ଅଞ୍ଚଳର ବ୍ରଜ ପଟ୍ଟନାୟକ(୪୮) ଏବଂ ନୟାଗଡ ଜିଲା ରଣପୁର ଥାନା ଅଧୀନ ଗଡ଼ବାଣିକିଲୋ ଗ୍ରାମର ବିଶ୍ୱରଞ୍ଜନ ପରିଡ଼ା(୨୬)। ଏମାନଙ୍କ ନିକଟରୁ ୬୦ଗ୍ରାମ ବ୍ରାଉନସୁଗାର, ୨ ବାଇକ୍, ଗୋଟିଏ ମୋବାଇଲ ଫୋନ ଏବଂ ୧୩୫୦ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ, ଗଙ୍ଗପଡ଼ା ଟୋଲଗେଟ ନିକଟରେ ଗୁରୁବାର ଅଭିଯୁକ୍ତ ଦ୍ୱୟ ଛିଡା ହୋଇଥିଲେ। ଏମାନଙ୍କୁ ସ୍ଥାନୀୟ ଲୋକେ ସନ୍ଦେହ କରିବା ସହ ପୋଲିସକୁ ଜଣାଇଥିଲେ। ଯାଁଳା ଫାଣ୍ଡି ଅଧିକାରୀ ସତ୍ୟବ୍ରତ ଗ୍ରହଚାର୍ଯ୍ୟ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲେ।

୬ କରୋନା ପଜିଟିଭ୍ ଚିହ୍ନଟ

ଖୋର୍ଦ୍ଧା ଅଫିସ,୧୨।୬ : ଖୋର୍ଦ୍ଧା ଅଞ୍ଚଳରେ ଶୁକ୍ରବାର ୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବାଲୁଗାଁ, ଟାଙ୍ଗୀ ବ୍ଲକ ଓ ଜଟଣୀ ବ୍ଲକରେ ଜଣେ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଖୋର୍ଦ୍ଧା ବ୍ଲକରୁ ୩ଜଣ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କ ଆକ୍ରାନ୍ତଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇଦିଆଯାଇଛି। ଅନ୍ୟପଟେ ଶୁକ୍ରବାର ଖୋର୍ଦ୍ଧା ଅଞ୍ଚଳରୁ ୨୧୧ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି।

ପୁତୁରା ମାଡ଼ରେ ଦାଦା ମୃତ

କଟକ ଅଫିସ,୧୨।୬: ପୁତୁରାର କାଠ ଫାଳିଆ ମାଡ଼ରେ ଦାଦାଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ଚାଉଳିଆଗଞ୍ଜର ବଟକୃଷ୍ଣ ସାହୁ (୪୫)। ଗତ ୮ ତାରିଖରେ ପାରିବାରିକ କଳହକୁ କେନ୍ଦ୍ରକରି ବଟକୃଷ୍ଣଙ୍କୁ ତାଙ୍କ ପୁତୁରା ସୁଧୀର ସାହୁ (୨୧) ଆକ୍ରମଣ କରିଥିଲେ। ଗୁରୁତର ବଟକୃଷ୍ଣଙ୍କୁ ମହାନଦୀବିହାରସ୍ଥିତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ସୁଧୀରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ତାପସ ପ୍ରଧାନ କହିଛନ୍ତି।

ପ୍ରବଚକଙ୍କ ନାଁରେ ଏତଲା

ପୁରୀ ଅଫିସ/କଟକ ଅଫିସ,୧୨।୬: ଏକ ଆଧ୍ୟାତ୍ମିକ ଧାରାବାହିକ କାର୍ଯ୍ୟକ୍ରମରେ ପ୍ରବଚକ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଶାସ୍ତ୍ରୀୟ ସିଦ୍ଧାନ୍ତର ଅପପ୍ରଚାର ଏବଂ ମୁନିଋଷିଙ୍କ ପ୍ରତି ପରିହାସପୂର୍ଣ୍ଣ ଶବ୍ଦ ପ୍ରୟୋଗ କରିଥିବା ଅଭିଯୋଗ କରି ଶୁକ୍ରବାର ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ପରିଷଦ ପକ୍ଷରୁ ଦର୍ଶାଯାଇଛି ଯେ, ସର୍ବେ ଭବନ୍ତୁ ସୁଖିନଃ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରବଚକ ଅତ୍ୟନ୍ତ ଶିକ୍ଷାପ୍ରଦ ଲୋକହିତକର ଶାସ୍ତ୍ରୀୟ ତଥ୍ୟମୂଳକ ଉପସ୍ଥାପନା କରୁଛନ୍ତି। କିନ୍ତୁ ସ୍ୱାମୀ ସୁଧାନନ୍ଦ ସନାତନ ସଂସ୍କୃତିର ବେଦ, ଉପନିଷଦ, ପୁରାଣ ଓ ଧର୍ମଶାସ୍ତ୍ରକୁ ନିନ୍ଦା କରିବା ସହିତ ଶାସ୍ତ୍ର ପ୍ରଣେତାମାନଙ୍କ ଉଦ୍ଦେଶ୍ୟରେ ଅପଶବ୍ଦ ବ୍ୟବହାର କରିଛନ୍ତି। ଅଷ୍ଟାଦଶ ପୁରାଣର ଲେଖକ ବିଷ୍ଣୁରୂପ ମହର୍ଷି ବ୍ୟାସଦେବଙ୍କୁ ତାଚ୍ଛଲ୍ୟ କରି ଗଞ୍ଜଡ଼ ବୋଲି କହିଛନ୍ତି। ପ୍ରଭୁ ରାମଚନ୍ଦ୍ରଙ୍କ ପିତା ଦଶରଥଙ୍କୁ ଭଣ୍ଡ କହିଛନ୍ତି। ରାଜା ପରୀକ୍ଷିତଙ୍କୁ ପରିହାସ କରିଛନ୍ତି। ସତ୍ୟଯୁଗରେ ଭଗବାନଙ୍କ ଅବତାରଗଣ (ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ) ଘାସ କାଟିବା କଥା କହିଛନ୍ତି। ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହୋଇଥିବା ଦ୍ରବ୍ୟଗୁଡ଼ିକୁ ନିରାଧାର ବୋଲି କହିଛନ୍ତି। ଏପରି କି ପୂର୍ଣ୍ଣାବତାର ଜଗନ୍ନାଥଙ୍କ ଅବତାରକୁ ମଧ୍ୟ ନିନ୍ଦା କରିଛନ୍ତି। ତେଣୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପରିଷଦ ଏତଲାରେ ଉଲ୍ଲେଖ କରିଛି। ଏ ସମ୍ପର୍କରେ ସ୍ୱାମୀ ସୁଧାନନ୍ଦଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ସେହିପରି ବୈଦିକ ବ୍ରାହ୍ମଣ ପରିଷଦ ସମ୍ପାଦକ ରାଜେନ୍ଦ୍ର ପଣ୍ଡା, ଆବାହକ ନିରାକାର ଦାଶଙ୍କ ପକ୍ଷରୁ ଏନେଇ କ୍ୟାଣ୍ଟନ୍‌ମେଣ୍ଟ ଥାନାରେ ମଧ୍ୟ ଅଭିଯୋଗ କରାଯାଇଛି।

ବଢୁଛି ସାଇବର ଅପରାଧର କାରନାମା

- ଆର୍ମି ଅଫିସର କହି ଲୋକଙ୍କୁ ଠକୁଛନ୍ତି
- ଦୁଇ ମାସରେ ୨୦ଜଣଙ୍କଠାରୁ ଲୁଟିଲେଣି ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା
- କ୍ରାଇମବ୍ରାଞ୍ଚ ସର୍କ୍ୟୁଲାର ଜାରି କରି ଚୁପ୍ ବସିଛି

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ରାଜ୍ୟରେ ମାତିଛନ୍ତି ଆର୍ମି ଅଫିସର କହି ଲୁଟୁଥିବା ସାଇବର ଅପରାଧୀ। ରାଜଧାନୀ ସମେତ ବିଭିନ୍ନ ସହରରେ ସୋସିଆଲ ମିଡିଆରେ ଶସ୍ତାରେ ଗାଡ଼ି ଏବଂ ଘରର ଇଲେକ୍ଟ୍ରୋନିକ୍ ସାମଗ୍ରୀ ବିକ୍ରି ପାଇଁ ବିଜ୍ଞାପନ ଦେଉଛନ୍ତି। ଏହି ବିଜ୍ଞାପନ ଦେଖିବା ପରେ ସାଧାରଣ ଲୋକେ ଶସ୍ତାରେ ଗାଡ଼ି ଏବଂ ଅନ୍ୟ ସାମଗ୍ରୀ ପାଇବା ଆଶାରେ ସେମାନଙ୍କ ସହ ଯୋଗାଯୋଗ କରୁଛନ୍ତି। ପରେ ଏହି ଠକମାନେ ନିଜକୁ ଆର୍ମି ଅଫିସର ବୋଲି ପରିଚୟ ଦେଉଛନ୍ତି। ଲୋକଙ୍କ ମନରେ ବିଶ୍ୱାସ ଜମାଇବା ପାଇଁ ନିଜର ଆର୍ମି ପୋଷାକ ପିନ୍ଧା ଫଟୋ, ଆଧାର କାର୍ଡ ଏବଂ ଭୋଟର କାର୍ଡ ପଠାଉଛନ୍ତି। ଏପରିକି ଉକ୍ତ ଠକମାନେ ଆର୍ମି ପୋଷକ ପିନ୍ଧି ଭିଡିଓ କଲିଂ କରି ବିଶ୍ୱାସ ଜମାଉଛନ୍ତି। ପରେ ଗାଡ଼ି ଦେଖିବା ପାଇଁ ଅଗ୍ରିମ ଟଙ୍କା ପୈଠ କରିବାକୁ କହୁଛନ୍ତି। ଲୋକେ ବିଶ୍ୱାସ କରି ଟଙ୍କା ପୈଠ କରିବା ପରେ ଠକମାନେ ପରବର୍ତ୍ତୀ ସମୟରେ ବିଭିନ୍ନ ଆଳ ଦେଖାଇ ଲୋକଙ୍କୁ ଲୁଟି ଚାଲନ୍ତି। ଏହିଭଳି ରାଜ୍ୟରେ ଗତ ଦୁଇମାସ ମଧ୍ୟରେ ୨୦ ଜଣରୁ ଅଧିକ ଲୋକେ ଲୁଟର ଶିକାର ହେଲେଣି। ଲୁଟର ଶିକାର ହୋଇଥିବା ଅନେକ ଲୋକ ଥାନାକୁ ଯାଉଥିବାବେଳେ ଆଉ କେତେଜଣ ଲଜ୍ଜା ଭୟରେ ଥାନାକୁ ଯାଉନାହାନ୍ତି। ଯାହାଫଳରେ ଏହି ଠକମାନେ ଗୋଟିଏ ପରେ ଗୋଟିଏ ଲୋକଙ୍କୁ ଠକି ଚାଲିଛନ୍ତି। ଗତ ବର୍ଷକ ତଳେ ଏହିଭଳି ଠକେଇକୁ ରୋକିବା ପାଇଁ କ୍ରାଇମବ୍ରାଞ୍ଚ ଏକ ସର୍କ୍ୟୁଲାର ଜାରି କରିଥିଲା। ସେଥିରେ ସମସ୍ତ ଜିଲାର ଏସ୍‌ପିଙ୍କୁ ଏନେଇ ସଜାଗ ରହିବାକୁ କୁହାଯିବା ସହ ପ୍ରତ୍ୟେକ ଥାନାକୁ ଏଭଳି ଠକେଇ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଥିଲା। ଏପରି କି ଏଭଳି ଠକେଇ ସମ୍ପର୍କରେ ଥାନାଗୁଡ଼ିକରେ ପୋଷ୍ଟର ମାରି ଲୋକମାନଙ୍କୁ ସଚେତନ କରାଇବାକୁ କୁହାଯାଇଥିଲା। ହେଲେ ଏହି ନିର୍ଦ୍ଦେଶନାମାକୁ ପାଳନ କରାଯାଉ ନ ଥିବା ଦେଖିବାକୁ ମିଳୁଛି।

ନିକଟରେ କଟକର ଜଣେ ବ୍ୟକ୍ତି ଠକେଇର ଶିକାର ହୋଇଛନ୍ତି। ଗତ ୭ତାରିଖରେ ସେ ସୋସିଆଲ ମିଡିଆରେ ଏକ ବିଜ୍ଞାପନ ଦେଖିଥିଲେ। ଯେଉଁଥିରେ ଏକ କାରର ଦାମ୍ ୧ଲକ୍ଷ ୨୦ହଜାର ଟଙ୍କା ଦାମ୍ ରହିଥିଲା। ବ୍ୟକ୍ତି ଜଣଙ୍କ ଗାଡ଼ି ଶସ୍ତା ଦେଖି ଉକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରି ଗାଡ଼ି କିଣିବା ପାଇଁ କହିଥିଲେ। ଠକ ଜଣଙ୍କ ନିଜକୁ ଆର୍ମି ଅଫିସର ବୋଲି ପରିଚୟ ଦେଇଥିଲେ। ଏପରିକି ସେ ଭୁବନେଶ୍ୱର ବିମାନ ବନ୍ଦରରେ କାମ କରୁଥିବା ମଧ୍ୟ କହିଥିଲେ। ଗାଡ଼ି ବ୍ୟବସାୟ ତାଙ୍କର ସାଇଟ୍ ବ୍ୟବସାୟ ହୋଇଥିବା କହିଥିଲେ। ଏହାପରେ ତାଙ୍କୁ ଗାଡି ଦେଖିବା ପାଇଁ ୩ ହଜାର ୧୨୦ ଟଙ୍କା ଦେବାକୁ କହିଥିଲେ। ଠକ ନିଜକୁ ଆର୍ମି ଅଫିସର ପରିଚୟ ଦେଇଥିବାରୁ ବ୍ୟକ୍ତି ଜଣଙ୍କ ବିଶ୍ୱାସ କରି ଗୁଗଲ ପେ' ଦ୍ୱାରା ୩ ହଜାର ୧୨୦ ଟଙ୍କା ପଠାଇଥିଲେ। ହେଲେ ଠକ ତାଙ୍କୁ ଗାଡ଼ି ଦେଖାଇ ନ ଥିଲେ। ବରଂ ଗାଡ଼ି କନ୍ଦରପୁରରେ ଅଛି ଆଉ ୧୦ହଜାର ଟଙ୍କା ପଠାଅ, ଗାଡ଼ିକୁ ଆମ ଡ୍ରାଇଭର ଆଣି ଦେଖାଇବ ବୋଲି କହିଥିଲେ। ହେଲେ ବ୍ୟକ୍ତି ଜଣଙ୍କ ନିଜେ ଗାଡି ରହିଥିବା ସ୍ଥାନକୁ ଯାଇ ଦେଖିବେ ବୋଲି କହିଥିଲେ। ମାତ୍ର ଠକ ତାଙ୍କୁ ମନା କରିବାରୁ ବ୍ୟକ୍ତିଙ୍କର ସନ୍ଦେହ ହୋଇଥିଲା। ସେ ଆଉ ଟଙ୍କା ନଦେଇ ତାଙ୍କର ଚିହ୍ନାଥିବା କିଛି ପୋଲିସ ଅଧିକାରୀଙ୍କ ସହ କଥା ହୋଇଥିଲେ। ଏହାପରେ ଠକଙ୍କ କାରନାମା ବିଷୟରେ ଜାଣି ଥାନାରେ ଅଭିଯୋଗ କରିଥିଲେ। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳର ଜଣେ ଲୋକ ମଧ୍ୟ ଏକ ପୁରୁଣା ବୋଲେରୋ ଗାଡ଼ି କିଣିବାକୁ ଯାଇ ୧ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ସେହିପରି ଏୟାରପୋର୍ଟ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ମଧ୍ୟ ଘରର ଆସବାବପତ୍ର କିଣିବା ଆଶାରେ ୮୪ହଜାର ଟଙ୍କା ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଆରମ୍ଭ କରିଥିବା କହିଛି।

କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଏନେଇ ପଚାରିବାରେ ସେ କହିଛନ୍ତି ଯେ, ସାଇବର ଠକେଇ ସମ୍ପର୍କରେ ଲୋକଙ୍କୁ ସର୍କ୍ୟୁଲାର ଜାରି କରି ସଚେତନ କରାଯାଉଛି। ଲୋକେ ସଚେତନ ହେବା ଆବଶ୍ୟକ। ଏପରିକି ସ୍ଥାନୀୟ ଥାନାକୁ ତଦନ୍ତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛୁ ବୋଲି ପ୍ରିୟଦର୍ଶୀ କହିଛନ୍ତି।

ବସିଲା ରୁଦ୍ଧଦ୍ୱାର ବୈଠକ, ଘୋଷଣାକୁ ଅପେକ୍ଷା

ରଥଯାତ୍ରା ପ୍ରସଙ୍ଗ

ପୁରୀ ଅଫିସ,୧୨।୬

ରଥଯାତ୍ରାକୁ ଆଉ ମାତ୍ର ରହିଲା ୧୦ଦିନ। ହେଲେ କରୋନା ପାଇଁ ଏଥର ରଥଯାତ୍ରା ହେବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କିନ୍ତୁ ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପ୍ରଶାସନିକ ପ୍ରସ୍ତୁତି ମଧ୍ୟ ଜୋର୍ ଧରିଲାଣି। ବିଭିନ୍ନ ସେବାୟତ ନିଯୋଗ ସହ ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ବାରମ୍ବାର ବୈଠକ କରୁଛନ୍ତି। ଶୁକ୍ରବାର ପୁଣି ରଥଯାତ୍ରାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବସିଛି ରୁଦ୍ଧଦ୍ୱାର ବୈଠକ। ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପିଙ୍କ ସମେତ ପ୍ରମୁଖ ପ୍ରଶାସନିକ ଅଧିକାରୀ ଆଲୋଚନା କରିଛନ୍ତି। ରଥଯାତ୍ରା ଆୟୋଜନକୁ ନେଇ ସହମତି ପ୍ରକାଶ ପାଇଥିବାବେଳେ ଘୋଷଣାକୁ ଅପେକ୍ଷା ବୋଲି କୁହାଯାଉଛି।

ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟି କଟକଣା ଭିତରେ ରଥଯାତ୍ରା କରିବା ଲାଗି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି। ସେବାୟତମାନେ କଟକଣାଯୁକ୍ତ ରଥଯାତ୍ରା ସପକ୍ଷରେ ଅଛନ୍ତି। ହାଇକୋର୍ଟ ରଥଯାତ୍ରା ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଛନ୍ତି। କିନ୍ତୁ ରାଜ୍ୟ ସରକାର ଏଯାବତ କିଛି ସ୍ପଷ୍ଟ କରି ନ ଥିବାରୁ ବିରୋଧୀମାନେ ବି ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ଇତିମଧ୍ୟରେ ରଥ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଦଇତାପତିଙ୍କ ସମେତ ବିଭିନ୍ନ ସେବାୟତ ନିଯୋଗ ସହ ଆଲୋଚନା କରିଛନ୍ତି। ଦଇତାପତି ନିଯୋଗ ସଭାପତି ରବୀନ୍ଦ୍ର ଦାସମହାପାତ୍ର କହିଛନ୍ତି, ମୁଖ୍ୟ ପ୍ରଶାସକ ଆମ ସହିତ ଆଲୋଚନା ବେଳେ ତାଙ୍କ ଆଭିମୁଖ୍ୟରୁ ସରକାର ରଥଯାତ୍ରା କରିବା ଲାଗି ପ୍ରସ୍ତୁତ ଥିବା ଜଣାପଡ଼ିଛି। ଶ୍ରୀମନ୍ଦିର ପ୍ରଶାସନ ନୀତି ନିର୍ଘଣ୍ଟର ଚିଠା ମଧ୍ୟ ପ୍ରସ୍ତୁତ କରିସାରିଥିବା ଶୁଣିବାକୁ ମିଳୁଛି। ଏଥିରେ ଭୋର ୪ଟାରେ ପହଣ୍ଡି ଏବଂ ପୂର୍ବାହ୍ନ ୧୧ଟାରେ ରଥଟଣା ଯିବା ଲାଗି ଆପାତତଃ ସ୍ଥିର କରାଯାଇଛି। କିନ୍ତୁ ଏହି ଚିଠା ନୀତି ସବ୍ କମିଟି, ଛତିଶା ନିଯୋଗରେ ଆଲୋଚନା ପରେ ପରିଚାଳନା କମିଟି ବୈଠକରେ ଅନୁମୋଦନ ହେବାକୁ ଥିବାରୁ ଏନେଇ କିଛି ସ୍ପଷ୍ଟ କରାଯାଇ ନାହିଁ।

ଶୁକ୍ରବାର ପୁନଶ୍ଚ ବୈଠକ ବସିଛି। ପ୍ରଥମେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ପୂଜାପଣ୍ଡା ନିଯୋଗ ଏବଂ ପରେ ପୁଷ୍ପାଳକ ନିଯୋଗ ସହ ଆଲୋଚନା କରିଥିଲେ। ରଥଯାତ୍ରା ନୀତିକାନ୍ତି କିପରି ସୁଚାରୁ ରୂପେ ସମ୍ପନ୍ନ ହେବ ସେନେଇ ସମସ୍ତେ ଗୁରୁତ୍ୱ ଦେବାକୁ କହିଥିବା ଜଣାପଡ଼ିଛି। ସନ୍ଧ୍ୟାରେ ମୁଖ୍ୟ ପ୍ରଶାସକଙ୍କ କାର୍ଯ୍ୟାଳୟରେ ବସିଥିଲା ରୁଦ୍ଧଦ୍ୱାର ବୈଠକ। ଏଥିରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପରେ ମୁଖ୍ୟ ପ୍ରଶାସକ ମନ୍ଦିର ଭିତରକୁ ଯାଇ ଦଇତାପତି ସେବାୟତଙ୍କ ସହ ରଥଯାତ୍ରା ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମସ୍ତଙ୍କ ସହ ଆଲୋଚନା ସକାରାତ୍ମକ ରହିଛି। ଖୁବଶୀଘ୍ର ସରକାର ରଥଯାତ୍ରା ସଂକ୍ରାନ୍ତରେ ଘୋଷଣା କରିପାରନ୍ତି ବୋଲି ସୂଚନା ମିଳିଛି ।

କଟକରେ ପୋଲିସ ନିୟମ ଉଲ୍ଲଙ୍ଘନକାରୀଙ୍କ ନାଁରେ ଚାଲାଣ କାଟୁଛି।

୪୦ ଲକ୍ଷ ତଣ୍ଡ ଗଣିଲେଣି ଖିଲାପକାରୀ

କଟକ ଅଫିସ,୧୨।୬

କାଟୁ କରୁନି କଟକଣା

- ମାସ୍କ ନ ପିନ୍ଧି ୯,୩୭୧ ଜଣ ତଣ୍ଡ ଗଣିଛନ୍ତି
- ସାମାଜିକ ଦୂରତ୍ୱ ନ ରଖି ଜରିମାନା ଭରିଛନ୍ତି ୬,୧୮୦ ଜଣ
- ସହରରେ ରୁଜୁ ହେଲାଣି ୨୯୬ ମାମଲା

ପର୍ଯ୍ୟାୟକ୍ରମେ ଚାଲିଛି ଲକ୍‌ଡାଉନ୍। ବିଭିନ୍ନ କଟକଣା ଭିତରେ ସାମାଜିକ କାର୍ଯ୍ୟକଳାପ ଜାରି ରହିଛି। କିନ୍ତୁ ଏସବୁ କଟକଣା ସହରବାସୀଙ୍କୁ କାଟୁ କରୁନାହିଁ। ମାସ୍କ ନ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ନ ରଖିବା ହେତୁ ପୋଲିସ ଇତି ମଧ୍ୟରେ ପ୍ରାୟ ୪୦ ଲକ୍ଷ ଟଙ୍କାର ଜରିମାନା ଆଦାୟ କରିଛି। ଏହାଛଡ଼ା ଲକ୍‌ଡାଉନ୍ ନିୟମ ନ ମାନିବା କାରଣରୁ ଥାନାରେ ପଞ୍ଜୀକୃତ ହୋଇଛି ୨୯୬ଟି ମାମଲା।

ଲକ୍‌ଡାଉନ୍ ପ୍ରଥମେ ଗତ ମାର୍ଚ୍ଚ ୨୨ରୁ ଲାଗୁହୋଇ ବର୍ତ୍ତମାନ ଏହାର ୫ମ ପର୍ଯ୍ୟାୟ ଚାଲିଛି। ପ୍ରଥମ ୩ଟି ପର୍ଯ୍ୟାୟ ଲକ୍‌ଡାଉନ୍ ବେଶ କଡ଼ାକଡ଼ି ଭାବେ ପାଳନ କରାଯାଇଥିଲା। ପ୍ରତି ଛକରେ ପୋଲିସର ଚେକ୍ ପୋଷ୍ଟ। ବିନା କାରଣରେ ବାହାରେ ବୁଲୁଥିବା ଲୋକଙ୍କ ଉପରେ ଜରିମାନା ଲଦି ଦିଆଯାଉଥିଲା। ଗତ ଏପ୍ରିଲ ୧୦ରୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କଲେ ରାଜ୍ୟ ସରକାର। ଯେଉଁମାନେ ମାସ୍କ ପିନ୍ଧୁ ନ ଥିଲେ, ସେମାନେ ତଣ୍ଡ ଗଣୁଥିଲେ। ଏପ୍ରିଲ ୧୫ରୁ ଏ ପର୍ଯ୍ୟନ୍ତ ମାସ୍କ ନ ପିନ୍ଧି ୯,୩୭୧ ଜଣ ତଣ୍ଡ ଗଣିଛନ୍ତି। ଏମାନଙ୍କଠାରୁ ଆଦାୟ ହୋଇଥିବା ଜରିମାନା ରାଶି ହେଉଛି ୧୮ ଲକ୍ଷ ୬୯ ହଜାର ୨୦୦ ଟଙ୍କା। ସେହିପରି ସାମାଜିକ ଦୂରତ୍ୱ ବଜାୟ ନ ରଖିବା ଅଭିଯୋଗରେ ୬,୧୮୦ ଜଣଙ୍କଠାରୁ ୧୧ ଲକ୍ଷ ୪୩ ହଜାର ୫୫୦ ଟଙ୍କା ଜରିମାନା ଆଦାୟ ହୋଇ ସାରିଲାଣି। ଲକ୍‌ଡାଉନ୍ ନିୟମ ଖିଲାପକାରୀଙ୍କ ବିରୋଧରେ ବିଭିନ୍ନ ଥାନାରେ ୨୯୬ଟି ମାମଲା ଗଡୁଛି ବୋଲି ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି। ତାଙ୍କ କହିବା ମୁତାବକ, ଲୋକଙ୍କ ହିତରେ ପୋଲିସ ରହିଛି। କେବଳ ସଚେତନତା ଅଭାବ ଯୋଗୁ ଏତେମାତ୍ରାରେ ଅର୍ଥ ଆଦାୟ ହୋଇଛି। ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ ବଜାୟ ରଖିବା କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଲୋକେ ଏଯାଏ ଅନୁଭବ କରିନାହାନ୍ତି ବୋଲି ସେ କହିଛନ୍ତି।

ଖୋର୍ଦ୍ଧା ଉପଖଣ୍ଡରେ ୯ଦିନ ବ୍ୟାପୀ ୧୪୪

- ସାମୂହିକ ପାଳନ କରିପାରିବେନି ରଜ ଉତ୍ସବ
- ଗୋଷ୍ଠୀସଂକ୍ରମଣ ଆଶଙ୍କା

ଖୋର୍ଦ୍ଧା ଅଫିସ,୧୨।୬

କରୋନା ମହାମାରୀ ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ରବିବାର ଓଡ଼ିଶାର ଗଣ ପର୍ବ ରଜ ଉତ୍ସବ। ଗାଁ ଠୁ ସହର ସବୁଠି ରଜ ଉତ୍ସବ ଧୁମଧାମରେ ପାଳନ କରାଯାଇଥାଏ। ତେବେ କରୋନା ଲା

ସଂକ୍ଷେପରେ

ଛ'ଦିନରେ ପେଟ୍ରୋଲ ୩.୩୧ଟଙ୍କା ବଢିଲା

ନୂଆଦିଲ୍ଲୀ,୧୨।୬: ଦେଶରେ ତେଲ ଦର ବର୍ତ୍ତମାନ ବଢି ଚାଲିଥିବା ବେଳେ ଶୁକ୍ରବାର ପୁଣି ଥରେ ଏଥିରେ ବୃଦ୍ଧି ଘଟିଛି। ବିଗତ ୬ଦିନ ମଧ୍ୟରେ ଦେଶର ତେଲ ଦର ପେଟ୍ରୋଲ ଉପରେ ୩.୩୧ଟଙ୍କା ଏବଂ ଡ଼ିଜେଲରେ ୩.୪୨ଟଙ୍କା ବୃଦ୍ଧି ପାଇଛି । ତୈଳ ବିପଣନ କମ୍ପାନୀ ଗୁଡିକର ସୂଚନା ଅନୁସାରେ ଶୁକ୍ରବାର ପେଟ୍ରୋଲ ଲିଟର ପିଛା ୫୭ ପଇସା ଏବଂ ଡ଼ିଜେଲ ୫୯ ପଇସା ବୃଦ୍ଧି ହୋଇଛି। ଫଳରେ ପେଟ୍ରୋଲ ଦାମ ୭୪ ଟଙ୍କାରୁ ବୃଦ୍ଧି ପାଇ ୭୪.୫୭ ଟଙ୍କା ଛୁଇଁଛି। ସେହିଭଳି ଡ଼ିଜେଲ ଦର ୭୨.୨୨ଟଙ୍କାରୁ ବୃଦ୍ଧି ପାଇଁ ୭୨.୮୧ ଟଙ୍କା ଛୁଇଁଥିବା ଜଣାପଡିଛି। କରୋନା ଜନିତ ସଂକ୍ରମଣ କାରଣରୁ ସବୁ କିଛି ବନ୍ଦ ରହିଥିଲା। ଫଳରେ ସରକାରଙ୍କ ପକ୍ଷରୁ ଯାତାୟାତ ଚଳାଚଳରେ ନାନା କଟକଣା ରହିଥିଲା। ଯାନବାହନ ଗମନାଗମନର ହ୍ରାସ ସାଙ୍ଗକୁ ତେଲ ଦର ବୃଦ୍ଧିରେ ମଧ୍ୟ ରୋକ ଲାଗିଥିଲା। ବିଗତ ୮୦ ଦିନ ପରେ ତେଲ ଦର ପୁଣି ବୃଦ୍ଧି ପାଇଛି।

କେୟାର ହସ୍ପିଟାଲ ପକ୍ଷରୁ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୨।୬: କେୟାର ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ବିରଳ ଅସ୍ତ୍ରୋପଚାର ସମ୍ପାଦିତ ହୋଇଛି। ହୃଦରୋଗରେ ପୀଡିତ ଜଣେ ୬୦ବର୍ଷ ବୟସ୍କ ବ୍ୟକ୍ତିଙ୍କଠାରେ ସଫଳ ଭାବେ ବିରଳ ଟ୍ରିପଲ ଭାଲଭ୍ ସର୍ଜରୀ କରାଯାଇଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ମେଡିକାଲର ହୃଦରୋଗ ସର୍ଜନଙ୍କ ଏକ ଟିମ ଏହି ବିରଳ ରୋଗର ସର୍ଜରି କରିଛନ୍ତି। ସେହିଭଳି ସ୍ଥାୟୀ ଭାବେ ରୋଗୀର ଦେହରେ ପେସ୍‌ମେକର ପ୍ରତିରୋପଣ କରାଯାଇଛି। ଏହି ଟ୍ରିପଲ ଭାଲଭ ସର୍ଜରିକୁ ଏବେ ବି ଜଟିଳ ବୋଲି ବିଚାର କରାଯାଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାର୍ଡିଓ ପଲ୍‌ମୋନାରି ବାଇପାସ ଓ ଆଓଟିକ୍ କ୍ରସ କ୍ଲାମ୍ପ ସର୍ଜନଙ୍କ ନିମନ୍ତେ ବେଶ ଆହ୍ୱାନପୂର୍ଣ୍ଣ।

ଏପ୍ରିଲ୍‌ରେ ଔଦ୍ୟୋଗିକ ଉତ୍ପାଦନ ୦ପ୍

ମୁମ୍ବାଇ,୧୨।୬

କରୋନାକୁ ରୋକିବା ଲାଗି ସାରା ଦେଶରେ ମାର୍ଚ୍ଚ ୨୫ଠାରୁ ଘୋଷଣା ହୋଇଥିବା ଲକ୍‌ଡାଉନ ଯୋଗୁ ଆର୍ଥିକ କାର୍ଯ୍ୟକଳାପ ବନ୍ଦ ରହିଥିଲା। ଏହି ସମୟରେ ଦେଶର ଶିଳ୍ପ ୟୁନିଟଗୁଡିକରୁ ଉତ୍ପାଦନ ରେକର୍ଡ ହ୍ରାସ ପାଇଛି। ଏଭଳି କାରଣ ଲାଗି ଏପ୍ରିଲରେ ଔଦ୍ୟୋଗିକ ଉତ୍ପାଦନ ୫୫.୫% ନିମ୍ନରେ ରହିଥିବା ଜଣାପଡିଛି। ମାର୍ଚ୍ଚରେ ଏହା ୧୬.୭% ଖସିଥିଲା। ବର୍ତ୍ତମାନ କଟକଣା କୋହଳ କରାଯାଉଥିବାରୁ ଶିଳ୍ପଗୁଡିକରେ ଉତ୍ପାଦନ ବଢ଼ିବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ହେଲେ ସବୁ କିଛି ଟ୍ରାକ୍‌କୁ ଫେରିବା ଲାଗି କଷ୍ଟକର ହେବ। କାରଣ ଶିଳ୍ପଗୁଡିକରେ ବର୍ତ୍ତମାନ ଶ୍ରମିକ,ଲଜିଷ୍ଟିକ ଏବଂ କଞ୍ଚାମାଲ ସମସ୍ୟା ଲାଗି ରହିଛି।

ସରକାର ଶୁକ୍ରବାର ଏ ସମ୍ପର୍କରେ ଡାଟା ଜାରି କରିଛନ୍ତି। ଏପ୍ରିଲରେ ଅଧିକାଂଶ ଶିଳ୍ପ ସଂସ୍ଥା ଉତ୍ପାଦନ ବନ୍ଦ ରଖିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ବିସ୍ତୃତ ଡାଟା ସରକାର ଜାରି କରିନାହାନ୍ତି। ଏପ୍ରିଲ ଆଇଆଇପି ଡାଟାକୁ ଅନ୍ୟ ମାସ ସହ ତୁଳନା କରିବା ଉଚିତ ନୁହେଁ ବୋଲି ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଯୁକ୍ତିରେ କୁହାଯାଇଛି। ଔଦ୍ୟୋଗିକ ଉତ୍ପାଦନ ସୂଚୀ(ଆଇଆଇପି)ରେ ମାନୁଫାକଚରିଂର ଅଂଶ ୭୮% ରହିଛି।

୫୫.୫% ଖସିଲା ଆଇଆଇପି

ଏପ୍ରିଲ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବା ଯୋଗୁ ମାନୁଫାକଚରିଂ ୬୪.୨% ଖସିଥିବା ଜଣାପଡିଛି। ମାର୍ଚ୍ଚରେ ମାତ୍ର ୭ ଦିନ ଲକ୍‌ଡାଉନ ରହିଥିବା ବେଳେ ମାନୁଫାକଚରିଂ ୨୦.୬% ହ୍ରାସ ଘଟିଛି।

ଏଥିରୁ ଜଣାପଡୁଛି ଯେ, ଦେଶର ଶିଳ୍ପ କ୍ଷେତ୍ର ଚାପରେ ରହିଛି। ମାନୁଫାକଚରିଂ ସମସ୍ତ ୨୩ ଉପକ୍ଷେତ୍ରରେ ଗତ ମାସଗୁଡିକରେ ହ୍ରାସ ଧାରା ଜାରି ରହିଛି। ଏହି ସମୟରେ ଖଣି କ୍ଷେତ୍ର କାର୍ଯ୍ୟକଳାପ ୨୭.୩% ଖସିଛି। ଚାହିଦା କମିବା ଯୋଗୁ ବିଦ୍ୟୁତ୍ ଉତ୍ପାଦନ ୨୨% ହ୍ରାସ ଘଟିଛି। ୨୦୧୯-୨୦ରେ ଶିଳ୍ପ ଉତ୍ପାଦନ ୦.୭% ହ୍ରାସ ଘଟିଛି। ଏହା ୨୦୧୮-୧୯ରେ ୩.୮% ଅଭିବୃଦ୍ଧି ହାସଲ କରିଥିଲା।

ପରଟାରେ ଲାଗିବ ୧୮% ଜିଏସ୍‌ଟି:ଏଏଆର୍

ମୁମ୍ବାଇ,୧୨।୬

ପରଟା ରୁଟି ନୁହେଁ। ଏଥିରେ ୧୮% ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଲାଗୁ ହେବ। ଜିଏସ୍‌ଟି ବ୍ୟବସ୍ଥାରେ ଥିବା ଅଥରିଟି ଅଫ୍ ଆଡଭାନ୍ସ ରୁଲିଂସ(ଏଏଆର୍)ର କର୍ନାଟକ ବେଞ୍ଚ ରୁଟି ଏବଂ ପରଟା ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା ସହ ସର୍ବୋଚ୍ଚ ଟିକସ ହାର ୧୮% ଲାଗୁ ହେବା ନେଇ ନିର୍ଦ୍ଦେଶରେ କହିଛନ୍ତି। ବର୍ତ୍ତମାନ ରୁଟି ଉପରେ ୫% ଜିଏସ୍‌ଟି ଲାଗୁ ହେଉଛି। ପରଟାକୁ ଖାକରା, ପ୍ଲେନ୍ ଚପାତି ବା ରୁଟି ବର୍ଗରେ ସାମିଲ କରିବା ଲାଗି ହ୍ୱାଇଟଫିଲ୍ଡଠାରେ ଅବସ୍ଥିତ ଏକ ଘରୋଇ ଖାଦ୍ୟ ପ୍ରସ୍ତୁତ କରୁଥିବା ଆବେଦନ କରିଥିଲା। ଆବେଦନକାରୀଙ୍କ ମତ ଉପରେ ଏଏଆର୍ ନିଜର ପକ୍ଷ ରଖି ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

ରେଡି ଟୁ ଇଟ୍ ଫୁଡ୍ ପ୍ରସ୍ତୁତ କରୁଥିବା କମ୍ପାନୀ ଆଇଡି ଫ୍ରେସ୍ ଫୁଡ୍ ଏଏଆର୍‌ଙ୍କ ନିକଟରେ ଏକ ଆବେଦନ କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ସମ୍ପୂର୍ଣ୍ଣ ଅଟାରୁ ତିଆରି ପରଟା ଏବଂ ମାଲାବାର ପରଟା ଉପର କେଉଁଭଳି ଜିଏସ୍‌ଟି ଲାଗୁ କରାଯିବା ଆବଶ୍ୟକ ସେ ଉପରେ ସ୍ୱଚ୍ଛତା ଆସୁ। ଏହି ପରିପ୍ରେକ୍ଷୀରେ ପିଡବ୍ଲ୍ୟୁସି ଇଣ୍ଡିଆର ପାର୍ଟନର ପ୍ରତୀକ ଜୈନ କହିଛନ୍ତି, ରୁଟିକୁ ଏକ ଜେନେରିକ ଟର୍ମ ଭାବେ ଏଏଆର୍ ନେଇନାହାନ୍ତି। ଏହାକୁ ବିଭିନ୍ନ ବର୍ଗର ଭାରତୀୟ ବ୍ରେଡ୍ ଭାବେ ମଧ୍ୟ ବିବେଚନା କରାଯାଇପାରିବ। କେବଳ କିଛି ବର୍ଗ ପାଇଁ ଏହା ଉଦ୍ଦିଷ୍ଟ ନ ହୋଇପାରେ ବୋଲି ଏଏଆର୍ ବିବେଚନା କରିଛନ୍ତି।

ଏଏଆର୍ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି ଯେ, ୧୯୦୫ ହେଡିଂରେ ଆସୁଥିବା ପ୍ରଡକ୍ଟ(ରୁଟି) ରେଡି ଟୁ ଇଟ୍ ଖାଦ୍ୟ ପ୍ରସ୍ତୁତି ବର୍ଗରେ ଆସୁଛି। ଅନ୍ୟ ପକ୍ଷରେ ପରଟାକୁ ଖାଇବା ଆଗରୁ ଗରମ କରିବାକୁ ପଡିଥାଏ। ଏଭଳି ଅନ୍ୟ କିଛି ପ୍ରସଙ୍ଗକୁ ଆଧାରକରି ପରଟାକୁ ୧୯୦୫ ହେଡିଂ ମଧ୍ୟ ସାମିଲ କରାଯାଇ ନାହିଁ। ସେହିଭଳି ଏଣ୍ଟ୍ରି ୯୯ ନିୟମ ପରିସରରେ ପରଟା ଆସୁନାହିଁ। ଏଭଳି ସ୍ଥିତିରେ ଏଏଆରଙ୍କ ନିର୍ଦ୍ଦେଶ ଗୁରୁତ୍ୱ ବହନ କରେ। ଅନ୍ତତଃ ପକ୍ଷେ କର୍ନାଟକରେ ପରଟା ପ୍ରେମୀଙ୍କୁ ଅଧିକ ଜିଏସ୍‌ଟି ଟିକସ ପ୍ରଦାନ କରିବାକୁ ପଡିବ।

କାନାରା ବ୍ୟାଙ୍କ ଅଞ୍ଚଳ କାର୍ଯ୍ୟାଳୟର ନୂଆ ମୁଖ୍ୟ

ଭୁବନେଶ୍ୱର,୧୨।୬

କାନାରା ବ୍ୟାଙ୍କ, ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ନୂଆ ମୁଖ୍ୟ ଭାବେ ମହାପ୍ରବନ୍ଧକ ବି.ଏଲ୍.ମୀନା ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ବ୍ୟାଙ୍କିଙ୍ଗ୍ ଶିଳ୍ପରେ ତାଙ୍କର ୨୯ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ସେ କର୍ପୋରେଟ ଏବଂ ରିଟେଲ କ୍ରେଡିଟ, ଏମ୍‌ଏସ୍‌ଏମ୍‌ଇ ଋଣ ଯୋଗାଣ, ବ୍ୟାଙ୍କିଙ୍ଗ୍ ଟେକ୍ନୋଲୋଜି ଏବଂ ଏଚ୍‌ଆର୍ ଭଳି ଅନ୍ୟ ବିଭାଗରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଓଡ଼ିଶାରେ ତାଙ୍କୁ ଦ୍ୱିତୀୟ ଥର ଲାଗି ସର୍କଲ ହେଡ୍ ଭାବେ କାର୍ଯ୍ୟ କରିବାକୁ ଦାୟିତ୍ୱ ମିଳିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଣ ଦିଗରେ ବ୍ୟାଙ୍କ ଏହାର ଯୋଗଦାନ ଜାରି ରଖିବ। କେନ୍ଦ୍ର ସରକାରଙ୍କ ଋଣ ଗ୍ୟାରେଣ୍ଟି ସ୍କିମରେ ଏମ୍‌ଏସ୍‌ଏମ୍‌ଇଗୁଡିକୁ ଋଣ ଯୋଗାଣ ଦିଗରେ ବ୍ୟାଙ୍କ କାର୍ଯ୍ୟ କରୁଛି।

ପିଏନ୍‌ବିର ନୂତନ ମଣ୍ଡଳ ମୁଖ୍ୟ

ଭୁବନେଶ୍ୱର,୧୨।୬

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି), ଭୁବନେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ପରେଶ କୁମାର ଦାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ୧୯୮୯ରେ ପିଏନ୍‌ବିରେ ଜଣେ ମ୍ୟାନେଜମେଣ୍ଟ ଟ୍ରେନିଂ ଭାବେ ଯୋଗ ଦେଇଥିଲେ। ପଶ୍ଚିମବଙ୍ଗ, ବିହାର, ମହାରାଷ୍ଟ୍ର ଏବଂ ହରିୟାଣା ଭଳି ବିଭିନ୍ନ ରାଜ୍ୟରେ ସେ କାର୍ଯ୍ୟ କରିବା ସହ ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେ ଭୁବନେଶ୍ୱର ମଣ୍ଡଳରେ ରିଟେଲ ବ୍ୟାଙ୍କିଙ୍ଗ୍, ଏମ୍‌ଏସ୍‌ଏମ୍‌ଇ, କୃଷିଭିତ୍ତିକ ଅଗ୍ରିମ ସହ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଏବଂ ଏନ୍‌ପିଏ ହ୍ରାସ ଦିଗରେ ଗୁରୁତ୍ୱ ଦେବେ ବୋଲି ସୂଚନା ଦେଇଛନ୍ତି।

ୱାରେଣ୍ଟି ବଢାଇଲା ସାମସଙ୍ଗ

ଭୁବନେଶ୍ୱର,୧୨।୬

ପ୍ରମୁଖ କମ୍ପାନୀ ସାମ୍‌ସଙ୍ଗ ଇଣ୍ଡିଆ ତା'ର ଗ୍ରାହକଙ୍କ ସୁରକ୍ଷାକୁ ପ୍ରାଥମିକତା ଭାବେ ଗ୍ରହଣ କରିଛି। କମ୍ପାନୀ ତା'ର ସମସ୍ତ ଉତ୍ପାଦ ପୋର୍ଟଫୋଲିଓ ଗୁଡିକର ଷ୍ଟାଣ୍ଡାର୍ଡ ୱାରେଂଟିକୁ ଚଳିତ ମାସ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଚଳିତ ବର୍ଷ ମାର୍ଚ୍ଚ ୨୦ରୁ ମେ ୩୧ମଧ୍ୟରେ ଶେଷ ହୋଇଥିବା ୱାରେଂଟି ଉପରେ ଏହି ଅଫର ଲାଗୁ ହେବ। ଗ୍ରାହକଙ୍କୁ ସୁରକ୍ଷିତ ରଖିବା ପାଇଁ କମ୍ପାନୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଡିଭାଇସର ସୁରକ୍ଷା ଧ୍ୟାନରେ ରଖାଯାଇଛି। ଏହି ବିଷୟରେ ଅଧିକ ସୂଚନା ପାଇଁ ସାମସଙ୍ଗ ଇଣ୍ଡିଆ ନ୍ୟୁଜ ରୁମ୍ ଲିଙ୍କ ଏବଂ ଅନ୍‌ଲାଇନରେ ମଧ୍ୟ ଯୋଗାଯୋଗ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

NIT No. 03/OMC/DTR/2020 — Date: 12.06.2020

No. CAD-165: Sealed tenders are invited from the Agencies for providing of Light Commercial vehicles like Scorpio, Bolero & Camper on monthly hiring basis for the Regional Office DAITARI of OMC. The details of the tender schedule & eligibility criteria are available in our website i.e. **www.omcltd.in** which should be downloaded by the interested bidders on or after 12.06.2020. There will be no manual sale of the tender paper.

Sl. No.	Type/Category of the Vehicles	Qnty.	Tender Paper Fee	EMD	Tender availability in website	Tender submission on date	Tender opening date
1.	A.C. SCORPIO (MODEL S-9 and Above)	01	5,900.00 Including GST @ 18%	3.5 lakhs (For Commercial Light Vehicles)	Dt.12.06.2020 upto 3.00 P.M.	Dt.26.06.2020 at 3.00 P.M.	Dt.27.06.2020 at 10.30 A.M.
2.	A.C. BOLERO (SLX/ SLE/ZLX)	9					
3.	A.C. BOLERO (PLUS)	17					
4.	A.C. BOLERO (CAMPER)	1					

In case of non-availability of A.C. Bolero (Plus), A.C. Bolero (SLX/SLE/ZLX) shall be preferred. OMC reserves the right to accept or reject any or all tenders received without assigning any reason thereof.

Regional Manager
OIPR-30005/11/0025/2021

OFFICE OF THE REGULATED MARKET COMMITTEE, BARAGARH
At -Baragarh , Po- Baragarh
Dist.: Baragarh (Odisha), PIN- 768028
e-mail = rmcbargarh58@gmail.com
Tender call notice no. 462 / RMC dated: 10.06.2020
Bid Identification No. 01/RMC-Bargarh /2020-21
e-procurment notice IFB (Invitation for bids)

Sr. No.	Item	Details
1	The A.D.M., Bargarh-cum-Chairman RMC, Bargarh invites percentage rate bids in Single cover system in ONLINE MODE only for work as detailed below:	
2	Nature of the work	Building works.
3	No of work	2 Nos
4	Bid Cost	Rs.6000.00 online transfer.
5	Value of Tender	Rs 39,598Lakhs & Rs.20,103 Lakhs
6	Class of Contractor	C & B Class
7	Availability of BID Documents in the website	Dt 12.06.2020 to 29.06.2020
8	Last date/time of Receipt of bids in the portal	Dt 29.06.2020 upto 5.00 P.M
9	Date of opening of bid	Dt 30.06.2020 at 4.00 P.M
10	The Bidders have to participate in ONLINE bidding only. Further details can be seen from the website :https://tendersorissa.gov.in. Any Addendum/Corrigendum/ Cancellation of the Tender etc can also be seen in the website:https://tendersorissa.gov.in.	

Sd./- A.D.M., Bargarh-cum- Chairman, RMC, Bargarh

ରାଜ୍ୟ ଖବର

ନୂଆ ମୁହଁ, ମହିଳାଙ୍କୁ ପ୍ରାଧାନ୍ୟ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

- ସମୀରଙ୍କ ନୂଆ ଟିମ୍
- ମାପିଚୁପି ସାଙ୍ଗଠନିକ ତାଲିକା କରିଛି ଦଳ

ଭାଜପା ରାଜ୍ୟ ସଭାପତି ଭାବେ ଦାୟିତ୍ୱ ନେବାର ୫ ମାସ ପରେ ସମୀର ମହାନ୍ତିଙ୍କୁ ନୂଆ ସାଙ୍ଗଠନିକ ଟିମ୍ ମିଳିଛି। ଗତ ଗୁରୁବାର ଘୋଷିତ ହୋଇଥିବା ଏହି ଟିମ୍‌ରେ ବହୁ ନୂଆ ନେତାଙ୍କୁ ଦାୟିତ୍ୱ ମିଳିଛି। ରାଜ୍ୟର ବିଭିନ୍ନ ଅଞ୍ଚଳର ନେତାଙ୍କୁ ଦୃଷ୍ଟିରୁ ରଖି ଏହି ଟିମ୍ ପ୍ରସ୍ତୁତ କରାଯାଇଛି। ମହିଳାଙ୍କୁ ଏଥିରେ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ବିଧାୟକ ଓ ଏମ୍‌ପିମାନଙ୍କୁ ଅଧିକାଂଶ ସ୍ଥାନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ବହୁ ନୂଆ ମୁହଁଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରଖାଯାଇଛି। ଦଳ ମାପିଚୁପି ଏହି ସାଙ୍ଗଠନିକ ତାଲିକା ପ୍ରକାଶ କରିଛି।

ଦଳର ୬ଟି ମୋର୍ଚ୍ଚା ସଭାପତି ଦାୟିତ୍ୱରେ ସମ୍ପୂର୍ଣ୍ଣ ନୂଆ ଚେହେରାଙ୍କୁ ରଖାଯାଇଛି। ପୂର୍ବତନ ବିଧାୟକ ତଥା ପଶ୍ଚିମ ଓଡିଶା ନେତା ପ୍ରଦୀପ ପୁରୋହିତଙ୍କୁ ଏଥର କୃଷକ ମୋର୍ଚ୍ଚା ସଭାପତି କରାଯାଇଛି। ସେହିଭଳି ଦଳର ଯୁବମୋର୍ଚ୍ଚା ସଭାପତି ପଦବୀ ମଧ୍ୟ ପଶ୍ଚିମ ଓଡ଼ିଶାର ନେତାଙ୍କ ହାତରେ ନ୍ୟସ୍ତ କରାଯାଇଛି। ପୂର୍ବରୁ ମଧ୍ୟ ପଶ୍ଚିମ ଓଡ଼ିଶାର ଟଙ୍କଧର ତ୍ରିପାଠୀଙ୍କୁ ଏହି ଦାୟିତ୍ୱ ମିଳିଥିଲା। ୧୦ ଉପସଭାପତି ତାଲିକାରେ ଏମ୍‌ପି ସଙ୍ଗୀତା ସିଂଦେଓ, ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ଏମ୍‌ପି ବଳଭଦ୍ର ମାଝୀ, ବିଧାୟକ ଭାସ୍କର ମଡେଇ, ନାଉରୀ ନାୟକ, ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ରହିଛନ୍ତି। ଏହାସହ ସୁକେଶି ଓରାମ, ଭୃଗୁ ବକ୍ସିପାତ୍ର, ପ୍ରଭାତି ପରିଡ଼ା ମଧ୍ୟ ଅଛନ୍ତି। ମହିଳା ମୋର୍ଚ୍ଚା ସଭାପତି ରହିଥିବା ପ୍ରଭାତିଙ୍କୁ ଏଥର ରାଜ୍ୟ ଉପସଭାପତି ପଦ ମିଳିଛି। ସେହିପରି ୫ ଜଣଙ୍କୁ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ମାନସ କୁମାର ମହାନ୍ତିଙ୍କୁ ସଙ୍ଗଠନ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଏଥର ମଧ୍ୟ ଏହି ଦାୟିତ୍ୱ ମିଳିଥିଲା ବେଳେ ରାଜ୍ୟ ମୁଖପାତ୍ର ଦାୟିତ୍ୱରେ ଥିବା ଗୋଲକ ମହାପାତ୍ରଙ୍କୁ ପ୍ରଥମ କରି ଦଳର ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି। ପୂର୍ବତନ ବିଧାୟକ ରବି ନାୟକ, ଲେଖାଶ୍ରୀ ସାମନ୍ତ ସିଂହାର ମଧ୍ୟ ଦଳର ସାଧାରଣ ସମ୍ପାଦକ ଦାୟିତ୍ୱ ପାଇଛନ୍ତି। ସେହିପରି ୯ଜଣଙ୍କୁ ଦଳର ସମ୍ପାଦକ ଦାୟିତ୍ୱ ଦିଆଯାଇଥିବା ବେଳେ ଗୋଟିଏ ପଦବୀ ଖାଲି ରହିଛି। ଏହି ତାଲିକାରେ କାଳନ୍ଦି ସାମଲ, ଯୁବମୋର୍ଚ୍ଚା ସଭାପତି ରହିଥିବା ଟଙ୍କଧର ତ୍ରିପାଠୀ, ଅମର ନାୟକ, ଅଭିମନ୍ୟୁ ସେଠୀ, ନବୀନ ରାମ, ସୀମାଞ୍ଚଳ ଖଟେଇ, ପିଙ୍କି ପ୍ରଧାନ, ସିପ୍ରା ବାଜପେୟୀ, ଶର୍ମିଷ୍ଠା ମେହେର, ସୁଦର୍ଶନ ଗୋୟଲ ରହିଛନ୍ତି। ସେହିପରି ଦଳର ରାଜ୍ୟ ମୁଖପାତ୍ର ତାଲିକାରେ ସୁଦୀପ୍ତ ରାୟ, ପୀତାମ୍ବର ଆଚାର୍ଯ୍ୟ, ଦିଲ୍ଲୀପ ମହାନ୍ତି, ସତ୍ୟବ୍ରତ ପଣ୍ଡା, ଯତୀନ ମହାନ୍ତି, ବିରଞ୍ଚି ନାରାୟଣ ତ୍ରିପାଠୀ, ଧୀରେନ ସେନାପତି, ସୋନାଲି ସାହୁ, ଠାକୁର ରଞ୍ଜିତ ଦାସ, ଉମାକାନ୍ତ ପଟ୍ଟନାୟକ ରହିଛନ୍ତି। ସେହିଭଳି ୬ଟି ମୋର୍ଚ୍ଚାର ସଭାପତି ପରିବର୍ତ୍ତନ ହୋଇଛନ୍ତି। ମହିଳା ମୋର୍ଚ୍ଚା ସଭାପତି ଭାବେ କଟକର ସ୍ମୃତି ପଟ୍ଟନାୟକଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଏସ୍‌ଟି ମୋର୍ଚ୍ଚା ସଭାପତି ଭାବେ ବିଶେଷ୍ୱର ଟୁଡୁ, ବିଭୁ ପ୍ରସାଦ ତରାଇଙ୍କୁ ଏସ୍‌ସି ମୋର୍ଚ୍ଚା ସଭାପତି, ପଛୁଆ ବର୍ଗ ସଭାପତି ଭାବେ ସିକନ୍ଦର ଅଲିଙ୍କୁ ଦାୟିତ୍ୱ ମିଳିଛି। ସେହିପରି ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ଭାବେ ଦେବେନ୍ଦ୍ର ନନ୍ଦ ଦାୟିତ୍ୱ ପାଇଛନ୍ତି।

ଭିଜିଲାନ୍ସ ଜାଲରେ ସିଡିଭିଓ

ବାରିପଦା ଅଫିସ,୧୨।୬

କାର୍‌ରୁ ଜବତ ୩ ଲକ୍ଷ ୯୧ ହଜାର

ମୟୂରଭଞ୍ଜ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ) ଡା. ଅଭୟ କୁମାର ତ୍ରିପାଠୀ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସକାଳେ ସରକାରୀ କାର୍‌ରେ ଭୁବନେଶ୍ୱର ଅଭିମୁଖେ ସେ ଅର୍ନୈତିକ ଉପାୟରେ ଟଙ୍କା ନେଇ ଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବରପାଇ ଭିଜିଲାନ୍ସ ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ପୂର୍ବାହ୍ନ ୮ଟା୧୫ ସମୟରେ କାର୍‌ଟି ବେତନଟୀଠାରେ ପହଞ୍ଚିବା କ୍ଷଣି ସେଠାରେ ପୂର୍ବରୁ ଜଗି ରହିଥିବା ବାଲେଶ୍ୱର ଓ ବାରିପଦା ଭିଜିଲାନ୍ସ ଟିମ୍ ମିଳିତ ଭାବେ ଗାଡ଼ିକୁ ଅଟକାଇଥିଲେ। କାର୍ ଯାଞ୍ଚ ବେଳେ ସେଥିରୁ ନଗଦ ୩ ଲକ୍ଷ ୯୧ ହଜାର ଟଙ୍କା ଜବତ କରାଯାଇଥିଲା। ଏତେ ଟଙ୍କା କେଉଁଠାରୁ ଆସିଲା ସେ ନେଇ ତାଙ୍କୁ ବେତନଟୀସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟକୁ ନେଇ ଭିଜିଲାନ୍ସ କର୍ମଚାରୀମାନେ ପଚରାଉଚରା କରିଥିଲେ। ଏହା ପରେ ତାଙ୍କୁ ବାରିପଦାସ୍ଥିତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆଣି ଜେରା କରାଯାଇଥିଲା। ସେହିଭଳି ବାରିପଦା ମଧୁବନ ନିକଟସ୍ଥ ରାଣୀସତୀ ମନ୍ଦିର ନିକଟସ୍ଥ ତାଙ୍କ ଭଡ଼ାଘରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ଅଳ୍ପ ପରିମାଣର ଟଙ୍କା ଜବତ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ସିଡିଭିଓଙ୍କ ଭୁବନେଶ୍ୱର ଜୟଦେବବା

ପ୍ରବାସୀ ଶ୍ରମିକଙ୍କ ଦୁର୍ଦ୍ଦଶାକୁ ଦେଖି ବଲିଉଡ୍ ନାୟିକା ତାପସୀ ପନ୍ନୁ ସୋସିଆଲ ମିଡିଆରେ ଏକ ଇମୋଶନାଲ କବିତା ଶେୟାର କରିଛନ୍ତି। ଅସଲ କଥା ହେଲା ନିକଟରେ ତାପସୀ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି। ଉକ୍ତ ଭିଡିଓ ପ୍ରବାସୀ ଶ୍ରମିକଙ୍କ ଦୁର୍ଦ୍ଦଶା ବଖାଣୁଥିବା ଏକ କବିତା। ଏହି କବିତାରେ କେତୋଟି ଧାଡ଼ି ଶ୍ରୋତାଙ୍କ ହୃଦୟକୁ ଛୁଇଁଗଲା ପରି। ତେବେ କରୋନା ମହାମାରୀ ଯୋଗୁ ସବୁ ସେଲିବ୍ରିଟିଙ୍କ ପରି ତାପସୀ ମଧ୍ୟ ନିଜ ପରିବାର ସହ ସମୟ କାଟୁଛନ୍ତି।

ଅଭିନବ ଅନ୍‌ଲାଇନ୍ ପାଠପଢ଼ା



ହ୍ୟାଙ୍ଗର, ଚେୟାର, ଡ୍ରେସ୍ କ୍ଲିପ୍‌ରୁ ପ୍ରସ୍ତୁତ ଟ୍ରାଇପଡ୍

ନୂଆଦିଲ୍ଲୀ: କରୋନା ମହାମାରୀ ଯୋଗୁ ବିଦ୍ୟାଳୟଗୁଡ଼ିକ ବର୍ତ୍ତମାନ ବନ୍ଦ ରହିଛି। ତେଣୁ ଶିକ୍ଷୟିତ୍ରୀ/ଶିକ୍ଷକମାନେ ପିଲାମାନଙ୍କୁ ଅନ୍‌ଲାଇନ୍ ଶିକ୍ଷା ଦେଉଛନ୍ତି। କେଉଁଠି ଇଣ୍ଟରନେଟ୍ ଗତି କମ୍ ରହୁଛି ତ ଆଉ କେଉଁଠି ବ୍ଲାକବୋର୍ଡରେ ଗଣିତ, ବିଜ୍ଞାନ ଭଳି କଠିନ ବିଷୟ ପଢ଼ାଇବାରେ ବ୍ଲାକବୋର୍ଡର ବିଶେଷ ଭୂମିକା ରହିଛି। ଏଭଳି ପରିସ୍ଥିତିରେ ଜଣେ ଶିକ୍ଷୟିତ୍ରୀ ହ୍ୟାଙ୍ଗର, ଚେୟାର, ଡ୍ରେସ୍ କ୍ଲିପିଂରୁ ଅନ୍‌ଲାଇନ୍ ଶ୍ରେଣୀ ପାଇଁ ଏକ ଟ୍ରାଇପଡ୍ ତିଆରି କରିଛନ୍ତି। ଯାହା ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି। ଶେୟାର ହୋଇଥିବା ଫଟୋକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି।

ଟୁଇଟରରେ ଏକ ଫଟୋ ଶେୟାର କରି ଭାରତୀୟ ବନ ସେବା ଅଧିକାରୀ ସୁଦର୍ଶନ ରମଣ ଲେଖିଛନ୍ତି, 'ଏହି ଫଟୋରେ ଅନେକ ସକାରାତ୍ମକତା ଏବଂ ଆଶା ଅଛି। ରସାୟନ ବିଜ୍ଞାନର ଏହି ଶିକ୍ଷୟିତ୍ରୀଙ୍କ ପ୍ରତିବଦ୍ଧତା ଦେଖନ୍ତୁ। ପ୍ରାୟ ଏକ ସପ୍ତାହ ପୂର୍ବରୁ ଶିକ୍ଷୟିତ୍ରୀ ମୌମିତା ବି ଏହି ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ। ସେ ଲେଖିଛନ୍ତି, 'ମୋ' ପାଖରେ ଟ୍ରାଇପଡ୍ ନ ଥିବାରୁ ମୁଁ ମୋ' ଘରୁ ଅନ୍‌ଲାଇନ୍ କ୍ଲାସ ନେବାକୁ ଏକ ଅଭିନବ ପ୍ରୟାସ କରିଥିଲି। ସେ ନିଜ ଫୋନ୍‌କୁ ଏକ ହ୍ୟାଙ୍ଗରରେ ବାନ୍ଧି ରଖିଥିଲେ। ଏହାକୁ ଦଉଡ଼ି ସାହାଯ୍ୟରେ ଏକ ପ୍ଲାଷ୍ଟିକ ଚେୟାର ଏବଂ ଛାତରେ ବାନ୍ଧି ଟ୍ରାଇପଡ୍ ପ୍ରସ୍ତୁତ କଲେ। ତାଙ୍କର ଏହି ଭିଡିଓ ଭାଇରାଲ ହୋଇଛି। ଏହି ଭିଡିଓକୁ ବର୍ତ୍ତମାନ ସୁଦ୍ଧା ୨ ଲକ୍ଷରୁ ଅଧିକ ଲୋକ ଦେଖିସାରିଥିବା ବେଳେ ୬୦୦ରୁ ଅଧିକ ଲୋକ ଏହା ଉପରେ ମନ୍ତବ୍ୟ ଦେଇଛନ୍ତି।

ଜଣେ ୟୁଜର ଲେଖିଛନ୍ତି, ମାଡାମ୍, ଏହା ଦେଖି ଆମେ ବୁଝିଗଲୁ ଯେ, ସମ୍ବଳ ସବୁ ସମସ୍ୟାର ସମାଧାନ କରେ ନାହିଁ । ଯଦି ଆମର ଏହା କରିବାକୁ ପ୍ରେରଣା ଅଛି, ତେବେ ସମସ୍ୟା ନିଜେ ସମାଧାନ କରିପାରିବେ। ଶିକ୍ଷୟିତ୍ରୀ ମୌମିତା ଏଥିରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଯେ ମୋର ଏକମାତ୍ର ଉଦ୍ଦେଶ୍ୟ ଥିଲା ଶ୍ରେଣୀଗୃହ ପରିବେଶ ସୃଷ୍ଟି କରିବା। ଯାହାଦ୍ୱାରା ବ୍ଲାକ୍‌ବୋର୍ଡ ଛାତ୍ରୀଛାତ୍ରଙ୍କୁ ଭଲଭାବେ ଦେଖାଯିବ। ଫଳରେ ସେମାନେ ଭଲ ଶିକ୍ଷା ପାଇ ଉପକୃତ ହୋଇପାରିବେ।

ଟୁଇଟର୍‌ରେ ମଧ୍ୟ ଶିକ୍ଷୟିତ୍ରୀଙ୍କ ଏଭଳି ପ୍ରୟାସକୁ ଖୁବ୍ ପ୍ରଶଂସା କରାଯାଉଛି। ଜଣେ ୟୁଜର ଲେଖିଛନ୍ତି, 'ମୁଁ ଜାଣେନା ଏହା କେଉଁଠାରେ ଘଟିଛି ଏବଂ କିଏ ଏହା କରିଛି। କିନ୍ତୁ ଏହି ଫଟୋ ମୋ' ଆଖି ଖୋଲିଦେଇଛି। ଜଣେ ଶିକ୍ଷୟିତ୍ରୀ ଏପରି ଅନ୍‌ଲାଇନ୍ କ୍ଲାସ ନେବା ସ୍ୱାଗତଯୋଗ୍ୟ। ସେହିପରି ବହୁ ୟୁଜର ଶିକ୍ଷୟିତ୍ରୀଙ୍କ ଏଭଳି ଶିକ୍ଷାଦାନକୁ ଢେର୍ ପ୍ରଂଶସା କରିଛନ୍ତି।

କନିକାଙ୍କୁ ଫ୍ଲାଟରେ ଏଣ୍ଟ୍ରି ମିଳି ନ ଥିଲା

କନିକା ମାନ

ମୁମ୍ବାଇ: କରୋନା ଲକ୍‌ଡାଉନ ଯୋଗୁ ମାର୍ଚ୍ଚ ୨୨ଠାରୁ ସମସ୍ତ ଫିଲ୍ମ ଓ ସିରିୟଲ୍ ଶୁଟିଂ ବନ୍ଦ ରହିଛି। ଫଳରେ କଳାକାରମାନେ ହାତବାନ୍ଧି ଘରେ ବସି ରହିଛନ୍ତି। ନିକଟରେ ନୂଆ ଗାଇଡ୍‌ଲାଇନ୍ ଅନୁସାରେ ଶୁଟିଂ କରିବାକୁ ସରକାର ଅନୁମତି ଦେଇଛନ୍ତି। ଅନୁମତି ମିଳିବା ପରେ ଲକ୍‌ଡାଉନରେ ନିଜ ସହରକୁ ଫେରିଯାଇଥିବା ସମସ୍ତ କଳାକାର ଏବେ ମୁମ୍ବାଇକୁ ଫେରିଛନ୍ତି। ସେଥିମଧ୍ୟରୁ ସିରିୟଲ୍ 'ଗୁଞ୍ଜନ ଡୁମ୍‌ସେ ନ ହୋ ପାଏଗା'ର ଗୁଞ୍ଜନ ଫେମ୍ କନିକା ମାନ ମଧ୍ୟ ରହିଛନ୍ତି। କନିକା ନିଜ ମା'ଙ୍କ ସହ ପାନିପତରୁ ମୁମ୍ବାଇକୁ ଆସିଛନ୍ତି। ଫେରିବା ପରେ ଘରୁ ହିଁ ସେ ଶୁଟିଂ ଆରମ୍ଭ କରିଦେଇଛନ୍ତି। ତେବେ ମୁମ୍ବାଇ ଫେରିବା ପରେ ରହୁଥିବା ସୋସାଇଟିରେ ତାଙ୍କୁ ଓ ତାଙ୍କ ମା'ଙ୍କୁ ଏଣ୍ଟ୍ରି ମିଳି ନ ଥିଲା ବୋଲି ସେ କହିଛନ୍ତି। ସୋସାଇଟି ଲୋକଙ୍କୁ ବହୁ ବୁଝାସୁଝା କରିବା ସହ ମୁମ୍ବାଇ ଏୟାରପୋର୍ଟ ଥର୍ମାଲ ସ୍କ୍ରିନିଂ, ଆରୋଗ୍ୟ ସେତୁ ଆପ୍‌ରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଦାଖଲ କରାଯାଇଛି ବୋଲି ସେ କହିଥିଲେ। ଏଥିସହ ୧୫ଦିନର କ୍ୱାରାଣ୍ଟାଇନ୍ ନିୟମ ମଧ୍ୟ ପାଳନ କରିବୁ କହିବା ପରେ ସୋସାଇଟି ଲୋକେ ତାଙ୍କୁ ଫ୍ଲାଟରେ ରହିବାକୁ ଅନୁମତି ଦେଇଥିଲେ।

ଚାକିରିକୁ ନା' କରି ହେଲେ ସଫଳ ଚାଷୀ

ବେଲଗାଭି(କର୍ନାଟକ): କଳା ଏବଂ ଶିକ୍ଷା ଦୁଇଟି ବିଷୟରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଭଲ ଶିକ୍ଷକଟିଏ ହେବା ପାଇଁ ଲକ୍ଷ୍ୟ ରହିଥିଲା। ଚାହିଁଥିଲେ ଚାକିରିଟିଏ ମଧ୍ୟ ନିଶ୍ଚୟ ପାଇଯାଇଥାନ୍ତେ। ହେଲେ ଚାକିରିକୁ ଏଡ଼ାଇ ଦେଇଥିଲେ। ମାସିକ ୧୬ ହଜାର ଟଙ୍କା ଦରମାରେ ମିଳିବାକୁ ଥିବା ଚାକିରି ପାଇଁ ଯେଉଁ ସର୍ତ୍ତ ରହିଥିଲା, ତାହା ମଞ୍ଜୁର ନ ଥିଲା। ତେଣୁ ନିଜ ଲକ୍ଷ୍ୟ ଏବଂ ଭବିଷ୍ୟତର ରାସ୍ତାକୁ ବଦଳାଇ ଦେଇଥିଲେ। ସେ ଭଲ ଶିକ୍ଷକଟିଏ ହେବାର ସ୍ୱପ୍ନ ଅଧୁରା ରହିଗଲା ନିଶ୍ଚୟ। ମାତ୍ର ଏବେ ଜଣେ ସଫଳ ଚାଷୀଭାବେ ଲୋକପ୍ରିୟ ହୋଇପାରିଛନ୍ତି। ସେ ହେଉଛନ୍ତି କର୍ନାଟକ ବେଲାଗାଭି ଜିଲା ଅନ୍ତର୍ଗତ ଶିରୁର୍ ଗ୍ରାମର ୩୮ ବର୍ଷୀୟ ସତୀଶ ଶିଦଗୌଦର। ତାଙ୍କ କହିବା ହେଲା ଚାକିରିଟିଏ ମିଳିଥିଲା। ହେଲେ ମାସକୁ ୧୬ ହଜାର ଟଙ୍କା ଦରମାରେ ମିଳୁଥିବା ଚାକିରି ପାଇଁ ୧୬ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଚାକିରି ମିଳିଯାଉ ବୋଲି ବାପା ନାଗାପ୍ପା ମଧ୍ୟ ଋଣ କରି ଟଙ୍କା ଯୋଗାଡ଼ କରିବାକୁ ଚିନ୍ତା କରୁଥିଲେ।

ମାତ୍ର ସତୀଶ ଏହାକୁ ମନା କରିଦେଇଥିଲେ। ଚାକିରି ପଛରେ ନ ଗୋଡ଼ାଇ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ୬୯ ବର୍ଷୀୟ ବାପା ଏବଂ ଦାଦା ପାରମ୍ପରିକ ପ୍ରଣାଳୀରେ ୧୫ ବର୍ଷ ଧରି ବିଭିନ୍ନ ପନିପରିବା ଚାଷ କରୁଥିଲେ। ହେଲେ ଅଧିକ ଲାଭବାନ୍ ହୋଇପାରୁ ନ ଥିଲେ। ସତୀଶ କୃଷି କାର୍ଯ୍ୟରେ ଯୋଗଦେବା ପରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗକରି କୀଟ ପରିଚାଳନା ଏବଂ ଡ୍ରିପ୍ ଇରିଗେଶନ ଦ୍ୱାରା ଚାଷ କ୍ଷେତ୍ର ପାଇଁ ଜଳସେଚନର ସୁବିଧା କରିଥିଲେ; ଯଦ୍ୱାରା ସେ ପନିପରିବାର ଗୁଣବତ୍ତା ଏବଂ ଆଦାୟର ପରିମାଣ ବୃଦ୍ଧି କରିବାରେ ସଫଳ ହୋଇପାରିଛନ୍ତି। ଦିନକୁ ଦିନ କଲରାର ଚାହିଦା ବୃଦ୍ଧିକୁ ନଜରରେ ରଖି ସେ ଏହି ଚାଷ କରିବାକୁ ଚିନ୍ତା କରିଥିଲେ। ନିଜର ୫ ଏକର ଜମିରୁ ଦେଢ଼ ଏକରରେ ଗୋଟିଏ ଋତୁରେ ସେ ପ୍ରାୟ ୫୦ ଟନ୍ କଲରା ଉତ୍ପାଦନ କରିପାରୁଛନ୍ତି। ଗତ ବର୍ଷ ସେ ଟନ୍ ପିଛା ୪୮ହଜାର ଟଙ୍କାରେ ବିକ୍ରି କରିଥିବାବେଳେ ଏ ବର୍ଷ ୩୫ହଜାର ଟଙ୍କାରେ ବିକ୍ରି କରିଛନ୍ତି। ଚଳିତ ଋତୁରେ ଏଥିରୁ ସେ ଦିନକୁ ୨୫ହଜାରରୁ ୩୫ହଜାର ଟଙ୍କା ଆଦାୟ କରୁଥିବା କୁହନ୍ତି। ପ୍ରାୟ ଦେଢ଼ଲକ୍ଷ ଟଙ୍କା ବିନିଯୋଗ କରି ବହୁ ଗୁଣ ଲାଭ ପାଉଥିବାବେଳେ ଏହା ସେ କୌଣସି ଚାକିରିରୁ ଆଦାୟ କରିପାରି ନ ଥାନ୍ତେ ବୋଲି ସତୀଶ କୁହନ୍ତି। ଗଛଗୁଡ଼ିକର ସେ ଶିଶୁଙ୍କ ଭଳି ଯତ୍ନ ନେଇଥାନ୍ତି। କଠିନ ପରିଶ୍ରମ ଦ୍ୱାରା ହିଁ ସେ ଏହି ସଫଳତା ପାଇଛନ୍ତି। ଏବେ ତାଙ୍କଠାରୁ ସଫଳ ଚାଷ ପ୍ରଣାଳୀ ଜାଣିବାକୁ ବିଭିନ୍ନ ଜିଲାରୁ ଲୋକେ ସତୀଶଙ୍କ କ୍ଷେତ ନିକଟରେ ପହଞ୍ଚୁଥିବା ସେ କହିଛନ୍ତି। ତେଣୁ କେବଳ ଚାକିରି ପଛରେ ଗୋଡ଼ାଉଥିବା ଯୁବଗୋଷ୍ଠୀଙ୍କ ପାଇଁ ସତୀଶ ପ୍ରେରଣା ନିଶ୍ଚୟ।

କରୋନା ମଲ୍

ବାରାଣସୀ: ପିଲାଙ୍କ ଲାଗି ଫ୍ୟାନ୍ସି କଲର ମାସ୍କ, ବିଭିନ୍ନ ଡିଜାଇନ୍ ମାସ୍କ, ସାନିଟାଇଜର, ହ୍ୟାଣ୍ଡ ଗ୍ଲୋବ୍ସ, ସାବୁନ, ଗାମୁଛା ଓ ଭିନ୍ନ ଧରଣର ଫେସ୍ କଭର ଆଦି ସମସ୍ତ କରୋନା ସମ୍ପର୍କିତ ଜିନିଷ ଗୋଟିଏ ଛାତ ତଳେ ମିଳୁଛି। ଏଠାକୁ ଲୋକଙ୍କ ଲମ୍ବାଲାଇନ ମଧ୍ୟ ଲାଗିଛି। ପ୍ରାଣଘାତୀ କରୋନାର ପ୍ରକୋପ ବଢ଼ି ବଢ଼ି ଚାଲିଥିବା ବେଳେ ଏହାର ପ୍ରକୋପରୁ ନିଜକୁ ରକ୍ଷାକରିବା ଲାଗି ଏହି ମଲ୍‌କୁ ସମସ୍ତେ ଛୁଟି ଆସୁଛନ୍ତି। ଏହି ମଲ୍‌ର ନାମ ରହିଛି କରୋନା ମଲ୍। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂସଦୀୟ ନିର୍ବାଚନମଣ୍ଡଳୀ ତଥା ଉତ୍ତରପ୍ରଦେଶର ବାରାଣସୀ ଅନ୍ତର୍ଗତ ସିଗ୍ରା ଅଞ୍ଚଳରେ ରହିଛି। ମଲ୍‌ର ୟୁନିକ୍ ନାମକୁ ନେଇ ଲୋକଙ୍କ ମଧ୍ୟରେ ଯେତିକି ଚର୍ଚ୍ଚା, ତା'ଠାରୁ ବ୍ୟବସାୟ ଯଥେଷ୍ଟ ଅଧିକ ରହିଛି। ଛୋଟ ମଲ୍ ଥିବାରୁ ଏହି ଦୋକାନର ନାମକରଣ ଏଥିଲାଗି ଆମେ କରୋନା ମଲ୍ ରଖିଛୁ ବୋଲି କହିଛନ୍ତି ମଲ୍ ମାଲିକ।

କରୋନା ମଲ୍ ମାଲିକ ଅଶୋକ ସିଂ କୁହନ୍ତି, କରୋନାକୁ ନେଇ ଲୋକମାନେ ଭୟଭୀତ ଥିବାବେଳେ ସଂକ୍ରମଣ ରୋକିବା ଲାଗି ଆବଶ୍ୟକ ସମସ୍ତ ଉପକରଣ କରୋନା ମଲ୍‌ରେ ରଖାଯାଇଛି। ମାସ୍କ, ସାବୁନ, ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଗ୍ଲୋବ୍ସ ଆଦି ଭଲ ବିକ୍ରି ହେଉଥିବା ସେ ପ୍ରକାଶ କରିଛନ୍ତି। କରୋନା ରୋକିବାକୁ ସମସ୍ତ ଆବଶ୍ୟକ ଜିନିଷ ଏଠାରେ ଉପଲବ୍ଧ। ଏଥିସହ ଟନେଲ ମେଶିନ, ଅଟୋମେଟିକ ସାନିଟାଇଜର ମେଶିନ, ଥର୍ମାଲ ସ୍କାନର ଭଳି ହାଇଟେକ୍ ମେଶିନ ମଧ୍ୟ ଏଠାରେ ଉପଲବ୍ଧ। ଜାଲ୍ ଜିନିଷ ଏଠାରେ ଜମା ମିଳେନା, ତେଣୁ ଲୋକମାନେ ମଲ୍ ଗହଳି ଥିଲେ ବି ଭୟ ନ କରି ଏଠାକୁ ଛୁଟିଆସନ୍ତି ବୋଲି ସିଂ କହିଛନ୍ତି। ସପ୍ତାହକ ମଧ୍ୟରେ ଏହି ମଲ୍ ବେଶ୍ ନାମ କରିପାରିଛି ବୋଲି ବାରାଣସୀର ଜଣେ ଗ୍ରାହକ ପ୍ରକାଶ କରିଛନ୍ତି। ଭଲ ଭଲ ବ୍ରାଣ୍ଡେଡ୍ ଜିନିଷ ଗୋଟିଏ ଜାଗାରୁ ମିଳିଲେ, ଏଭଳି ସୁଯୋଗକୁ ହାତଛଡ଼ା ବା କିଏ କରିବ।

ପୋଷ୍ଟ ଅଫିସରେ ବିକ୍ରିହେବ ହ୍ୟାଣ୍ଡ ସାନିଟାଇଜର

ଲକ୍ଷ୍ନୌ: ମହାମାରୀ କରୋନା ଆତଙ୍କ ସୃଷ୍ଟିକରିଥିବା ବେଳେ ଲୋକମାନଙ୍କୁ ସଚେତନ କରାଇବା ଓ ସେମାନଙ୍କୁ କରୋନାଠାରୁ ଦୂରେଇ ରଖିବା ଲାଗି ଆବଶ୍ୟକ ହେଉଥିବା ଜିନିଷ ଯୋଗାଇଦେବା ଏବେ ପ୍ରଧାନ କର୍ତ୍ତବ୍ୟ ହୋଇଛି। ଏହାକୁ ଗୁରୁତ୍ୱଦେଇ ଉତ୍ତରପ୍ରଦେଶ ପ୍ରଶାସନ ପକ୍ଷରୁ ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ୫୦୦ରୁ ଊର୍ଦ୍ଧ୍ୱ ପୋଷ୍ଟ ଅଫିସରେ ହ୍ୟାଣ୍ଡ ସାନିଟାଇଜର ବିକ୍ରି କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉତ୍ତରପ୍ରଦେଶର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ କୌଶଲେନ୍ଦ୍ର କୁମାର ସିହ୍ନା ଏନେଇ କହିଛନ୍ତି, ଡାକ ବିଭାଗ ଏଥିଲାଗି ମେଘଦୂତ ଗ୍ରାମୋଦ୍ୟୋଗ ସେବା ସଂସ୍ଥାନ ସହ ଚୁକ୍ତି ସ୍ୱାକ୍ଷର କରିଛି। ଏହି କୋଅପରେଟିଭ୍ ସଂସ୍ଥା ହ୍ୟାଣ୍ଡ୍ ସାନିଟାଇଜର ଯୋଗାଇଦେବ। ଡାକ ବିଭାଗ ପକ୍ଷରୁ ଏହି ସାନିଟାଇଜର ଜୁନ୍ ୧୫ରୁ ବର୍ଷକ ଲାଗି ବିକ୍ରି କରାଯିବ। ଡାକ ବିଭାଗ ଲକ୍‌ଡାଉନ୍ ସମୟରେ ମଧ୍ୟ କାର୍ଯ୍ୟ ଜାରି ରଖିଥିଲା। ମେଲ୍ ଦେବାଠାରୁ ଆରମ୍ଭ କରି ପୋଷ୍ଟମ୍ୟାନ୍ ହସ୍ପିଟାଲକୁ ଭେଣ୍ଟିଲେଟର, କୋଭିଡ୍-୧୯ ଟେଷ୍ଟ କିଟ୍ସ ଯୋଗାଇବା କାର୍ଯ୍ୟ ଆଦି କରିଆସୁଛନ୍ତି। ଏଥିସହ ୩୦ ଲକ୍ଷରୁ ଅଧିକ ଲୋକଙ୍କୁ ଲକ୍‌ଡାଉନ୍ ସମୟରେ ଟଙ୍କା ପ୍ରଦାନ କରିଛନ୍ତି। କରୋନା ଭୂତାଣୁ ସଂକ୍ରମଣ ଉଗ୍ରରୂପ ଧାରଣ କରୁଥିବାରୁ ବିଭିନ୍ନ ଡାକଘରେ ହ୍ୟାଣ୍ଡ୍ ସାନିଟାଇଜର ବିକ୍ରି କରାଯିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଥିବା ସିହ୍ନା ପ୍ରକାଶ କରିଛନ୍ତି।

ପୁଣି ରିଲିଜ ହେବ 'ଗୁଡ୍ ନ୍ୟୁଜ୍' ଓ 'ଡ୍ରିମ୍ ଗର୍ଲ'

ମୁମ୍ବାଇ: ବଲିଉଡ୍‌ର ଖିଲାଡି ବୟ ଅକ୍ଷୟ କୁମାର ଏବଂ ଆୟୁଷ୍ମାନ ଖୁରାନାଙ୍କ ପ୍ରଶଂସକଙ୍କ ପାଇଁ ଖୁସି ଖବର। କଥା କ'ଣ କି, ଅକ୍ଷୟ କୁମାର ଏବଂ ତାଙ୍କ ସାଥୀ କଳାକାର କରୀନା କପୁର, ଦିଲଜିତ ଦୋସାଞ୍ଜ ଏବଂ କିଆରା ଆଡଭାଣୀଙ୍କ କମେଡି ଭିତ୍ତିକ ଡ୍ରାମା ଫିଲ୍ମ 'ଗୁଡ୍ ନ୍ୟୁଜ୍' ପୁଣି ଥରେ ସିନେମା ଘରେ ମୁକ୍ତିଲାଭ କରିବ। ଏଥିସହ ଆୟୁଷ୍ମାନ ଖୁରାନାଙ୍କ ଗତବର୍ଷ ମୁକ୍ତିଲାଭ କରିଥିବା ଫିଲ୍ମ 'ଡ୍ରିମ୍ ଗର୍ଲ' ମଧ୍ୟ ଏଥିରେ ସାମିଲ ହୋଇଛି। ତେବେ ଏହା ଭାରତରେ ନୁହେଁ ବରଂ ୟୁଏଇରେ ମୁକ୍ତିଲାଭ କରିବ। କରୋନା ମହାମାରୀ ପାଇଁ ସାରା ବିଶ୍ୱରେ ଲକ୍‌ଡାଉନ୍ ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଥିବା ସ୍ଥାନ ମଧ୍ୟରେ ସାଉଦୀ ଆରବ ମଧ୍ୟ ଗୋଟିଏ। ଦୁବାଇରେ ଧୀରେ ଧୀରେ

ଜନଜୀବନ ସାମାନ୍ୟ ହୋଇଥିବା ବେଳେ ମେ' ୨୭ ତାରିଖରୁ ସେଠାରେ ସିନେମା ଘର ଗୁଡ଼ିକ ଖୋଲାଯାଇଛି। ଏବେ ଏହି ସିନେମା ଘରେ ଉଭୟ ହଲିଉଡ୍ ଏବଂ ବଲିଉଡ୍ ଫିଲ୍ମ ଧୁମ୍ ମଚାଇବା ଲାଗି ପ୍ରସ୍ତୁତ ଅଛି। ଗତବର୍ଷ ରିଲିଜ୍ ହୋଇଥିବା ବଲିଉଡ୍ ଫିଲ୍ମ 'ଗୁଡ ନ୍ୟୁଜ୍' ଏବଂ 'ଡ୍ରିମ୍ ଗର୍ଲ' ଭାରତୀୟ ସିନେମା ଘରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରିଥିଲା। ଗୁଡ୍ ନ୍ୟୁଜ୍‌ର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଅଭିନେତା ଅକ୍ଷୟ କୁମାର କହିଛନ୍ତି ଯେ, ଦୁବାଇରେ ତାଙ୍କର ଫିଲ୍ମ ଗୁଡ଼ିକ ସର୍ବଦା ଦର୍ଶକ ପସନ୍ଦ କରିଥାନ୍ତି। ତେବେ ଏହି ଘଡିସନ୍ଧି ମୁହୂର୍ତ୍ତରେ ତାଙ୍କ ଅଭିନୀତ ଫିଲ୍ମ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନ ଯୋଗାଇବ ବୋଲି ସେ ଆଶ କରିଛନ୍ତି।

ସବୁଠୁ ଉଚ୍ଚ ବିଷ୍ଣୁ ମନ୍ଦିର

ଜାକର୍ତ୍ତା: ହିନ୍ଦୁଧର୍ମରେ ଭଗବାନ ବିଷ୍ଣୁଙ୍କୁ ପୃଥିବୀର ପାଳନକର୍ତ୍ତା ଭାବେ ବିବେଚନା କରାଯାଏ। ଯଦିଓ ଭାରତର ପ୍ରତ୍ୟେକ କୋଣ ଅନୁକୋଣରେ ଭଗବାନ ବିଷ୍ଣୁଙ୍କ ମନ୍ଦିର ରହିଛି ତଥାପି ସବୁଠାରୁ ଉଚ୍ଚ ମନ୍ଦିର ଇଣ୍ଡୋନେସିଆରେ ରହିଛି। ଏଠାରେ ଥିବା ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ଏତେ ବଡ଼ ଯେ ଏହାକୁ ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ। ଏହା ବ୍ୟତୀତ ଆଉ ଏକ ବିଶେଷ କଥା ହେଲା ଏହି ମୂର୍ତ୍ତି ନିର୍ମାଣ ପାଇଁ ୮୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଭଗବାନ ବିଷ୍ଣୁଙ୍କ ଏହି ପ୍ରତିମୂର୍ତ୍ତି ପ୍ରାୟ ୧୨୨ ଫୁଟ ଉଚ୍ଚ ଏବଂ ୬୪ ଫୁଟ ଚଉଡ଼ା। ଏହା ତମ୍ବା ଏବଂ ପିତ୍ତଳରେ ନିର୍ମିତ। ଏହାକୁ ତିଆରି କରିବାକୁ ପ୍ରାୟ ୨୬ ବର୍ଷ ଲାଗିଥିଲା। ୨୦୧୮ରେ ଏହି ମୂର୍ତ୍ତି ତିଆରି ଶେଷ ହୋଇଥିଲା।

୧୯୮୦ ମସିହାରେ ଏକ କମ୍ପାନୀ ଗଠନ କରାଯାଇ ଏହାର ତତ୍ତ୍ୱାବଧାନରେ ମୂର୍ତ୍ତିଗୁଡ଼ିକର ସମସ୍ତ କାର୍ଯ୍ୟ କରାଯାଇଥିଲା। ତଥାପି, ପ୍ରତିମୂର୍ତ୍ତିର ଗଠନ କିପରି ହେବା ଉଚିତ ଏବଂ ଏଥିରେ ଖର୍ଚ୍ଚ ହୋଇଥିବା ଟଙ୍କା କେଉଁଠୁ ଆସିବ ସେକଥା ଭାବି ଅନେକ ବର୍ଷ ବିତିଯାଇଥିଲା। ଶେଷରେ, ଦୀର୍ଘ ଯୋଜନା ପରେ, ୧୯୯୪ରେ ମୂର୍ତ୍ତିନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ଇଣ୍ଡୋନେସିଆର ଅନେକ ସରକାର ଏହାକୁ ନିର୍ମାଣ କରିବାରେ ସାହାଯ୍ୟ କରିଥିଲେ। ତେବେ ବଜେଟ୍ ଅଭାବରୁ କାମ ବନ୍ଦ ହୋଇଯାଇଥିଲା। ମୂର୍ତ୍ତି ତିଆରି କରିବାର କାର୍ଯ୍ୟ ୨୦୦୭ ରୁ ୨୦୧୭ ପର୍ଯ୍ୟନ୍ତ ବନ୍ଦ ହୋଇଯାଇଥିଲା। କିନ୍ତୁ ଏହା ପରେ କାର୍ଯ୍ୟ ପୁଣି ଆରମ୍ଭ ହୋଇ ଶେଷ ହୋଇଥିଲା।

ବାଲିଦ୍ୱୀପରେ ଉଙ୍ଗାସନସ୍ଥିତ ଏହି ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ କରିଥିବା ଶିଳ୍ପୀ ବପ୍ପା ନ୍ୟୁମନ୍ ନୂଆର୍ତ୍ତାଙ୍କୁ ମଧ୍ୟ ଭାରତରେ ସମ୍ମାନିତ କରାଯାଇଥିଲା। ପଦ୍ମଶ୍ରୀ ପୁରସ୍କାର ତାଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରଦାନ କରିଥିଲେ। ଆଜି ଏହି ମନ୍ଦିରର ଖ୍ୟାତି ସାରା ବିଶ୍ୱରେ ବ୍ୟାପିଯାଇଛି। ଭଗବାନ ବ

କବିତା

କରୋନାରେ ରଜ

ବରଷକେ ଥରେ ଜ୍ୟେଷ୍ଠ ମାସରେ
ଆସିଥାଏ ପରା ରଜ,
ଗାଁରୁ ସହର ପୁଅଝିଅ, ଲୋକେ
ହୋଇଥାନ୍ତି ସଜବାଜ।
କେଡ଼େ ସରାଗରେ ପୋଡ଼ପିଠା ଖାଇ
କଳେ ଯାକି ରଜ ପାନ,
ପାଦରେ ଅଳତା, ମଥାରେ ଚନ୍ଦନ
(ଝିଏ) ପିନ୍ଧି ନୂତନ ବସନ।
ଦଳଦଳ ହୋଇ ସାହି ବୁଲି ଯାନ୍ତି
(ପାଦରେ) ଗୁଆ ଖୋଳପାକୁ ପିନ୍ଧି,
ଗାଁ ମୁଣ୍ଡ ତୋଟା ବରଗଛ ତାଳେ
ଖେଳନ୍ତି ଦୋଳିକୁ ବାନ୍ଧି।
ଆମ୍ବ ତୋଟା ଗଛ ଛାଇରେ ଯୁବକେ
ଖେଳନ୍ତି ବାଗୁଡ଼ି ଖେଳ,
ଚଉପାଢ଼ି ପରେ ତାସ୍ ଖେଳନ୍ତି
ବୁଢ଼ାମାନେ ଦଳଦଳ।
କେଉଁଠୁ ଆସିଲା କରୋନା ରାକ୍ଷସ
ସବୁ କଲା ଛାରଖାର,
ରଜ ମଉଜର ଆନନ୍ଦ, ଉତ୍ସାହ
କରିଦେଲା ନାରଖାର।
ଲକ୍‌ଡାଉନ, ଶଟ୍‌ଡାଉନ୍, କ୍ୱାରାଣ୍ଟାଇନ୍
କଣ୍ଟେନ୍‌ମେଣ୍ଟରେ ରହି,
କି ରଜ ପାଳିବେ ଓଡ଼ିଶାବାସୀଏ
ସୋସିଆଲ ଡିଷ୍ଟାନ୍ସରେ ଥାଇ।

–ମାଧବୀ ଲତା ଦେଇ,
କନପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟ,
ନିମାପଡ଼ା, ପୁରୀ

ହେଇନି ଦୋଳି ସଜ

ସବୁ ବରଷ ପରି ଏଥର
ଆସିଛି ସିନା ରଜ,
ଦେଖୁନି କାହିଁ ଆଗ ପରିକା
ହେଇନି ଦୋଳି ସଜ।
ଶୁଭୁନି ରଜଗୀତ,
ଆସୁନାହାନ୍ତି ଘରକୁ କେହି
ବୁଲିବା ପାଇଁ ମିତ।
କହନ୍ତି ବାପା ଅଜଣା ଏକ
ରୋଗ ଆସିଛି ପଶି,
ଜଣକଠାରୁ ଆଉ ଜଣିଏ
ରହୁଛି ଦୂରେ ବସି।
କି ରୋଗ ସତେ ଆହାଃ,
ତାହାରି ପାଇଁ ଗାଆଁସହର
ଲାଗୁଚି ଖାଆଁ ଖାଆଁ।
ବରଷେ ଥରେ ଆସିଛି ରଜ
ଡାକୁଛି ଗଜ ବନେ,
ପାଳୁଛୁ ସିନା ରଜ ପରବ
ସରାଗ ନାହିଁ ମନେ।

–କ୍ଷମାକର ବେହେରା,
ସରକାରୀ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ, କଳାପାଟ
ହରିଚନ୍ଦନପୁର,କେନ୍ଦୁଝର

ଆସୁଛି ରଜ

ଆସୁଛି ରଜ ଏଥର ମନେ ଭରି
କେତେ ଦ୍ୱନ୍ଦ୍ୱ କେତେ ଆଶଙ୍କା,
ହାତରେ ତା'ର ଗ୍ଲୋଭସ,
ମୁହଁରେ ତା'ର ମୁଖା।
କି ରଜ ହେବ
ସବୁଠି ରାଜୁତି କରୋନା,
ଲକ୍‌ଡାଉନ୍ ଶଟ୍‌ଡାଉନ୍‌ରେ
ପେଷି ଯାଉଛି ମଣିଷ
ନାହିଁ ଆଗର ସେ
ସରାଗ ନାହିଁ ଉନ୍ମାଦନା।
ଲାଗିବ ନାହିଁ ରଜ ଦୋଳି
ଶୁଭିବ ନାହିଁ ଗୀତ
ମିଠା ପିଠା ବଣ୍ଟାଯିବନି ସାହିରେ
ଗୃହବନ୍ଦୀରେ ସଙ୍ଗାତ ସଙ୍ଗତ।
ଅଙ୍ଗନ ଉଜାଡିଛି ପାନ ବରଜ
ମିଳିବ ନାହିଁ ରଜ ପାନ,
ମଲ୍, ହଲ୍ ରେସ୍ତୋରା ସବୁ ବନ୍ଦ
ଉଦାସ ନୂଆ ଭାଉଜ ମନ।
ଗାଁ ଦାଣ୍ଡ ବାଗୁଡି ଖେଳ
ଦୋଳ ମଣ୍ଡପେ ତାସ୍,
ଲୁଡୁ ପସାପାଲି ପଚାରେ କିଏ
କରୋନା ପାଇଁ ସବୁ ଠପ୍।

–ସବିତା ଦାସ
ସେକ୍ଟର-୯, ସିଡିଏ, କଟକ

ରଜ ମଉଜ

ରଜ ମଉଜ କରିବା ଆମେ
ଆସରେ ସାଙ୍ଗ ମେଳି
ଖେଳ ଖେଳିବା ଆମେ ସଭିଏଁ
କରିବା ନାହିଁ କଳି।
ସାନରୁ ବଡ଼ ସଭିଙ୍କ ମନ
ଖୁସିରେ ଯାଇଛି ଭରି
ସମସ୍ତେ ମିଶି ଖେଳନ୍ତି ଖେଳ
ଭେଦ ଭାବନା ପାସୋରି।
ଝିଅମାନଙ୍କ ପରବ ଯେହେତୁ
ହୁଅନ୍ତି ଯେ ସଜବାଜ
ବହୁତ ଦିନୁ ଅନାଇ ଥାଆନ୍ତି
କେବେରେ ଆସିବ ରଜ।

–ଦୀପାଲି ଦିପାନ୍ୱିତା ସିଂହ,
ସିମିନଈ, ଢେଙ୍କାନାଳ

ଆଇନା

ବୁଝିପାରିଲା କୁନି

ଗପ

ସବୁ ଥର ପରି ଏଥର ବି ରଜ ଆସିଛି ହେଲେ ଏଥରର ରଜ ପୂରା ଅଲଗା। ମହାମାରୀ କରୋନା ପାଇଁ ସବୁଆଡେ ଲକ୍‌ଡାଉନ୍। କାହା ମନରେ ନାହିଁ ଖୁସି କି ଉଲ୍ଲାସ। ହେଲେ ଟିକି ଝିଅ କୁନି ଅବା କ'ଣ ଏକଥା ବୁଝିପାରୁଛି ? ଜିଦି ଧରି ବସିଛି ଯେ ତା'ର ରଜକୁ ନୂଆ ଡ୍ରେସ ଦରକାର। ତା'ର ବାପା ସାହୁବାବୁ ଜଣେ ସରକାରୀ କର୍ମଚାରୀ। କରୋନାରେ ସିଏ ଏତେଟା ପ୍ରଭାବିତ ହେଇ ନାହାନ୍ତି କିନ୍ତୁ ଏହିଭଳି ପରିସ୍ଥିତିରେ ନୂଆ ଡ୍ରେସ କିଣି ଅଯଥା ଖର୍ଚ୍ଚ କରିବାକୁ ଚାହୁଁ ନ ଥିଲେ। ସେ ଝିଅକୁ ବହୁତ ବୁଝିବାକୁ ଚେଷ୍ଟା କଲେ କିନ୍ତୁ ଝିଅ ତା' ଜିଦିରେ ଅଟଳ। ଶେଷରେ ଝିଅର ଜିଦି ଆଗରେ ହାର ମାନିଲେ ସାହୁବାବୁ ଆଉ ରଜ ପୂର୍ବରୁ ନୂଆ ଡ୍ରେସ୍ କିଣିଦେବେ ବୋଲି କଥା ଦେଲେ। ଏତିକି ଶୁଣି କୁନିର ଖୁସି କହିଲେ ନ ସରେ। ସେଇ ଦିନ କେବେ ହେବ ବୋଲି ସେ ଦିନ ଗଣୁ ଥାଏ। ଦିନେ ତା' ମାମୁ ସୁରେଶ ତାଙ୍କ ଘରକୁ ବୁଲି ଆସିଥିଲେ। ତାଙ୍କର ତଳ ବସ୍ତିରେ କାମ ଥିଲା। ସେଇ ବାଟ ଦେଇ ଯିବା ସମୟରେ ତାଙ୍କ ଘରକୁ ବୁଲି ଆସିଥିଲେ। ତାଲା ବନ୍ଦରେ ବହୁତ ଦିନ ଘରେ ରହି ଥିବାରୁ କୁନିର ଟିକେ ବାହାରକୁ ଯିବାକୁ ମନ ହେଲା। ସେ ମାମୁ ସହ ତଳ ବସ୍ତିକୁ ଯିବ ବୋଲି କହିଲା। ମାମୁ ତାକୁ ସାଙ୍ଗରେ ନେଇ ବସ୍ତି ଆଡକୁ ଚାଲିଲେ। ମହାମାରୀ ହେତୁ ବସ୍ତିରେ ଲୋକମାନଙ୍କର ଅବସ୍ଥା ପୂରା ଖରାପ। ବସ୍ତି ଲୋକ ସବୁ ଦୁଃଖ ଦୁର୍ଦ୍ଦଶା ଆଉ ଅନାହାରରେ ଦିନ କାଟୁଛନ୍ତି। ବସ୍ତିରେ ଏମିତି ସ୍ଥିତି ଦେଖି 'ଏଠି କ'ଣ ହଉଚି' ବୋଲି କୁନି ମାମୁକୁ ପଚାରିଲା। ମାମୁ କହିଲେ ମହାମାରୀ କରୋନା ଆସିଛି ସେଥିପାଇଁ ପୂରା ଦେଶରେ ତାଲାବନ୍ଦ ଚାଲିଛି। ଅଧିକାଂଶ ବସ୍ତିର ଲୋକଙ୍କୁ କାମ ମିଳୁନାହିଁ। କାମ ନ ଥିବାରୁ ପଇସା ମିଳୁନାହିଁ, ଯାହଫଳରେ ଏମାନେ ଖାଇବାକୁ ପାଉନାହାନ୍ତି। ମାମୁଙ୍କର କଥା ଶୁଣିବା ପରେ ବସ୍ତିର ପରିସ୍ଥିତି ଦେଖି କୁନିର ମନ ବିଚଳିତ ହେଲା। ତା'ର ବାପା କହିଥିବା କଥା ମନେପଡ଼ିଲା। ସେ ଏବେ ପ୍ରକୃତରେ ମହାମାରୀ କ'ଣ ବୋଲି ଜାଣିପାରିଲା। ସେ ଘରକୁ ଫେରି ବାପାଙ୍କୁ କହିଲା, 'ବାପା ମୁଁ ଏ ବର୍ଷ ରଜକୁ ନୂଆ ଡ୍ରେସ କରିବି ନାହିଁ। ଆଉ ଯଦି ପାରୁଛ ତେବେ ସେଇ ପଇସାରେ ପାଖ ବସ୍ତି ଲୋକଙ୍କୁ କିଛି ସାହାଯ୍ୟ କର।' କୁନି ମୁହଁରୁ ଏ କଥା ଶୁଣି ବାପା ଖୁସି ହୋଇଗଲେ। ଆଉ ସେଇ ପଇସାରେ କିଛି ଗରିବ ଲୋକମାନଙ୍କୁ ସାହାଯ୍ୟ କଲେ। ଏହି ସମୟରେ ଆମେ ଅଯଥା ଖର୍ଚ୍ଚ ନ କରି ଯଦି ପାରିବା ତା'ହେଲେ ଅନ୍ୟକୁ ସାହାଯ୍ୟ କରିବା। ଏମିତି ଏକଜୁଟ ହୋଇ କାମ କଲେ ଆମେ ଏହି ମହାମାରୀକୁ ହରେଇ ପାରିବା।

–ଶୁଭମ୍ ବିଶ୍ୱାଳ, ଖଣ୍ଡଗିରି, ଭୁବନେଶ୍ୱର

କେମିତି ପାଳିବେ ରଜ

ରଜ ତିନି ଦିନ ବେଶ୍ ମଜାରେ କଟିଯାଏ। ଘରେ ଘରେ ପିଠାପଣା, ଦୋଳି, ତାସ୍, ବାଗୁଡି ଖେଳ ଗାଁର ଏହି ପର୍ବର ମାହୋଲକୁ ଆହୁରି ରଙ୍ଗିନ କରିଦିଏ। ହେଲେ ଏଥର କରୋନା ମହାମାରୀ ପାଇଁ ରଜ ସତେଯେମିତି ଫିକା ଫିକା ଲାଗିବ, ତଥାପି ଏଥର ରଜରେ ଛୋଟ ପିଲାମାନେ କ'ଣ କରିବେ ସେ ନେଇ ସେମାନେ ଯାହା କହନ୍ତି....

ଅଭି ସମ୍ପଦା

ସଲୋନୀ

ମୟାଂଶୀ

ଶିବାଂଶୀ

ସୁଦୀକ୍ଷା

ପିୟାଲି

ଘରେ ରହି ରଜ ପାଳିବି : ଅଭି ସମ୍ପଦା(କ୍ଲାସ-୮, ଲୟଲା ସ୍କୁଲ, ଭୁବନେଶ୍ୱର) ମୁଁ ପ୍ରତିବର୍ଷ ରଜରେ ଗାଁକୁ ଯାଏ। ସେଠି ସାଙ୍ଗମାନଙ୍କ ସହ ବୁଲାବୁଲି କରେ, ଦୋଳି ଖେଳେ। କିନ୍ତୁ ଏଥର କରୋନା ଯୋଗୁ ମାମା ଗାଁକୁ ଯିବାକୁ ମନା କରିଛନ୍ତି। ସେଥିପାଇଁ ଏ ବର୍ଷ ମୁଁ ଘରେ ରହିକି ରଜ ପାଳିବି।

ରଜରେ ବାହାରକୁ ଆଦୌ ଯିବିନି: **ମୟାଂଶୀ ମହାପାତ୍ର**(କ୍ଲାସ-୪, ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ, ବାଙ୍ଗାଲୋର)-ଲକ୍‌ଡାଉନ୍ ଯୋଗୁ ମୁଁ ମୋ ସାଙ୍ଗ ସାଥୀମାନଙ୍କ ସହ ଖେଳିବାକୁ ବି ଯାଉନି। ଆଉ ରଜରେ ବାହାରକୁ ଆଦୌ ଯିବିନି। ଘରେ ରହି ସାନ ଭାଇ ସହ ଲୁଡୁ, କ୍ୟାରମ ଖେଳିବି। ବାକି ଘରେ ତ ମାମା ପିଠା ଆଉ ଖିରି କରିବେ କହିଛନ୍ତି। ଘରେ ଆମେ ଏସବୁ ପିଠାପଣା ଖାଇ ରଜ ପାଳିବୁ।

ଘର ପଛପଟରେ ଦୋଳି ଖେଳିବି : **ସୁଦୀକ୍ଷା ବାରିକ** (କ୍ଲାସ-୩, ଡିଏଭି ପବ୍ଲିକ ସ୍କୁଲ, ଡେରା, ତାଳଚେର)- ଏ ବର୍ଷ କରୋନା ଯୋଗୁଁ ମୁଁ ବୁଲିବାକୁ ଯିବିନି। ଘରେ ରହି ରଜ ପାଳିବି। ଆମବାଡି ପଟ ଆମ୍ବଗଛରେ ବାପା ଦୋଳି ଲଗେଇ ଦେବେ, ମୁଁ ସେଇଠି ଖେଳିବି ଓ ଘରେ ମା' ଯାହା ପିଠାପଣା କରିବେ ଖାଇବି। କରୋନା ପାଇଁ ଏଥର ରଜ ଫିକା ଫିକା ଲାଗିବ।

ଘରେ ରହି ରଜ ମଜା ନେବି: **ପିୟାଲି ପ୍ରିୟଦର୍ଶିନୀ** (କ୍ଲାସ-୩, ସାଇ ଇଣ୍ଟର ନ୍ୟାଶନାଲ୍ ସ୍କୁଲ, ଭୁବନେଶ୍ୱର)- କରୋନା ଯୋଗୁଁ କୁଆଡେ ଯିବା କଥା ନୁହେଁ, ସେଥିପାଇଁ ଏଥର ରଜରେ ମୋ ପାଇଁ ନୂଆ ଡ୍ରେସ୍ ବି କିଣିବାକୁ ଯାଇପାରିଲି ନାହିଁ। ତେଣୁ ଘରେ ରହି ରଜ ପାଳିବି। ଘରେ ଦୋଳି ଲଗାଇଦେବେ ବୋଲି ବାବା କହିଛନ୍ତି। ଏଥର ଘରେ ରହି ଦୋଳି ଖେଳରେ ରଜ ପାଳିବି।

ମାମୁ ଝିଅଙ୍କ ସହ ରଜ ପାଳିବି : **ସଲୋନୀ ରାଉତ** (କ୍ଲାସ-୧୦, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର)- ସବୁ ବର୍ଷ ରଜକୁ ମାମୁ ଘରକୁ ଯାଏ। ଏଥର ଲକ୍‌ଡାଉନ୍ ପୂର୍ବରୁ ମାମୁ ଘରକୁ ଆସି ସେବେଠାରୁ ରହିଯାଇଛି। ତେଣୁ ଏଥର ବି ରଜରେ ମୋର ମଜା। ଦୁଇ ମାମୁଙ୍କ ଝିଅ ଓ ପୁଅଙ୍କ ସହିତ ବେଶ୍ ଆରାମରେ ରଜ କଟିବ। ଘରେ ଦୋଳି ଲାଗିବ। କରୋନା ପାଇଁ କୁଆଡ଼େ ବାହାରକୁ ଯାଇ ନ ପାରିଲେ ବି ଘରେ ରଜରେ ବହୁତ ମଜାହେବ।

ଦୋଳି ଖେଳି ରଜର ମଜା ନେବି : **ଶିବାଂଶୀ ଦାସ** (କ୍ଲାସ-୧, ସେଣ୍ଟ ଜୋଶେଫ ସ୍କୁଲ, ଭୁବନେଶ୍ୱର)- ଏବେ ମୁଁ କୁଆଡ଼େ ବି ବୁଲିବାକୁ ଯାଉନି। ରଜରେ ବି ବୁଲାବୁଲି କରିବାକୁ ଆମେ ଭାଇ ଭଉଣୀ କାହା ଘରକୁ ଯିବୁନି ବୋଲି ମାମା କହିଛନ୍ତି। ଘରେ ବାଲକୋନୀରେ ଦୋଳି ଲଗାହେବ, ଖେଳିବୁ ଆଉ ଲୁଡୁ ଖେଳିବୁ।

କହିଲ ଦେଖି

ଜ୍ୟେଷ୍ଠର ଅନ୍ତେ ଆଷାଢ଼ ପ୍ରନ୍ତେ
ଆସଇ ସେହି ପର୍ବ
ସାରା ଓଡ଼ିଶା ଯାହାର ପାଇଁ
କରଇ ଭାରି ଗର୍ବ।
ପିଠାପଣାରେ ଭରଇ ଘର
ଆନନ୍ଦେ ନାଚେ ମନ
ଯେଉଁ ପରବେ ପିଲା ଠୁଁ ବୁଢ଼ା
ଖାଆନ୍ତି ଖିଲି ପାନ।
ଯେଉଁ ପରବେ ଗାଆଁ ମୁଣ୍ଡରେ
ଲାଗଇ ପଟାଦୋଳି
ଯୁବକ ଦଳ କାଟନ୍ତି ଦିନ
ତାସ, କବାଡି ଖେଳି।

ଉତ୍ତର : ରଜ

କେବେ ଗଛରେ ସେ କେବେ ଚାଳରେ
କେବେ ଏକା କେବେ ସାଥୀ ମେଳରେ
କେବେ ରଶି କେବେ ବାଉଁଶେ ବନ୍ଧା
କେବେ ଟାୟାରରେ ହୁଏ ସେ ଛନ୍ଦା
ବରଷକେ ଥରେ ମିଳେ ସେ ଖେଳ
କୁଆଁରୀ ଝୁରନ୍ତି ତାକୁ ସଞ୍ଜ ସକାଳ।

ଉତ୍ତର : ଦୋଳି

ଗୋଲଗାଲ ରୂପଟି ତା'ର
ମଝିରେ ଥାଏ ନଡିଆ ପୁର

ଚହଟ ଚିକ୍କଣ ଧବଳ ରଙ୍ଗ
ଭାରି ସ୍ୱାଦିଷ୍ଟ ସେ ଘୁଗୁନ ସଙ୍ଗ
ସେପରା ଅଟେ ପିଠାରେ ଗଣା
କିଏ ସେ ଖାଇଛି ପଢ଼ିବ ଜଣା।

ଉତ୍ତର : ମଣ୍ଡା

–ପ୍ରଶାନ୍ତ କୁମାର ନାଥ,
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର

ତୁମ ତୁଳୀରୁ

ପୀୟୂଷ ସୁଧାଞ୍ଜୟ, କ୍ଲାସ-୩, କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ, ଜରିପଡା, କଟକ

ଆଦ୍ୟା ପଟ୍ଟନାୟକ, କ୍ଲାସ-୨, ସେଣ୍ଟ ଜୋଶେଫ ସେକେଣ୍ଡାରୀ ହାଇସ୍କୁଲ, ଭୁବନେଶ୍ୱର

ସଂପୂର୍ଣ୍ଣା ପତି
କ୍ଲାସ-୧୦,ମଦର୍ସ ପବ୍ଲିକ ସ୍କୁଲ,
ଭୁବନେଶ୍ୱର

ଚଗଲା ଭୀମୁ

ବିନ୍ଦୁସାଗର, ଉତ୍ତର ଦ୍ୱାର ନିକଟରୁ ଉଚ୍ଛେଦ ଆରମ୍ଭ

ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ.): ଏକାମ୍ର ବିକାଶ ଯୋଜନାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କିଛିଦିନ ବ୍ୟବଧାନ ପରେ ଶୁକ୍ରବାର ପୁଣି ଆରମ୍ଭ ହୋଇଛି। ଶ୍ରୀଲିଙ୍ଗରାଜ ମନ୍ଦିରର ଉତ୍ତର ପାର୍ଶ୍ୱ ଏବଂ ବିନ୍ଦୁ ସାଗର ନିକଟରୁ କେତେଜଣ ଗୃହ ମାଲିକ ଆସବାବପତ୍ର ଖୋଲି ନେବା ପରେ ପ୍ରଶାସନ ଉଚ୍ଛେଦ ଆରମ୍ଭ କରିଥିଲା। ଉତ୍ତରଦ୍ୱାର ଠାରୁ ବିନ୍ଦୁସାଗର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଭବାନୀଶଙ୍କର, ବିନ୍ଧ୍ୟବାସିନୀ, ଶୁକମାରୀ ମନ୍ଦିର ସମେତ ବହୁ ପୁରାତନ ମଠ ରହିଛି। କେତେଜଣ ଗୃହ ମାଲିକଙ୍କୁ ସରକାରୀ ଅଧିକାରୀ ସହମତିରେ ଭୂମି ଅଧିଗ୍ରହଣ କରିବାରେ ସମର୍ଥ ହୋଇପାରି ନାହାନ୍ତି।

ସଂକ୍ଷେପରେ

ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ, ବିଧାୟକ

ସାଲେପୁର,୧୨।୬(ଡି.ଏନ.ଏ.): ଆଇନ ମନ୍ତ୍ରୀ ପ୍ରତାପ ଜେନା ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମିଳିତଭାବେ ଶୁକ୍ରବାର ସାଲେପୁର ବ୍ଲକ ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଜେନା ସାଲେପୁର ଅଞ୍ଚଳରେ ଉନ୍ନୟନ ମୂଳକ କାର୍ଯ୍ୟ କଚ୍ଛପ ଗତିରେ ହେଉଥିବା ଅନୁଭବ କରି ତୁରନ୍ତ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ୟାପକ ଶ୍ରମିକଙ୍କୁ ନିୟୋଜିତ କରିବା ସହ ପ୍ରତ୍ୟେକ ପଞ୍ଚାୟତରେ ପଡିରହିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କହିଥିଲେ। ପାନୀୟଜଳ ଯୋଗାଣ, ପୋଖରୀ ଖନନ ଉପରେ ଗୁରୁତ୍ୱ ଦେବା ସହ ଏହା ମାଧ୍ୟମରେ ମାଛଚାଷ କରାଯାଇ ପଞ୍ଚାୟତର ରାଜସ୍ୱ ବୃଦ୍ଧି ପାଇଁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ନୂଆ ଲୋଗୋ, ଫଳକ

କଟକ ଅଫିସ,୧୨।୬

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନର ପୁନଃ ନାମକରଣ ପାଇଁ ପୂର୍ବରୁ ରାଜ୍ୟ ସରକାର ପ୍ରସ୍ତାବ ଦେଇଥିଲେ। ଏବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରତିଷ୍ଠାନର ଉଭୟ ଲୋଗୋ ଓ ଫଳକକୁ ପରିବର୍ତ୍ତନ କରିଛନ୍ତି। ପରିବର୍ତ୍ତିତ ଲୋଗୋରେ ୫ଟି ବିଷୟକୁ ସ୍ଥାନ ଦିଆଯାଇଛି। ଲୋଗୋର ତଳ ଅଧାଭାଗରେ କୋଣାର୍କ ଚକ୍ରକୁ ସ୍ଥାନିତ କରାଯାଇଛି ଯାହା ଓଡ଼ିଶାର କଳା ଓ ସଂସ୍କୃତିର ପ୍ରତୀକ ଭାବେ ରହିବ। ସେହିପରି ଆଧୁନିକ ଚିକିତ୍ସାର ପ୍ରତୀକ ଭାବେ ସାପ ଓ ବାଡ଼ି, କର୍କଟର ପ୍ରତୀକ ଭାବେ ରିବନ, ସହାନୁଭୂତିର ପ୍ରତୀକ ଭାବେ ହାତରେ ହାତ ମିଳାଇବା, ଜ୍ଞାନରୂପୀ କିରଣର ପ୍ରତୀକ ଭାବେ ପ୍ରଜ୍ୱଳିତ ବତୀ ସ୍ଥାନ ପାଇଛି। ଏହା ବ୍ୟତୀତ ଏଲ୍‌ଇଡି ଲାଇଟ୍ ଗ୍ଲୋ ସାଇନ ବୋର୍ଡର ଆକାର ୨.୬ ଫୁଟ ଉଚ୍ଚତା ସହ ୩୬ ଫୁଟର ଚଉଡ଼ା ରହିବ। ଭିନ୍ନ ରଙ୍ଗରେ ଏହି ଫଳକକୁ ଉଭୟ ଇଂରାଜୀ ଏବଂ ଓଡିଆ ଭାଷାରେ ଲେଖାଯିବ। ଫଳକରେ ସ୍ପଷ୍ଟ ଭାବେ 'ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ' ଲେଖା ରହିବ।

ଖୋର୍ଦ୍ଧା ଜେଲରେ ନିଶା କାରବାର ଘଟଣା ୬ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ

ଭୁବନେଶ୍ୱର,୧୨।୬(ବ୍ୟୁରୋ): କିଛି ଦିନ ତଳେ ଖୋର୍ଦ୍ଧା ସବ୍‌ଜେଲ ଭିତରେ ନିଶା କାରବାର ହେଉଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣାକୁ ଜେଲ ବିଭାଗ ଗୁରୁତ୍ୱର ସହ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲା। ଏନେଇ ଖୋର୍ଦ୍ଧା ଏସ୍‌ପି ଜେଲ ଡିଜି ସନ୍ତୋଷ ଉପାଧ୍ୟାୟଙ୍କୁ ତଦନ୍ତ ରିପୋର୍ଟ ଦେଇଥିଲେ। ଏଥିରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ସବ୍ ଜେଲର ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ, ଜେଲର, ଆସିଷ୍ଟାଣ୍ଟ ଜେଲର, ସବ ଆସିଷ୍ଟାଣ୍ଟ ଜେଲର, ଚିଫ ୱାର୍ଡର ଏବଂ ୱାର୍ଡର ଜେଲକୁ ବଦନାମ କରିବାକୁ ଏଭଳି କାର୍ଯ୍ୟ କରିଛନ୍ତି। ଏମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜେଲ ବିଭାଗ ଡିଜି ନିର୍ଦ୍ଦେଶ ଦେଇଛନ୍ତି।

ନନ୍ଦିନୀ ଦେବୀ ଥିଲେ ଲୌହ ମାନବୀ

ପୁରୁଣା ଭୁବନେଶ୍ୱର,୧୨।୬(ଡି.ଏନ.ଏ.): ଓଡ଼ିଶାର ଏକମାତ୍ର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଥିଲେ ଜଣେ ଲୌହମାନବୀ। ସେ ତାଙ୍କ ଶାସନ କାଳରେ ଏକ ଯନ୍ତ୍ରଚାଳିତ ମେଶିନ ଭଳି ପ୍ରତ୍ୟେକଟି କାର୍ଯ୍ୟରେ ସଫଳତା ଆଣି ଦେଇଥିଲେ। ତାଙ୍କର ୮୯ତମ ଜୟନ୍ତୀ ଅବସରରେ ଭାମଟାଙ୍ଗାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିଥିମାନେ ଏହି ମତ ରଖିଥିଲେ। ଭବାନୀକାନ୍ତ ମିଶ୍ର, ରୋହିନୀ କାନ୍ତ, ସ୍ୱର୍ଣ୍ଣଲତା ମିଶ୍ର, ଦେବ ମିଶ୍ର ଓ ଶୁଭକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସୁନ୍ଦରପଦାରେ ନୀଳମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନନ୍ଦିନୀ ଦେବୀଙ୍କ ବହୁମୁଖୀ ପ୍ରତିଭା ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବୈକୁଣ୍ଠ ଭୋଇ, ଅଶୋକ ମହାରଣା, ସଞ୍ଜୟ ପରିଡ଼ା, ପ୍ରକାଶ ବେହେରା ପ୍ରମୁଖ ସାମିଲ ଥିଲେ।

ମୌସୁମୀ ଛୁଇଁଲାଣି, ସରିନି ପଙ୍କୋଦ୍ଧାର

କଟକ ଅଫିସ,୧୨।୬

- ଜଳବନ୍ଦୀ ଆଶଙ୍କା
- କଟକବାସୀଙ୍କୁ ସାହା ୨୭୬ ପମ୍ପସେଟ୍

ମୌସୁମୀ ଛୁଇଁବା ପରେ ପାଗ ପରିବର୍ତ୍ତନ ସାଙ୍ଗକୁ ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ମଧ୍ୟ ହେଉଛି। ମୌସୁମୀ ବର୍ଷାରେ କଟକ ସହର ଜଳବନ୍ଦୀ ହେବାର ଆଶଙ୍କା ସବୁଥର ଥାଏ। କିନ୍ତୁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଡ୍ରେନରୁ ପଙ୍କୋଦ୍ଧାର କାର୍ଯ୍ୟ ସରିନାହିଁ। ଏବେ ସୁଦ୍ଧା ସ୍ୱୟଂ ସହାୟକ ଗୋଷ୍ଠୀମାନେ ସେହି କାର୍ଯ୍ୟ ଜାରି ରଖିଛନ୍ତି।

ସିଏମ୍‌ସିରେ ଡ୍ରେନ୍ ସଫେଇ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ୫ କୋଟି ଟଙ୍କା ଦେଇଛନ୍ତି। ସଫେଇର ଦାୟିତ୍ୱ ଏସ୍‌ଏଚ୍‌ଜିଙ୍କୁ ଦିଆଯାଇଥିବା ବେଳେ ଗୋଟିଏ ସପ୍ତାହ ପୂର୍ବରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଡ୍ରେନରୁ ଯେତିକି ପଙ୍କୋଦ୍ଧାର କରାଯାଉଛି, ସାମାନ୍ୟ ବର୍ଷାରେ ତାହା ପୁଣି ଡ୍ରେନରେ ଯାଇ ମିଶୁଛି। ୫୯ଟି ୱାର୍ଡରୁ କିଛି ୱାର୍ଡରେ ଡ୍ରେନ ସଫେଇ ହୋଇଛି। ନାଳ ସଫା କରିବା ପାଇଁ ଲକ୍‌ଡାଉନ୍ ବେଳେ ଆବଶ୍ୟକ ଶ୍ରମିକ ମିଳୁ ନ ଥିବାବେଳେ ଏସ୍‌ଏଚ୍‌ଜି କର୍ମକର୍ତ୍ତାଙ୍କ ମଧ୍ୟ ଏଥିରେ ଯଥେଷ୍ଟ ଅଭିଜ୍ଞତା ନାହିଁ। ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁ ଯଦି ସହରରେ ଜଳବନ୍ଦୀ ସମସ୍ୟା ଉପୁଜେ, ବର୍ଷାଜଳ ନିଷ୍କାସନ ପାଇଁ ସିଏମ୍‌ସି ପାଇଁ ଏକମାତ୍ର ଉପାୟ ହେଉଛି ପମ୍ପସେଟ୍। ସିଏମ୍‌ସି ପାଖରେ ବର୍ତ୍ତମାନ ୨୭୬ଟି ପମ୍ପସେଟ୍ ରହିଛି, ଯାହା ଜଳବନ୍ଦୀ ବେଳେ ସାହା ହେବ।

ପଙ୍କୋଦ୍ଧାର ନେଇ ବିଧାୟକ ଅସନ୍ତୁଷ୍ଟ

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଶୁକ୍ରବାର କଟକ ମହାନଗର ନିଗମ ୧୦, ୧୪, ୧୮, ୨୧ ଓ ୨୯ ନମ୍ବର ୱାର୍ଡ ଅନ୍ତର୍ଗତ କନିକା ଛକ, ଖଟବିନ ସାହି, ପିଏମ୍ ଏକାଡେମି ପଛ ନାଳ, ମଠସାହି ଦୁର୍ଗା ଟକିଜ ସମ୍ମୁଖ, ପିଠାପୁର ଅଞ୍ଚଳ ପରିଦର୍ଶନ କରିଛନ୍ତି। ସାହିବସ୍ତିର ରାସ୍ତାଘାଟ, ପରିମଳ ଓ ଉପ ମୁଖ୍ୟନାଳ ସଫେଇରେ ବିଳମ୍ବକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତାଘାଟ ଓ ନାଳ ମରାମତି ଓ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଯନ୍ତ୍ରୀ ଓ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ସିଟି ଇଞ୍ଜିନିୟର ଶୁଭରାଓ ପାତ୍ର, ସିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, ସିଏମ୍‌ସି କନିଷ୍ଠ ଯନ୍ତ୍ରୀ ସୁବାସ ସାହୁ, ଜାଇକା ଅଧିକାରୀ ଉପସ୍ଥିତ ଥିଲେ।

ଜାଇକା ପାଇଁ ରାସ୍ତା ମଝିରେ ଗାତ

ବିହାରୀବାଗର ବ୍ୟବସାୟୀ ଓ ପଡ଼ାବାସୀ କହିଛନ୍ତି, ସ୍ଥାନୀୟ ରାସ୍ତାରେ ଜାଇକା ତାର କାମ ପାଇଁ ଖୋଳିଛି, କିନ୍ତୁ ଭଲ ଭାବେ ମାଟି ନ ପକାଇ ସିମେଣ୍ଟ ଢଳେଇ କରିଛି। ଫଳରେ ତାହା ଦବିଯାଇ ବଡ଼ ଗାତ ସୃଷ୍ଟି ହୋଇଛି। ଏହା ଚାନ୍ଦିନୀଚୌକ-ଚଣ୍ଡିରୋଡ଼ ମୁଖ୍ୟ ରାସ୍ତା ହୋଇଥିବାରୁ ଏପଟେ ଚଳପ୍ରଚଳ କରୁଥିବା ଶତାଧିକ ଲୋକଙ୍କ ପାଇଁ ଏହା ବିପଦର କାରଣ ହେବ। ବର୍ଷାଋତୁ ଆସିଲେ ସିଏମ୍‌ସି କେବଳ ନାଳରୁ ମଇଳା ବାହାର କରି ନିଜ କାମ ସାରି ଦେଉଛି। ରାସ୍ତା ମରାମତି ପ୍ରତି ଧ୍ୟାନ ଦେଉନି। ଜାଇକା କାମ ବେଳେ ଡ୍ରେନ ଉପର ସ୍ଲାବ ମଧ୍ୟ ଭାଙ୍ଗି ନାଳରେ ପଡ଼ିଛି।

ସାମାଜିକ ଦୂରତ୍ୱ ମାନୁନାହାନ୍ତି ଲୋକେ: ରଜ ପୂର୍ବରୁ ଶୁକ୍ରବାର କଟକ ରାଣୀହାଟ ରାସ୍ତାରେ ଭିଡ଼।

ଥାନା ଅଧିକାରୀଙ୍କ ଟୁଇଟର ଆକାଉଣ୍ଟ ଖୋଲିବାକୁ ଦାବି

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ରାଜ୍ୟ ସରକାର ୫-ଟିକୁ ଗୁରୁତ୍ୱ ଦେଉଛନ୍ତି। ଏଥିମଧ୍ୟରୁ ଟେକ୍ନୋଲୋଜିକୁ ସରକାର ସମସ୍ତ ବିଭାଗରେ କାର୍ଯ୍ୟକାରୀ କରିଛନ୍ତି। ତେଣୁ ସବୁ ବିଭାଗର ଟୁଇଟର ଆକାଉଣ୍ଟ କରାଯାଇ ନିୟମିତ ଅପ୍‌ଡେଟ କରାଯାଉଛି। ଏପରିକି ଡିଜିପି,ଏସ୍‌ପି ଏବଂ ଡିସିପିଙ୍କ ଟୁଇଟର ଆକାଉଣ୍ଟ ଅଛି। ହେଲେ ଥାନା ଅଧିକାରୀଙ୍କ ଟୁଇଟର ଆକାଉଣ୍ଟ ନାହିଁ। ତେଣୁ ଥାନା ଅଧିକାରୀଙ୍କ ଟୁଇଟର ଆକାଉଣ୍ଟ ହେଲେ ଅଞ୍ଚଳର ଲୋକେମାନେ ନିଜର ଅଭିଯୋଗ ଜଣାଇବା ସହ ମାମଲା ଅଗ୍ରଗତି ବିଷୟରେ ପଚାରି ବୁଝିପାରିବେ। ତେଣୁ ଥାନା ଅଧିକାରୀଙ୍କ ଟୁଇଟର ଆକାଉଣ୍ଟ ଖୋଲିବା ପାଇଁ ଜଗତ୍‌ସିଂହପୁରର ଏକ ନାଗରିକ ଗୋଷ୍ଠୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟସରକାର ପୋଲିସ ଡିଜିଙ୍କୁ ଏନେଇ ଏକ ନିର୍ଦ୍ଦେଶ ଦିଅନ୍ତୁ ବୋଲି କୁହାଯାଇଛି। ଦାବିପତ୍ରରେ ଏହି ନାଗରିକ ଗୋଷ୍ଠୀ ଉତ୍ତରପ୍ରଦେଶର ଉଦାହରଣ ଦେଇଛନ୍ତି। ସେଠାର ପ୍ରତି ଥାନା ଅଧିକାରରୀଙ୍କ ଟୁଇଟର ଆକାଉଣ୍ଟ ରହିଛି। ହେଲେ ଓଡ଼ିଶାରେ ଏସବୁ ନାହିଁ। ତେଣୁ ଏହାକୁ ଅନୁସରଣ କରି ଓଡ଼ିଶାରେ କରାଗଲେ ଅନେକ ଲୋକେ ନ୍ୟାୟ ପାଇବେ ବୋଲି ବରିଷ୍ଠ ନାଗରିକ ଗୋଷ୍ଠୀ ପକ୍ଷରୁ କୁହାଯାଇଛି।

ଜାଲ୍ ରସିଦରେ ଲକ୍ଷାଧିକ ଟଙ୍କାର ଠକେଇ

ଭୁବନେଶ୍ୱର,୧୨।୬ (ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଏକ ଜୁଏଲେରି ଦୋକାନ ଗ୍ରାହକଙ୍କ ପାଇଁ ଉପଲବ୍ଧ ସ୍କିମ୍‌ର କାଗଜପତ୍ରକୁ ନକଲ କରି ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବଡଗଡ ଥାନା ଅନ୍ତର୍ଗତ ମହିଁଷାଖାଲ ଅଞ୍ଚଳର ଗିରିଶ ଚନ୍ଦ୍ର ସଅ। ସୂଚନା ମୁତାବକ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକରେ ବିଶ୍ୱଚେତନ ମିଶ୍ରଙ୍କର ଏକ ଅଳଙ୍କାର ଦୋକାନ ରହିଛି। ସେ ଗ୍ରାହକମାନଙ୍କଠାରୁ ମାସିକ ୮ ହଜାର ଟଙ୍କା ହିସାବରେ ବାର୍ଷିକ ୯୬ ହଜାର ଟଙ୍କା ଆଦାୟ କରିବା ପରେ ରିହାତି ଦରରେ ଗହଣା ଦେଇଥାନ୍ତି। ବିଶ୍ୱଚେତନ ଟଙ୍କା କାରବାର ନେଇ ଗ୍ରାହକଙ୍କୁ ରସିଦ ଦେଇଥାନ୍ତି। ଗିରିଶ ଉକ୍ତ ରସିଦର ନକଲ କରି ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଉଠାଇନେଇ ଧରାଛୁଆଁ ଦେଉ ନ ଥିଲେ। ଗିରିଶଙ୍କ ଦ୍ୱାରା ଜଣେ ଗ୍ରାହକ ୯୨ହଜାର ଟଙ୍କା ଠକେଇର ଶିକାର ହେବା ପରେ ବିଶ୍ୱଚେତନଙ୍କୁ ଜଣାଇଥିଲେ। ଏ ନେଇ ବିଶ୍ୱଚେତନ ଗୁରୁବାର ଥାନାରେ ଏତଲା ଦେବା ପରେ ପୋଲିସ କେସ୍ ନଂ. ୧୯୨/୨୦ ରୁଜୁ କରି ଗିରିଶଙ୍କୁ ଗିରଫ କରିଥିଲା। ଶୁକ୍ରବାର ତାଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି।

ବିଏମ୍‌ସି ହାଇୱା ଧକ୍କାରେ ମ୍ୟାନେଜରଙ୍କ ମୃତ୍ୟୁ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

କୋଭିଡ-୧୯ ସମୟରେ ଜରୁରୀକାଳୀନ ସେବାରେ ନିୟୋଜିତ ଏକ ମେଡିସିନ କମ୍ପାନୀର ଏରିଆ ମ୍ୟାନେଜରଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ବିଏମ୍‌ସିର ଅଳିଆ ବୋଝେଇ ଟ୍ରକ୍ ଏକ ବାଇକ୍‌କୁ ପଛପଟରୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କେନ୍ଦ୍ରପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ବିଶ୍ୱଜିତ ସ୍ୱାଇଁ। ବିଶ୍ୱଜିତ ମୁମ୍ବାଇସ୍ଥିତ ଇଣ୍ଡୋକୋ ମେଡିସିନ କମ୍ପାନୀର ଭୁବନେଶ୍ୱର ଏରିଆ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବିଶ୍ୱଜିତ ଜୟଦେବ ବିହାରରୁ କିମ୍ବା ହସ୍ପିଟାଲକୁ ବାଇକରେ (ଓଆର୍‌ଓ୧-ଆର-୨୦୨୨) ଯାଉଥିଲେ। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ମ୍ୟାଗ୍‌ନେଟ ଛକ ନିକଟରେ ବିଏମ୍‌ସିର ଅଳିଆ ବୋଝେଇ ହାଇୱା (ଓଆର୍‌ଓ୪ ଏମ୍‌ଓ୫୩୩) ଦ୍ରୁତ ଗତିରେ ଆସି ବିଶ୍ୱଜିତଙ୍କୁ ପଛପଟୁ ଧକ୍କା ଦେବାରୁ ସେ ବାଇକରୁ ଛିଟିକି ହାଇୱା ଆଗରେ ପଡିଯାଇଥିଲେ। ଏଥିସହ ନିୟନ୍ତ୍ରଣ ହରାଇ ହାଇୱାଟି ତାଙ୍କ ଉପରେ ଚଢିଯାଇଥିଲା। ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ବିଶ୍ୱଜିତଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ୮୦/୨୦ରେ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରି କାଗଜପତ୍ର ଯାଞ୍ଚ କରିବା ସହ ଓଡ୍ରାଇଭର ସୁରେଶ ଚନ୍ଦ୍ର ସ୍ୱାଇଙ୍କୁ ଗିରଫ କରିଛି।

'ଓଟିଡିସି' ରଜ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ଏଥର 'ଓଟିଡିସି' ପକ୍ଷରୁ ନିରାଡମ୍ବରରେ ରଜପର୍ବ ପାଳନ କରାଯିବ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ସାମାଜିକ ଦୂରତ୍ୱ ରକ୍ଷା ପାଇଁ ଏଭଳି ରଜ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପାଛନିବାସ ପରିସରରେ ପ୍ରତିବର୍ଷ ପରି ଏଥର ଦୋଳି, ବିଭିନ୍ନ ରକମର ପିଠା ଓ ପାନର ଆସର ଜମିବ ନାହିଁ। କେବଳ ପରମ୍ପରା ରକ୍ଷା କରିବାକୁ ଯାଇ ଏକ ଦୋଳି ଲଗାଯାଇଛି। ଦୋଳିରେ ମାସ୍କ ପିନ୍ଧି ବସିଛି ଏକ କଣ୍ଢେଇ। ଓଟିଡିସି ପାଛନିବାସ ଭୁବନେଶ୍ୱର ପରିସରରେ ଶୁକ୍ରବାର ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଦୋଳି ଲାଗିଥିଲେ ମଧ୍ୟ କାହାରିକୁ ଦୋଳି ଖେଳିବା ପାଇଁ ସୁଯୋଗ ଦିଆଯିବ ନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆଗାମୀ ବର୍ଷ ଖୁବ୍ ଧୁମ୍‌ଧାମ୍‌ରେ ରଜପର୍ବ ପାଳି ଦୋଳି ଖେଳିବା ବୋଲି ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର କହିଛନ୍ତି। ମାସ୍କ ପିନ୍ଧି ଓ ସାମାଜିକ ଦୂରତ୍ୱ ମାନି ଗ୍ରାହକମାନେ ସବୁ କାଉଣ୍ଟରରୁ ରଜ ପିଠା କ୍ରୟ କରିପାରିବେ। ଏଥିରେ ପିଠା ଝୁଡି, କାକରା ପିଠା, ଆରିଷା ପିଠା, ଖିର ଗଜା, ମହୁଲ ପୋଡ଼ ପିଠା, ଶିଝା ମଣ୍ଡା, ପୋଡପିଠା, ଭଜା ମଣ୍ଡା ପିଠା ଓ ଆଦିବାସୀ ପିଠା ମଧ୍ୟ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ନିଗମର ଅଧ୍ୟକ୍ଷା ମିଶ୍ର ଓ ପର୍ଯ୍ୟଟନ ନିର୍ଦ୍ଦେଶକ ତଥା ନିଗମର ପରିଚାଳନା ନିର୍ଦ୍ଦେଶକ ସଚିନ୍ ଆର୍ ଯାଦବ ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଶାବାସୀଙ୍କୁ ରଜର ଶୁଭେଚ୍ଛା ଜଣାଇବା ସହ ଜୁନ୍ ଓ ଜୁଲାଇ ମାସ କରୋନା ମହାମାରୀ ସଂକ୍ରମଣର ଆଶଙ୍କା ଥିବାରୁ ଏହି ସମ୍ବନ୍ଧୀୟ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ପାଳନ କରିବା ପାଇଁ କହିଥିଲେ।

ପାଛନିବାସ ପରିସରରେ ରଜ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ଟ୍ରକ୍ ଚାଳକଙ୍କୁ କଟୁରିରେ ଆକ୍ରମଣ, ଲୁଟ୍

ଖୋର୍ଦ୍ଧା ଅଫିସ/ଯାଁଳା,୧୨।୬(ଡି.ଏନ୍.ଏ.)

ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଟ୍ରକ ଡ୍ରାଇଭର ଓ ହେଲପରଙ୍କୁ ଆକ୍ରମଣ କରି ୪୦ହଜାର ଟଙ୍କା ଓ ରୋଷେଇ ସାମଗ୍ରୀ ଲୁଟି ନେଇଛନ୍ତି। ଆହତ ଦ୍ୱୟ ହେଲେ ଗଞ୍ଜାମ ଜିଲା ଛତ୍ରପୁରର ବିଜୟ ଦାଶ ଏବଂ ହେଲପର ନିର୍ମଳ ନାୟକ। ଆଦର୍ଶ ଥାନା ପୋଲିସ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସୂଚନା ଅନୁଯାୟୀ, ସୁନ୍ଦରଗଡରୁ ଏକ ମାଲବାହୀ ଟ୍ରକ ଗୁରୁବାର ରାତିରେ ଗଞ୍ଜାମ ଗୋପାଳପୁର ଅଭିମୁଖେ ଯାଉଥିଲା। ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟ ୧୬ନଂ. ଜ

କୋମଣ୍ଡ ପଞ୍ଚାୟତ ଶଟ୍‌ଡାଉନ

ଓଡ଼ଗାଁ,(ସ୍ୱ.ପ୍ର.): ଓଡ଼ଗାଁ ବ୍ଲକ କୋମଣ୍ଡ ପଞ୍ଚାୟତ ମଶାଣିସାହିର ଦୁଇ ସୁରଟ ଫେରନ୍ତା ରଙ୍ଗଣୀପାଟଣା ସଙ୍ଗରୋଧ କେନ୍ଦ୍ରରୁ ମୁକୁଳିବାର ୫ଦିନ ପରେ ଗୁରୁବାର ସେମାନଙ୍କ କରୋନା ପଜିଟିଭ୍ ବାହାରିଛି। ଏହାକୁ ଦୃଷ୍ଟିରେ ରଖି ସରପଞ୍ଚ ସୁଶାନ୍ତ ଦଳେଇ ପଞ୍ଚାୟତକୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ସୋମବାର ପର୍ଯ୍ୟନ୍ତ ୭୨ ଘଣ୍ଟିଆ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସଙ୍ଗରୋଧ କେନ୍ଦ୍ରରୁ ମୁକୁଳିବା ପରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ଭଳି ଏକାଧିକ ଘଟଣା ପଦାକୁ ଆସୁଛି। ଗୃହ ସଙ୍ଗରୋଧରେ ନ ରହିବା କାରଣରୁ ସଂକ୍ରମଣ ବୃଦ୍ଧି ଆଶଙ୍କା ରହୁଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ମତପ୍ରକାଶ ପାଉଛି।

ସଂକ୍ଷେପରେ

ନୟାଗଡ଼ରେ ୪ ନୂଆ ଆକ୍ରାନ୍ତ

ନୟାଗଡ଼ ଅଫିସ/ରଣପୁର/ଓଡଗାଁ,୧୨।୬(ସ୍ୱ.ପ୍ର.): ନୟାଗଡ଼ ଜିଲାର ଓଡଗାଁ ଓ ରଣପୁର ବ୍ଲକରୁ ଶୁକ୍ରବାର ୨ ଜଣ ଲେଖାଏ ୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତ ସଂଖ୍ୟା ୧୦୪ରେ ପହଞ୍ଚିଥିବା ସିଡିଏମ୍‌ଓ ସୁଧାଂଶୁ ଶେଖର ଷଡଙ୍ଗୀ କହିଛନ୍ତି। ଓଡଗାଁ ବ୍ଲକ କୋମଣ୍ଡ ମଶାଣିଆ ସାହିର ସୁରଟ ଫେରନ୍ତା ଦଦା(୫୦), ପୁତ୍ତୁରା(୩୫) ଗୋଡିପଲ୍ଲୀ କ୍ୱାରାଣ୍ଟାଇନ୍‌ରେ ଅବଧି ଶେଷ କରି ଘରକୁ ଫେରିଥିଲେ। ସେମାନଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ୍ ଆସିଥିଲା। ପ୍ରଶାସନ ପକ୍ଷରୁ ସେମାନଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ରଣପୁର ବ୍ଲକ ଗୌରାଙ୍ଗପୁର ବଡମୂଳର ୩୫ ଓ ୩୭ ବର୍ଷର ୨ଜଣ ସୁରଟ ଫେରନ୍ତା ଜାମୁସାହି କ୍ୱାରାଣ୍ଟାଇନ୍ ଅବଧି ଶେଷ କରିଥିଲେ ହେଁ ସେମାନଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ୍ ଆସିଛି।

୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ

କେନ୍ଦ୍ରାପଡ଼ା ଅଫିସ, ୧୨।୬: କେନ୍ଦ୍ରାପଡ଼ା ଜିଲାର ହାଟ ବଜାରରେ ଲୋକେ ସାମାଜିକ ଦୂରତ୍ୱକୁ ବେଖାତିର କରିବା ସହିତ ମାସ୍କ ଲଗାଉନାହାନ୍ତି। ଏହି ପରିପ୍ରେକ୍ଷୀରେ ୭ ଦିନ ମଧ୍ୟରେ ଜିଲାର ବିଭିନ୍ନ ଥାନା ପକ୍ଷରୁ ଚଢ଼ାଉ କରାଯାଇ ୩ଲକ୍ଷ ୧୦ହଜାର ଟଙ୍କା ଆଦାୟ ହୋଇଛି। ଏ ସମ୍ପର୍କରେ ଏସ୍‌ପି ନୀତିଶେଖର ଟୁଇଟ କରିଜଣାଇଛନ୍ତି। ତାଙ୍କ ସୂଚନା ମୁତାବକ ଏହି ୭ ଦିନ ମଧ୍ୟରେ ଟାଉନ ଥାନା ପୋଲିସ ୫୭,୦୦୦ ଟଙ୍କା ଆଦାୟ କରିଥିବା ବେଳେ ସଦର ଥାନା ପୋଲିସ ୯୨,୫୦୦ ଟଙ୍କାର ରସିଦ କାଟିଛି। ସେହିପରି ଡେରାବିଶ ପୋଲିସ ୧୯,୦୦୦ ଟଙ୍କା, ପାଟକୁରା ୧୫,୫୦୦, ମହାକାଳପଡା ୮,୦୦୦, ଜମ୍ବୁ ୬,୦୦୦, ତନ୍ତିଆପାଳ ପୋଲିସ ୧୧,୦୦୦ ଟଙ୍କା ଜରିମାନା ଆଦାୟ କରିଛି। ଏଥିସହ ନିକିରାଇ ପୋଲିସ ୯,୦୦୦ ଟଙ୍କା, ଆଳି ୮,୦୦୦, ପଙ୍ଗାମୁଣ୍ଡାଇ ୨୮,୫୦୦, ରାଜନଗର ୬,୫୦୦, ତାଳବୁଆ ପୋଲିସ ୬,୦୦୦ ଓ ମୋବାଇଲ ପାର୍ଟି ୪୪,୦୦୦ ଟଙ୍କା ଆଦାୟ କରିଛନ୍ତି।

ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ନୟାଗଡ଼ ଅଫିସ/ଦଶପଲ୍ଲା, ୧୨।୬(ଡି.ଏନ.ଏ.): ଲୁଗା ଶୁଖାଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଚ୍ଚିଦାନନ୍ଦ ପ୍ରଧାନ(୨୨), ଘର ଦଶପଲ୍ଲା ବ୍ଲକ ମଧଖଣ୍ଡ ବଡସାହିରେ। ସଚ୍ଚିଦାନନ୍ଦ ବାହାର ରାଜ୍ୟରେ କାମ କରୁଥିବାବେଳେ କିଛିଦିନ ତଳେ ଗାଁକୁ ଫେରି କ୍ୱାରାଣ୍ଟାଇନ୍‌ରେ ଥିଲେ। ଅବଧି ଶେଷ ପରେ ଘରକୁ ଫେରିଥିଲେ।

କଣ୍ଟେନ୍‌ମେଣ୍ଟ ଜୋନ୍ ପ୍ରତ୍ୟାହାର

ନୟାଗଡ଼ ଅଫିସ,୧୨।୬: ନୟାଗଡ ସଦର ବ୍ଲକ ବାଲୁଗାଁ ଖେଡପଡା ଅଞ୍ଚଳର ଜଣେ ବ୍ୟକ୍ତି କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ୨ତାରିଖରେ ଖେଡପଡା ଓ ଜୟମଙ୍ଗଳପ୍ରସାଦ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଥିଲା। ସେହିଭଳି କାଦୁଆ ଓ ଖଡଗପ୍ରସାଦ ବଫର ଜୋନ ଭାବେ ଜିଲାପାଳ ପୋମା ଟୁଡୁ ଘୋଷଣା କରିଥିଲେ। ସ୍ଥାନୀୟ ଲୋକଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ୍ ଆସିବାରୁ ଜିଲାପାଳ ୧୨ ତାରିଖ ସନ୍ଧ୍ୟା ୭ଟାରୁ କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ପ୍ରତ୍ୟାହାର କରିନେଇଛନ୍ତି।

ବିଧବାଙ୍କୁ ବଳାତ୍କାର: ସମ୍ପର୍କୀୟ ଦିଅର ଗିରଫ

କଳିଙ୍ଗନଗର, ୧୨।୬ (ଡି.ଏନ୍.ଏ.): ବିଧବାଙ୍କୁ ବଳାତ୍କାର ଅଭିଯୋଗରେ ତାଙ୍କ ସମ୍ପର୍କୀୟ ଦିଅର କଳିଙ୍ଗନଗର ଥାନା ଅଧୀନ ନିମପଲୀ ହରିଜନ ସାହିର ଅଶୋକ ମଲିକ(୩୦)ଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଏ ନେଇ ଥାନାରେ ୮୬/୨୦ ନଂ.ରେ ଏକ ମାମଲା ରୁଜୁ ହୋଇଛି। ପୀଡ଼ିତାଙ୍କ ଅଭିଯୋଗ ମୁତାବକ, ୮ମାସ ତଳେ ଅଶୋକ ତାଙ୍କୁ ବଳାତ୍କାର କରିଥିଲେ। ବୁଧବାର ପୀଡ଼ିତାଙ୍କର କନ୍ୟା ସନ୍ତାନ ଜନ୍ମ ହେବା ପରେ ଘଟଣାର ଆପୋଷ ସମାଧାନ ପାଇଁ ଉଦ୍ୟମ କରାଯାଇଥିଲା। ମାତ୍ର ଏହାର ସମାଧାନ ହୋଇ ନ ପାରିବାରୁ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ବର୍ଷା ଆରମ୍ଭ, ୮୮୬ ରାସ୍ତା କଦର୍ଯ୍ୟ

- କେନ୍ଦ୍ରାପଡ଼ା ଜିଲା: ଧୋୟାଞ୍ଚଳକୁ ଗମନାଗମନ ଠପ୍
- ଜରୁରୀ ସେବାରୁ ବଞ୍ଚିତ ହେବେ ୨ ବ୍ଲକର ଅଧିବାସୀ

କେନ୍ଦ୍ରାପଡ଼ା ଅଫିସ, ୧୨।୬

କେନ୍ଦ୍ରାପଡ଼ା ଜିଲାରେ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଏପରିସ୍ଥଳେ ବହୁ ରାସ୍ତା ବେହାଲ ହୋଇଥିବାରୁ ଅଞ୍ଚଳବାସୀ ଚିନ୍ତାରେ ଅଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୪୩୦ଟି ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ମଞ୍ଜୁରୀପ୍ରାପ୍ତ ହୋଇଥିଲା। ତେବେ ଏଥିରୁ ମାତ୍ର ଗୋଟିଏ ରାସ୍ତା ନିର୍ମାଣ ସରିଛି। ସେହିପରି ଜିଲାର ୪୫୬ ରାସ୍ତା ଅବସ୍ଥା ଖରାପ ଥିବାରୁ ନିର୍ମାଣ ପାଇଁ ଜିଲା ପ୍ରଶାସନର ମଞ୍ଜୁରୀ ଅପେକ୍ଷାରେ ଅଛି। ଧୋୟାଞ୍ଚଳ ଭାବେ ପରିଚିତ ସିଂହ ଗାଁ ପଞ୍ଚାୟତକୁ ରାସ୍ତା ନିର୍ମାଣ ସରି ନ ଥିବାରୁ ଯାତାୟାତ ଠପ୍ ହୋଇଛି। ସେହିପରି ରାସ୍ତା ଅଭାବରୁ ମହାକାଳପଡା ଓ ରାଜନଗର ବ୍ଲକର ବହୁ ଗ୍ରାମବାସୀ ଜରୁରୀ ସେବାରୁ ବଞ୍ଚିତ ହେବେ ବୋଲି ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

ମହାକାଳପଡା ୟୁଥ୍ କ୍ଲବ ସଭାପତି ସୁନୀଲ ଗନ୍ତାୟତ କୁହନ୍ତି, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସୁଦୃଢ଼ୀକରଣ ଆଳରେ ବିଭିନ୍ନ ନଦୀବନ୍ଧ ରାସ୍ତାର ପିଚୁ ଖୋଳାଯାଇ କାମ ଚାଲିଥିଲେ ମଧ୍ୟ ଅଦ୍ୟାବଧି ସରିନାହିଁ। ଲୁଣାନଦୀର କଳପଡାଠାରୁ ରଙ୍କାଳ ଗ୍ରାମ, ଚିତ୍ରୋତ୍ପଳାର ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ରାସ୍ତା ଯାତାୟାତ ଉପଯୋଗୀ ହୋଇ ନାହିଁ। କେବଳ ଜଳସମ୍ପଦ ବିଭାଗ ନୁହେଁ, ପୂର୍ତ୍ତବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବ୍ଲକ ପ୍ରଶାସନର ପଞ୍ଚାୟତିରାଜ ବିଭାଗ, ଆଳି ତଟବନ୍ଧ ବିଭାଗର ଅବହେଳା ପାଇଁ ଜିଲାବାସୀଙ୍କ ଗମନାଗମନ ପଥକୁ ବର୍ଷା ବେହାଲ କରୁଛି। ମହାକାଳପଡା ବ୍ଲକ ସାମାଜିକ କର୍ମୀ ବିଭୂତି ରାଉତ କହିଛନ୍ତି, ଉପାନ୍ତ ଅଞ୍ଚଳରେ ଗମନାଗମନ ସମସ୍ୟା ଅଦ୍ୟାବଧି ସମାଧାନ ହୋଇପାରି ନାହିଁ। ମହାକାଳପଡା ଓ ରାଜନଗର ବ୍ଲକରେ ଯାତାୟାତ ପଥକୁ ନଦୀ ନାଳ ରୋକୁଥିବା ବେଳେ ବର୍ଷାଦିନେ ଜରୁରୀ ସେବା ମିଳିବା କଷ୍ଟ ହେଉଛି। ବଡକୂଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ମାଉଣ୍ଡ ପର୍ଯ୍ୟନ୍ତ ରାସ୍ତା, ବିଜୟନଗର ହାଟଠାରୁ ବିଶ୍ୱାଳ ସାହି, ବିଜୟନଗର ଫେରିଘାଟରୁ କେୟାରବାଙ୍କ, ଗୋଗୁଆ ପଞ୍ଚାୟତର ଗୁଲୁଦୁଆ ଓ କୁରୁତୁଙ୍ଗା, କଂସାର ବଡାଦାଣ୍ଡୁଆ, ବଗଗହଣ, ପଙ୍କପାଳ, ବଡପାଳ ଆଦି ରାସ୍ତା ଏବେ ଅଗମ୍ୟ ହୋଇଛି। ସିଂହଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ଯେନା କହିଛନ୍ତି, ରାସ୍ତା ନିର୍ମାଣ ପାଇଁ ଅନୁଦାନ ପ୍ରାପ୍ତ ହୋଇଥିଲେ ମଧ୍ୟ ଗମନାଗମନ ସମସ୍ୟା ପୂର୍ବବତ୍ ରହିଛି। କଣ୍ଟିଆ ନାଳ ସେତୁ ଅଧାପନ୍ତରିଆ ସହିତ ଦାଣ୍ଡିସାହିରୁ ସିଂହଗାଁ ରାସ୍ତାରେ ଥିବା ଛୋଟ ପୋଲ କାର୍ଯ୍ୟ ଅଦ୍ୟାବଧି ସରିନାହିଁ। ଆଗାମୀ ବର୍ଷାରେ ପୋଲ ତଳ ରାସ୍ତାରେ ୬ ଫୁଟ ଉଚ୍ଚର ପାଣି ଜମି ରହି ଯାତାୟାତ ଠପ କରିବ। ଅଧିକ ବର୍ଷା ହେଲେ ବ୍ରାହ୍ମଣୀ ନଦୀରେ ପାଣି ଆସି ଧୋୟା ଅଞ୍ଚଳର ଦୁଃଖ ବଢ଼ାଇବ। ଏ ସମ୍ପର୍କରେ ପିଡି ଦିଲୀପ ପରିଡା କୁହନ୍ତି, ରାସ୍ତା ସମସ୍ୟାକୁ ନେଇ ବହୁବାର ବୈଠକ ହୋଇଛି। ବିଭିନ୍ନ ବିଭାଗକୁ ସଜାଗ କରାଯାଇଛି। ଚଳିତ ଆର୍ଥିକ ବର୍ଷ କରୋନା ସଂକ୍ରମଣ ପାଇଁ ଦେଶରେ ତାଲାବନ୍ଦ ଓ ଅମ୍ଫନ୍ ବାତ୍ୟା ରାସ୍ତା ନିର୍ମାଣରେ ବାଧା ସୃଷ୍ଟି କରିଛି।

ବର୍ଷାରେ ବେହାଲ ହୋଇଥିବା ବାରଡାଙ୍ଗ ରାସ୍ତା।

ଟିଏମ୍‌ସିରେ ପ୍ରବାସୀଙ୍କ ଅନଶନ

ଅନଶନରତ ପ୍ରବାସୀ।

ଜଗତ୍‌ସିଂହପୁର ଅଫିସ,୧୨।୬: ନାନା ସମସ୍ୟାକୁ ନେଇ ଜଗତ୍‌ସିଂହପୁର ବ୍ଲକ ସାଁପୁର ପଞ୍ଚାୟତ ଦେଢ଼ସରଦେଉଳୀ ସରକାରୀ ଉଚ୍ଚବିଦ୍ୟାଳୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ରେ ରହୁଥିବା ପ୍ରବାସୀମାନେ ଶୁକ୍ରବାର ଖାଦ୍ୟ ନ ଖାଇ ଅନଶନ କରିଥିବା ସମ୍ପର୍କିତ ଏକ ଭିଡିଓ ଜାରି କରିଛନ୍ତି। ଏହି ଭିଡିଓରେ ପ୍ରବାସୀମାନେ ସ୍ପଷ୍ଟ ଭାବେ କହୁଛନ୍ତି ଯେ, ପଞ୍ଚାୟତ ସରପଞ୍ଚ କିଏ ସେମାନେ ୧୦ ଦିନ ରହିବା ଭିତରେ ଦେଖିନାହାନ୍ତି। କିନ୍ତୁ ତାଙ୍କ ସ୍ୱାମୀ ଆସୁଛନ୍ତି। ପ୍ରତ୍ୟହ ନିମ୍ନ ମାନର ଖାଦ୍ୟ ଦିଆଯାଉଛି। ଏପରି କି ଭାତରୁ ପୋକ ବାହାରୁଛି। ଫିଲ୍ଟର ପାଣି ମଧ୍ୟ ଦିଆଯାଉନି। ପାଣି ସମସ୍ୟା ସାଙ୍ଗକୁ ଖଟ, ବେଡସିଟ୍, ଝାଡୁ ଆଦି ଦିଆଯାଇନି। ଏ ସମ୍ପର୍କରେ ସରପଞ୍ଚଙ୍କ ସହ ତାଙ୍କ ମୋବାଇଲ ନମ୍ବର ଯୋଗେ ଯୋଗାଯୋଗ କଲେ ଇଚ୍ଛାହେଲେ ରୁହ ନଚେତ ବିକଳ୍ପ ଦେଖ ବୋଲି ଧମକ ଦେଉଛନ୍ତି। ଏପରି କି ଖାଦ୍ୟ ଭଲ ନ ଲାଗିଲେ ହୋଟେଲରୁ ଓ ଘରୁ ଫିଲ୍ଟର ପାଣି ମଗାଅ ବୋଲି କହୁଛନ୍ତି। ଅଧିକାଂଶ ଦିନ ରାତିରେ ବିଜୁଳି ରହୁନି। ଜେନେରେଟର ଅଛି ବୋଲି କୁହାଯାଉଥିଲେ ସୁଦ୍ଧା ଦିନେ ହେଲେ ବି ଲାଗିନି। ଏହିଭଳି ନାନା ସମସ୍ୟା ସମ୍ପର୍କରେ ସରପଞ୍ଚଙ୍କ ସ୍ୱାମୀଙ୍କୁ ବାରମ୍ବାର କହିବା ପରେ କୌଣସି ପ୍ରତିକାର ନ ହେବାରୁ ସେମାନେ ଖାଦ୍ୟ ବର୍ଜନ କରିଛନ୍ତି ବୋଲି ଭିଡିଓରେ କୁହାଯାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ବିଡିଓ ସାଗର ନନ୍ଦଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, କେହି ତାଙ୍କୁ ଏବାବଦରେ ଅବଗତ କରିନାହାନ୍ତି। କିନ୍ତୁ ଭିଡିଓ ପାଇଲା ପରେ ସେ ଅନୁଧ୍ୟାନ ପାଇଁ ଉକ୍ତ ଟିଏମ୍‌ସିକୁ ଯାଉଥିବା କହିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ମାସିକ ରାଜସ୍ୱ ସମୀକ୍ଷା ବୈଠକ

ଯାଜପୁର ଟାଉନ୍, ୧୨।୬ (ଡି.ଏନ୍.ଏ.)

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଶୁକ୍ରବାର ଜିଲା ରାଜସ୍ୱ ସମୀକ୍ଷା ବୈଠକ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଗତ ବର୍ଷର ରାଜସ୍ୱ ଆଦାୟ କରୋନା ଯୋଗୁ ପ୍ରଭାବିତ ହୋଇଥିବା ବେଳେ ଚଳିତ ବର୍ଷ ଆରମ୍ଭରୁ ଏହାକୁ ତ୍ୱରାନ୍ୱିତ ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

୨୦୨୦-୨୧ ବର୍ଷ ପାଇଁ ବର୍ତ୍ତମାନ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ଆସି ନ ଥିବା ବେଳେ ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେଶନ ଫି, ଅବକାରୀ ରାଜସ୍ୱ, ମୋଟର ଭେହିକିଲ ରାଜସ୍ୱ ଓ ଖଣି ରାଜସ୍ୱ ଭାବେ ଜିଲାରେ ମାର୍ଚ୍ଚ ଶେଷ ସୁଦ୍ଧା ୭୫୪୪.୩୯ ଲକ୍ଷ ଟଙ୍କା ଆଦାୟ ହୋଇଛି। ଗତ ବର୍ଷ ଏହି ସମୟରେ ତାହା ୮୯୯୬.୫୮ ଲକ୍ଷ ଟଙ୍କା ରହିଥିବା ବୈଠକରେ ଆଲୋଚନା ହୋଇଥିଲା। ତେଣୁ ରାଜସ୍ୱ ଆଦାୟ ଓ ମାମଲାର ତ୍ୱରିତ ସମାଧାନ ପାଇଁ ଯତ୍ନବାନ ହେବାକୁ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ପରାମର୍ଶ ଦେଇଥିଲେ। ବୈଠକରେ ଆଇଏଏସ୍ ପ୍ରୋବେସନର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ପ୍ରମୁଖ ଯୋଗ ଦେଇଥିଲେ। ରାଜସ୍ୱ ବିଭାଗ ଉପବିଭାଗ ଅଧିକାରୀ ଶଶିଭୂଷଣ ମିଶ୍ର ଓ ବରିଷ୍ଠ ରାଜସ୍ୱ ସହାୟକ କମଳାକାନ୍ତ ଜେନା ବୈଠକରେ ସହଯୋଗ କରିଥିଲେ।

୩ ମାସର କିରୋସିନ ହଡ଼ପ

ରତ୍ନଗିରି, ୧୨।୬ (ଡି.ଏନ୍.ଏ.)

ଯୋଗାଣ ସାମଗ୍ରୀ ବଣ୍ଟନରେ ବ୍ୟାପକ ଅନିୟମିତତା ଅଭିଯୋଗର ତଦନ୍ତ କରାଯିବା ପରେ ବରୀ ବ୍ଲକ ଅଧୀନ ବାଲିବିଲ ପଞ୍ଚାୟତ ରିଟେଲରଙ୍କ କୋଟା ସ୍ଥଗିତ ରଖାଯାଇଥିବା ବେଳେ ଧାରପୁର ପଞ୍ଚାୟତର ନାଥପୁର ରିଟେଲରଙ୍କୁ ନିଲମ୍ବିତ କରାଯାଇଛି। ସରକାରୀ ଦରଠାରୁ ଅଧିକ ଦରରେ ରାଶନ ସାମଗ୍ରୀ ବିକ୍ରି ଓ ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ କାର୍ଡ ରଖି ରାଶନ ସାମଗ୍ରୀ ହଡ଼ପ କରାଯାଉଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଦୁଇ ରିଟେଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନ୍ୟପଟେ ବରୀ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ କିରୋସିନ ଯୋଗାଣରେ ଅନିୟମିତତା କରାଯାଇଥିବା କେତେଜଣ ରିଟେଲର ଅଭିଯୋଗ ଆଣିଛନ୍ତି। ଗତ ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚରେ ବ୍ଲକର କୌଣସି ରିଟେଲରଙ୍କୁ କିରୋସିନ ଦିଆଯାଇ ନ ଥିବା ବେଳେ ଏପ୍ରିଲ, ମେ ଓ ଜୁନ୍‌ରେ ଯୋଗାଣ ବିଭାଗ ପକ୍ଷରୁ ରିଟେଲରଙ୍କଠାରୁ କିରୋସିନ ଲିଟର ପିଛା ୪୯ ପଇସା ଅଧିକ ନିଆଯାଇଛି। ଏ ନେଇ ଅଭିଯୋଗ ହେବା ପରେ ବରୀ ବ୍ଲକ ଅଧ୍ୟକ୍ଷା ଶୁଭାଷିନୀ ଶର୍ମା ଗୁରୁବାର ବରୀମାଉଣ୍ଡସ୍ଥିତ ଡିପୋକୁ ଅଚାନକ ପରିଦର୍ଶନ କରିଥିଲେ। ତେବେ ଏପ୍ରିଲରେ କିରୋସିନ ଦର ୧୩ ଟଙ୍କା ୫୧ ପଇସା ଥିବା ବେଳେ ଯୋଗାଣ ବିଭାଗ ରିଟେଲରଙ୍କଠାରୁ ୧୪ଟଙ୍କା ନେଇଥିବା ଜଣାପଡ଼ିଥିଲା। ଏହି କାରଣରୁ ଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କର ରିଟେଲରଙ୍କ ଉପରେ ତାଗିଦ ରହୁ ନ ଥିବାରୁ ସେମାନେ ସରକାରୀ ଦର ୧୬ ଟଙ୍କା ବଦଳରେ ହିତାଧିକାରୀଙ୍କୁ ମନ ଇଚ୍ଛା ୩୦ରୁ ୩୫ଟଙ୍କାରେ କିରୋସିନ ବିକ୍ରି କରୁଥିବା ଅଭିଯୋଗ ହୋଇଛି।

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ୱେବସାଇଟରେ ଦର୍ଶାଯାଇଥିବା ତଥ୍ୟ ଅନୁସାରେ ପ୍ରତି ମାସରେ ବ୍ଲକକୁ ୯୩, ୭୦୨ ଲିଟର କିରୋସିନ ଆସୁଛି। ଏହି ହିସାବରେ ଗତ ୩ ମାସରେ ୨,୮୧, ୧୦୬ ଲିଟର କିରୋସିନ ବ୍ଲକକୁ ଆସିଛି। ହେଲେ ଗତ ୩ ମାସରେ ବ୍ଲକକୁ ୧,୯୩,୪୭୬ ଲିଟର କିରୋସିନ ଆସିଛି ବୋଲି ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୱେବସାଇଟ୍ ତଥ୍ୟ ଓ ବ୍ଲକ ଯୋଗାଣ ବିଭାଗ ତଥ୍ୟରେ ତାଳମେଳ ରହୁ ନ ଥିବା ବେଳେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ଅଞ୍ଚଳବାସୀ କହିଛନ୍ତି। ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଫୁଲ୍ଲ କୁମାର ବେହେରାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବାରୁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଏ ସମ୍ପର୍କରେ ଜିଲା ଅତିରିକ୍ତ ସାଧାରଣ ବଣ୍ଟନ ଅଧିକାରୀ ପ୍ରହ୍ଲାଦ ସେଠୀଙ୍କୁ ପଚାରିବାରେ, ବରୀ ବ୍ଲକକୁ ଯେତିକି କିରୋସିନ ଯିବା କଥା ସେତିକି ଯାଉଛି, ୱେବସାଇଟରେ କ'ଣ ଉପଲବ୍ଧ ରହିଛି ସେ ସମ୍ପର୍କରେ ସେ ଜାଣି ନ ଥିବା କହିଛନ୍ତି। ଅନ୍ୟପଟେ ରିଟେଲରଙ୍କ ଅଭିଯୋଗ ସମ୍ପର୍କରେ ସେ କହିଛନ୍ତି ଯେ, ବ୍ଲକର ୬୯ ରିଟେଲରଙ୍କୁ କିରୋସିନ ଦେବା ପାଇଁ ଗତ ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚରେ ବ୍ଲକ ଯୋଗାଣ ବିଭାଗକୁ କିରୋସିନ ଯୋଗାଇ ଦିଆଯାଇଥିଲା। ରିଟେଲରଙ୍କ ଅଭିଯୋଗ ଆଧାରରେ ତଦନ୍ତ କରାଯିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି।

ଅଡୁଆରେ ବ୍ଲକ ଯୋଗାଣ ବିଭାଗ

- ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚରେ ରିଟେଲରଙ୍କୁ ମିଳିନି କିରୋସିନ
- ଲିଟର ପିଛା ୪୯ ପଇସା ଅଧିକ ନେଉଛନ୍ତି ବିଭାଗୀୟ ଅଧିକାରୀ

କ୍ୟାବିନରେ ମୁଣ୍ଡ ଗୁଞ୍ଜିଛନ୍ତି ଜାନକୀ

ରସୁଲପୁର, ୧୨।୬ (ଡି.ଏନ୍.ଏ.)

ଜାନକୀ ଦାସ

ବୁଢ଼ା ବୟସରେ ସାହାରା ପାଲଟିବ ଭାବି ପୁଅକୁ ପାଳି ପୋଷି ମଣିଷ କରିଥିଲେ। ହେଲେ ବୟସର ଅପରାହ୍ନରେ ମା'କୁ ରାଜରାସ୍ତାରେ ଛାଡ଼ି ଦେଇଛି ପୁଅ। ବାପଘରେ କିଛିଦିନ ରହିବା ପରେ ସେଠାରୁ ଚାଲିଆସି ଏକ କ୍ୟାବିନରେ ମୁଣ୍ଡ ଗୁଞ୍ଜିଛନ୍ତି ୮୨ ବର୍ଷୀୟା ବୃଦ୍ଧା। ଖାଇବା ପିଇବା କଥା ବୁଝୁଛନ୍ତି ସମ

ସଂକ୍ଷେପରେ

ରଜ ପାଇଁ ମଦ ଦୋକାନ ବନ୍ଦ

କେନ୍ଦୁଝର,୧୨।୬ (ସ୍ୱ.ପ୍ର.): କରୋନା ସଂକ୍ରମଣ ରୋକିବା ପାଇଁ ରଜ ମହୋତ୍ସବ ପାଳନ ଉପରେ କେନ୍ଦୁଝର ଜିଲା ପ୍ରଶାସନ କଟକଣା ଜାରି କରିଛି। ଜିଲାପାଳ ଆଶିଷ ଥାକ୍‌ରେ ଓଡ଼ିଶା ଅବକାରୀ ଆଇନ ୨୦୦୮ର ଧାରା ୨୬ରେ ଥିବା କ୍ଷମତାକୁ ବ୍ୟବହାର କରି ରଜ ସମୟରେ ସମସ୍ତ ମଦ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ଶାନ୍ତି ଓ ଦୂରତ୍ୱ ବଜାୟ ରଖିବା ପାଇଁ ଆସନ୍ତା ୧୩ରୁ ୧୫ତାରିଖ ପର୍ଯ୍ୟନ୍ତ ମଦ ଦୋକାନ ବନ୍ଦ ରଖିବାକୁ ସମସ୍ତ ଲାଇସେନ୍ସଧାରୀ ଓ ଦୋକାନୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜିଲାରେ ସମୁଦାୟ ୫୯ ଅଫ ଶପ (ଠିପିବନ୍ଦ ମଦ ଦୋକାନ) ଥିବା ବେଳେ ୧୫ ଅନ୍ ଶପ (ଠିପି ଖୋଲା ମଦ ଦୋକାନ) ରହିଛି। ଏହା ଉପରେ ନଜର ରଖିବାକୁ ଅବକାରୀ ବିଭାଗର ଅଧିକାରୀମାନଙ୍କୁ କୁହାଯାଇଛି।

୩ ପଞ୍ଚାୟତ ଶଟ୍‌ଡାଉନ

ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ୪୫ ଜଣଙ୍କ ସ୍ୱାବ୍ ସଂଗ୍ରହ

ପାଟଣା,୧୨।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ଏରଣ୍ଡେଇ, ପଲାଶଘାଟି ଓ ସରସକଲା ପଞ୍ଚାୟତର ୩ ବ୍ୟକ୍ତି ବୁଧବାର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ୩ ପଞ୍ଚାୟତକୁ ସ୍ଥାନୀୟ ସରପଞ୍ଚମାନେ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ୭୨ ଘଣ୍ଟା ପର୍ଯ୍ୟନ୍ତ ଶଟ୍‌ଡାଉନ କରିଛନ୍ତି। ଚିହ୍ନଟ ୩ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୨୫ ବ୍ୟକ୍ତି ଓ ଟିଏମ୍‌ସିରେ କାର୍ଯ୍ୟରତ ୨୦ କର୍ମଚାରୀଙ୍କୁ ମିଶାଇ ମୋଟ ୪୫ ଜଣଙ୍କର ଶୁକ୍ରବାର ସ୍ୱାବ୍ ସଂଗ୍ରହ ପରେ ପରୀକ୍ଷା ପାଇଁ ପଠାଯାଇଛି। ସ୍ୱାବ୍ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଏହି ବ୍ୟକ୍ତିମାନଙ୍କୁ ପ୍ରଶାସନ ପକ୍ଷରୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି।

ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ଖଇରା/ଔପଦା, ୧୨।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ଔପଦା ଥାନା ଫତେପୁର ପଞ୍ଚାୟତ ଅଧୀନ ଖଡିପାଟଣା ଗ୍ରାମର ହରେକୃଷ୍ଣ ବାରିକ(୫୫) ବୁଧବାର ଟ୍ରାକ୍ଟର ଧକ୍କାରେ ଗୁରୁତର ହୋଇପଡିଥିଲେ। ଗୁରୁବାର ସକାଳେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇଛନ୍ତି। ବୁଧବାର ହରେକୃଷ୍ଣ ଘର ବାରଣ୍ଡାରେ ବସିଥିଲେ। ଖଇରା ଥାନା ସାରୁଗାଁ ପଞ୍ଚାୟତ ପାମ୍ପୁଡିଆ ସାହିର ପଦ୍ମଲୋଚନ ବାରିକ ଟ୍ରାକ୍ଟରରେ ହଳ କରି ହରେକୃଷ୍ଣଙ୍କ ଘର ସମ୍ମୁଖ ରାସ୍ତା ଦେଇ ଫେରୁଥିଲେ। ଟ୍ରାକ୍ଟର ଛିଡା ହୋଇଥିବା ହରେକୃଷ୍ଣଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଏ ସମ୍ପର୍କରେ ହରେକୃଷ୍ଣ ପଚରାଉଚୁରା କରୁଥିବା ବେଳେ ପଦ୍ମଲୋଚନ ଗାଡି ଅଟକାଇବା ପରିବର୍ତ୍ତେ ହରେକୃଷ୍ଣଙ୍କ ଧକ୍କା ଦେଇ ପଳାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଖଇରା ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା।

ଉତ୍ତର ଓଡ଼ିଶାରେ ୧୭ ପଜିଟିଭ୍ ଚିହ୍ନଟ

ବାରିପଦା ଅଫିସ/କେନ୍ଦୁଝର, ୧୨।୬(ସ୍ୱ.ପ୍ର./ଡି.ଏନ.ଏ.): ଉତ୍ତର ଓଡ଼ିଶାରେ ଶୁକ୍ରବାର ଆଉ ୧୭ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥି ମଧ୍ୟରୁ ମୟୂରଭଞ୍ଜରେ ୭, କେନ୍ଦୁଝରରେ ୫ ଓ ବାଲେଶ୍ୱର ଜିଲାରେ ୫ ଆକ୍ରାନ୍ତ ରହିଛନ୍ତି। ମୟୂରଭଞ୍ଜ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୯କୁ ବୃଦ୍ଧି ପାଇଛି। ଚିହ୍ନଟ ୭ ସଂକ୍ରମିତ ଶୁଳିଆପଦା ବ୍ଲକ ଅଞ୍ଚଳର। ସମସ୍ତେ ମହାରାଷ୍ଟ୍ରରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଚିକିତ୍ସା ପାଇଁ ସେମାନଙ୍କୁ ବାଙ୍କିଶୋଳସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଲ୍ଲେଖଯୋଗ୍ୟ, ଜିଲାରେ ଚିହ୍ନଟ ହୋଇଥିବା ୯୯ ଆକ୍ରାନ୍ତଙ୍କ ମଧ୍ୟରୁ ୨୨ ଜଣ ସୁସ୍ଥ ହୋଇଥିବା ବେଳେ ୭୭ ଜଣ ଚିକିତ୍ସାଧିନ ଅଛନ୍ତି। ସେହିପରି କେନ୍ଦୁଝର ଜିଲାରେ ଚିହ୍ନଟ ୫ ଆକ୍ରାନ୍ତଙ୍କୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୯ରେ ପହଞ୍ଚିଛି। ପଜିଟିଭ୍ ୩ଜଣ ଗୁଜରାଟ ଓ ୨ଜଣ ମହାରାଷ୍ଟ୍ରରୁ ଫେରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ପ୍ରଶାସନ ପକ୍ଷରୁ ହାଟଡିହୀ ବ୍ଲକ ଅଧୀନ ବଡରମ୍ପାସ ଟିଏମ୍‌ସି ଏବଂ ଆଇତିପୁର ରାଜୀବଗାନ୍ଧୀ ସେବା କେନ୍ଦ୍ରକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଜିଲାରେ ଅଦ୍ୟାବଧି ୨୫ଜଣ ସୁସ୍ଥ ହୋଇ ଘରକୁ ଫେରି ସାରିଲେଣି।

ସଞ୍ଜୀ ନଇଁଲେ ଅନ୍ଧାରର ରାଜୁତି

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୧୨।୬

ପୋତାଯାଇଥିବା ବିଦ୍ୟୁତ୍ ଖୁଣ୍ଟ

କୁଡ଼ିପାହି ଗ୍ରାମବାସୀ।

- ବିଦ୍ୟୁତ୍ ସଂଯୋଗ ଲାଗି କେବଳ ମିଳିଛି ପ୍ରତିଶ୍ରୁତି
- ଦହଗଞ୍ଜ ହେଉଛନ୍ତି ୪୦ରୁ ଊର୍ଦ୍ଧ୍ୱ ପରିବାର

ବାଲେଶ୍ୱର ସଦର ବ୍ଲକ ପରୀଖି ପଞ୍ଚାୟତ କୁଡ଼ିପାହି ଗ୍ରାମରେ ବସବାସ କରୁଥିବା ୪୦ରୁ ଊର୍ଦ୍ଧ୍ୱ ଗରିବ ପରିବାର ଏଯାଏ ବିଦ୍ୟୁତ୍ ଆଲୋକ ଦେଖିନାହାନ୍ତି। ସଞ୍ଜ ନଇଁଲେ ସେଠାରେ ରାଜୁତି କରୁଛି ଅନ୍ଧାର। ନିର୍ବାଚନ ସମୟ ଆସିଲେ ରାଜନେତାମାନେ ପକ୍କାରାସ୍ତା ସହ ବିଦ୍ୟୁତ୍ ସଂଯୋଗ କରାଇ ଦେବାର ପ୍ରତିଶ୍ରୁତି ଦେଇ ଭୋଟ ହାତେଇ ନେଉଛନ୍ତି। ଏହି ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ସବୁଆଡ଼େ ପିଲାମାନେ ବିଜୁଳି ବତି ତଳେ ପାଠ ପଢୁଥିବା ବେଳେ ଏଠି ପିଲାମାନେ ଡିବିରି ଲଗାଇ ପାଠ ପଢ଼ନ୍ତି। ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୨ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଉଥିବାରୁ ବୟସ୍କଙ୍କଠାରୁ ଆରମ୍ଭ କରି ଶିଶୁ ସଭିଏ ପ୍ରବଳ ଗରମରେ ଦହଗଞ୍ଜ ହେଉଛନ୍ତି। ଗାଁକୁ ବିଦ୍ୟୁତ୍ ସଂଯୋଗ ନ ହେଲେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ପାର୍ବତୀ ସିଂ ଓ ପୀତାମ୍ବର ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

ବଳରାମଗଡ଼ି ନିକଟବର୍ତ୍ତୀ ୧୦ନଂ. ୱାର୍ଡର ଲୋକମାନେ ଦିନମଜୁରି ଲାଗି ପେଟ ପୋଷନ୍ତି। ଗାଁକୁ ଭଲ ରାସ୍ତା ନାହିଁ। ସାମାନ୍ୟ ବର୍ଷା ହେଲେ ଲୋକେ ବିଲ ଦେଇ ପରୀଖି ବଜାରକୁ ଯାତାୟାତ କରିଥାନ୍ତି। ଦୀର୍ଘବର୍ଷ ଧରି ଗାଁକୁ ପକ୍କାରାସ୍ତା ଓ ବିଦ୍ୟୁତ୍ ସଂଯୋଗ ପାଇଁ ଗ୍ରାମବାସୀ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ନିର୍ବାହୀଯନ୍ତ୍ରୀଙ୍କ ନିକଟରେ ଦାବିପତ୍ର ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଦୁଇବର୍ଷ ତଳେ ତତ୍କାଳୀନ ବିଧାୟକ ଜୀବନପ୍ରଦୀପ ଦାଶଙ୍କ ଉଦ୍ୟମ କ୍ରମେ ସୌଭାଗ୍ୟ ଯୋଜନାରେ ଏହି ୱାର୍ଡକୁ ବିଦ୍ୟୁତ୍ ସଂଯୋଗ ପାଇଁ ନେସ୍କୋ ପକ୍ଷରୁ ଖୁଣ୍ଟ ପୋତାଯାଇଥିଲା। ଏହାପରଠାରୁ ଆଉ କାମ ଆଗେଇ ପାରି ନାହିଁ। କେନ୍ଦ୍ର ସରକାର ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ଯୋଗାଇବାର ବ୍ୟବସ୍ଥା କରାଇଥିଲେ ମଧ୍ୟ ଲୋକେ ଏଯାଏ ବିଜୁଳି ପାରିପାରି ନାହାନ୍ତି। ଗତ ମେ' ୩୧ ତାରିଖରେ ପରୀଖି ସରପଞ୍ଚ କବିତା ପାତ୍ର ନେସ୍କୋର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ତାର ସଂଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ୭ ଦିନ ମଧ୍ୟରେ ତାର ଟଣା ହୋଇ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ଇତିମଧ୍ୟରେ ୧ମାସ ବିତିଯାଇଥିଲେ ମଧ୍ୟ କୌଣସି କାମ ଠିକାଦାର ଆରମ୍ଭ କରି ନ ଥିବା ଅଭିଯୋଗ କରିଛନ୍ତି।

ବିଧାୟକଙ୍କ ପ୍ରତିନିଧି ଗୌରାଙ୍ଗ ଦାସ ନେସ୍କୋର ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ୧୫ଦିନ ମଧ୍ୟରେ ତାର ଟଣାଯାଇ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ଦାସ ପ୍ରତିଶ୍ରୁତି ଦେଇଛନ୍ତି।

ଏ ସମ୍ପର୍କରେ ନେସ୍କୋର ଅଧୀକ୍ଷଣ ଯନ୍ତ୍ରୀ ବ୍ରଜସୁନ୍ଦର ପରିଡ଼ା କୁହନ୍ତି, ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ପାଇଁ ହୋଇଥିବା ପ୍ରକଳ୍ପ ଅଟକଳ କାର୍ଯ୍ୟକାରୀ ସମୟରେ ଅଧିକ ଅର୍ଥ ଆବଶ୍ୟକ ଥିବାରୁ ପୁନର୍ବାର ପ୍ରକଳ୍ପ ପରିବର୍ତ୍ତନ ହେବାକୁ ସମୟ ଲାଗିଥିଲା। ପରେ ୨୦୧୯ ନିର୍ବାଚନ, ମହାମାରୀ କରୋନା ଏବଂ ଅମ୍ପନ ବାତ୍ୟା ପାଇଁ କାର୍ଯ୍ୟ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର କାମ ଶେଷ ହେବ।

ବଜାରରେ ଲୋକ ଗହଳି।

ରଜ ପାଇଁ ଅସମ୍ଭାଳ ଭିଡ଼

ଭଦ୍ରକ ଅଫିସ, ୧୨।୬

ରଜ ପାଇଁ କରୋନା କଟକଣା ମାନିବାକୁ ଦୋକାନୀ ଓ ଗରାଖ ନାରାଜ। ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧା କଥା ଭୁଲିଯାଇ ଶୁକ୍ରବାର ଭଦ୍ରକ ବଜାରରେ ଲୋକେ ଗହଳି ଲଗାଇଥିଲେ। ଶନିବାର ଓ ରବିବାର ଦୁଇଦିନିଆ ଶଟ୍‌ଡାଉନ କାରଣରୁ ଏଭଳି ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଜିଲା ପ୍ରଶାସନ ପକ୍ଷରୁ ସାମାଜିକ ଦୂରତ୍ୱ ଯାଞ୍ଚ କରୁଥିବା ଏକ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ସହରର ଦୁଇଟି ଶଫିଂମଲ୍‌ରେ ଚଢ଼ାଉ କରିଥିଲା। ଶଫିଂ ମଲ୍ ପରିସରରେ ସାମାଜିକ ଦୂରତ୍ୱ କଟକଣା ରହୁ ନ ଥିବା କାରଣରୁ ମେଡିକାଲ ଛକରେ ଥିବା ଏମ୍ ବଜାର ଓ ବାଇପାସ୍‌ରେ ଥିବା ରିଲାଏନ୍ସ ସ୍ମାର୍ଟ ଭଳି ଦୁଇଟି ମଲ୍‌କୁ ଏହି ଟିମ୍ ସିଲ୍ କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୧୦ ହଜାର ଲେଖାଏ ଜରିମାନା ଦେଇ ସାମାଜିକ ଦୂରତ୍ୱ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଶଫିଂ ମଲ୍ ଦୁଇଟି ଖୋଲାଯାଇଥିଲା। ଉପଜିଲାପାଳ ପୀତାମ୍ବର ସାମଲ, ଭଦ୍ରକ ତହସିଲଦାର ବିକାଶଜ୍ୟୋତି ଦାସ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ, ଏସ୍‌ଡିପିଓ ସୁନୀଲ ନନ୍ଦଙ୍କ ଉପସ୍ଥିତିରେ ଟାଉନ୍ ପୋଲିସ ଚଢ଼ାଉରେ ସାମିଲ ଥିଲେ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣା

ତଦନ୍ତ ନିର୍ଦ୍ଦେଶ ଦେଲେ ସଚିବ

ହାଟଡିହୀ, ୧୨।୬(ଡ଼ି.ଏନ.ଏ.)

ଫାର୍ମ ପଣ୍ଡ।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାଳଣିଆଁ ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍‌ରେ ପ୍ରବାସୀ, ବୃଦ୍ଧ ଓ ଚାକିରିଆଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇ ଲକ୍ଷାଧିକ ଟଙ୍କା ବିଲ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କିତ ଏକ ରିପୋର୍ଟ ଗତ ୧୧ତାରିଖରେ 'ଓଡିଶା ପୋଷ୍ଟ'ରେ ପ୍ରକାଶ ପାଇଥିଲା। ଏହି ଘଟଣାରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ ଖୁବଶୀଘ୍ର ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି କ୍ରମରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ପ୍ରଶାସନ ତରଫରୁ ସୂଚନା ମିଳିଛି।

ପ୍ରକାଶ ଥାଉ କି, ଶାଳଣିଆଁ ପଞ୍ଚାୟତ ସୋଲପଟା ଗ୍ରାମର ୭୦ ବର୍ଷୀୟ ବୃଦ୍ଧ ଅଧିକାରୀ ନାୟକଙ୍କ ନାମରେ ଚଳିତ ୨୦୨୦-୨୦୨୧ ଆର୍ଥିକ ବର୍ଷରେ ଦେଢ଼ଲକ୍ଷ ଟଙ୍କା ବ୍ୟୟ ଅଟକଳ ମୂଲ୍ୟ ଏବଂ ପିଏସ ଶେୟାରରେ ଏକ ଫାର୍ମ ପଣ୍ଡ ପ୍ରକଳ୍ପ ଅନୁମୋଦନ ହୋଇ ପ୍ରାୟ ୧ ଲକ୍ଷ ୧୪ ହଜାର ଟଙ୍କା ବିଲ୍ ହୋଇଛି। ଜବକାର୍ଡଧାରୀ ଶ୍ରମିକ ଗୋଟିଏ ସପ୍ତାହରେ ୬ଦିନ ପରିବର୍ତ୍ତେ ୭ଦିନ ଏବଂ ବର୍ଷାଦିନରେ କାର୍ଯ୍ୟ ହୋଇଥିବା ଦର୍ଶାଇ ବିଲ୍ ହୋଇଛି। ମଷ୍ଟରରୋଲରେ ମୃତ ଭାବଗ୍ରାହୀ ସ୍ୱାଇଁ, ଶିକ୍ଷକତା କରୁଥିବା ସତ୍ୟବ୍ରତ ବାରିକ, ବୃଦ୍ଧ ଅଧିକାରୀ ନାୟକ, ଅଇଣ୍ଡୁ ଯେନା, କାର୍ତ୍ତିକେଶ୍ୱର ଯେନା, ମୁସେଇ ନାୟକ, ପ୍ରବାସୀ ଓଡ଼ିଆ ଅବନୀ ନାୟକଙ୍କ ନାମରେ ବିଲ ହୋଇଛି। କିନ୍ତୁ ଫାର୍ମ ପଣ୍ଡ ପ୍ରକଳ୍ପ ପଞ୍ଚାୟତ ସ୍ତରରେ ଗ୍ରାମସଭା କିମ୍ବା ପଲ୍ଲୀସଭା ଦ୍ୱାରା ଅନୁମୋଦନ ହୋଇନାହିଁ। ପୂର୍ବରୁ ଅଧିକାରୀଙ୍କ ପୁଅ ସରୋଜ ନାୟକଙ୍କ ନାମରେ ଏକ ଫାର୍ମ ପଣ୍ଡ ପ୍ରକଳ୍ପ ଦେଢ଼ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଏମଜିଏନଆରଇଜିଏସରେ ଅନୁମୋଦନ ହୋଇ କାର୍ଯ୍ୟ ହୋଇଥିଲା। ସେହି ଫାର୍ମ ପଣ୍ଡକୁ ଦେଖାଇ ବାପା ଅଧିକାରୀଙ୍କ ନାମରେ ଲକ୍ଷାଧିକ ଟଙ୍କା ବିଲ୍ କରାଯାଇଛି। ଯାହାକୁ ନେଇ ଅଭିଯୋଗ ହୋଇଥିଲା। ଏହି ପଞ୍ଚାୟତରେ ଏପରି ଅନେକ ପୁରୁଣା କାର୍ଯ୍ୟକୁ ଦେଖାଇ ନୂତନ ପ୍ରକଳ୍ପ ଅନୁମୋଦନ କରି ପୁଣି ବିଲ୍ କରାଯାଇଛି।

ସିଲ୍ ହେଲା ୩ ବ୍ୟବସାୟ ପ୍ରତିଷ୍ଠାନ

ଆନନ୍ଦପୁର,୧୨। ୬(ସ୍ୱ.ପ୍ର.)

କୋଭିଡ୍-୧୯ ନିୟମ ଉଲ୍ଲଂଘନ ଅଭିଯୋଗରେ ଆନନ୍ଦପୁର ପୌରପରିଷଦ ଅଧୀନ ଘସିପୁରା ଅଞ୍ଚଳରେ ଥିବା ୩ ବ୍ୟବସାୟ ପ୍ରତିଷ୍ଠାନକୁ ଶୁକ୍ରବାର ପ୍ରଶାସନ ସିଲ୍ କରିଛି। ଘସିପୁରା ତହସିଲଦାର ବାବୁଲ ପେରେଇ ଘଟଣାର ଅନୁଧ୍ୟାନ କରିବା ପରେ ଦୀପକ ଲୁଗାଦୋକାନ, ମାମାଲି ଏମ୍ପୋରିୟମ, ନିଉଦର୍ଶନ ଜୁଏଲେରିକୁ ଅନିର୍ଦ୍ଦିଷ୍ଟ କାଳ ପାଇ ସିଲ୍ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରଜ ଉତ୍ସବ ପାଇଁ କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଇଡଲାଇନ୍ ପ୍ରକାଶ ପାଇଛି। ଜିଲାପାଳଙ୍କ ଚିଠି ନଂ. ୨୩୮୮/୧୦।୬।୨୦୨୦ ଅନୁଯାୟୀ, ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ଲୁଗା ଓ ଷ୍ଟେଶନେରି ଦୋକାନଗୁଡ଼ିକ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହା ସହିତ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ପ୍ରତିଷ୍ଠାନ ମଧ୍ୟ ସମାନ ନିୟମ ଅନୁସରଣ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏସବୁ ସତ୍ତ୍ୱେ ଉକ୍ତ ପ୍ରତିଷ୍ଠାନଗୁଡ଼ିକ ସାମାଜିକ ଦୂରତ୍ୱ ଓ ମାସ୍କ ବ୍ୟବହାର ଉପରେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଥିଲା।

ସାମାଜିକ ଦୂରତ୍ୱ କଟକଣା ଉଲ୍ଲଂଘନ, ଜରିମାନା ଆଦାୟ

ଖଇରା ପୋଲିସ ତରଫରୁ ବଜାରରେ ଯାଞ୍ଚ କରାଯାଉଛି।

ଖଇରା, ୧୨।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବଜାରରେ ସାମାଜିକ ଦୂରତ୍ୱ କଟକଣା ନ ମାନିବା ତଥା ମାସ୍କ ନ ପିନ୍ଧିବା ଅଭିଯୋଗରେ ଖଇରା ପୋଲିସ ଉଲ୍ଲଂଘନକାରୀଙ୍କ ନିକଟରୁ ଜରିମାନା ବାବଦକୁ ୮ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରିଛି। ୪ଦିନ ଶଟଡାଉନ ରହିବା ଖବର ଲୋକେ ଜାଣିବା ପରେ ବଜାରରେ ଅସମ୍ଭବ ଭିଡ ଦେଖିବାକୁ ମିଳିଥିଲା। ଏସ୍‌ଆଇ ସୁରେଶ ମାଝି ଓ ଏଏସ୍‌ଆଇ ବାସୁଦେବ ମହାନ୍ତି ସଦଳବଳେ ସାମାଜିକ ଦୂରତ୍ୱ ଉଲ୍ଲଘଂନକାରୀଙ୍କ ନିକଟରୁ ଜରିମାନା ଆଦାୟ କରିଥିଲେ। ସେହିଭଳି ବିନା ମାସ୍କଧାରୀଙ୍କୁ ମଧ୍ୟ ପୋଲିସ ଛାଡି ନ ଥିଲା।

ସାମାଜିକ ଦୂରତ୍ୱ ନିୟମ ନ ମାନିବାରୁ ୪ ଦୋକାନ ସିଲ୍

କେନ୍ଦୁଝର, ୧୨।୬ (ସ୍ୱ.ପ୍ର.)

ରଜ ପୂର୍ବରୁ ସାମାଜିକ ଦୂରତା ଆଇନ ନ ମାନିବାରୁ ଶୁକ୍ରବାର କେନ୍ଦୁଝର ସହରର ୪ ଦୋକାନକୁ ପ୍ରଶାସନ ସିଲ୍ କରିଛି। ୧୪ତାରିଖଠାରୁ ରଜପର୍ବ ହେବାକୁ ଥିବା ବେଳେ କେନ୍ଦୁଝର ସହରରେ ଶୁକ୍ରବାର ଅପରାହ୍ନରେ ସାମାଜିକ ଦୂରତ୍ୱକୁ ଉଲ୍ଲଙ୍ଘନ କରିଥିବାରୁ ୪ ଦୋକାନକୁ ସିଲ କରାଯାଇଛି। ସେଥିମଧ୍ୟରୁ ଦୁଇଟି ଡ୍ରେସ ଦୋକାନ, ଗୋଟିଏ ଜୋତାଦୋକାନ ଏବଂ ଗୋଟିଏ ଚାଟ୍ ଦୋକାନ ରହିଛି। ଚଢ଼ାଉ ବେଳେ ମାଜିଷ୍ଟ୍ରେଟ ଭାବେ ସଦର ତହସିଲଦାର ଆଶିଷ କୁମାର ମହାପାତ୍ର ଏବଂ ସଦର ଏସ୍‌ଡ଼ିପିଓ ପ୍ରକାଶ ଜେମସ ଟୋପ ପ୍ରମୁଖ ଉପସ୍ଥିତ ଥିଲେ।

କରୋନା ସଂକ୍ରମଣ ରୋକିବାକୁ ରଜ ଉତ୍ସବ ପାଳନରେ କଟକଣା

ସରପଞ୍ଚଙ୍କ ସହ କଥା ହେଲେ ଜିଲାପାଳ

କେନ୍ଦୁଝର, ୧୨।୬ (ସ୍ୱ.ପ୍ର.)

ଚଳିତ ବର୍ଷ ରଜ ପର୍ବ ପାଳନ ଅବସରରେ ମହାମାରୀ କରୋନା ଭାଇରସ୍‌ର ସଂକ୍ରମଣକୁ ପ୍ରତିରୋଧ କରିବା ସମ୍ପର୍କରେ ଜିଲାପାଳ ଆଶିଷ ଠାକରେ ଜିଲାର ସରପଞ୍ଚମାନଙ୍କ ସହିତ କଥା ହୋଇଛନ୍ତି। ଗୁରୁବାର ଭିଡିଓ କନଫରେନ୍ସିଂ ଜରିଆରେ ଜିଲାପାଳ ଜିଲାରେ ୩ମାସ ଧରି କୋଭିଡ୍-୧୯ ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ସରପଞ୍ଚମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ଏତଦ୍‌ବ୍ୟତୀତ ତୃଣମୂଳସ୍ତରରେ ସଂକ୍ରମଣ ପ୍ରତିରୋଧ ପାଇଁ ଦିନରାତି କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, କର୍ମୀମାନଙ୍କର ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ଦେଶର ବିଭିନ୍ନ ରାଜ୍ୟରୁ ଏବଂ ବିଦେଶରୁ ପ୍ରବାସୀମାନଙ୍କର ଘର ବାହୁ

ସଂକ୍ଷେପରେ

ଘୋଡ଼ାହାଡ଼ ନଦୀରୁ ଗଳିତ ମୃତଦେହ ଉଦ୍ଧାର

ଦିଗପହଣ୍ଡି,୧୨।୬(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ କୈଠଖଣ୍ଡି-ନୂଆଗଡ ଗ୍ରାମ ଛକ ନିକଟ ଘୋଡ଼ାହାଡ଼ ନଦୀରୁ ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୮ଟାରେ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଦିଗପହଣ୍ଡି ଥାନା ମଙ୍ଗରାଜପୁର ଗ୍ରାମର ଦଣ୍ଡିଆ ନାଇକ। ନଦୀରେ ମୃତଦେହ ଭାସୁଥିବା ଖବର ପାଇ ଦିଗପହଣ୍ଡି ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇବା ସହ ନଂ.୫/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ଦଣ୍ଡିଆ ଗତ ୨ଦିନ ହେଲା ନିଖୋଜ ଥିବା ପରିବାର ଲୋକେ ପୋଲିସକୁ କହିଛନ୍ତି।

ଜଳଖିଆ ଦୋକାନ ସିଲ୍

ଖଲ୍ଲିକୋଟ,୧୨।୬(ଡି.ଏନ୍.ଏ.)- ଖଲ୍ଲିକୋଟ ବସ୍‌ଷ୍ଟାଣ୍ଡରେ ଥିବା ହୋଟେଲ ମହାଲକ୍ଷ୍ମୀ ଭଣ୍ଡାରରେ କିଛିଦିନ ହେବ ଜଳଖିଆ ପ୍ରସ୍ତୁତ କରି ଖାଇବାକୁ ଦିଆଯାଉଥିଲା। ଖବର ପାଇ ଖଲ୍ଲିକୋଟ ତହସିଲଦାର ଚକ୍ରଧର ପାଢ଼ୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମିଶ୍ର ଶୁକ୍ରବାର ସେଠାରେ ପହଞ୍ଚି ଉକ୍ତ ଦୋକାନକୁ ସିଲ୍ କରିଛନ୍ତି। ସେହିପରି ବସ୍‌ଷ୍ଟାଣ୍ଡରେ ଥିବା ପାନ ଦୋକାନ ଓ ଅନ୍ୟାନ୍ୟ ଦୋକାନରେ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ମାସ୍କ ପିନ୍ଧିବାକୁ ତାଗିଦ୍ କରିଥିଲେ। ଖଲ୍ଲିକୋଟ ଏନ୍‌ଏସି ଅଧକ୍ଷ ଦାୟିତ୍ୱରେ ଥିବା ଛତ୍ରପୁର ଏଡିଏମ୍ କବିନ୍ଦ୍ର ସାହୁ ପହଞ୍ଚି ନିୟମ କଡ଼ାକଡ଼ି କରିବାକୁ କହିଥିଲେ। ସେହିପରି ଖଲ୍ଲିକୋଟ ସବ୍‌ରେଜିଷ୍ଟାର ଅଫିସରେ ଭିଡ ଦେଖି ତାଗିଦ୍ କରିବା ପରେ ଗେଟ୍‌ରେ ତାଲା ପକାଇ ଜଣ ଜଣ କରି ଅଫିସ ଭିତରକୁ ଛଡ଼ାଯାଇଥିଲା।

ଚେନ୍ନାଇରୁ ଗାଁକୁ ଆସିଲା ଶ୍ରମିକଙ୍କ ମୃତଦେହ

ଜି.କଣ୍ଢେଇ ରେଡ୍ଡୀ (ଫାଇଲ ଫଟୋ)

ଗଞ୍ଜାମ,୧୨।୬ (ଡି.ଏନ.ଏ.)- ଚେନ୍ନାଇରେ ରମ୍ଭା ଥାନା ଗଞ୍ଜାମ ବ୍ଲକ ସନ୍ତୋଷପୁର ପଞ୍ଚାୟତ କାର୍ତ୍ତିକଢ଼ି ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ଗତ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ଶୁକ୍ରବାର ତାଙ୍କ ମୃତଦେହ ଗ୍ରାମରେ ଆସି ପହଞ୍ଚିବା ପରେ ସତ୍କାର କରାଯାଇଛି। ମୃତକ ହେଲେ ଜି. କଣ୍ଢେଇ ରେଡ୍ଡୀ (୨୮)। ଲକ୍‌ଡାଉନରେ କାମ ବନ୍ଦ ହୋଇଯାଇଥିବା ଯୋଗୁ ଚେନ୍ନାଇରେ ଫସିରହି ଅନାହାରରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗରିବ ଶ୍ରେଣୀର କହେଁଇଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ଡି.ନିରଞ୍ଜନ ରେଡ୍ଡୀ ଦାବି କରିଛନ୍ତି। କଣ୍ଢେଇ ଚେନ୍ନାଇରେ ବହୁଦିନ ହେବ କନ୍ଷ୍ଟ୍ରକସନ କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ୍ ପରଠୁ କାମ ବନ୍ଦ ଥିଲା। କାମ ଚାଲିଥିବା ସ୍ଥାନରେ ତାଙ୍କର ମୃତଦେହ ପଡିଥିବା ନେଇ ଘରକୁ ଖବର ଆସିଥଲା। କମ୍ପାନୀ ସହାୟତାରେ ଆମ୍ବୁଲାନ୍ସରେ ଗାଁକୁ ମୃତଦେହ ଆସିଥିଲା। ସୂଚନାଯୋଗ୍ୟ, କଣ୍ଢେଇଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି।

ସିସିଟିଭି ଚୋରି, ଅଭିଯୁକ୍ତ ଗିରଫ୍

ଆସିକା,୧୨।୬(ଡି.ଏନ୍.ଏ.)- ଆସିକା ଥାନା ଭେଟନଈ ନିକଟସ୍ଥ ଏକ କୁକୁଡା ଫାର୍ମରୁ ସିସିଟିଭି ଚୋରି ଅଭିଯୋଗରେ ପୋଲିସ ଶୁକ୍ରବାର ଜଣକୁ ଗିରଫ କରିଛି। ସେ ହେଲେ ଭେଟନଈ ଗ୍ରାମର ବଳିଆ ଗୌଡ। ଏ ନେଇ ଏକ ମାମଲା (ନଂ. ୩୧୮/୨୦) ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ବଳିଆ ଗତ ଶୁକ୍ରବାର ରାତିରେ ଫାର୍ମ ପରିସରରେ ଥିବା ଅଫିସର ତାଲା ଭାଙ୍ଗିବାକୁ ଉଦ୍ୟମ କରି ବିଫଳ ହେବାରୁ ସିସିଟିଭିକୁ ଚୋରାଇ ନେଇଥିବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା।

ସମସ୍ତ ସୁବିଧା ମିଳିଲେ ସୁରଟ ଫେରିବୁ

ଭଞ୍ଜନଗର,୧୨।୬(ଡି.ଏନ୍.ଏ.)



ବାରୁଡ଼ାରେ ସୁରଟ ଫେରନ୍ତା ଶ୍ରମିକଙ୍କ ସହ ପ୍ରଦୀପ ସାହୁ।

ସୁରଟ ପୋଲିସ ମାଡ଼ରେ ମୃତ୍ୟୁବରଣ କରିଥିବା ଭଞ୍ଜନଗର ଥାନା ବାରୁଡ଼ାର ସତ୍ୟ ସ୍ୱାଇଁଙ୍କ ପରିବାରକୁ ସୁରଟ ପ୍ରବାସୀ ଓଡ଼ିଆ ସମାଜ ସଭାପତି ପ୍ରଦୀପ ସାହୁ ଶୁକ୍ରବାର ଭେଟି ସମବେଦନା ଜଣାଇଛନ୍ତି। କରୋନା ପାଇଁ ସୁରଟରେ କାର୍ଯ୍ୟରତ ଅଧିକାଂଶ ପ୍ରବାସୀ ଓଡ଼ିଆ ଭିଟାମାଟିକୁ ଫେରି ଆସିଛନ୍ତି। ଲକ୍‌ଡାଉନ କୋହଳ ପରେ ସେଠାରେ କମ୍ପାନୀ ଗୁଡ଼ିକ ଧୀରେ ଧୀରେ ଖୋଲୁଛି। କିନ୍ତୁ ଶ୍ରମିକ ଅଭାବ ଯୋଗୁ ସମସ୍ତ କମ୍ପାନୀ ଖୋଲି ପାରିନାହିଁ। ମାଲିକମାନେ ଶ୍ରମିକମାନଙ୍କୁ କର୍ମକ୍ଷେତ୍ରକୁ ଫେରାଇ ନେବାକୁ ଉଦ୍ୟମ ଚଳାଇଛନ୍ତି। ଅପରପକ୍ଷେ ସମସ୍ତ ସୁବିଧା ମିଳିଲେ ହିଁ ସୁରଟ ଫେରିବାକୁ ଓଡ଼ିଆମାନେ ନିଷ୍ପତ୍ତି ନେଇଛନ୍ତି। ସଭାପତି ପ୍ରଦୀପ ସାହୁ ୩ଦିନ ହେବ ଗଞ୍ଜାମ ଜଲା ଗସ୍ତରେ ଆସି ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଏନେଇ ଆଲୋଚନା କରୁଛନ୍ତି।

ଏନେଇ ପ୍ରଦୀପ କହିଛନ୍ତି, ସୁରଟ ସୂତାକଳ ମାଲିକମାନଙ୍କ ନିର୍ଯାତନା ବ୍ରିଟିଶ କମ୍ପାନୀଠୁ ବଳିଗଲାଣି। ୪୦ ବର୍ଷ ତଳେ ଯେଉଁ ମାଲିକଙ୍କ ପାଖରେ ୨ଟି ମେଶିନ ଥିଲା ସେମାନଙ୍କ ପାଖରେ ଏବେ ୨ଶହ ମେଶିନ। କମ୍ପାନୀ ଉନ୍ନତିରେ ପ୍ରବାସୀ ଓଡ଼ିଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ମହାମାରୀ କରୋନା ସମୟରେ ମାଲିକମାନେ ଶ୍ରମିକମାନଙ୍କୁ ସାମାନ୍ୟ ସାହାଯ୍ୟ କଲେନାହିଁ। ରାଜନୈତିକ ଚିନ୍ତାଧାରାରୁ ଉର୍ଦ୍ଧ୍ୱରେ ରହି ଏବେ ଏକାଠି ନିଷ୍ପତ୍ତି ନେବା ସମୟ ଆସିଛି। ଏଣିକି ସମସ୍ତ ସୁବିଧା ମିଳିଲେ ହିଁ ପ୍ରବାସୀ ଓଡ଼ିଆ ସୁରଟ ଫେରିବେ ବୋଲି ପ୍ରଦୀପ କହିଥିଲେ। ଗୁଜରାଟ ସରକାର ସମସ୍ତ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଇଏସ୍‌ଆଇ, ଇପିଏଫ୍ ସମେତ ଅନ୍ୟାନ୍ୟ ସୁବିଧା ସହ ଦୈନିକ ୮ ଘଣ୍ଟା କାମ ଓ ସପ୍ତାହକୁ ଦିନେ ଛୁଟି ଦେବାକୁ ପଡ଼ିବ। ରାଜ୍ୟ ସରକାର ମଧ୍ୟ ଶ୍ରମ ଆଇନ ଅନୁଯାୟୀ ସମସ୍ତ ଶ୍ରମିକଙ୍କ ନାମ ପଞ୍ଜୀକରଣ କରି ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଅନ୍ତୁ। ତାହାହେଲେ ଯାଇ ଶ୍ରମିକମାନେ ସୁରଟ ଫେରିବେ। ବର୍ତ୍ତମାନ ଭିଟାମାଟିକୁ ଫେରିଥିବା ଶ୍ରମିକମାନଙ୍କୁ ରାଜ୍ୟ ସରକାର ସହାୟତା ଯୋଗାଇ ଦେବାକୁ ପ୍ରଦୀପ ଦାବି କରିଛନ୍ତି। ସୂଚନାଯୋଗ୍ୟ, ପ୍ରବାସୀ ଓଡ଼ିଆ ସମାଜ ପକ୍ଷରୁ ସତ୍ୟଙ୍କ ପରିବାରକୁ ୬ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା।

ହୋମ୍ କ୍ୱାରାଣ୍ଟାଇନ୍‌ରେ ସ୍ତ୍ରୀ, ୨ ଝିଅ

କୋଭିଡ୍ ହସ୍ପିଟାଲରେ ଶ୍ରମିକଙ୍କ ମୃତ୍ୟୁ ଘଟଣା

ଛତ୍ରପୁର,୧୨।୬(ଡି.ଏନ.ଏ)

ଗଞ୍ଜାମ ଜିଲା ଶୀତଳାପଲ୍ଲୀସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଛତ୍ରପୁର ବ୍ଲକ ଅଞ୍ଚଳର ଜଣେ କୋଲକତା ଫେରନ୍ତା ଶ୍ରମିକଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା। ବୁଧବାର ତାଙ୍କ ସ୍ତ୍ରୀ ଓ ୨ ଝିଅଙ୍କୁ ପ୍ରଶାସନ ପକ୍ଷରୁ ଶୀତଳାପଲ୍ଲୀ ନିକଟ ପାରଳା ମହାରାଜା କୋଭିଡ୍ କେୟାର ସେଣ୍ଟରରେ ରଖାଯାଇଥିଲା। ସେଠାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶଙ୍କ ଉପସ୍ଥିତିରେ ମୃତକ ଶ୍ରମିକଙ୍କ ସ୍ତ୍ରୀଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ୨ ଝିଅଙ୍କ ସହ ମା'ଙ୍କୁ ଗାଁକୁ ଆଣି ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସୂଚନାଯୋଗ୍ୟ, ଶ୍ରମିକ ଜଣକ କୋଲକତାଠାରେ ଥିବା ଏକ ଝୋଟ ମିଲ୍‌ରେ ଶ୍ରମିକ ଭାବେ କରୁଥିଲେ। ପାଖରେ ସ୍ତ୍ରୀ ଓ ୨ ଝିଅ ମଧ୍ୟ ରହୁଥିଲେ। ଲକ୍‌ଡାଉନ୍ ଉଠିବା ପରେ ଗତ ୨ ତାରିଖରେ ପରିବାର ସହ ଶ୍ରମିକ ଜଣକ କାର୍ ଯୋଗେ ଗାଁକୁ ଆସି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ସେହିଦିନ ହିଁ ଶ୍ରମିକ ଜଣକ ଅସୁସ୍ଥ ହେବାରୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

ଗଞ୍ଜାମରେ ୧୧୩ ସକ୍ରିୟ ପଜିଟିଭ୍

ଛତ୍ରପୁର,୧୨।୬ (ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଶୁକ୍ରବାର ପୁଣି ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ୩୦ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଏହି ୩୦ ଜଣଙ୍କ ମଧ୍ୟରୁ ୧୫ ସରକାରୀ କର୍ମଚାରୀ ପାରଳା ମହାରାଜା କେଭିଡ୍ କେୟାର ସେଣ୍ଟରରୁ ଡିସଚାର୍ଜ ହୋଇଛନ୍ତି। ଏମାନେ ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଡ୍ୟୁଟି କରୁଥିବା ବେଳେ ସଂକ୍ରମିତ ହେଇଥିଲେ। ପ୍ରକୃତରେ ଏମାନେ କରୋନା ଯୋଦ୍ଧା ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଜିଲାରେ ବର୍ତ୍ତମାନ ସୁଦ୍ଧା ୬୪୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୨୩ ଜଣ ସୁସ୍ଥ ହେଲେଣି। ୫ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ୧୧୩ ସକ୍ରିୟ ପଜିଟିଭ୍ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହେଲା ପ୍ରତାପୁର

ଜଳେଶ୍ୱର ଖଣ୍ଡି, ହାଣ୍ଡିଘର, ଖାଜିପଲ୍ଲୀ, ହିଣ୍ଡଳପଲ୍ଲୀ ଓ ଆଛୁଲି ହେଲା ବଫର୍ ଜୋନ୍

ପୁରୁଷୋତ୍ତମପୁର,୧୨।୬(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକ ପ୍ରତାପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ କରୋନା ରିପୋର୍ଟ ପଜିଟିଭ ଆସିବା ପରେ ପାଞ୍ଚ ଦିନ ତଳେ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ପୋଲସରା ବ୍ଲକର ଏକ ସ୍କୁଲରେ ଶିକ୍ଷକ ଥିବାବେଳେ କିଛିଦିନ ତଳେ ଗ୍ରାମକୁ ଫେରିଥିଲେ। ଏହା ମଧ୍ୟରେ ନଦୀରେ ଗାଧୋଇବା ସହ ସେଲୁନ୍, ବିଭିନ୍ନ ଦୋକାନ ବଜାର ଯାଇ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ। ତହସିଲଦାର ଅରୁଣ କୁମାର ନାୟକ ଶିକ୍ଷକଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖି ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ଜିଲାପାଳ ଶୁକ୍ରବାର ପ୍ରତାପୁର ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଗାଁକୁ ସିଲ୍ କରାଯିବା ସହ ଅତ୍ୟାବଶ୍ୟକ ସାମଗ୍ରୀର ଡୋର୍ ଡେଲିଭରି ବ୍ୟବସ୍ଥା ପାଇଁ ବିଡିଓଙ୍କୁ କୁହାଯାଇଛି। ଏହାସହ ଘରକୁ ଘର ଯାଇ ସ୍ୱାସ୍ଥ୍ୟ ଯାଞ୍ଚ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତାପୁର ଗ୍ରାମକୁ ଲାଗିଥିବା ହାଣ୍ଡିଘର ପଞ୍ଚାୟତର ଜଳେଶ୍ୱରଖଣ୍ଡି, ହାଣ୍ଡିଘର, କେଏନ୍‌ପୁର ପଞ୍ଚାୟତର ଖାଜିପଲ୍ଲୀ ଓ ଆଛୁଲି ପଞ୍ଚାୟତର ହିଣ୍ଡଳପଲ୍ଲୀ, ଆଛୁଲି ଗ୍ରାମକୁ ବଫର୍ ଜୋନ ଘୋଷଣା କରାଯାଇଛି। ଏନେଇ ଜିଲାପାଳ ଗାଇଡ୍ ଲାଇନ୍ ଜାରି କରିବା ସହ ପାଳନ ହେଉଛି କି ନାହିଁ ତଦାରଖ କରିବାକୁ ସ୍ୱତନ୍ତ୍ର ଭାବେ ଅତିରିକ୍ତ ତହସିଲଦାର ସୁନିଲ କୁମାର ଟୁଡୁଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱ ଦେଇଛନ୍ତି।

ବିଦ୍ୟୁତ୍ ଆଘାତରେ ଆଇଆର୍‌ଇ ଠିକା ଶ୍ରମିକ ମୃତ

ଛତ୍ରପୁର,୧୨।୬(ଡି.ଏନ.ଏ.)

ବିଦ୍ୟୁତ ମରାମତି କରୁଥିବା ବେଳେ ଛତ୍ରପୁର ବ୍ଲକ କଣମଣା ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯୋଗେନ୍ଦ୍ର ବେହେରା। ଯୋଗେନ୍ଦ୍ର ଆଇଆର୍‌ଇ କମ୍ପାନୀର କାମରେ ନିୟୋଜିତ ଠିକାଦାର ଅଧୀନରେ କାମ କରୁଥିଲେ। ଶୁକ୍ରବାର ଆଇଆରଇ କମ୍ପାନୀ ଓ କଲୋନୀ ମଧ୍ୟରେ ଚାଲିଥିବା ବିଦ୍ୟୁତ କାମରେ ଯୋଗେନ୍ଦ୍ର ନିୟୋଜିତ ହୋଇଥିଲେ। ବିଦ୍ୟୁତ ବିଚ୍ଛିନ୍ନ କରି କାମ ଚାଲିଥିଲା। ହଠାତ କୌଣସି ଭୁଲବଶତଃ ବିଦ୍ୟୁତ ଆସିଯିବାରୁ ଯୋଗେନ୍ଦ୍ର ଆଘାତ ପାଇ ତଳେ ପଡି ଯାଇଥିଲେ। ତୁରନ୍ତ ତାଙ୍କୁ ଆଇଆରଇ ପକ୍ଷରୁ ଛତ୍ରପୁର ମେଡିକାଲକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଯୋଗେନ୍ଦ୍ରଙ୍କ ମୃତ୍ୟୁ ପାଇଁ ଆଇଆର୍‌ଇ କର୍ତ୍ତୃପକ୍ଷ ଦାୟୀ ବୋଲି ସ୍ଥାନୀୟ ସରପଞ୍ଚ ଏସ୍.ଚକ୍ରପାଣି ଅଭିଯୋଗ କରିଥିଲେ। ପରେ କମ୍ପାନୀ ପରିସରରେ ସ୍ଥାନୀୟ ସରପଞ୍ଚ, ଗ୍ରାମବାସୀ, ଆଇଆରଇ ଶ୍ରମିକ ୟୁନିୟନ, ଆଇଆରଇ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବୈଠକ ବସି ଆଲୋଚନା ଚାଲିଛି। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଓ ସ୍ତ୍ରୀଙ୍କୁ ଚାକିରି ଦେବା ନେଇ ଦାବି କରାଯାଇଛି। ନଚେତ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ କହିଛନ୍ତି। ଚମାଖଣ୍ଡି ଥାନା ପୋଲିସ ମୃତଦେହକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

କଳିଙ୍ଗା ଘାଟିରୁ ୭ ଡକାୟତ ଗିରଫ

ଭଞ୍ଜନଗର,୧୨।୬(ଡି.ଏନ.ଏ)

ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛନ୍ତି।

ଭଞ୍ଜନଗର ପୋଲିସ ଗୁରୁବାର ରାତିରେ କଳିଙ୍ଗା ଘାଟିରେ ଡ଼କାୟତି ଯୋଜନା କରୁଥିବା ବେଳେ ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୪ ବୋମା, ୨ ଖଣ୍ଡା ସମେତ ଅନ୍ୟାନ୍ୟ ଜିନିଷ ଜବତ ହୋଇଛି। ଗିରଫମାନେ ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର। ପ୍ରକାଶ ଯେ, ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟି ଲକ୍‌ଡାଉନ୍ ପରଠାରୁ ଯାତ୍ରୀମାନଙ୍କ ପାଇଁ ବିପଦ ସାଜିଛି। ବିଗତ କିଛିଦିନ ମଧ୍ୟରେ ୨ଟି ଡ଼କାୟତି ହୋଇଥିବାବେଳେ ଏନେଇ ଜି.ଉଦୟଗିରି ଥାନାରେ ମାମଲା ରୁଜୁ ହୋଇଥିଲା। ଏଥିସହ ଏକାଧିକ ଦୁର୍ଘଟଣା ଯୋଗୁ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଭଞ୍ଜନଗର ପୋଲିସ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

ଡକାୟତି ଯୋଜନା ପଣ୍ଡ: ୮ ଗିରଫ

ଗିରଫ ଅଭିଯୁକ୍ତ।

ହିଞ୍ଜିଳିକାଟୁ,୧୨।୬(ଡି.ଏନ୍.ଏ.)

ଏକ ୮ଜଣିଆ ରାଜପଥ ଲୁଟେରା ଗ୍ୟାଙ୍ଗକୁ ଗୁରୁବାର ବିଳମ୍ବିତ ରାତିରେ ହିଞ୍ଜିଳି ପୋଲିସ ଗୋପୀନାଥପୁର ନିକଟରୁ ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ପୁଷ୍ପଗେଶ୍ୱରପଲ୍ଲୀର ସନାତନ ମହାନ୍ତି, କୋଟିନଡ଼ାର କାଳୁ ଚରଣ ପାତ୍ର, ଖଲ୍ଲକୋଟ ଥାନା ନୂତନ ବ୍ରହ୍ମପୁରର ନରହରି ପାଣ୍ଡି, ତେନ୍ତୁଳିଆପଦାର ମିଥୁନ ସାହାଣୀ, ଶିବ ଜାଲି, କାହ୍ନା ସାହାଣୀ, ଗାଙ୍ଗପୁର ଥାନା ବରଡ଼ ଗ୍ରାମର ଭଗବାନ ନାଇକ ଓ ପୋଲସରା ସୂର୍ଯ୍ୟନଗରର ଯଜ୍ଞ ପ୍ରଧାନ। ଘଟଣାସ୍ଥଳରୁ ଅନ୍ୟ ୨ଜଣ ଖସି ପଳାଇଥିଲେ। ଗିରଫ ମାନଙ୍କ ଠାରୁ ୨ବାଇକ ସହ ଏକ ପିସ୍ତଲ, ୨ବୋମା, କାତି, ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ ହୋଇଛି। ଏନେଇ ନଂ.୧୯୭/୨୦ରେ ମାମଲା ରୁଜୁ ହୋଇଛି। ବ୍ରହ୍ମପୁର-ହିଞ୍ଜିଳିକାଟୁ ଜାତୀୟ ରାଜପଥ ନଂ.୫୯ ସଂଲଗ୍ନ ରାସ୍ତାରେ ଡ଼କାୟତି ପାଇଁ ଉଦ୍ୟମ କରୁଥିବାବେଳେ ଖବର ପାଇ ଚଢାଉ କରାଯାଇଥିବା ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି। ଗିରଫ ମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

ଯୁବକଙ୍କ ମୃତ୍ୟୁ, ପ୍ରଶାସନର ତଦନ୍ତ ପରେ ହେଲା ସଂସ୍କାର

ବୁଗୁଡ଼ା,୧୨।୬(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ଏ.କରଡ଼ାବାଡ଼ି ପଞ୍ଚାୟତ ବଣପଲ୍ଲୀ ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସଙ୍ଗରୋଧ କେନ୍ଦ୍ରରୁ ଫେରିଥିବାରୁ ମୃତ୍ୟୁକୁ ନେଇ ବିଭିନ୍ନ ଚର୍ଚ୍ଚା ହେଉଥିବାବେଳେ ଶୁକ୍ରବାର ସକାଳେ ସ୍ଥାନୀୟ ପ୍ରଶାସନ ପହଞ୍ଚି ଘଟଣାର ଯାଞ୍ଚ କରିବା ପରେ ମୃତଦେହ ସଂସ୍କାର ହୋଇଥିଲା। ମୃତ ଯୁବକ ବଣପଲ୍ଲୀ ଗ୍ରାମର ପ୍ରଭାକର ଗୌଡ଼(୪୫)।

ପ୍ରଭାକର ସୁରଟରୁ ଫେରି ୨୧ ଦିନ ସଙ୍ଗରୋଧରେ ରହି ଗତ ୩୧ରେ ଘରକୁ ଫେରିଥିଲେ। ବୁଧବାର ଦେହ ଅସୁସ୍ଥ ହେବାରୁ ତାଙ୍କୁ ବେଲଗୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ରକ୍ତ ପରୀକ୍ଷା ପରେ ଟାଇଫଏଡ ହୋଇଥିବା ଜଣାପଡିଥିଲା। ଔଷଧ ଧରି ଘରକୁ ଫେରିବାପରେ ଗୁରୁବାର ସନ୍ଧ୍ୟାରେ ଅଚାନକ ତାଙ୍କର ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ଏନେଇ ବାଲିପଦର ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ସଂସ୍କାର ପାଇଁ ମନା କରିଥିଲା। ଶୁକ୍ରବାର ସକାଳେ ତହସିଲଦାର ସଂଗ୍ରାମ କେଶରୀ ଜେନା, ବିଡିଓ ତନ୍ମୟ ପାତ୍ର ପହଞ୍ଚି ରିପୋର୍ଟ ଯାଞ୍ଚ ସହ ଚିକିତ୍ସା କରିଥିବା ଡାକ୍ତରଙ୍କ ସହ କଥା ହୋଇଥିଲେ। ଟାଇଫଏଡ୍‌ରେ ମୃତ୍ୟୁ ହୋଇଥିବା ଜଣାପଡିବା ପରେ ସଂସ୍କାର କରାଯାଇଥିଲା। ଏଥିସହ ମୃତକଙ୍କ ପରିବାରକୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଥିଲା।

ସଂକ୍ଷେପରେ

ମା' ମାହେଶ୍ୱରୀ ସେନା ପକ୍ଷରୁ ଦାବିପତ୍ର ପ୍ରଦାନ

ତରଭା,୧୨।୬(ଡି.ଏନ.ଏ.): କନ୍ଧମାଳ ଜିଲା ବାଲିଗୁଡା ଟାଉନର ପଣସପଡି ସାହି ନିକଟ ଗାଲିଆଡଙ୍ଗରରେ ଦୀର୍ଘ ବର୍ଷରୁ ପୂଜା ପାଇ ଆସୁଥିବା ଡୁମାଳ ସମାଜର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ପ୍ରତିମାକୁ କୌଣସି ଦୁର୍ବୃତ୍ତ ଭାଙ୍ଗିଦେଇଛି । ଏହି ଘଟଣା ନେଇ ରାଜ୍ୟରେ ବସବାସ କରୁଥିବା ଡୁମାଳ ସମାଜର ପ୍ରାୟ ୧୫ଲକ୍ଷ ଲୋକଙ୍କ ମନରେ ଗଭୀର ଆଘାତ ଲାଗିଛି । ନିଜର ଇଷ୍ଟଦେବୀ ଓ ଉପାସନାସ୍ଥଳୀର ସୁରକ୍ଷା ଦାବି କରି ଶୁକ୍ରବାର ମା' ମାହେଶ୍ୱରୀ ସେନା ତରଫରୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ନୀତିରଞ୍ଜନ ସେନ୍‌ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଘଟଣାର ନିରପେକ୍ଷ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ର ପ୍ରଦାନ ସମୟରେ ତରଭା ବ୍ଲକର ବିଶ୍ୱନାଥ କର୍ମି,ଲଛିପୁରର ହରିଶଙ୍କର ନାଏକ,ସୁଧାଂଶୁ ଡାଙ୍ଗ,ଶେଷଦେବ ମହାକୁର ପ୍ରମୁଖ ସାମିଲ ଥିଲେ ।

ପ୍ରବାସୀ ମହିଳାଙ୍କ ମୃତ୍ୟୁ

ସମ୍ବଲପୁର,୧୨।୬(ବ୍ୟୁରୋ): ସମ୍ବଲପୁର ସହରର ଅଇଁଠାପାଲିରେ ଶୁକ୍ରବାର ଜଣେ ପ୍ରବାସୀ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରଗଡ଼ ଜିଲା ଅତାବିରା ବ୍ଲକ୍ ଚାବରିପାଲି ଗ୍ରାମର ତେଜବତୀ ନାଗ (୫୦)। ସ୍ୱାମୀଙ୍କ ସହ ସେ ରାଜ୍ୟ ବାହାରେ କାମ କରୁଥିଲେ। ସେଠାରେ ରୋଜଗାର ବନ୍ଦ ହୋଇଯିବାରୁ ଚଳିବା କଷ୍ଟକର ହୋଇ ପଡ଼ିଥିଲା। ହେଲେ ଲକ୍‌ଡାଉନ୍ ଯୋଗୁ ସେମାନେ ଘରକୁ ଫେରି ପାରୁ ନ ଥିଲେ। ଶେଷରେ ପ୍ରବାସୀଙ୍କ ପାଇଁ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନରେ ଗୁରୁବାର ବାଲେଶ୍ୱରରେ ପହଞ୍ଚିଥିଲେ। ବାଲେଶ୍ୱର ଜିଲା ପ୍ରଶାସନ ଏକ ବସ୍‌ରେ ଏମାନଙ୍କୁ ଘରକୁ ପଠାଇଥିଲା, ଯେଉଁଥିରେ ସମ୍ବଲପୁର, ବରଗଡ, ଝାରସୁଗୁଡା ଜିଲାର ପ୍ରାୟ ୩୫ ଜଣ ଶ୍ରମିକ ଥିଲେ। ଶୁକ୍ରବାର ସକାଳେ ସମସ୍ତେ ସମ୍ବଲପୁର ଅଇଁଠାପାଲିରେ ଓହ୍ଲାଇଥିଲେ। ତେଜବତୀଙ୍କ ସ୍ୱାମୀଙ୍କ ସୂଚନାକ୍ରମେ ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଯାଇ ମୃତ୍ୟୁ ଘୋଷଣା କରିଥିଲେ। ନିୟମ ଅନୁସାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏହାପରେ ସମ୍ବଲପୁର ରାଜଘାଟରେ ପ୍ରଶାସନ ପକ୍ଷରୁ ଦାହ କରାଯାଇଛି।

ବରଗଡ଼ ଜିଲା ଅତାବିରା ବ୍ଲକ ଲରାସରା ପଞ୍ଚାୟତ ଅନ୍ତର୍ଗତ ଗଣେଶନଗର ପଡ଼ାର ମହିଳା ପୁରୁଷ ପୋଖରୀ ଖୋଳିବା ଆରମ୍ଭ କରିଛନ୍ତି ।

ପଡ଼ାବାସୀ ଖୋଳଲେ ପୋଖରୀ

ପ୍ରଶାସନ ଶୁଣିଲାନି

ସରଣ୍ଡା,୧୨।୬(ଡି.ଏନ.ଏ) ସରକାର ଯୋଜନା ପରେ ଯୋଜନା ହାତକୁ ନେଇଛନ୍ତି। ମାତ୍ର ବରଗଡ଼ ଜିଲା ଅତାବିରା ବ୍ଲକ ଲରାସରା ପଞ୍ଚାୟତ ଗଣେଶନଗର (ବ୍ରାହ୍ମଣଝୁପଡ଼ି)ବାସୀଙ୍କୁ ଏପର୍ଯ୍ୟନ୍ତ ପାଣି ପାଇଁ ମଧ୍ୟ ହଟହଟା ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବା ପଡ଼ାବାସୀ କହିଛନ୍ତି। ଫଳରେ ଶୁକ୍ରବାର ପଡ଼ାବାସୀ ନିଜେ ଶ୍ରମଦାନ କରି ପଡ଼ା ନିକଟରେ ଏକ ପୋଖରୀ ଖନନ ଆରମ୍ଭ କରିଛନ୍ତି ।

ଏହି ପଡ଼ା ଲରାସରା ପଞ୍ଚାୟତର ୱାର୍ଡ଼ ନଂ-୫ରେ ରହିଛି । ୧୦୪ଟି ପରିବାରର ପ୍ରାୟ ତିନି ଶହ ଲୋକେ ଏଠାରେ ରହୁଛନ୍ତି । ତେବେ ପାଣି ସୁବିଧା ନ ଥିବା ଯୋଗୁ ପଡ଼ାବାସୀଙ୍କୁ ସ୍ନାନ ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଫଳରେ ଗୋଟିଏ ପୋଖରୀ ଖନନ ପାଇଁ ପଡ଼ାବାସୀ ବାରମ୍ବାର ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କୁ ଗୁହାରୀ କରିଆସୁଛନ୍ତି । ତଥାପି ସେ ଦିଗରେ କିଛି ପଦକ୍ଷେପ ନିଆଯାଇନାହିଁ । ଫଳରେ ପଡ଼ାର ସମସ୍ତ ମହିଳାପୁରୁଷ କୋଡ଼ି, କୋଦାଳ ଧରି ପଡ଼ା ନିକଟରେ ଏକ ପୋଖରୀ ଖନନ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଲରାସରା ସରପଞ୍ଚ ରଣଜିତ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ପଡ଼ାବାସୀ ଯେଉଁ ଜମିରେ ପୋଖରୀ ଖୋଳିବାକୁ କହୁଛନ୍ତି, ତାହା ସରକାରୀ ଜମି ଅଟେ । ହେଲେ ପୋଖରୀ ଖନନ ପାଇଁ ଯେଉଁ କିସମର ଜମିର ଆବଶ୍ୟକତା ରହିଛି, ତାହା ନୁହେଁ । ଫଳରେ ଜମିର କିସମ ନ ବଦଳାଇଲେ ଅନୁଦାନ ଯୋଗାଇବା ସମ୍ଭବ ନୁହେଁ ବୋଲି ସେ କହିଥିଲେ ।

ଭିଡିଓ କନଫରେନ୍ସରେ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ବରଗଡ଼ ଅଫିସ୍,୧୨।୬ ଆସନ୍ତା ବର୍ଷାଋତୁରେ ବିପର୍ଯ୍ୟୟ ପରିଚାଳନା ପାଇଁ ଶୁକ୍ରବାର ଜିଲା ବିପର୍ଯ୍ୟୟ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅଫିସ ପରିସରରେ ରହିଥିବା ଓସ୍ୱାନ ହଲରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଏହି ବୈଠକ ହୋଇଥିଲା । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୯ତାରିଖରେ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିର ମକ୍‌ଡ୍ରିଲକୁ ଠିକ୍ ଏବଂ ଶୃଙ୍ଖଳିତ ଭାବେ କରିବା ପାଇଁ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ବିପର୍ଯ୍ୟୟ ପରିଚାଳନା ପାଇଁ ଉଦ୍ଦିଷ୍ଟ ପ୍ରତ୍ୟେକ ଉପକରଣ ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହା ଯାଞ୍ଚ କରି ଆବଶ୍ୟକସ୍ଥଳେ ମରାମତି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଚିହ୍ନଟ, ପରିବାର ସଂଖ୍ୟା ତାଲିକା, ଉପଯୁକ୍ତ ଆଶ୍ରୟସ୍ଥଳ ଚିହ୍ନଟ, ପିଇବା ପାଣି ବିଶୋଧନ, ଔଷଧ ବ୍ୟବସ୍ଥା, ରନ୍ଧାଖାଦ୍ୟ ପ୍ରଦାନ ପାଇଁ ପ୍ରସ୍ତୁତି, ଶୁଖିଲା ଖାଦ୍ୟ ମହଜୁଦ ରଖିବା, ଗୃହପାଳିତ ପଶୁଙ୍କ ଖାଦ୍ୟ ମହଜୁଦ ରଖିବା ଆଦି ଉପରେ ଗୁରୁତ୍ୱ ଦେବା ସହିତ ଆସନ୍ତା ୧୫ତାରିଖରେ ବ୍ଲକସ୍ତରରେ ସଂଯୋଗ କମିଟି ବୈଠକରେ ଯୋଜନା ପ୍ରସ୍ତୁତ ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତଙ୍କ ସମେତ ସମସ୍ତ ବିଡ଼ିଓ, ତହସିଲଦାର ଉପସ୍ଥିତ ଥିଲେ ।

ବୈଠକରେ ଉପସ୍ଥିତ ଜିଲାପାଳ, ଅନ୍ୟ ପଦାଧିକାରୀବୃନ୍ଦ ।

ପରକୀୟା ପ୍ରୀତି ଯୋଗୁ ପରିବାର ସହ ସମ୍ପର୍କ କଟିଲା

ତରଭା,୧୨।୬(ଡି.ଏନ.ଏ.) ସେ ବିବାହିତ । ତାଙ୍କ ସ୍ତ୍ରୀ ଓ ପିଲାମାନେ ବି ଅଛନ୍ତି । ହେଲେ ଜଣେ ଯୁବତୀଙ୍କ ପ୍ରେମ ଜାଲରେ ସେ ପଡିଥିଲେ । ଶେଷରେ ଯୁବତୀଙ୍କ ସହିତ ତାଙ୍କୁ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ଉଦ୍ଧାର କରାଯାଇଥିଲା । ଏହା ପରେ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବାକୁ ସ୍ଥାନୀୟ ଲୋକେ ବାଧ୍ୟ କରିଥିଲେ । ଅନ୍ୟ କୌଣସି ଉପାୟ ନ ପାଇ ସମ୍ପୃକ୍ତ କର୍ମଚାରୀ ସେହି ଯୁବତୀଙ୍କୁ ବିବାହ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକରେ । ସେ ବହୁ ବର୍ଷ ହେଲା ସ୍ଥାନୀୟ ଅଞ୍ଚଳର ଏକ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କାମ କରୁଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ସ୍ଥାନୀୟ ଗାଁର ଜଣେ ଯୁବତୀଙ୍କ ସହିତ ତାଙ୍କର କିଛିମାସ ତଳେ ଭେଟ ହୋଇଥିଲା । ତା'ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଯୁବତୀ ଜଣକ ସ୍ୱାସ୍ଥ୍ୟ କର୍ମଚରୀ ରହୁଥିବା ଷ୍ଟାଫ୍ କ୍ୱାର୍ଟର୍ସକୁ ସୁବିଧା ପାଇଲେ ଆସୁଥିଲେ । ଏକଥା ଗାଁ ଲୋକେ ଜାଣିଥିଲେ ମଧ୍ୟ କିଛି କହି ପାରୁ ନ ଥିଲେ । ଗତ ବୁଧବାର ଯୁବତୀ ଓ ସ୍ୱାସ୍ଥ୍ୟ କର୍ମଚାରୀ ଜଣକ କ୍ୱାର୍ଟର୍ସ ଥିବା ବେଳେ ଗାଁର ଲୋକେ ବାହାରୁ ତାଲା ଦେଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ଉପସ୍ଥିତିରେ ତାଲା ଖୋଲାଯାଇଥିଲା । ସେହି ଯୁବତୀଙ୍କୁ ସ୍ୱାସ୍ଥ୍ୟ କର୍ମଚାରୀ ବିବାହ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଥିଲେ । ଗୁରୁବାର ପୂର୍ବାହ୍ନରେ ସରପଞ୍ଚ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି ବିବାହ ଶେଷ ହୋଇଥିଲା । ହେଲେ ଏହି ଖବର ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଘରେ ପହଞ୍ଚି ଥିଲା । ତାଙ୍କ ୨ ପୁଅ ଏହାର ପ୍ରତିବାଦ କରିଥିଲେ । ହେଲେ ବାପା ଆଉ ଜଣେ ଯୁବତୀଙ୍କୁ ବିବାହ କରିସାରିଥିବାରୁ କିଛି କରିବାର ନ ଥିଲା । ଶେଷରେ ସେମାନେ ନିଜ ଘରକୁ ଫେରିଥିଲେ । ହେଲେ ଯିବା ପୂର୍ବରୁ କହିଥିଲେ 'ଆଜିଠୁ ଆମ ପରିବାର ସହ ତୁମର ସମ୍ପର୍କ ଛିନ୍ନ ହେଲା' ।

ରକ୍ତ ଦେଇ ଶିଶୁର ଜୀବନ ବଞ୍ଚାଇଲେ ଫାଣ୍ଡି ଇନ୍‌ଚାର୍ଜ

ସୋନପୁର,୧୨।୬(ନି.ପ୍ର.) ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ପୋଲିସ ଫାଣ୍ଡିର ଇନ୍‌ଚାର୍ଜ ମନୋଜ ପଣ୍ଡା(୪୦)। ଗୁରୁବାର ରାତି ସାଢେ ୧୧ଟାରେ ରକ୍ତ ଦେଇ ସେ ଏକ ୮ ଦିନର ଶିଶୁର ଜୀବନ ବଞ୍ଚାଇଛନ୍ତି । ଜିଲାର ସଂଗ୍ରାମପୁର ନିକଟସ୍ଥ ତିଲେଇମାଲ ଗ୍ରାମର ଦୁଃଶାସନ କର୍ମୀଙ୍କ ସ୍ତ୍ରୀ ନିକଟରେ ଜାଆଁଳା ଶିଶୁ ଜନ୍ମ ଦେଇଥିଲେ। ସେମାନଙ୍କ ନାମ ରାମ ଓ ଲକ୍ଷ୍ମଣ । ଏହି ଶିଶୁ ଦ୍ୱୟ ସ୍ୱାସ୍ଥ୍ୟକେନ୍ଦ୍ରର ଏସଏନସିୟୁରେ ଚିକିତ୍ସିତ ହେଉଛନ୍ତି। ଲକ୍ଷ୍ମଣ ପାଇଁ ଏ ବି ପଜିଟିଭ୍ ରକ୍ତ ଆବଶ୍ୟକ ଥିଲା । ଡାକ୍ତର ପରାମର୍ଶ ଦେଇଥିଲେ ୩୦ ଏମଏଲ ଲେଖାଏଁ ୩ ଥର ଶିଶୁକୁ ରକ୍ତ ଦେବାକୁ ପଡିବ । ଦୁଃଶାସନ ଚିନ୍ତାରେ ଥିଲେ । ଗୁରୁବାର ରାତିରେ ଫାଣ୍ଡି ଇନ୍‌ଚାର୍ଜ ମନୋଜ ରାତ୍ରି ଭୋଜନ କରୁଥିବା ସମୟରେ ତାଙ୍କୁ ଏହି ଖବର ମିଳିଥିଲା । ଖାଇବା ଛାଡି ସେ ରକ୍ତଦାନ ପାଇଁ ବ୍ଲଡ ବ୍ୟାଙ୍କକୁ ଚାଲି ଆସିଥିଲେ ।

ମଣ୍ଡିରୁ ଉଠୁନି ଧାନ, ଆନ୍ଦୋଳନ ଚେତାବନୀ



ଧାନ ଉଠାଣ ଦାବିରେ କଂଗ୍ରେସ ପ୍ରତିନିଧିବୃନ୍ଦ ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ବରଗଡ଼ ଅଫିସ୍,୧୨।୬ ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି । ମାତ୍ର ଜିଲାର ବିଭିନ୍ନ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଛି । ମଣ୍ଡି ଗୁଡ଼ିକରେ ଧାନ ସଂଗୃହୀତ ହେଉଥିଲେ ହେଁ ତାହା ଆଶାନୁରୂପ ଭାବେ ବିକ୍ରି ହୋଇପାରୁ ନାହିଁ । ଅନ୍ୟପଟେ ମୌସୁମୀ ବର୍ଷା ଆସିଥିବା ଯୋଗୁ ଚାଷୀକୁଳ କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି। ତେଣୁ ମଣ୍ଡିରେ ବିକ୍ରି ନ ହୋଇ ପଡ଼ି ରହିଥିବା ଧାନକୁ ତୁରନ୍ତ ଉଠାଇବାକୁ ଜିଲା କଂଗ୍ରେସ ଦାବି କରିଛି । ଏହି ଦାବି ନେଇ ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ଶୁକ୍ରବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ସେମାନେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରି ମଣ୍ଡିରେ ଖୋଲା ଆକାଶତଳେ ପଡ଼ି ରହିଥିବା ଧାନକୁ ତୁରନ୍ତ ଉଠାଇବାକୁ ଦାବି କରିଥିଲେ। ଏହା କରା ନଗଲେ ଜିଲା କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଜିଲା କଂଗ୍ରେସ ପକ୍ଷରୁ ଅନନ୍ତ ଶୟନ ପାଢ଼ୀ, ହରଦୀପ ସିଂ, ପଞ୍ଚାନନ ମିଶ୍ର, ରବିନ ଦାଶ, ବିମଳ ଦାଶ, ଯୋଗେଶ ପ୍ରଧାନ, ଯତିରଞ୍ଜନ ପୂଜାରୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

ଭାଜପା ରାଜ୍ୟ କମିଟିରେ ସମ୍ବଲପୁର ଜିଲାର ୩ ନେତା

ସମ୍ବଲପୁର, ୧୨।୬ (ବ୍ୟୁରୋ) ଭାଜପା ରାଜ୍ୟ କମିଟି ପାଇଁ ନୂତନ ସଦସ୍ୟ ଚୟନ କରାଯାଇଛି । ପ୍ରଥମ ଥର ସମ୍ବଲପୁର ଜିଲାର ଭାଜପା ନେତାଙ୍କ ଉପରେ ଭରସା କରି ୩ଜଣ ନେତାଙ୍କୁ ପଦ ମିଳିଛି । ଦଳର ଉପସଭାପତି ଭାବେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସାଧାରଣ ସମ୍ପାଦକ ଭାବେ ପୂର୍ବତନ କୁଚିଣ୍ଡା ବିଧାୟକ ରବି ନାୟକ, ସାଧାରଣ ସମ୍ପାଦକ (ସଙ୍ଗଠନ) ହୀରାକୁଦର ସୀମାଞ୍ଚଳ ଖଟେଇଙ୍କୁ ନିଯୁକ୍ତି ମିଳିଛି। ବିଧାୟକ ନାୟକ ଏ ସମ୍ପର୍କରେ କହିଛନ୍ତି ଯେ, ସମ୍ବଲପୁର ଜିଲା ନେତୃତ୍ୱଙ୍କୁ ଦଳ ଭରସା କରି ଦାୟିତ୍ୱ ପ୍ରଦାନ କରିଛନ୍ତି। ତେଣୁ ତୃଣମୂଳ ସ୍ତରରେ ଦଳର ସଙ୍ଗଠନକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯିବ। ବୁଥ୍ ସ୍ତରରୁ କର୍ମକର୍ତ୍ତା ଚୟନ କରି କର୍ମୀଙ୍କ ସଂଖ୍ୟା ବୃଦ୍ଧି କରାଯିବ। ହ୍ୱାଟ୍ସଆପ୍ ଗ୍ରୁପ୍ କରି ଦଳୀୟ କାର୍ଯ୍ୟକ୍ରମ ଉପରେ ସୂଚନା ଆଦାନ ପ୍ରଦାନ କରାଯିବ । ଆଗାମୀ ସମ୍ବଲପୁର ମହାନଗର ନିଗମ ନିର୍ବାଚନ, ସାଧାରଣ ନିର୍ବାଚନ, ପଞ୍ଚାୟତ ନିର୍ବାଚନରେ ଦଳ କିପରି ଆହୁରି ମଜବୁତ ସ୍ଥିତିରେ ରହିବ ସମସ୍ତଙ୍କୁ ନେଇ କାମ କରାଯିବ। ଲୋକମାନଙ୍କ ସହ ମିଶି ଅଞ୍ଚଳର ବିକାଶ ଓ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟକ ନାୟକ କହିଥିଲେ। ପୂର୍ବରୁ ଜିଲାର ଜଣଙ୍କୁ ଦାୟିତ୍ୱ ଦିଆଯାଉଥିଲା। ହେଲେ ଚଳିତ ରାଜ୍ୟ କମିଟିରେ ୩ ଜଣଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହା ଜିଲା ଭାଜପା ପାଇଁ ଶୁଭ ସଙ୍କେତ ବୋଲି ସେ କହିଥିଲେ ।



ବିଧାୟକ ନାଉରୀ ନାୟକଙ୍କୁ କର୍ମୀମାନେ ଶୁଭେଚ୍ଛା ଜଣାଉଛନ୍ତି।

ବୌଦ୍ଧ ଜିଲାକୁ ଫେରିଲେଣି ୩୬୮୩ ପ୍ରବାସୀ

ବୌଦ୍ଧ,୧୨।୬ (ସ୍ୱ.ପ୍ର.) ଦେଶରେ କରୋନା ମହାମାରୀ ବ୍ୟାପିବା ପରେ ବୌଦ୍ଧ ଜିଲାକୁ ଶୁକ୍ରବାର ସୁଦ୍ଧା ୩୬୮୩ ଜଣ ଶ୍ରମିକ ଫେରିଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୩୨୮୪ ଜଣ ସଙ୍ଗରୋଧ କେନ୍ଦ୍ରରେ ଅବଧି ପୂରଣ କରି ଘରକୁ ଫେରିଛନ୍ତି। ବର୍ତ୍ତମାନ ବୌଦ୍ଧ ବ୍ଲକରେ ୭୬ ଜଣ, ହରଭଙ୍ଗା ବ୍ଲକରେ ୧୮୫, କଣ୍ଟାମାଳ ବ୍ଲକରେ ୧୨୯ ଓ ବୌଦ୍ଧ ଏନଏସିରେ ୬ ଜଣ ଶ୍ରମିକ ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି। ସେହିପରି ଜିଲାରୁ ୧୧୪୨ ଜଣଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇ ଥିବା ବେଳେ ୧୧୦୪ ଜଣଙ୍କ ରିପୋର୍ଟ ହସ୍ତଗତ ହୋଇଛି। ଏ ପର୍ଯ୍ୟନ୍ତ ମିଳିଥିବା ରିପୋର୍ଟରେ ୩୮ ଜଣଙ୍କ ପଜିଟିଭ ବାହାରି ଥିବା ବେଳେ ୩୪ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ଭୁବନେଶ୍ୱରର ଏମ୍‌ସ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ବୌଦ୍ଧରୁ ଯାଇଥିବା ଜଣେ ମହିଳାଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ଜିଲାରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ପ୍ରକାଶ ପାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ମହିଳାଙ୍କ ସଂସ୍ପର୍ଶରେ ଆସିଥିବା ୨୪ ଜଣଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ଜିଲାରେ ସ୍ଥିତି ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ଜୁନ ଓ ଜୁଲାଇ ମାସରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ରହିଥିବାରୁ ଜିଲାବାସୀ ସାମାଜିକ ଦୂରତା ନିୟମ ପାଳନ ସହିତ ଘରୁ ବାହାରକୁ ଗଲେ ନିଶ୍ଚିତ ଭାବରେ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି ।

ଫୁଲ, ଉପହାରରେ ପ୍ରବାସୀଙ୍କୁ ବିଦାୟ

ବରଗଡ଼ ଅଫିସ୍,୧୨।୬ କରୋନା (କୋଭିଡ୍-୧୯) ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ ହୋଇଛି। ସେହିପରି ଘରକୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କୁ ଘରକୁ ପହଞ୍ଚିବା ପୂର୍ବରୁ ସଙ୍ଗରୋଧ କେନ୍ଦ୍ର କିମ୍ବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମସି)ରେ କ୍ୱାରାଣ୍ଟାଇନରେ ରଖାଯାଉଛି । ଏହି ସମୟରେ ରାଜ୍ୟ ସରକାର ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରିଛନ୍ତି । ଏହି ଦାୟିତ୍ୱ ପରିଚାଳନାରେ ଶୁକ୍ରବାର ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ସରପଞ୍ଚ ହୃଦାନନ୍ଦ ଖମାରୀ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।

ରାଜ୍ୟ ବାହାରୁ ଫେରିବା ପରେ ପ୍ରବାସୀ ଓଡ଼ିଆମାନେ କମଗାଁ ଟିଏମସିରେ ରହିଥିଲେ । ସେଠାରେ ରହିବାକୁ ୧୪ଦିନ ପୂରିବା ପରେ ଶୁକ୍ରବାର ସେମାନଙ୍କୁ ସେଠାରୁ ବିଦାୟ ଦିଆଯାଇଥିଲା। ତେବେ ସରପଞ୍ଚ ଖମାରୀ ଏକ ଭିନ୍ନଢ଼ଙ୍ଗରେ ସେମାନଙ୍କୁ ବିଦାୟ ଦେଇଥିଲେ । ଟିଏମସି ସମ୍ମୁଖରେ ପୂର୍ଣ୍ଣକଳସ ବସାଯାଇଥିଲା। ସମ୍ମୁଖ ରାସ୍ତାର ଉଭୟ ପାର୍ଶ୍ୱରେ ସରପଞ୍ଚଙ୍କ ସମେତ ବିଡ଼ିଓ ଧୀରେନ୍ଦ୍ର କୁମାର ସେଠୀ, ଅନ୍ୟ ପଞ୍ଚାୟତ କର୍ମଚାରୀ, ଗ୍ରାମବାସୀ ଛିଡ଼ା ହୋଇଥିଲେ ଏବଂ ଟିଏମସି ଛାଡ଼ିଥିବା ସମସ୍ତ ପ୍ରବାସୀଙ୍କୁ ଫୁଲମାଳା, ଫୁଲତୋଡ଼ା ଦେ

ସଂକ୍ଷେପରେ

ଝାରସୁଗୁଡା ଜିଲା କ୍ରୀଡ଼ାସଂଘକୁ ମିଳିଲା ସରକାରୀ ଜମି

ଝାରସୁଗୁଡା ଅଫିସ,୧୨।୬: ଝାରସୁଗୁଡା ଜିଲା କ୍ରୀଡ଼ା ସଂଘକୁ ଶେଷରେ ଲିଜ୍ ଆକାରରେ ୧୦ ଡିସିମିଲ ସରକାରୀ ଜମି ମିଳିଛି। ଏଚ.କଟାପାଲି ସମ୍ମୁଖରେ ପ୍ରସ୍ତାବିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିକଟରେ ଏହି ଜମି ମିଳିଛି। ଏଥିଯୋଗୁ ଝାରସୁଗୁଡା କ୍ରୀଡା ସଂଘ ସଂପାଦକ ତାପସ ରାୟ ଚୌଧୁରୀ ଜିଲା ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି। ଅତି ଶିଘ୍ର ଅଫିସ ପାଇଁ କୋଠା କାମ ଆରମ୍ଭ ହେବ ବୋଲି ତାପସ କହିଛନ୍ତି। ସୂଚନାଯୋଗ୍ୟ, ଜମି ପାଇଁ ସଂଘ ଜିଲା ପ୍ରଶାସନକୁ ପୂର୍ବରୁ ଆବେଦନ କରିଥିଲା। ଏହି ଆବେଦନକୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତାଙ୍କ ଚିଠି ନମ୍ବର ୨୪୩୭ (୧୦।୬।୨୦୨୦) ରେ ମଞ୍ଜୁର କରି ଝାରସୁଗୁଡା ଜିଲାପାଳଙ୍କୁ ଜଣାଇଛନ୍ତି।

ଖବରକାଗଜ ବିକ୍ରେତାଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା ହେଉ

ରାଉରକେଲା ଅଫିସ,୧୨।୬: କରୋନା କଟକଣା ଯୋଗୁ ପ୍ରାୟ ସମସ୍ତ ମୁଦ୍ରିତ ଗଣମାଧ୍ୟମ ବନ୍ଦ ରହିଥିଲା । ଫଳରେ ହଜାର ହଜାର ଖବର କାଗଜ ବିକ୍ରେତା ସେମାନଙ୍କ ଜୀବିକା ହରାଇଥିଲେ। ଯାହା ଆଜି ପର୍ଯ୍ୟନ୍ତ ଜାରି ରହିଛି। ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ରାଜ୍ୟ କେନ୍ଦ୍ର ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ହକର୍ସଙ୍କ ଦୁଃଖ ସରକାର ବୁଝନ୍ତୁ ବୋଲି ସିଆଇଟିୟୁ ପକ୍ଷରୁ ଦାବି କରାଯାଇଛି। ସରକାର ଖବର କାଗଜ ଶିଳ୍ପକୁ ଅତ୍ୟାବଶ୍ୟକ ସେବା ସଂସ୍ଥା ଭାବେ ମାନ୍ୟତା ଦେଉଥିବା ବେଳେ ହକର୍ସଙ୍କ ସମ୍ପର୍କରେ ବୈମାତୃକ ମନୋଭାବ ପୋଷଣ କରିବା ଅନୁଚିତ ବୋଲି କହିଛନ୍ତି ସିଆଇଟିୟୁ ନେତୃମଣ୍ଡଳୀ। ଖବର କାଗଜ ବିତରକଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହକର୍ସ ଆସୋସିଏଶନ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସ୍କୁଟି ଚାଳକଙ୍କୁ ହାଇୱା ଚାପିଦେଲା

ବଲାଙ୍ଗୀର ଅଫିସ, ୧୨।୬: ବଲାଙ୍ଗୀର-ସୋନପୁର ସୁଦପଡା ଓଭରବ୍ରିଜ୍ ଛକ ନିକଟରେ ଏକ ହାଇୱା ତଳେ ଚାପି ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ଅନୀଲ ଠାକୁର (୫୦) ଏବଂ ତାଙ୍କ ଘର ବିହାର ଔରଙ୍ଗାବାଦ୍ । ସେ ସୋନପୁର ଜିଲା ତରଭା ଦେଶୀମଦ ଭାଟିରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ପୂର୍ବାହ୍ନରେ ବଲାଙ୍ଗୀର ସହରରୁ ତରଭାକୁ ସେ ସ୍କୁଟି (ଓଡିଶା୧ସି ୨୮୨୩)ରେ ଫେରୁଥିଲେ। ହେଲେ ସୁଦପଡା ଛକ ନିକଟରେ ସୋନପୁର ପଟରୁ ଆସୁଥିବା ଏକ ହାଇୱା (ଓଡିଠଶା ଏନ୍ ୪୮୩୩) ତଳେ ଚାପି ହୋଇଯାଇଥିଲେ। ହାଇୱା ଚକ ଅନୀଲଙ୍କ ମୁଣ୍ଡ ଉପରେ ଚାଲି ଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସହ ସ୍କୁଟି ପଛରେ ବସିଥିବା ଅନ୍ୟ ଜଣେ ବର୍ତ୍ତି ଯାଇଛନ୍ତି। ହାଇୱା ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଛନ୍ତି। ପୋଲିସ ଉଭୟ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ଅନୀଲଙ୍କ ସମ୍ପର୍କୀୟଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

ଚାପୁଡ଼ାର ପ୍ରତିଶୋଧ ନେଇଥିଲେ ଦୁର୍ବୃତ୍ତ

ରାଉରକେଲା ଅଫିସ, ୧୨।୬

ରାଉରକେଲା ପୋଲିସ ସ୍ଥାନୀୟ ନାଲାରୋଡର ଦିଲ୍‌ସାଦ ଖାନ୍ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି। ୨ ବର୍ଷ ତଳେ ଏକ ଚାପୁଡାର ପ୍ରତିଶୋଧ ନେବାକୁ ଯାଇ ତାଙ୍କୁ ହତ୍ୟା କରାଯାଇଛି। ଏଥିରେ ସମ୍ପୃକ୍ତ ୯ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅନ୍ୟ ୩ ଅଭିଯୁକ୍ତ ଧରାପଡିନାହାନ୍ତି । ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା। ଏ ନେଇ ଆଇପିସିର ଦଫା ୧୪୭, ୧୪୮, ୩୦୨/୧୪୯/୧୨୦ବି ସହ ୨୫/୨୭ ଆର୍ମ୍ସ ଆକ୍ଟ ୯ ଅନୁସାରେ ଏକ ମାମଲା (ନଂ.୧୬୬/୨୦)ରୁଜୁ ହୋଇଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଲାଠି ଓ ଲୁହାରଡ୍‌କୁ ପୋଲିସ ଜବତ କରିଛି। ଶୁକ୍ରବାର ଅପରାହ୍ନ ସାଢେ ୨ଟାରେ ପୋଲିସ ମୁଖ୍ୟାଳୟରେ ଏସ୍‌ପି କେ. ଶିବା ସୁବ୍ରମଣୀ ଏହି ସୂଚନା ଦେଇଛନ୍ତି।

ଗତ ୭ ତାରିଖ ସନ୍ଧ୍ୟାରେ ରେଲୱେ କଲୋନୀର ବଡ ପାର୍କରେ ଦିଲ୍‌ସାଦ ନିଜ ସାଙ୍ଗମାନଙ୍କ ସହ ବିରିୟାନି ଖାଉଥିଲେ। ଏତିକି ବେଳେ ଅଭିଯୁକ୍ତଙ୍କ ଆଖି ତାଙ୍କ ଉପରେ ପଡିଥିଲା। ମାତ୍ର କିଛି ସମୟ ମଧ୍ୟରେ ସେମାନେ ସଙ୍ଗଠିତ ହୋଇ ପଡିଆ ଭିତରକୁ ମାଡିଆସିଥିଲେ। ସେମାନଙ୍କ ଅସଲ ଉଦ୍ଦେଶ୍ୟ ବୁଝିବାକୁ ଦିଲ୍‌ସାଦ ସମୟ ପାଇ ନ ଥିଲେ। ଠେଙ୍ଗାବାଡି ଓ ଲୁହା ରଡ୍ ଧରି ଆସିଥିବା ପ୍ରାୟ ୧୨ଜଣ ଯୁବକ ଏକ ସଙ୍ଗେ ଦିଲ୍‌ସାଦଙ୍କ ଉପରେ ଆକ୍ରମଣ କରିଥିଲେ। ଲୁହା ରଡ଼ରେ ତାଙ୍କ ମୁଣ୍ଡକୁ ଅଭିଯୁକ୍ତମାନେ ପିଟିବାରୁ ଘଟଣା ସ୍ଥଳରେ ସେ ଟଳି ପଡିଥିଲେ। ତଥାପି ଚିକିତ୍ସା ନିମନ୍ତେ ତାଙ୍କୁ ଆଇଜିଏଚ୍ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଶତାଧିକ ଲୋକ ମେଡିକାଲରେ ଜମା ହୋଇ ହତ୍ୟାକାରୀଙ୍କୁ ଗିରଫ ଦାବିରେ ପାଟିତୁଣ୍ଡ କରିଥିଲେ। ବ୍ୟବଚ୍ଛେଦ ପରେ ତା'ପରଦିନ ଦିଲ୍‌ସାଦଙ୍କ ମୃତଦେହକୁ ଧରି ଶହ ଶହ ଲୋକ କୋଭିଡ ନିୟମ ଉଲ୍ଲଂଘନ କରି ଶୋଭାଯାତ୍ରାରେ ବାହାରିଥିଲେ । ଏ ନେଇ ପୋଲିସ ମାମଲା ରୁଜୁ କରିଛି। ଶୋଭାଯାତ୍ରାରେ ସାମିଲ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ସୂଚନାଯୋଗ୍ୟ, ୨୦୧୮ରେ କାଲୁଙ୍ଗା ଶିଳ୍ପାଞ୍ଚଳରେ ଏକ ଭୋଜିରେ ଦିଲ୍‌ସାଦଙ୍କ ସମେତ ଅପର ଗୋଷ୍ଠୀର ପ୍ରାୟ ୨ଶହ ଲୋକ ସାମିଲ ହୋଇଥିଲେ। ଏହି ସମୟରେ ଦିଲ୍‌ସାଦ ୨ ଯୁବକଙ୍କୁ କୌଣସି କାରଣରୁ ଚାପୁଡା ମାରିଥିଲେ। ମାଡ ଖାଇଥିବା ଯୁବକ ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଏହା ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା। ପ୍ରତିଶୋଧ ନିଆଁରେ କୁହୁଳୁ ଥିବା ଏହି ଗୋଷ୍ଠୀ ପ୍ରତିଶୋଧ ନେବାକୁ ସୁଯୋଗ ଉଣ୍ଡୁଥିଲେ।

ରାଉରକେଲାର ଦିଲ୍‌ସାଦ୍ ଖାନ୍ ହତ୍ୟାକାଣ୍ଡ ଘଟଣାରେ ଶୁକ୍ରବାର ଗିରଫ ହୋଇଥିବା ୯ ଅଭିଯୁକ୍ତ।

ଦିଲ୍‌ସାଦ ଖାନ୍ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

- ୯ ଅଭିଯୁକ୍ତ ଗିରଫ,ତଦନ୍ତ ଜାରି

ସମ୍ବଲପୁର ଜିଲାରେ ୨୩ ଛୁଇଁଲା କରୋନା ଆକ୍ରାନ୍ତ ସଂଖ୍ୟା

ସମ୍ବଲପୁର,୧୧।୬(ବ୍ୟୁରୋ)

ସମ୍ବଲପୁର ଜିଲାରେ ଶୁକ୍ରବାର ଆଉ ୫ କରୋନା ଆକ୍ରାନ୍ତ ଚିହ୍ନ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଏପର୍ଯ୍ୟନ୍ତ ମୋଟ ୨୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହେଲେଣି। ତେବେ ସେମାନଙ୍କ ମଧ୍ୟରୁ ୧୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଅନ୍ୟ ୮ ଜଣ ଏବେ ଚିକିତ୍ସିତ ହେଉଛନ୍ତି । ଶୁକ୍ରବାର ଜିଲାପାଳ ଶୁଭମ୍ ସକସେନା ଏହି ସୂଚନା ଦେଇଛନ୍ତି। ତେବେ ଶୁକ୍ରବାର ଚିହ୍ନଟ ହୋଇଥିବା ୫ ଜଣଯାକ ଆକ୍ରାନ୍ତ ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ। ଏମାନଙ୍କ ଭିତରେ ଜଣେ ରୁସିଆ ଫେରନ୍ତା ଯୁବକ ଅଛନ୍ତି। ଅନ୍ୟ ୪ ଜଣଙ୍କ ମଧ୍ୟରେ ଜଣେ ୨୨ ବର୍ଷର ଯୁବକ ଗୁଜୁରାଟରୁ ଫେରି ବାମରା ବ୍ଲକ କେଶେଇବାହାଲ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ । ସେହିପରି ଜୁନ ୧ ତାରିଖରେ ଜଣେ ୩୨ ବର୍ଷର ଯୁବକ ମହାରାଷ୍ଟ୍ରରୁ ଫେରି ଉକ୍ତ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ଗୁଜୁରାଟରୁ ଫେରି ୪୧ ବର୍ଷର ଯୁବକ ଜଣଙ୍କ ରେଡାଖୋଲ ବ୍ଲକ୍ ଶୁଷ୍ଟିମୁଣ୍ଡା କନ୍ୟାଶ୍ରମ କ୍ୱାରାଣ୍ଟାଇନ ସେଣ୍ଟରରେ ଥିବାବେଳେ ଚତୁର୍ଥ ସଂକ୍ରମିତ ବ୍ୟକ୍ତିଙ୍କ ବୟସ ୧୮ ବର୍ଷ। ସେ ରେଡାଖୋଲ ବ୍ଲକ୍ କୁକୁଡା ବାହାଲି କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିଲେ। ସମସ୍ତଙ୍କୁ କୋଭିଡ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

'ବନ୍ଦେ ଉତ୍କଳ ଜନନୀ'କୁ ବିରୋଧ

କଣ୍ଟାବାଞ୍ଜି,୧୨।୬(ଡି.ଏନ୍.ଏ.)

କୋଶଲ ରାଜ୍ୟ ସମନ୍ୱୟ ସମିତି କଣ୍ଟାବାଞ୍ଜି ଶାଖା ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ବିରୋଧ କରାଯାଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ଥାନୀୟ ରାଜୀବ ଛକରୁ ଏକ ଶୋଭାଯାତ୍ରା ବାହାରି ତହସିଲ ଅଫିସ ସମ୍ମୁଖରେ ପହଞ୍ଚି ଥିଲା। ତହସିଲଦାର ଅନୁପସ୍ଥିତ ଥିବାରୁ ବରିଷ୍ଠ ରାଜସ୍ୱ ଅଧିକାରୀ ରବି ନାରାୟଣ ତ୍ରିପାଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା, ରସିଆ ନନ୍ଦ ରାଏ, ପ୍ରଦୀପ ବାଗ, ସୁବାସ ଷଡ଼ଙ୍ଗୀ, ଶଙ୍କର ପୁଟେଲ, ସୁରଥ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

ବଲାଙ୍ଗୀର ଅଫିସ–ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ କୋସଲ ରାଜ୍ୟ ସମନ୍ୱୟ ସମିତି ତରଫରୁ ବିକ୍ଷୋଭ ପ୍ରଦର୍ଶିତ ହୋଇଛି। ରାଜ୍ୟ ସରକାର ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମର୍ଯ୍ୟଦା ଦେବାର ନିଷ୍ପତ୍ତିକୁ ବିରୋଧ କରାଯାଇଛି। ତୁରନ୍ତ ରାଜ୍ୟ ସରକାର ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା। ଏହାସହ ରାଜ୍ୟ ସରକାରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସମିତିର କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ମନୋରଞ୍ଜନ ସାହୁ, ବିଭୁଦତ୍ତ ମିଶ୍ର, ରବି ଶଙ୍କର ମିଶ୍ର, ରଣରାଜ ସିଂଦେଓ, ଶରତ ହୋତା, ମନୋରଞ୍ଜନ ମିଶ୍ର, ବସନ୍ତ ଆଚାର୍ଯ୍ୟ, ଗୋପଭୂଷଣ ନାଥ, ବିଭୂତି ବିନ୍ଧାଣୀ, ରମେଶ ନାୟକ, ଜ୍ୟୋତି ମହାନ୍ତି, ଶ୍ୟାମ ସୁନ୍ଦର ଭୋଳ, ରିଲୁ ରଥ, ବିନୋଦ କାଲସାଏ, ଅଚ୍ୟୁତ ସିପୁନ ଖମାରୀ, ବନମାଳୀ ନାଏକ, ନିରୁପମା ଉଦ୍‌ଗାତା, କପିଳେଶ୍ୱର ଖମାରୀ, ଧୀରେନ୍ଦ୍ର ନାରାୟଣ ସିଂଦେଓ, ଲାଲମନ ନାଗ, ମୁନ୍ନା ପଟ୍ଟନାୟକ, ସୁବଳ ରଣା, ମିତ୍ରଭାନୁ ବାରିକ, ସବ୍ୟସାଚୀ ପୂଝାରୀ, ନୀଳାଦ୍ରୀ ବିହାରୀ ପଣ୍ଡା, କାଳୀଶଙ୍କର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

ଛତିଶଗଡ଼ରୁ ଧରାପଡିଲେ, ଜେଲ ଗଲେ ପ୍ରେମିକ

କୋକସରା,୧୨।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ କୋକସରା ପୋଲିସ ବେହେରା ପଞ୍ଚାୟତ ନୁନପାଣି ଗାଁର ମନୋଜ ଖମାରୀ (୨୧)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଚାଲଛି ବୋଲି ପୋଲିସ କହିଛି । ପୋଲିସ ସୂଚନା ଅନୁଯାୟୀ, ମନୋଜ ଧଥଁରପୁର ଗ୍ରାମରେ ଥିବା ତାଙ୍କ ସମ୍ପର୍କୀୟ ଘରେ କିଛିଦିନ ରହିଥିଲେ। ଏହି ସମୟରେ କୋକସରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ବିବାହର ପ୍ରତିଶ୍ରୁତି ଦେଇ ସେ ଗତ ୭ ତାରିଖ ରାତିରେ ସମ୍ପୃକ୍ତା ନାବାଳିକାଙ୍କୁ ନିଜ ବାଇକ୍‌ରେ ବସାଇ ଛତିଶଗଡ଼ର ବରେଇଗାଁକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ରାତିରେ ପରିବାର ଲୋକେ ଝିଅକୁ ବହୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ଏ ନେଇ ୮ ତାରିଖରେ ମନୋଜ ତାଙ୍କ ନାବାଳିକା ଝିଅକୁ ଅପହରଣ କରି ନେଇଥିବା ପରିବାର ଲୋକେ କୋକସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତନାଘନା ଆରମ୍ଭ କରିଥିଲା । ଶେଷରେ ପୋଲିସ ଛତିଶଗଡ଼ର ବରେଇ ଗାଁରେ ଚଢ଼ାଉ କରି ମନୋଜ ଓ ନାବାଳିକାଙ୍କୁ ଉଦ୍ଧାର କରିଥିଲା । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୪୦/୨୦) ରୁଜୁ ହୋଇଛି।

ଟ୍ରାକ୍ଟର ଓଲଟି ନାବାଳକ ମୃତ ,୩ ଗୁରୁତର

ବିନିକା,୧୨।୬(ଡି.ଏନ୍.ଏ.)

ବିନିକା ବ୍ଲକ ମେଘଲା ଗ୍ରାମ ପଞ୍ଚାୟତର ସାହାଜବାହାଲ ଓ ଯଶପୁର ମଧ୍ୟବର୍ତ୍ତୀ ମୁଖ୍ୟ କେନାଲ ହୁଡାରେ ଶୁକ୍ରବାର ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ୧୦ଫୁଟ ତଳକୁ ଓଲଟି ପଡିଛି । ଏହି ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତ ନାବାଳକ ଜଣକ ହେଲେ ସାହାଜବାହାଲ ଗ୍ରାମ ୧୦ନଂ ୱାର୍ଡର ବାସିନ୍ଦା ବିଜେ ବାଗଙ୍କ ପୁଅ ସନାତନ (୧୪)।

ପ୍ରକାଶ ଯେ, ସକାଳ ପ୍ରାୟ ୮ଟାରେ ସାହାଜବାହାଲ ଗ୍ରାମରୁ ଏକ ଟ୍ରାକ୍ଟର ଟ୍ରଲି ମଧ୍ୟରେ ୪ ନାବାଳକ ମାଟି ଇଟା ଭର୍ତ୍ତି କରି ଡୁଙ୍ଗୁରୀପାଲି ବ୍ଲକର ସମରଚିପା(ଭୀମଟିକ୍ରା)କୁ ଯାଇଥିଲେ। ସମରଚିପାରେ ଟ୍ରଲିରୁ ମାଟି ଇଟା ଓହ୍ଲାଇ ସାରି ନିଜ ଗାଁକୁ ଫେରିବା ସମୟରେ କେନାଲ ହୁଡାରେ ଟ୍ରାକ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲେ । ମାତ୍ର ସେତେବେଳକୁ ଟ୍ରାକ୍ଟର ଡ୍ରାଇଭର ଜଣକ ଫେରାର ହୋଇ ଯାଇଥିଲେ । ଏହାପରେ ଟ୍ରାକ୍ଟର ଟ୍ରଲି ତଳେ ଚାପି ହୋଇ ଯାଇଥିବା ସନାତନ ଏବଂ ଅନ୍ୟ ୩ ନାବାଳକଙ୍କୁ ଉଦ୍ଧାର କରାଯାଇ ବିନିକା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସନାତନଙ୍କୁ ମୃତ ଘୋଷଣା କରିଥିଲେ। ସାହାଜବାହାଳ ଗ୍ରାମର ଅନ୍ୟ ୩ ଜଣ ଅନିଳ ବାଗ(୧୪), ଅମିତ ହରିପାଳ (୧୩) ଏବଂ ଶ୍ରୀତମ୍ ହରିପାଳ (୧୩) ବିନିକା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ବ୍ୟବଚ୍ଛେଦ ପରେ ନାବାଳକଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ବିନିକା ଥାନାରେ ୧୪୯/୨୦ ନଂରେ ଏକ ମାମଲା ରୁଜୁ ହୋଇଛି । ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର (ନଂ.ଓଡି–୧୭ସି–୬୬୦୪) କୁ ପୋଲିସ ଜବତ କରିଛି।

କୁଲି କାମ କାଳ ହେଲା

ଦୁର୍ଘଟଣାସ୍ତ ଟ୍ରାକ୍ଟର।

କ୍ଷୀରର ଅଭାବୀ ବିକ୍ରି

- ସଂଗ୍ରହରେ ଅଚଳାବସ୍ଥା
- ଆନ୍ଦୋଳନ ପାଇଁ ଦୁଗ୍ଧ ଚାଷୀଙ୍କ ସଜବାଜ

ଅତାବିରା,୧୨।୬(ଡି.ଏନ.ଏ.)

ଓମ୍‌ଫେଡ ପରିଚାଳିତ ସମ୍ବଲପୁର ଆଞ୍ଚଳିକ ଦୁଗ୍ଧ ଉତ୍ପାଦନ ସଂଘ ଅଧୀନରେ ଥିବା ବିଭିନ୍ନ ସମବାୟ ସମିତିର ଦୁଗ୍ଧ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କରୋନା କଟକଣା ଯୋଗୁ ସେମାନଙ୍କଠାରୁ ମାସକୁ ୧୫ ଦିନ ଦୁଗ୍ଧ ସଂଗ୍ରହ ହେଉଛି। ବାକି ଦିନ ଦୁଗ୍ଧ କିଣା ଯାଉ ନ ଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଅଧିକାଂଶ ଦୁଗ୍ଧ ଚାଷୀ ଗୋପାଳନ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିଯୋଗୁ ଦୁଗ୍ଧ ସଂଗ୍ରହରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଫଳରେ ଦୁଗ୍ଧ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି । ଆର୍ଥିକ ଅନଟନରେ ଗତି କରୁଥିବା ଦୁଗ୍ଧ ଚାଷୀମାନଙ୍କ ପାଇଁ ସରକାର ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି ।

ବରଗଡ଼ ଜିଲା ଅତାବିରା ଓ ଭେଡେନ ବ୍ଲକର ଗୋଡଭଗା–ଡୁରୁମ, ପପଙ୍ଗା, ଅତାବିରା ଆଦି ଅଞ୍ଚଳର ଦୁଗ୍ଧ ଚାଷୀମାନେ ଦୁଗ୍ଧର ଅଭାବୀ ବିକ୍ରି ଯୋଗୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସଜବାଜ ହେଉଛନ୍ତି। ଉପରୋକ୍ତ ଅଞ୍ଚଳର ଅଧିକାଂଶ ପରିବାର ଗୋପାଳନ କରନ୍ତି । ସେମାନେ ପ୍ରତିଦିନ କ୍ଷୀର ବିକ୍ରି କରି ଭଲ ରୋଜଗାର କରୁଥିଲେ । ସେହି ଟଙ୍କାରେ ତାଙ୍କ ପରିବାର ଚଳୁଥିଲା । ଏବେ କ୍ଷୀରର ଅଭାବୀ ବିକ୍ରି ଯୋଗୁ ଦୁଗ୍ଧ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଜଣେ ଚାଷୀ ଏକାଧିକ ଗାଈ ରଖି ଦିନକୁ ୫୦ରୁ ୨ଶହ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଉତ୍ପାଦନ କରୁଥିଲେ। ଗୋଟିଏ ଦିନ ଅନ୍ତରରେ ଓମ୍‌ଫେଡ ଦୁଗ୍ଧ ସଂଗ୍ରହ କରୁଥିବାରୁ ସେହି ଚାଷୀମାନେ କ୍ଷତି ସହୁଛନ୍ତି । ଅନ୍ୟପକ୍ଷେ ଓମ୍‌ଫେଡ ଗୋଖାଦ୍ୟ ଚଢ଼ା ଦରରେ ବିକ୍ରି କରୁଥିବା ବେଳେ କ୍ଷୀରର ମୂଲ୍ୟ ସେହି ଅନୁପାତରେ ବଢୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦନ ସମବାୟ ସଂଘ ଦିନକୁ ଲକ୍ଷାଧିକ ଲିଟର କ୍ଷୀର ସଂଗ୍ରହ ବନ୍ଦ କରିଛି । ଫଳରେ ଆର୍ଥିକ ମାଡ଼ ଦୁଗ୍ଧ ଚାଷୀଙ୍କ ଉପରେ ପଡୁଛି । ଦୁଗ୍ଧ ଚାଷୀ ରଷଭ କର୍ଣ୍ଣ, କ୍ଷୀରୋଦ୍ର ପ୍ରଧାନ, ଦିଲୀପ ପ୍ରଧାନ, ଗିରିଗୋବର୍ଦ୍ଧନ ଭୋଇ, ବିଦେଶୀ ମହାପାତ୍ର, ଅମ୍ବିକା ପଣ୍ଡା, ସଦାନନ୍ଦ ଦନ୍ତା ପ୍ରମୁଖ ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦି ପ୍ରତିଦିନ ଦୁଗ୍ଧ ସଂଗ୍ରହ କରା ନ ଯିବ ସେମାନେ ର

ଯୁବକଙ୍କ ମୃତଦେହ ଉଦ୍ଧାର

ବଇଣ୍ଡା, ୧୨।୬(ଡି.ଏନ.ଏ.)-କିଶୋରନଗର ବ୍ଲକ ହଣ୍ଡପା ଥାନା ପୋଲିସ ସେରେଣ୍ଡା ଗ୍ରାମର ଗୋପୀନାଥ ମାଝିଙ୍କ ମୃତଦେହ ଉଦ୍ଧାର କରିଛି। ଏ ନେଇ ନଂ. ୧୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, କିଶୋରନଗର ଅଞ୍ଚଳସ୍ଥିତ ଶ୍ୱଶୁର ଘରକୁ ଗୋପୀନାଥ ଯାଇଥିଲେ। ଗୁରୁବାର ଅଠାମରା ଜଙ୍ଗଲର ଏକ ଗଛରୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଥିଲା। ସେକେଣ୍ଡ ଅଫିସର ସରୋଜ ଦାଶ ମୃତଦେହ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

ସଂକ୍ଷେପରେ

ସୁସ୍ଥ ହେଲେ ୫ କରୋନା ଆକ୍ରାନ୍ତ

ଅନୁଗୋଳ ଅଫିସ, ୧୨।୬: ଅନୁଗୋଳ ଜିଲାର ୫ କରୋନା ଆକ୍ରାନ୍ତ ଶୁକ୍ରବାର ସୁସ୍ଥ ହୋଇ ତାଳଚେର କୋଭିଡ୍ ହସ୍ପିଟାଲରୁ ଫେରିଛନ୍ତି। ସେମାନଙ୍କୁ ମିଶାଇ ଜିଲାରେ ମୋଟ୍ ୩୧ ଜଣ ସୁସ୍ଥ ହୋଇଥିବାବେଳେ ଏବେ ୮ ଜଣ ଚିକିତ୍ସାଧୀନ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୁସ୍ଥ ହୋଇଥିବା ୫ଜଣଙ୍କୁ ନିରୀକ୍ଷଣ ପାଇଁ ଅସ୍ଥାୟୀ ମେଡିକାଲ କ୍ୟାମ୍ପରେ ରଖାଯାଇଛି। ଅନ୍ୟପକ୍ଷରେ କୋଭିଡ୍ ହସ୍ପିଟାଲରୁ କିଛିଦିନ ତଳେ ପଜିଟିଭ୍ ବାହାରିଥିବା ଜଣେ ଡାକ୍ତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କିତ ରିପୋର୍ଟ ପ୍ରଶାସନର ଏଯାଏ ହସ୍ତଗତ ହୋଇ ନ ଥିବା ଡିଆଇପିଆର୍ଓ ଶରତ ଚନ୍ଦ୍ର ସେଠୀ କହିଛନ୍ତି। ସେହିପରି ଅନୁଗୋଳରୁ ୬ ଜଣ ସୁସ୍ଥ ହୋଇଥିବା ରାଜ୍ୟ ସରକାର କହୁଥିବା ବେଳେ ଜିଲା ପ୍ରଶାସନ ୫ଜଣଙ୍କ ତଥ୍ୟ ଦେବା ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଜିଲାରୁ ମୋଟ୍ ୫୪୬୪ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିବାବେଳେ ୪୯୫୯ ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ୪୭୧ ଜଣଙ୍କ ରିପୋର୍ଟ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ନିକଟରେ ପହଞ୍ଚି ନାହିଁ।

ବ୍ରାହ୍ମଣୀ ନଦୀ ବାଲିଘାଟରେ ଚଢ଼ାଉ

ଢେଙ୍କାନାଳ ଅଫିସ, ୧୨।୬: ଢେଙ୍କାନାଳ ଜିଲାରେ ବେଆଇନ ବାଲି ଏବଂ ପଥର ଚାଲାଣ ରୋକିବାରେ ବିଫଳ ହୋଇଥିବା ୬ ତହସିଲଦାରଙ୍କୁ ଜିଲାପାଳ କାରଣ ଦର୍ଶାଅ ନୋଟିସ ଜାରି କରିବା ପରେ ଚଢ଼ାଉ ଆରମ୍ଭ ହୋଇଛି। ଶୁକ୍ରବାର ସଦର ତହସିଲ ଅଧୀନ ବ୍ରାହ୍ମଣୀ ନଦୀର ଗେଙ୍ଗୁଟିଆ, ଗୁରୁଜଙ୍ଗ ଏବଂ ନୂଆପଡ଼ା ବାଲିଘାଟରେ ଚଢ଼ାଉ କରାଯାଇଥିଲା। ତେବେ ଆଗୁଆ ସୂଚନାପାଇ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ସମେତ ରାଜସ୍ୱ ଅଧିକାରୀ ଚଢ଼ାଉରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ ବୋଲି ତହସିଲଦାର ରାଉତ ପ୍ରକାଶ କରିଛନ୍ତି।

ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଢେଙ୍କାନାଳ ଅଫିସ, ୧୨।୬: ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଧୀନ ଖଜୁରିଆ ଗ୍ରାମରେ ଜଣେ ଯୁବକ (୧୭)ଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ପୋଲିସ ସୂଚନା ଅନୁଯାୟୀ, ଯୁବକ ଜଣକ ଘର ପଛ ପଟେ ଥିବା ଏକ ଗଛରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଏ ନେଇ ଥାନାକୁ ସୂଚନା ନ ଦେଇ ମୃତଦେହ ସଂସ୍କାର କରିଦେଇଥିଲେ। ଖବରପାଇ ସଦର ଥାନା ଓ ଗୋବିନ୍ଦପୁର ଫାଣ୍ଡି ପୋଲିସ ଶ୍ମଶାନକୁ ଯାଇ ତଦନ୍ତ କରିଥିଲେ। ଏ ନେଇ ସଦର ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ କୁହନ୍ତି, ଯୁବକ ଜଣକ ଆତ୍ମହତ୍ୟା କରିଛନ୍ତି ଏବଂ ପଞ୍ଚାୟତ ପ୍ରତିନିଧିଙ୍କୁ ଅବଗତ କରାଇବା ପରେ ପରିବାର ଲୋକେ ମୃତଦେହ ପୋଡ଼ି ଦେଇଥିବା ତଦନ୍ତ ବେଳେ କହିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

ଓମ୍‌ପ୍ରକାଶ ଅନ୍ତରୀଣ କମିଟି ଅଧ୍ୟକ୍ଷ

ଢେଙ୍କାନାଳ ଅଫିସ, ୧୨।୬: ଢେଙ୍କାନାଳର ବରିଷ୍ଠ ଆଇନଜୀବୀ ଓମ୍‌ପ୍ରକାଶ ଶରଣ ଜିଲା ଓକିଲ ସଂଘ ଅନ୍ତରୀଣ କମିଟିର ନୂତନ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏ ନେଇ ରାଜ୍ୟ ବାର୍ କାଉନସିଲ ପକ୍ଷରୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ସେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନ୍ତରୀଣ କମିଟିରେ ଦୀପକ ପ୍ରସାଦ ପଟ୍ଟନାୟକ, ଶିବସାଇ ମହାପାତ୍ର, ପ୍ରଦୀପ୍ତ ତ୍ରିପାଠୀ, ଜୟନ୍ତ ମିଶ୍ର, ଅକ୍ଷୟ ଭୋଇ, ସୁଶାନ୍ତ ପାଣିଗ୍ରାହୀ ପ୍ରମୁଖ ରହିଥିବା ସୂଚନା ମିଳିଛି।

ସ୍ୱତନ୍ତ୍ର ନିୟମାବଳୀ ଉପରେ ନିର୍ଭର

ଅନୁଗୋଳ ଅଫିସ, ୧୨।୬

ରଥଯାତ୍ରା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

- ଶୈଳଶ୍ରୀକ୍ଷେତ୍ର ରଥଯାତ୍ରାକୁ ନେଇ ଚିନ୍ତା
- ଅନୁଷ୍ଠିତ ହେବନି ସାଂସ୍କୃତିକ କାର୍ଯ୍ୟକ୍ରମ
- ସିଧା ପ୍ରସାରଣ ପାଇଁ ବୈଠକରେ ନିଷ୍ପତ୍ତି

ଚଳିତ ବର୍ଷ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ରଥଯାତ୍ରା କିପରି ହେବ ତାହା ନିର୍ଭର କରୁଛି ସରକାରଙ୍କ ସ୍ୱତନ୍ତ୍ର ନିୟମାବଳୀ ଉପରେ। ଏହା ଜିଲା ପ୍ରଶାସନର ହସ୍ତଗତ ହେବା ପରେ ଏ ନେଇ ଯାହାକିଛି ନିଷ୍ପତ୍ତି ନିଆଯିବ। ତେବେ ସମସ୍ତ ବିଭାଗୀୟ ଅଧିକାରୀ ଓ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାମାନେ ଶୃଙ୍ଖଳିତ ଭାବେ ନିଜ ଦାୟିତ୍ୱ ନିର୍ବାହ କରିବାକୁ ଶୁକ୍ରବାର ବେଦଭବନଠାରେ ମନ୍ଦିର ପରିଚାଳନା ସମିତି କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ମନୋଜ କୁମାର ମହାନ୍ତି ଏହି ପରାମର୍ଶ ଦେଇଛନ୍ତି।

ପ୍ରାରମ୍ଭରେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ କୁମାର ଦାସ ଦାନ ସୂତ୍ରରେ ୫୦ ଲକ୍ଷ ୬୪ ହଜାର ୮ ଶହ ଏବଂ ଅନ୍ୟାନ୍ୟ ସୂତ୍ରରୁ ୮୨ ଲକ୍ଷ ୪୦ ହଜାର ୮୨୬ ଟଙ୍କା ସଂଗୃହୀତ ହୋଇଥିବା ସୂଚନା ଦେଇଥିଲେ। ରଥ ନିର୍ମାଣ ନିରାପତ୍ତା ପ୍ରମାଣପତ୍ର ପାଇଁ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ କୁମାର ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିବା ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ସୂଚନା ଦେଇଥିଲେ। ରଥଯାତ୍ରା ବେଳେ ହରିମହୁରୀ ଛକ ଠାରୁ ପିଟିସି ଛକ ମଧ୍ୟରେ ଯାନବାହନ ଚଳାଚଳ ନିୟନ୍ତ୍ରଣ କରିବା ସହ ରଥର ସୁରକ୍ଷା ପାଇଁ ପୋଲିସ ମୁତୟନ କରିବାକୁ ଏସ୍‌ପି ଜଗମୋହନ ମୀନାଙ୍କୁ ଅନୁରୋଧ କରାଯାଇଥିଲା। ରାସ୍ତା ପାର୍ଶ୍ୱରେ କୌଣସି ପ୍ରକାର ଖାଦ୍ୟ ଓ ପଣା ଦିଆଯିବା ଉପରେ କଟକଣା ଲଗାଯାଇଥିଲା। ସେହିପରି କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ନାହିଁ। ପରିଚାଳନା କମିଟି ପକ୍ଷରୁ ଅବଡ଼ା ପାର୍ସଲ ପାଇଁ ପ୍ରତ୍ୟହ ଅତି କମ୍‌ରେ ୧୦୦ ଜଣଙ୍କୁ ଆଗୁଆ ଅନୁମତି ସହ ଯୋଗାଇ ଦିଆଯିବାକୁ ସ୍ଥିର କରାଯାଇଥିଲା। ରଥଟଣା ଶୃଙ୍ଖଳିତ କରିବା ପାଇଁ ଅତିରିକ୍ତ ଜିଲାପାଳ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସରକାରଙ୍କ ସ୍ୱତନ୍ତ୍ର ନିୟମାବଳୀ ହସ୍ତଗତ ହେବା ପରେ ଆଉ ଏକ ବୈଠକ ଡକାଯିବ ବୋଲି ଜିଲାପାଳ କହିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଧନ୍ୟବାଦ ଦେଇଥିଲେ। ଅନୁଗୋଳ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ମନ୍ଦିର ପରିଚାଳନା କମିଟି ଉପସଭାପତି ଭବାନୀ ପ୍ରସାଦ ମିଶ୍ର, ସଦସ୍ୟ ପରମାନନ୍ଦ ମିଶ୍ର, ଭକ୍ତିପ୍ରସାଦ ଦାସ, ଆନନ୍ଦ ଚନ୍ଦ୍ର ମହାପାତ୍ର, ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ବିଶି, ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳୁ ଗଲେ ସଞ୍ଜରେ ଆସୁଛି

ଅନୁଗୋଳ ଅଫିସ, ୧୨।୬

ଅନୁଗୋଳରେ ଘନଘନ ବିଦ୍ୟୁତ୍ କାଟ୍

ବାହାରେ ତାତି, ଘର ଭିତରେ ଗୁଳଗୁଳିରେ ଲୋକେ ହନ୍ତସନ୍ତ ହେଉଥିବାବେଳେ ସମସ୍ୟା ବଢାଉଛି ଘନଘନ ଅଘୋଷିତ ବିଦ୍ୟୁତ୍ କାଟ୍। ଅନେକ ସମୟରେ ସକାଳେ ଲାଇନ୍ ଗଲେ ସନ୍ଧ୍ୟାବେଳକୁ ଆସୁଛି। କିଛି ଗାଁରେ ତ ଦିନ ଦିନ ଧରି ଆସୁ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଟିକିଏ ବର୍ଷା ହେଲେ ବିଭାଗ ପକ୍ଷରୁ ସଙ୍ଗେ ସଙ୍ଗେ ପାୱାର୍ କଟ୍ କରାଯାଉଥିବାରୁ ଅନୁଗୋଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କେବଳ ଅନୁଗୋଳର ଗାଁ ଗଣ୍ଡା ନୁହେଁ ସହରରେ ମଧ୍ୟ ସମାନ ଅବସ୍ଥା। ଥରେ ଲାଇନ ଗଲେ କେତେବେଳେ ଆସିବ ତାହା ବିଭାଗୀୟ କର୍ମଚାରୀମାନେ ମଧ୍ୟ କହିପାରୁ ନାହାନ୍ତି। ପାଖାପାଖି ମାସେରୁ ଅଧିକ ସମୟ ହେଲା ଏପରି ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ସତ୍ତ୍ୱେ କେହି ଶୁଣୁ ନ ଥିବା ସହରବାସୀ ପ୍ରକାଶ କରିଛନ୍ତି। ସେହିପରି ଲୋ ଭୋଲଟେଜ ଯୋଗୁ ଅନେକ ଉପଭୋକ୍ତାଙ୍କ ବିଦ୍ୟୁତ୍ ଉପକରଣ ପୋଡିଯାଇଥିବା ଜଣାପଡିଛି। ଏ ନେଇ ଅନୁଗୋଳ ସେସ୍ସୁ ଡିଭିଜନ୍ ନିର୍ବାହୀ ଅଧିକାରୀ ସୁବ୍ରତ ସାହୁ କହିଛନ୍ତି, ଫ୍ୟୁଜ୍ କଟୁଥିବାରୁ ସମସ୍ୟା ହେଉଛି। ମୁଖ୍ୟତଃ ଏଲ୍‌ଟି ଲାଇନ୍‌ରୁ ଅଭିଯୋଗ ଆସୁଛି। ଖରାଦିନେ ଅଧିକ ଲୋଡ ଯୋଗୁ ମଧ୍ୟ ଅନେକ ସମୟରେ ପାୱାର ଚାଲିଯାଉଛି। ଯଥାସମ୍ଭବ ବିଦ୍ୟୁତ୍ କାଟ୍ ରୋକିବା ସହ ଉତ୍ତମ ସେବା ଦେବାକୁ ଉଦ୍ୟମ ଜାରି ରହିଥିବା ନିର୍ବାହୀ ଅଧିକାରୀ ସାହୁ ପ୍ରକାଶ କରିଛନ୍ତି।

ନନ୍ଦିନୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ ଅଫିସ, ୧୨।୬

ଢେଙ୍କାନାଳ ସହରରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏବଂ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ଢେଙ୍କାନାଳ କ୍ରାନ୍ତି ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି। ଏ ନେଇ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀଙ୍କୁ ଲିଖିତ ଭାବେ ଦାବିପତ୍ର ଦିଆଯାଇଛି। ସଙ୍ଗଠନର ସଭାପତି ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଭରତ କୁମାର ଦାସ ପ୍ରମୁଖ ଜିଲା ପ୍ରଶାସନ ଜରିଆରେ ଏହି ଦାବିପତ୍ର ପ୍ରଦାନ କରିଥିଲେ।

ମଦ, ୫.୩୦ ଲକ୍ଷ ଟଙ୍କା ଜବତ

ଜବତ କାର୍।

- ପରଜଙ୍ଗରୁ ତାଳଚେର ଚାଲାଣ ହେଉଥିଲା
- ପୋଲିସ ହାତରେ ଧରାପଡ଼ିଲେ ୨ ଅଭିଯୁକ୍ତ

ଢେଙ୍କାନାଳ ଅଫିସ, ୧୨।୬

ଢେଙ୍କାନାଳ ଜିଲା ପରଜଙ୍ଗ ପୋଲିସ ସ୍ଥାନୀୟ ବଜାର ଛକରୁ ଶୁକ୍ରବାର ଏକ କାର୍ (ନଂ. ଓଆର ୧୯ ପି ୩୭୮୩)ରୁ ୫୨.୫୬୦ ଲିଟର ବିଦେଶୀ ମଦ, ୫ଲକ୍ଷ ୩୦ ହଜାର ଟଙ୍କା ଏବଂ ୨ଟି ମୋବାଇଲ ଜବତ କରିଛି। ମଦ ଚାଲାଣରେ ସମ୍ପୃକ୍ତ ଅନୁଗୋଳ ଜିଲା ବିକ୍ରମପୁର ଥାନା ଏଫ୍‌ସିଆଇ ମୀନାବଜାର ଅଞ୍ଚଳର ବଂଶୀଧର ଦେହୁରୀ ଏବଂ ଗୁରୁଦ୍ୱାର ଅଞ୍ଚଳର ଭକ୍ତ ମହେଶ୍ୱର ଦାସଙ୍କୁ ଗିରଫ କରାଯାଇଛି। ଜବତ ମଦ ପରଜଙ୍ଗ ବ୍ଲକ ମୁକ୍ତାପଶି ଅଞ୍ଚଳରୁ ଅନୁଗୋଳ ଜିଲା ଏଫ୍‌ସିଆଇ ଅଞ୍ଚଳକୁ ନିଆଯାଉଥିବାବେଳେ ନାଇଟ୍ ବ୍ଲକିଂରେ ନିୟୋଜିତ ପୋଲିସ ହାତରେ ଧରାପଡ଼ିଥିଲା। ଯାଞ୍ଚ ବେଳେ ସେଥିରୁ ବିଭିନ୍ନ ବ୍ରାଣ୍ଡର ୨୪୦ ବୋତଲ ବିଦେଶୀ ମଦ ବାହାରିଥିବା ଏସ୍‌ପି ଅନୁପମା ଜେମ୍ବ ସୂଚନା ଦେଇଛନ୍ତି। ବଂଶୀଧର ମୁକ୍ତାପଶିରେ ଥିବା ଏକ ବିଦେଶୀ ମଦ ଦୋକାନର ମ୍ୟାନେଜର ଏବଂ ଭକ୍ତ ମହେଶ୍ୱର ଦୋକାନର ଜଣେ କର୍ମଚାରୀ।

ଦାଣ୍ଡ ଦୁଆରେ ମିଳିବ ସେବା

- ମୃତଦେହ ବୋହିବାକୁ ୪ ଗାଡ଼ି
- ରକ୍ତ ସଂଗ୍ରହ, ପ୍ରସବ ପାଇଁ ୨ଟି

ଢେଙ୍କାନାଳ ଅଫିସ, ୧୨।୬

ଢେଙ୍କାନାଳ ଜିଲାରେ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ଅତ୍ୟାଧୁନିକ ସରଞ୍ଜାମରେ ସଜ୍ଜିତ ଗାଡ଼ିରେ ଗର୍ଭବତୀଙ୍କୁ ଡାକ୍ତରଖାନା ପଠାଯିବ। ଗାଁକୁ ଗାଁ ବୁଲି ରକ୍ତସଂଗ୍ରହ କରାଯିବ। ସେହିପରି ମୃତଦେହ ବୋହିବା ଲାଗି ୪ଟି ଗାଡ଼ି ନିୟୋଜିତ ହେବ ବୋଲି ଏମ୍‌ପି ମହେଶ ସାହୁ ସୂଚନା ଦେଇଛନ୍ତି। ଏ ନେଇ ଗତ ୮ ତାରିଖରେ ସମ୍ବଲପୁରର ଏମ୍‌ସିଏଲ୍ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଥିଲା। ଏମ୍‌ସିଏଲ୍ ଏଥିରେ ସହମତି ପ୍ରକାଶ କରିଛି। ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଯାନଗୁଡିକ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯିବ। ରୋଗୀ କଲ୍ୟାଣ ସମିତି ପାଣ୍ଠି ଅର୍ଥରୁ ଏହାର ରକ୍ଷଣାବେକ୍ଷଣ କରାଯିବ। ଏମ୍‌ପିଙ୍କ ସୁପାରିସ ପରେ ଜିଲାପାଳ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ୧୦ ତାରିଖରେ ପତ୍ରଲେଖି ଜଣାଇଛନ୍ତି।

ଚିକିତ୍ସା ନ ମିଳିବାରୁ ମୃତ୍ୟୁ ଅଭିଯୋଗ

ଛେଣ୍ଡିପଦା,୧୨।୬(ସ୍ୱ.ପ୍ର.)

ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା

ଉତ୍ତେଜନା ଯୋଗୁ ମେଡିକାଲ ପରିସରରେ ପୋଲିସ ପହଞ୍ଚିଛି।

ଅନୁଗୋଳ ଜିଲା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନ ପାଇ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ଦେଖାଦେଇଛି।

ଅଭିଯୋଗରୁ ଜଣାଯାଏ, ଦେବଗଡ ଜିଲା କୁଣ୍ଡେଇଗୋଳା ଥାନା ଖଇରପାଲି ଗ୍ରାମର ଦିଲୀପ କୁମାର ସାହୁ ଗୁରୁବାର ରାତି ପ୍ରାୟ ୧୧ଟାରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଦିଲୀପଙ୍କ ଭାଇ ପ୍ରଦୀପ ସାହୁ ଓ ସମ୍ପର୍କୀୟମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବହିର୍ବିଭାଗରେ କୌଣସି ଡାକ୍ତର ନ ଥିବାରୁ ଉପସ୍ଥିତ ଜଣେ ନର୍ସ ସରକାରୀ ବାସଭବନରୁ ଡାକ୍ତରଙ୍କୁ ଡାକିବା ପାଇଁ ପରାମର୍ଶ ଦେଇଥିଲେ। ପରେ ସେମାନେ ଜନୈକ ଡାକ୍ତରଙ୍କ ବାସଭବନକୁ ଯାଇଥିଲେ ହେଁ ଡାକ୍ତର ନ ଆସିବାରୁ ଚିକିତ୍ସା ହୋଇପାରି ନ ଥିଲା। ଫଳରେ ଦିଲୀପଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଡାକ୍ତରଙ୍କ ଅବହେଳା ଯୋଗୁ ଦିଲୀପଙ୍କ ମୃତ୍ୟୁ ଘଟିଥିବା ନେଇ ବିଳମ୍ବିତ ରାତିରେ ପରିବାର ପକ୍ଷରୁ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ସକାଳେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରତାପ ଚନ୍ଦ୍ର ବେହେରା, ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ଛେଣ୍ଡିପଦା ଥାନା ଅଧିକାରୀ କନକ ମାଝି ସେଠାରେ ପହଞ୍ଚି ଉଭୟଙ୍କ ଲୋକଙ୍କ ସହ ଆଲୋଚନା କରିଥିଲେ। ୪ ଘଣ୍ଟା ଧରି ଆଲୋଚନା ଓ ଘଟଣାର ତଦନ୍ତ ସହ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

ରଜ ପାଇଁ ଲାଗିଲା ୧୪୪ ଧାରା

- ୧୫ ଦେବଦେବୀ ପୀଠକୁ ଜଗିବ ପୋଲିସ
- ରଞ୍ଜାଗୋଳ ପଡ଼ିଆକୁ ଆସିବାକୁ ବାରଣ

ଢେଙ୍କାନାଳ ଅଫିସ, ୧୨।୬

ରଜ ଉତ୍ସବ ଉପଲକ୍ଷେ ମନ୍ଦିର ଏବଂ ରଜପଡ଼ିଆରେ ଜନସମାଗମ ଆଶଙ୍କାରେ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଜିଲାର ୧୫ ମନ୍ଦିର ଏବଂ ରଞ୍ଜାଗୋଳ ରଜ ପଡ଼ିଆରେ ଶୁକ୍ରବାରଠାରୁ ୧୪୪ ଧାରା ଜାରି କରାଯାଇଛି। ଏହି କଟକଣା ୧୬ ତାରିଖ ଯାଏ ବଳବତ୍ତର ରହିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

କଟକଣା ଲାଗିଥିବା ମନ୍ଦିରଗୁଡ଼ିକ ମଧ୍ୟରେ ରହିଛି ଗଁଦିଆ ବ୍ଲକ କପିଳାସସ୍ଥିତ ଶ୍ରୀଚନ୍ଦ୍ରଶେଖର ଜୀଉ, ଲତାଦେଇପୁର ଶ୍ରୀଉନ୍ନକୋଟିଶ୍ୱର, ଢେଙ୍କାନାଳ ସହରସ୍ଥିତ ଶ୍ରୀସିଦ୍ଧ ବଳରାମଜୀଉ, ସପ୍ତଶଯ୍ୟାସ୍ଥିତ ଶ୍ରୀରାମଚନ୍ଦ୍ରଜୀଉ, ବଡନାଗେନାସ୍ଥିତ ଶ୍ରୀନାଗନାଥେଶ୍ୱର, ଗଙ୍ଗାଧରପ୍ରସାଦସ୍ଥିତ ଶ୍ରୀପଶ୍ଚିମେଶ୍ୱରଙ୍କ ପୀଠରେ ୧୪୪ ଧାରା ଜାରି କରାଯାଇଛି। ସେହିପରି କାମାକ୍ଷାନଗର ବ୍ଲକ ତେନ୍ତୁଳିସିଂହାସ୍ଥିତ ଶ୍ରୀରାମେଶ୍ୱର, ହାଟୁଆରିସ୍ଥିତ ଶ୍ରୀକପିଳେଶ୍ୱର, ସିବୁଳାପଶିସ୍ଥିତ ଶ

ଦକ୍ଷିଣ ଭାରତରୁ ଫେରିଲେ ୧୪୮

ରାୟଗଡ଼ା ଅଫିସ,୧୨।୬: ଦକ୍ଷିଣ ଭାରତରେ ଫସିଥିବା ଆଉ ୧୪୮ ପ୍ରବାସୀ ଓଡ଼ିଆ ଶୁକ୍ରବାର ୨ଟି ସ୍ୱତନ୍ତ୍ର ଟ୍ରେନ୍‌ରେ ରାୟଗଡ଼ା ଷ୍ଟେଶନରେ ପହଞ୍ଚିଛନ୍ତି। ଏଥିପାଇଁ ଗଜପତି ଛକ, ସାଇ ଇଣ୍ଟରନ୍ୟାଶନାଲ ଛକ ଓ ଷ୍ଟେଶନ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଥିଲା। ଦିନ ୧୧ଟାରେ ୨ ଟ୍ରେନ୍ ପହଞ୍ଚିଥିବାପରେ ପ୍ରଥମ ଟ୍ରେନ୍‌ରୁ କେବଳ ନବରଙ୍ଗପୁର ଜିଲାର ୭୮ଜଣ ଓହ୍ଲାଇଥିଲେ। ସେହିପରି ଦ୍ୱିତୀୟ ଟ୍ରେନ୍‌ରୁ ନବରଙ୍ଗପୁର ଜିଲାର ୬୪ ଓ କନ୍ଧମାଳ ଜିଲାର ୬ ପ୍ରବାସୀ ଓହ୍ଲାଇଥିଲେ। ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସମେତ ଅଧିକାରୀମାନେ ପଞ୍ଜିକରଣ କରି ସେମାନଙ୍କୁ ନିଜ ଅଞ୍ଚଳକୁ ପଠାଇଛନ୍ତି।

ସଂକ୍ଷେପରେ

ଟ୍ରକ୍ ଧକ୍କାରେ ଜଣେ ମୃତ, ୨ ଆହତ

ଜୟପୁର ,୧୨।୬(ଡି.ଏନ.ଏ)- କୋରାପୁଟ ଜିଲା ଜୟପୁର ସଦରଥାନା ପେପରମିଲ୍ ଛକ ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ଗୁରୁବାର ରାତି ୮ଟାରେ ଏକ ବାଇକ (ଓଡିଏ୦ଏଫ୍-୦୫୬୪)କୁ ପଛପଟୁ ଏକ ଟ୍ରକ୍ (ଓଡିଏ୦ଜି-୬୮୦୪) ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଯାଉଥିବା ୩ଜଣଙ୍କ ମଧ୍ୟରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେ ହେଲେ ମକାପୁଟ ଗ୍ରାମର ସର୍ବେଶ୍ୱର ଖୋସ୍ଲା (୧୭)। ଅନ୍ୟ ୨ ଆହତ କୈଳାସ ହରିଜନ (୨୯) ଓ ଜିତୁ ହରିଜନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟ୍ରକ୍ ମାଲିକ ସ୍ଥାନୀୟ ଉମୁରୀ ଗ୍ରାମର ବାସିନ୍ଦା ହୋଇଥିବାରୁ କ୍ଷତିପୂରଣ ଦାବିରେ ଗ୍ରାମରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଟ୍ରକ୍ ମାଲିକ କ୍ଷତିପୂରଣ ଦେବାକୁ ରାଜି ହେବା ସହ ଆହତମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଡ୍ରାଇଭର ଫେରାରଥିବା ବେଳେ ଟ୍ରକ୍‌କୁ ଜବତ କରାଯାଇଛି।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ ପରିଦର୍ଶନ କଲେ ଜିଲାପାଳ

ରାୟଗଡ଼ା ଅଫିସ,୧୨।୬: ଲକ୍‌ଡାଉନ୍‌ରେ ଚାଷୀ ଓ ଶ୍ରମିକମାନେ ବିଶେଷ ପ୍ରଭାବିତ ହୋଇଛନ୍ତି। ତେଣୁ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ବିଭିନ୍ନ ବ୍ଲକ୍ ଗସ୍ତ କରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଓ ଶ୍ରମିକମାନଙ୍କ କାର୍ଯ୍ୟ ଅନୁଧ୍ୟାନ କରିବା ସହ ସମସ୍ୟା ବିଷୟରେ ବୁଝୁଛନ୍ତି। ଶୁକ୍ରବାର ଜିଲାପାଳ କଲ୍ୟାଣସିଂପୁର ବ୍ଲକ୍ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ଶାଖା କେନାଲ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରି ସେଠାରେ ଅଧିକ ଶ୍ରମିକଙ୍କୁ କର୍ମନିଯୁକ୍ତି ଯୋଗାଇ କାମ ଶୀଘ୍ର ସାରିବାକୁ କାର୍ଯ୍ୟକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏସ୍‌ଏଚ୍‌ଜି ଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ମଶାଣି ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ସଂଯୋଗ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ପରେ ନାରାୟଣପୁରସ୍ଥିତ ୫ଏସ୍‌ଏଚ୍‌ଜି ସଦସ୍ୟଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏଠାରେ ଗୋଷ୍ଠୀମାନଙ୍କ ଦ୍ୱାରା କରାଯାଇଥିବା ପରିବା ଚାଷ ଦେଖି ଜିଲାପାଳ ଖୁସି ପ୍ରକାଶ କରିଥିଲେ। ଏହା ବ୍ୟତୀତ ପୋଖରୀରେ ପଥର ପ୍ୟାକିଂ କାମ ଦେଖିବା ସହ କାର୍ଯ୍ୟକାରୀ ସଂସ୍ଥା ଓ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଡଙ୍ଗସିଲଠାରେ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା କେନାଲ କାମ ପରିଦର୍ଶନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ କଲ୍ୟାଣସଂପୁର ବିଡିଓ ଅନୁପ ପଣ୍ଡା, ଏବିଡିଓଙ୍କ ସମେତ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଗଜପତି ଜିଲାରେ ବର୍ଷା

ପାରଳାଖେମୁଣ୍ଡି, ୧୨।୬ (ସ୍ୱ.ପ୍ର.)- ଗଜପତି ଜିଲାରେ ଶୁକ୍ରବାର ପ୍ରବଳ ବର୍ଷା ହୋଇଛି। ମୋଟ ୧୪୭.୪ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପାରଳାଖେମୁଣ୍ଡି ସହରରେ ୧୦ ମିମି ବର୍ଷା ରେକର୍ଡ କରାଯାଇ ଥିବାବେଳେ କାଶୀନଗର ବ୍ଲକରେ ୩୫, ରାୟଗଡ଼ାରେ ୪.୬୦, ଗୁମ୍ମାରେ ସର୍ବାଧିକ ୭୫, ନୂଆଗଡରେ ୧.୪୦, ଆର୍ ଉଦୟଗିରରେ ୨, ମୋହନାରେ ୧୬.୮୦ ଏବଂ ଗୋଷାଣୀରେ ୨.୬୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି।

ମୃତବ୍ୟକ୍ତିଙ୍କ ବ୍ୟବଚ୍ଛେଦ ନ କରି ପଠାଇଦେଲେ ଘରକୁ

- ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା
- ଅଧାବାଟରୁ ପୁଣି ଡାକ୍ତରଖାନା ଫେରିଲା ମୃତଦେହ
- ଘଟଣାର ତଦନ୍ତ ହେବ: ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ

ନବରଙ୍ଗପୁର,୧୨।୬(ବି.ପ୍ର)

ସାପକାମୁଡ଼ାରେ ଜଣେ ବୃଦ୍ଧାଙ୍କ ଜିଲା ସଦର ମହକୁମା ଡାକ୍ତରଖାନାରେ ମୃତ୍ୟୁ ହେବା ପରେ ଡ୍ୟୁଟିରେ ଥିବା ଡାକ୍ତର ମୃତଦେହ ବ୍ୟବଚ୍ଛେଦ ନ କରି ଘରକୁ ନେଇଯିବାକୁ କହି ଡିସ୍‌ଚାର୍ଜ କରିଦେଇଥିଲେ । ଏକ ଘରୋଇ ଆମ୍ବୁଲାନ୍ସରେ ମୃତଦେହକୁ ନେଇ ପରିବାର ଲୋକେ ଘରକୁ ଫେରୁଥିଲେ। ଜିଲା କଂଗ୍ରେସ ଏହି ଖବର ପାଇ ମୃତକଙ୍କ ପରିବାରକୁ ଯୋଗାଯୋଗ କରି ମୃତଦେହ ବ୍ୟବଚ୍ଛେଦ ହେଲେ ସରକାରଙ୍କ ଯେଉଁ ସୁବିଧା ରହିଛି ତାହା ମିଳିପାରିବ ବୋଲି କହିବାରୁ ପୁଣିଥରେ ପରିବାର ଲୋକେ ମୃତଦେହକୁ ନେଇ ଅଧାବାଟରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ବ୍ୟବଚ୍ଛେଦ କରିବା ପାଇଁ ଦାବି କରିଛନ୍ତି। ଏହାକୁ ନେଇ ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖା ଦେଇଥିଲା।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ତାଲିଆମ୍ବା ସାହିର ଦାଶରଥୀ ଗୌଡଙ୍କ ସ୍ତ୍ରୀ ସ୍ୱାତୀ ଗୌଡ(୬୦) ଗୁରୁବାର ରାତି ୮ଟାରେ ଖାଇସାରି ତଳେ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ତାଙ୍କୁ ପରିବାର ଲୋକେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦେଇଥିଲେ । ପରିବାର ଲୋକେ ତାଙ୍କୁ ନବରଙ୍ଗପୁର ଡାକ୍ତରଖାନା ଆଣି ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସ୍ୱାତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ଶୁକ୍ରବାର ସକାଳ ସାଢେ ୯ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଡ୍ୟୁଟିରେ ଥିବା ଡାକ୍ତର ମୃତଦେହକୁ ବିନା ବ୍ୟବଚ୍ଛେଦରେ ଘରକୁ ନେଇଯିବାକୁ କହିଥିଲେ। ପରିବାର ଲୋକେ ଏକ ଘରୋଇ ଆମ୍ବୁଲାନ୍ସରେ ମୃତଦେହ ନେଇ ଫେରୁଥିବା ବେଳେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଖବର ପାଇ ମୃତଦେହ ବ୍ୟବଚ୍ଛେଦ କରି ଆଣିବାକୁ କହିଥିଲେ । ଏବେ ପରିବାର ଲୋକେ ମୃତଦେହକୁ ଡାକ୍ତରଖାନା ବାହାରେ ରଖିଛନ୍ତି। ମୃତଙ୍କ ଝିଅ ରୁକମଣି ଗୌଡ କହିଛନ୍ତି , ମାଆର ମୃତ୍ୟୁ ପରେ ଡାକ୍ତର ଆମକୁ ତୁରନ୍ତ ମୃତଦେହ ନେଇଯିବାକୁ କହିଥିଲେ। ବ୍ୟବଚ୍ଛେଦ ପାଇଁ କହିଲେ ନାହିଁ । ମୃତଦେହ ବ୍ୟବଚ୍ଛେଦ ହେଲେ ସରକାରୀ ସୁବିଧା ପାଇବୁ ବୋଲି ଜାଣିବା ପରେ ଅଧାରାସ୍ତାରୁ ଫେରାଇ ଆଣିଛୁ । ଜିଲା କଂଗ୍ରେସ ସଭାପତି ତ୍ରିପାଠୀ ମୃତଦେହ ବ୍ୟବଚ୍ଛେଦ କରିବା ଏବଂ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ଖବର ପାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସ୍ୱାଭିମାନ ଅଞ୍ଚଳରେ ପୁଷ୍ଟି ବଗିଚା କାର୍ଯ୍ୟକ୍ରମ

ପୁଷ୍ଟି ବଗିଚା କରିଥିବା ମହିଳାମାନେ ।

ମାଲକାନଗିରି/ଚିତ୍ରକୋଣ୍ଡା, ୧୨।୬ (ଡି.ଏନ୍.ଏ.)

ଓଡ଼ିଶା ଜୀବିକା ମିଶନ ପକ୍ଷରୁ ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳରେ ଆଦିବାସୀ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ଉଦ୍ଦେଶ୍ୟରେ ଏଠାରେ ପୁଷ୍ଟି ବଗିଚା ଆରମ୍ଭ ହୋଇଛି। ନିଜ ନିଜ ଘର ବାଡିବଗିଚାରେ ଯେଭଳି ଅଞ୍ଚଳବାସୀ ପନିପରିବା ଓ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ଓ ଚାଷ କରିପାରିପବେ ସେଥିପାଇଁ ଡିପିଏମ୍ ପବିତ୍ର ମୋହନ ବାରା, ବିଡିଓ ଲାରିମନ ଖରସେଲ ବଡ଼ପଡ଼ା ପଞ୍ଚାୟତରେ ଏପରି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଦିବାସୀ ପରିବାରଗୁଡିକୁ ପ୍ରାୟ ୧୩ ପ୍ରକାର ପନିପରିବା ଚାରା କଦଳୀ, ସଜନା, ଅମୃତଭଣ୍ଡା, ଲେମ୍ବୁ, ଜହ୍ନି ଆଦି ଜୈବିକ ପଦ୍ଧତିରେ ଚାଷ କରାଯାଇପାରିବ ସେନେଇ ବ୍ୟବସ୍ଥା ହୋଇଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୫ଶହ ପରିବାର ଉପକୃତ ହେବେ । ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳର ଆହୁରି ୩ ହଜାର ପରିବାରଙ୍କୁ ଏହି ପୁଷ୍ଟି ବଗିଚାରେ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। । ତେବେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦ୍ୱାରା ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ଅପପୁଷ୍ଟିକୁ ରୋକାଯାଇପାରିବ ବୋଲି କୁହାଯାଉଛି।

ଖଟିଆରେ ବୁହାହେଲେ ଗର୍ଭବତୀ

ଜୟପୁର,୧୨।୬(ଡି.ଏନ୍.ଏ.):

ପୁଣି ଜନନୀ ଯନ୍ତ୍ରଣା। ଉପାନ୍ତ କୋରାପୁଟ ଜିଲାର କେତେକ ଗାଁକୁ ଏଯାବତ ପକ୍କା ରାସ୍ତାଟିଏ ହୋଇପାରିନାହିଁ। ତେଣୁ ସରକାରଙ୍କ ଅନେକ ଯୋଜନା ଏଠାକାର ଅଞ୍ଚଳବାସୀଙ୍କ ପାଇଁ ଅପହଞ୍ଚ ହୋଇଛି। ଗର୍ଭବତୀ ଓ ନବଜାତ ଶିଶୁଙ୍କ ସୁବିଧା ପାଇଁ ୧୦୨ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ହେଲେ ଗାଁକୁ ଗାଡ଼ି ଯାଇ ନ ପାରି ଅଧା ରାସ୍ତାରେ ଅଟକିଯାଉଛି। ଯଦ୍ୱାରା ଅନେକ ସମୟରେ ଗର୍ଭବତୀଙ୍କୁ ଭାର ଏବଂ ଷ୍ଟ୍ରେଚର୍‌ରେ ବୋହି ଦୀର୍ଘ କିମି ବାଟ ଅତିକ୍ରମ କରିବା ନଜରକୁ ଆସୁଛି। କୋରାପୁଟ ଜିଲା ଜୟପୁର ବ୍ଲକ ରଣ୍ଡାପାଲୀ ପଞ୍ଚାୟତ ଅଧୀନ ରାମଗଡ଼ ଗ୍ରାମରେ ଦେଖିବାକୁ ମିଳିଛି ଏପରି ଦୃଶ୍ୟ।

ପାହାଡ଼ ଅଞ୍ଚଳରେ ରହିଥିବା ଏହି ଗାଁର ଜଗବନ୍ଧୁ ମୁଦୁଲିଙ୍କ ପତ୍ନୀ କଳାବତୀ ୭ମାସର ଗର୍ଭବତୀ ଥିବାବେଳେ ସେ ବାରମ୍ବାର ଯନ୍ତ୍ରଣା ଅନୁଭବ କରିଥିଲେ। ତେବେ ଗାଁକୁ ଆମ୍ବୁଲାନ୍ସ ପହଞ୍ଚିବା ସମ୍ଭବ ନୁହେଁ। ତେଣୁ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଶୁକ୍ରବାର ପୂର୍ବାହ୍ନରେ ତାଙ୍କୁ ଖଟିଆ ଭାରରେ ବୋହି ୩କିମି ପାହାଡ଼ିଆ ରାସ୍ତା ଅତିକ୍ରମ କରିଛନ୍ତି। ଏହାକୁ ନେଇ ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖା ଦେଇଥିଲା।

ଗର୍ଭବତୀଙ୍କୁ ଭାରରେ ବୋହି ନିଆଯାଉଛି ।

ରାସ୍ତାରେ କଲେ ପ୍ରସବ

ତେବେ ରାସ୍ତାରେ ହିଁ ମହିଳା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଫଳରେ ବୈରାଗିମଠ ଗ୍ରାମରୁ ଏକ ଅଟୋ ଯୋଗେ ତାଙ୍କୁ କୁମୁଲିପୁଟ ଗ୍ରାମ ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ଶିଶୁଟି ସମୟ ପୂର୍ବରୁ ଜନ୍ମ ହୋଇଥିବା ଯୋଗୁ ଓଜନ ମାତ୍ର ୯ଶହ ଗ୍ରାମ୍ ରହିଛି। ତେଣୁ ଉଭୟ ମା' ଏବଂ ନବଜାତ ଶିଶୁଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଶିଶୁଟିକୁ ଏନ୍‌ଆଇସିୟୁରେ ରଖି ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ଉଭୟ ମା' ଏବଂ ଶିଶୁଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ରାମଗଡ଼ ଗ୍ରାମରେ ୭୦ ଆଦିବାସୀ ପରିବାରର ୨ଶହ ଲୋକ ବସବାସ କରୁଛନ୍ତି। ହେଲେ ଗାଁକୁ କେବଳ ପଥୁରିଆ ପାଦଚଲା ରାସ୍ତାଟିଏ ରହିଛି। ତେଣୁ ଗ୍ରାମର ରୋଗୀ ଓ ଗର୍ଭବତୀଙ୍କୁ ଏଭଳି ଭାରରେ ବୋହି ଡାକ୍ତରଖାନାକୁ ନେବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି।

ମହିଳା ଯନ୍ତ୍ରୀଙ୍କ ଆତ୍ମହତ୍ୟା

ଟିକିରି,୧୨।୬:

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅଧୀନ ନୂଆପଡ଼ାଠାରେ ରହୁଥିବା ଜଣେ ମହିଳା ଯନ୍ତ୍ରୀ ଗୁରୁବାର ରାତିରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ କାଶୀପୁର ବ୍ଲକ୍ ଅଞ୍ଚଳରେ ଏକ କମ୍ପାନୀରେ ଇଞ୍ଜିନିୟରଭାବେ କାର୍ଯ୍ୟରତ ଦୀପ୍ତିମୟୀ ଦାସ ଶୁକ୍ରବାର କମ୍ପାନୀକୁ ଯାଇ ନ ଥିଲେ। ସମ୍ବଲପୁରରେ ଡାକ୍ତର ଥିବା ସ୍ୱାମୀ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ଦୀପ୍ତିମୟୀ ଫୋନ୍ ଉଠାଇ ନ ଥିଲେ। ସନ୍ଦେହ ହେବାରୁ ସେ ସ୍ତ୍ରୀ କାର୍ଯ୍ୟ କରୁଥିବା କମ୍ପାନୀ ଅଧିକାରୀଙ୍କୁ ଯୋଗାଯୋଗ କରି ଜଣାଇଥିଲେ। ଯନ୍ତ୍ରୀ ରହୁଥିବା ଘର ନିକଟକୁ ଯାଇ ସେମାନେ କବାଟ ବାଡ଼େଇବା ସତ୍ତ୍ୱେ ସେ ଖୋଲି ନ ଥିଲେ। ଭିତରୁ କବାଟ ବନ୍ଦ ଥିବାବେଳେ କୌଣସି ଉତ୍ତର ନ ମିଳିବାରୁ ଝରକା ପଟରୁ ଜାଣିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପଙ୍ଖାରେ ଦୀପ୍ତିମୟୀ ଝୁଲନ୍ତା ଅବସ୍ଥାରେ ଥିବା ଜଣାପଡ଼ିଥିଲା। ଏ ନେଇ ଅଧିକାରୀମାନେ ତାଙ୍କ ସ୍ୱାମୀ ଏବଂ ପୋଲିସକୁ ଖବର ଦେଇଥିଲେ। ତେବେ ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ଉଦ୍ଧାର କରାଯିବ ବୋଲି ଦୋରାଗୁଡ଼ା ଥାନା ଆଇଆଇସି କୃଷ୍ଣ ଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି। ଯନ୍ତ୍ରୀ ନିଜ ଝିଅ ଓ ପୁଅଙ୍କୁ ନେଇ ନୂଆପଡ଼ାଠାରେ ରହୁଥିବାବେଳେ ୪ଦିନ ତଳେ ସ୍ୱାମୀ ଆସି ପିଲାଙ୍କୁ ସମ୍ବଲପୁର ଘରକୁ ନେଇ ଯାଇଥିବା ସୂଚନା ମିଳିଛି। କିନ୍ତୁ ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

ମାଲକାନଗିରି ଜିଲାରୁ ପୁଣି ୩ ପଜିଟିଭ୍

କୋରୁକୋଣ୍ଡା/ଏମ୍‌ଭି-୭୯/ କାଲିମେଳା,୧୨।୬(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଶୁକ୍ରବାର ଆଉ ୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜିଲାର ମୋଟୁ ସୀମାନ୍ତରେ ନିୟୋଜିତ ଜଣେ ପୋଲିସ କର୍ମଚାରୀ କରୋନା ସଂକ୍ରମିତ ହୋଇଛନ୍ତି। ସେ ବିଏସ୍‌ଏଫ୍ ଯବାନ ବୋଲି ଜଣାପଡ଼ିଛି। ଯବାନ ଜଣକ ମୋଟୁ ଥାନା ଅଧୀନରେ କାର୍ଯ୍ୟ କରୁଥିଲେ। ସେହିପରି କୋରାକୋଣ୍ଡା ବ୍ଲକ୍ ତାର୍ଲାକୋଟା ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରୁ ୨ଯୁବକ ପଜିଟିଭ୍ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ଜଣେ ପୋଲିସ କର୍ମଚାରୀ ସଂକ୍ରମିତ ଚିହ୍ନଟ ହେବା ଜଣାପଡ଼ିବା ପରେ ମୋଟୁ ଥାନା ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କୁ ସଙ୍ଗରୋଧରେ ରଖାଯାଇଛି। ସେହିପରି ମୋଟୁ ଥାନାକୁ ସିଲ୍ କରାଯିବା ସହ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ରୂପେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ମୋଟୁ ସୀମା ଦେଇ ପ୍ରତ୍ୟହ ବହୁ ସଂଖ୍ୟାରେ ପ୍ରବାସୀ ଫେରିଥାନ୍ତି। ଅନ୍ୟପକ୍ଷରେ କୋରୁକୋଣ୍ଡା ବ୍ଲକ୍ ତାର୍ଲାକୋଟା ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ଦୁଇ ସଂକ୍ରମିତ ମଧ୍ୟରେ ଜଣେ ଉକ୍ତ କେନ୍ଦ୍ରର କର୍ମଚାରୀ ଏବଂ ଅନ୍ୟ ଜଣେ ତାମିଲନାଡୁ ଫେରନ୍ତା ବୋଲି ତାର୍ଲାକୋଟା ସରପଞ୍ଚ ସୋମନାଥ ବାର୍ସେ ସୂଚନା ଦେଇଛନ୍ତି। ପରେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ସଙ୍ଗରୋଧ କେନ୍ଦ୍ରକୁ ସିଲ୍ କରାଯିବା ସହ ୧୦୦ମିଟର ପରିଧି ଅଞ୍ଚଳକୁ ୪୮ଘଣ୍ଟା ପାଇଁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ନୂଆ ୩ ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି। ତେବେ ୨୧ ଜଣ ପୂର୍ବରୁ ସୁସ୍ଥ ହୋଇ ଫେରିଥିବାବେଳେ ୪ ସକ୍ରିୟ ମାମଲା ରହିଥିବା ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ନିକଟସ୍ଥ ଏମଭି-୭୯ ଓ କାଲିମେଳା ଥାନାର ସମସ୍ତ କର୍ମଚାରୀଙ୍କ ଡ୍ୟୁଟି ମୋଟୁ ସୀମାନ୍ତରେ ପଡିଛି। ପୂର୍ବରୁ ଯେପରି ପ୍ରବାସୀଙ୍କୁ ଏଠାରେ ସ୍ୱାଗତ କରାଯାଉଥିଲା, ସେମାନଙ୍କ ପାଇଁ ପାନୀୟ ଜଳଠାରୁ ଆରମ୍ଭ କରି ରନ୍ଧାଖାଦ୍ୟ ପର୍ଯ୍ୟନ୍ତ ବ୍ୟବସ୍ଥା ହେଉଥିଲା ତାହା ପୂର୍ବପରି ଚାଲୁରହିଛି।

ଗଜପତିରେ ଆଉ ୫ କରୋନା ପଜିଟିଭ୍

ପାରଳାଖେମୁଣ୍ଡି, ୧୨।୬ (ସ୍ୱ.ପ୍ର.)

ଗଜପତି ଜିଲାରେ ଦିନକୁ ଦିନ କରୋନା ରୋଗୀଙ୍କ ସଂଖ୍ୟା ବଢିଚାଲିଛି । ଶୁକ୍ରବାର ପୁଣି ୫ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୮୪ରେ ପହଞ୍ଚିଛି। ଏହି ୫ ଜଣଙ୍କୁ ଆର୍.ସୀତାପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଗଜପତି ଜିଲା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଜୁନ୍ ୧୩/୨୦୨୦ Saturday, June 13/2020

ସଂକ୍ଷେପରେ

ବାତ୍ରାଙ୍କୁ କ୍ଲିନ୍ ଚିଟ୍

ନୂଆଦିଲ୍ଲୀ, ୧୨।୬ (ପି.ଟି.): ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଉପସଭାପତି ସୁଧାଂଶୁ ମିତ୍ତଲଙ୍କ ଅଭିଯୋଗକୁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଅଗ୍ରାହ୍ୟ କରିବା ସହ ଏହାର ସଭାପତି ନରିନ୍ଦର ବାତ୍ରାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନା କରିଦେଇଛି। ୨୦୧୬ ନିର୍ବାଚନ ବେଳେ ବାତ୍ରା ଏଫ୍‌ଆଇଏଚ୍ ନିୟମାବଳୀର ଉଲ୍ଲଂଘନ କରିଥିବା ମିତ୍ତଲ ଅଭିଯୋଗ କରିଥିଲେ। ଏଫ୍‌ଆଇଏଚ୍‌ର ଇଣ୍ଡିପେଣ୍ଡେଣ୍ଟ ଇଣ୍ଟିଗ୍ରିଟି ୟୁନିଟ୍ ଚେୟାରମ୍ୟାନ ୱେନ୍ ସ୍ମେଲ କିନ୍ତୁ ବାତ୍ରାଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି। ମିତ୍ତଲ ଅଭିଯୋଗ କରିଥିଲେ ୨୦୧୬ ନଭେମ୍ବରରେ ଏଫ୍‌ଆଇଏଚ୍‌ର ମୁଖ୍ୟ ଭାବେ ନିର୍ବାଚିତ ହେବା ବେଳେ ବାତ୍ରା ହକି ଇଣ୍ଡିଆର ସଭାପତି ପଦବୀରେ ରହିଥିଲେ। ତେବେ ବାତ୍ରା ଏଫ୍‌ଆଇଏଚ୍‌ର ସଭାପତି ହେବାପରେ ହକି ଇଣ୍ଡିଆରୁ ଓହରି ଯାଇଥିବାରୁ ସେ କୌଣସି ନିୟମ ଉଲ୍ଲଂଘନ କରି ନାହାନ୍ତି। ବାତ୍ରା ସଫେଇ ଦେଇ କହିଥିଲେ ଯେ, ସେ ଏଫଆଇଏଚ୍ ସଭାପତି ଭାବେ ନିର୍ବାଚିତ ହେବା ପଛରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ନାହିଁ। କାରଣ ସେ ୨୦୧୬ ନଭେମ୍ବର ୨୫ରେ ହକି ଇଣ୍ଡିଆ ସଭାପତି ପଦବୀରୁ ଇସ୍ତଫା ଦେଇସାରିଥିଲେ। ସୂଚନାଯୋଗ୍ୟ, ମିତ୍ତଲ ପୂର୍ବରୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)କୁ ଏକ ଚିଠି ଲେଖିଥିଲେ। ବାତ୍ରା ବେଆଇନ ଭାବେ ଆଇଓଏ ସଭାପତି ଭାବେ ନିର୍ବାଚିତ ହୋଇଥିବା ଅଭିଯୋଗ କରିଥିଲେ। ତେବେ ଶୁକ୍ରବାର ଆଇଓସି ମଧ୍ୟ ବାତ୍ରାଙ୍କୁ କ୍ଲିନ୍ ଚିଟ୍ ଦେଇଛି। ଆଇଓଏ ସଭାପତି ପଦବୀ ହାସଲ କରିବା ଲାଗି ବାତ୍ରା କୌଣସି ଅସାଧୁ ଉପାୟ ଅବଲମ୍ବନ କରି ନ ଥିବା କହିଛି।

ଭାରତର ଜିମ୍ବାୱେ ଟୁର୍ ସ୍ଥଗିତ

ନୂଆଦିଲ୍ଲୀ, ୧୨।୬ (ପି.ଟି.): କୋଭିଡ୍-୧୯ ଯୋଗୁ ଅଗଷ୍ଟରେ ହେବାକୁଥିବା ଭାରତୀୟ କ୍ରିକେଟ ଦଳର ଜିମ୍ବାୱେ ଟୁର୍‌କୁ ଶୁକ୍ରବାର ସ୍ଥଗିତ ରଖିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। କରୋନା ଭାଇରସ ଯୋଗୁ ଜାତୀୟ କ୍ରିକେଟରମାନଙ୍କୁ ଏପର୍ଯ୍ୟନ୍ତ ଟ୍ରେନିଂ ପାଇଁ ଅନୁମତି ଦିଆଯାଇ ନାହିଁ। ଜୁନ୍-ଜୁଲାଇରେ ଭାରତର ସୀମିତ ଓଭର ଟୁର୍‌କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ଶ୍ରୀଲଙ୍କା କ୍ରିକେଟ ଦିନକ ପୂର୍ବରୁ ଘୋଷଣା କରିଥିଲା। କୋଭିଡ୍-୧୯ ଯୋଗୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଭାରତୀୟ କ୍ରିକେଟ ଦଳ ଶ୍ରୀଲଙ୍କା ଓ ଜିମ୍ବାୱେ ଗସ୍ତ କରିବା ବିପଜ୍ଜନକ ବୋଲି ବିସିସିଆଇ ସମ୍ପାଦକ ଜୟ୍ ଶାହା ପ୍ରକାଶ କରିଛନ୍ତି। ମୂଳ କାର୍ଯ୍ୟସୂଚୀ ଅନୁସାରେ ଭାରତ ୨୦୨୦ ଜୁନ୍ ୧୪ରେ ଶ୍ରୀଲଙ୍କା ଟୁର୍‌ରେ ଯାଇଥାନ୍ତା। ସେଠାରେ ଦଳ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଖେଳିଥାନ୍ତା। ସେହିପରି ଅଗଷ୍ଟ ୨୨ରୁ ଭାରତୀୟ ଦଳ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିଥାନ୍ତା ବୋଲି ଶାହା ପ୍ରକାଶ କରିଛନ୍ତି। ଭାରତରେ କରୋନାଭାଇରସ ଆକ୍ରାନ୍ତଙ୍କ ସଂଖ୍ୟା ୩ ଲକ୍ଷ ପାଖାପାଖି ପହଞ୍ଚି ସାରିଥିବାବେଳେ ୮୫୦୦ରୁ ଊର୍ଦ୍ଧ୍ୱଙ୍କର ମୃତ୍ୟୁ ଘଟିସାରିଲାଣି। କୌଣସି ସିରିଜ ଖେଳିବା ଲାଗି ପ୍ରସ୍ତୁତି ପାଇଁ ଖେଳାଳିମାନଙ୍କୁ ୬ ସପ୍ତାହ ସମୟ ଲାଗିବ ବୋଲି ଜଣେ ସପୋର୍ଟ ଷ୍ଟାଫ୍ କହିଛନ୍ତି। ଅନ୍ୟପକ୍ଷରେ ଶାହା ବୋର୍ଡର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।

'ଟପ୍-୧୦ ଫିନିଶ୍ ଲକ୍ଷ୍ୟ'

ମୁମ୍ବାଇ, ୧୨।୬(ପି.ଟି.)

୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସର ପଦକ ତାଲିକାରେ ଟପ୍-୧୦ ଫିନିଶ୍ ଭାରତର ଲକ୍ଷ୍ୟ। ଆଗାମୀ ଦିନରେ ଭାରତ କେବଳ ଅଲିମ୍ପିକ୍ସରେ ଭାଗନେଉ ବୋଲି ଆମେ ଚାହୁଁନା, ସଫଳତା ହାର ମଧ୍ୟ ଉପରେ ରହିବା ଆବଶ୍ୟକ ବୋଲି

୨୦୨୮ ଅଲିମ୍ପିକ୍ସ

କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ପ୍ରକାଶ କରିଛନ୍ତି। ତେଣୁ ୨୦୨୮ ଅଲିମ୍ପିକ୍ସରେ ଶ୍ରେଷ୍ଠ ୧୦ ଦେଶ ମଧ୍ୟରେ ଭାରତ ସ୍ଥାନ ପାଇବା ଆମର ଟାର୍ଗେଟ। ଏହି ଯୋଜନା ଓ ରଣନୀତି ନେଇ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ଏବଂ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନଗୁଡ଼ିକ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି। ୨୦୨୦ ଅଲିମ୍ପିକ୍ସ କରୋନା ଭାଇରସ ସଂକ୍ରମଣ କାରଣରୁ ସ୍ଥଗିତ ରହିଛି। ଏହା ୨୦୨୧ରେ ହେବ। ୨୦୨୪ ଅଲିମ୍ପିକ୍ସ ପ୍ୟାରିସ ଏବଂ ୨୦୨୮ ଅଲିମ୍ପିକ୍ସ ଲସ୍ ଏଞ୍ଜେଲ୍ସରେ ଆୟୋଜିତ ହେବ।

କିରେନ ରିଜିଜୁ

ଭାରତ ୨୦୨୪ ଅଲିମ୍ପିକ୍ସରେ ମଧ୍ୟ ଉତ୍ତମ ପ୍ରଦର୍ଶନ କରିବ। ତେବେ ୨୦୨୮ ଅଲିମ୍ପିକ୍ସ ଉପରେ ମୁଖ୍ୟତଃ ଫୋକସ ରହିବ ବୋଲି ରିଜିଜୁ ପ୍ରକାଶ କରିଛନ୍ତି। ''ମୁଁ ନିଃସନ୍ଦେହରେ କହିପାରେ ଯେ, ଭାରତ ୨୦୨୪ ଅଲିମ୍ପିକ୍ସରେ ପୂର୍ବାପେକ୍ଷା ଉନ୍ନତ ପ୍ରଦର୍ଶନ କରିବ। ୨୦୨୮ ଅଲିମ୍ପିକ୍ସ ବେଳକୁ କିନ୍ତୁ ଆମେ ନିଜକୁ ଟପ୍-୧୦ରେ ଦେଖିବାକୁ ଚାହୁଁଛୁ ବୋଲି ସେ କହିଛନ୍ତି। ଟାର୍ଗେଟରେ ପହଞ୍ଚିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟ ହାତକୁ ନିଆ ଯାଇଛି। ଖେଲୋ ଇଣ୍ଡିଆ ଏବଂ ଫିଟ୍ ଇଣ୍ଡିଆ ମୁଭମେଣ୍ଟ ପରି ଅନେକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଅଲିମ୍ପିକ୍ସରେ କିପରି ଭାରତ ଅଧିକ ସଫଳତା ପାଇବ ଏହା ସମସ୍ତଙ୍କର ଲକ୍ଷ୍ୟ। ତେଣୁ ଖେଲୋ ଇଣ୍ଡିଆ ଓ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରି ଭାରତରେ ଏକ କ୍ରୀଡ଼ା ସଂସ୍କୃତିର ମୂଳଦୁଆ ପକାଇବା ସମ୍ଭବ ହୋଇଛି। ଏହା ବ୍ୟତୀତ ତୃଣମୂଳ ସ୍ତରରୁ ମଧ୍ୟ ପ୍ରତିଭା ଚିହ୍ନଟ କରାଯାଇ ସେମାନଙ୍କୁ ଉପଯୁକ୍ତ ସହଯୋଗ ଯୋଗାଇ ଦିଆଯାଉଛି ବୋଲି ରିଜିଜୁ କହିଛନ୍ତି।

ଓଡ଼ିଶା ଏଫ୍‌ସିରୁ ବିଦାୟ ନେଲେ ଆଶିଷ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି): ଭୁବନେଶ୍ୱରଭିତ୍ତିକ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) କ୍ଲବ ଓଡ଼ିଶା ଏଫସିରୁ ବିଦାୟ ନେଇଛନ୍ତି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର(ସିଇଓ) ଆଶିଷ ଶାହ। କ୍ଲବ ସହିତ ତାଙ୍କର ୩ ବର୍ଷୀୟା ଚୁକ୍ତି ୨୦୧୯-୨୦ ସିଜନ ସହ ଶେଷ ହେବ ବୋଲି ଓଡ଼ିଶା ଏଫସି ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ''ଗତ ୩ ବର୍ଷ ହେଲା କଠିନ ପରିଶ୍ରମ କରି ଆସିଥିବାରୁ ଆଶିଷଙ୍କୁ ଧନ୍ୟବାଦ। ତାଙ୍କ ସହ କାର୍ଯ୍ୟ କରି ମୁଁ ଆନନ୍ଦିତ। କ୍ଲବର ଉତ୍‌ଥାନ ପତନ ସମୟରେ ସେ ସଚୋଟତା ଦେଖାଇଛନ୍ତି। ଅତୀତକୁ ଦେଖିଲେ ଆଶିଷଙ୍କ ସହ ଅନେକ ସ୍ମରଣୀୟ ସ୍ମୃତି ରହିଛି। କ୍ଲବର ସମସ୍ତ ସଦସ୍ୟ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛନ୍ତି'' ବୋଲି କ୍ଲବ ସଭାପତି ରୋହନ ଶର୍ମା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ''ଗତ ୩ ବର୍ଷ ଓଡ଼ିଶା ଏଫସି (ପୂର୍ବରୁ ଦିଲ୍ଲୀ ଡାଇନାମସ ଥିଲା) ସହିତ ମୋ ପେଶାଦାର ଜୀବନ ଚ୍ୟାଲେଞ୍ଜିଂ ଏବଂ ଉତ୍ସାହପୂର୍ଣ୍ଣ ଥିଲା। ଏଥିପାଇଁ ମୁଁ

କ୍ଲବ ମାଲିକ, ଓଡ଼ିଶା ସରକାର, ସାଥି, ଖେଳାଳି, କୋଚ୍ ଏବଂ ବାହାରର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଉଛି। ସେମାନଙ୍କ ସହଯୋଗ ବିନା ଆମେ କେବେହେଲେ ଦିଲ୍ଲୀରୁ ଓଡ଼ିଶା ଦଳକୁ ପରିବର୍ତ୍ତନ ହୋଇପାରି ନ ଥାନ୍ତୁ। କ୍ଲବ ନିକଟରେ ଏବେ ଉତ୍ତମ ଭିତ୍ତିଭୂମି, ଭଲ ଦର୍ଶକ ଏବଂ ସ୍ପୋର୍ଟ୍ସ ସପୋର୍ଟ ଇକୋସିଷ୍ଟମ ରହିଛି। ତେଣୁ ଏହା ଦିନେ ଭାରତର ଶ୍ରେଷ୍ଠ ଫୁଟବଲ କ୍ଲବ ହୋଇପାରିବ'' ବୋଲି ଆଶିଷ ପ୍ରକାଶ କରିଛନ୍ତି।

ରିୟଲ ବେଟିସ୍‌କୁ ହରାଇଲା ସେବିଲା

ମାଡ୍ରିଡ,୧୨।୬

ଦୀର୍ଘ ୩ ମାସ ପରେ ସ୍ପାନିଶ ଫୁଟବଲ ଲିଗ୍ ଲା' ଲିଗା ଗୁରୁବାର ପ୍ରତ୍ୟାବର୍ତ୍ତନ କରିଛି। ପ୍ରତ୍ୟାବର୍ତ୍ତନର ପ୍ରଥମ ମ୍ୟାଚ୍‌ରେ ସେବିଲା ତା'ର ସ୍ଥାନୀୟ ପ୍ରତିଦ୍ୱନ୍ଦ୍ୱୀ ରିୟଲ ବେଟିସ୍‌କୁ ୨-୦ ଗୋଲରେ ପରାସ୍ତ କରିଛି। କୋଭିଡ୍-୧୯ କାରଣରୁ ମାର୍ଚ୍ଚ ମାସରୁ ସ୍ଥଗିତ ରହିଥିଲା। ଏହାପୂର୍ବରୁ ଜର୍ମାନୀର ଜଣାଶୁଣା ଫୁଟବଲ ଲିଗ୍ ବଣ୍ଡେସ୍‌ଲିଗା ମଧ୍ୟ ଆରମ୍ଭ ହୋଇଛି। ଏହାପରେ ଇଂଲଣ୍ଡର ପ୍ରିମିୟର ଲିଗ୍ ଓ ଇଟାଲିଆନ୍ ଲିଗ୍‌କୁ ଆରମ୍ଭ କରିବାକୁ ପ୍ରସ୍ତୁତି ଜାରି ରହିଛି।

ସେବିଲା ଓ ରିୟଲ ବେଟିସ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସରକାରଙ୍କ ସବୁ ନିର୍ଦ୍ଦେଶନାମାକୁ ପାଳନ କରାଯାଇଥିଲା। ସୁରକ୍ଷା ଓ ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ସବୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ମ୍ୟାଚ୍‌ର ୫୬ତମ ମିନିଟ୍‌ରେ ସେବିଲା ତଫରୁ ଲୁକାସ ଓକାମ୍ପୋସ ପେନାଲ୍ଟି ଜରିଆରେ ପ୍ରଥମ ଗୋଲ ସ୍କୋର କରିଥିଲେ। ସେହିପରି ୬୨ତମ ମିନିଟ୍‌ରେ ଫର୍ଣ୍ଣାଣ୍ଡୋ ଗୋଲ ଦେଇ ସେବିଲାକୁ ୨-୦ରେ ଅଗ୍ରଣୀ

ସେବିଲା-ରିୟଲ ବେଟିସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

୩ ମାସ ପରେ ଲା' ଲିଗାର ପ୍ରତ୍ୟାବର୍ତ୍ତନ

କରାଇଥିଲେ। ଅନ୍ୟପଟେ ରିୟଲ ବେଟିସ୍ ତରଫରୁ ଗୋଟିଏ ହେଲେ ବି ଗୋଲ ସ୍କୋର କରାଯାଇ ନ ଥିଲା। ସେବିଲା ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୪୩,୦୦୦ କ୍ଷମତା ବିଶିଷ୍ଟ ରାମୋନ ସାଞ୍ଚେଜ୍ ପିଜ୍‌ଜୁଆନ୍ ଷ୍ଟାଡିୟମରେ ଦର୍ଶକ ଅନୁପସ୍ଥିତ ଥିଲେ। ତେବେ ଟେଲିଭିଜନ୍‌ରେ ଦର୍ଶକ ଏହି ମ୍ୟାଚ୍‌କୁ ଉପଭୋଗ କରିଥିଲେ।

ରାଜେଶଙ୍କ ନାମ ସୁପାରିସ କଲେ ସାନ୍ଧୁ

ନୂଆଦିଲ୍ଲୀ,୧୨।୬(ପି.ଟି.): ଚଳିତବର୍ଷର ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ପୂର୍ବତନ ଜାତୀୟ ବକ୍ସିଂ କୋଚ୍ ଗୁରୁବକ୍ସ ସିଂ ସାନ୍ଧୁ ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା ମନୋଜ କୁମାରଙ୍କ ବ୍ୟକ୍ତିଗତ କୋଚ୍ ତଥା ବଡ଼ ଭାଇ ରାଜେଶ କୁମାର ରାଜୋଣ୍ଡଙ୍କ ନାମ ସୁପାରିସ କରିଛନ୍ତି। ଜଣେ ପୂର୍ବତନ ପୁରସ୍କାର ବିଜେତା ହିସାବରେ ସାନ୍ଧୁ ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ନାମ ସୁପାରିସ କରିପାରିବେ। ୩୭ ବର୍ଷୀୟ

ଦ୍ରୋଣାଚାର୍ଯ୍ୟ ପୁରସ୍କାର

ରାଜୋଣ୍ଡ ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଏଆଇବିଏ)ର ଜଣେ ଟୁ-ଷ୍ଟାର କୋଚ୍। ଅଲିମ୍ପିଆନ ଓ ଅର୍ଜୁନ ପୁରସ୍କାର ବିଜେତା ମନୋଜଙ୍କ କ୍ୟାରିୟର ଗଢ଼ିବାରେ ତାଙ୍କର ବିଶେଷ ଭୂମିକା ରହିଛି। ରାଜୋଣ୍ଡ ବର୍ତ୍ତମାନ କୁରୁକ୍ଷେତ୍ର ୟୁନିଭର୍ସିଟିରେ କାର୍ଯ୍ୟରତ। ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ବକ୍ସିଂ ପ୍ରତିଯୋଗିତାରେ ତାଙ୍କ ୟୁନିଭର୍ସିଟିକୁ ଶୀର୍ଷରେ ପହଞ୍ଚାଇବାରେ ତାଙ୍କର ବିଶେଷ ଭୂମିକା ରହିଛି। କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ନିକଟକୁ ପଠାଇଥିବା ଏକ ଚିଠିରେ ସାନ୍ଧୁ ଉଲ୍ଲେଖ କରିଛନ୍ତି ଯେ, ଜଣେ ବକ୍ସିଂ କୋଚ୍ ହିସାବରେ ରାଜେଶ କୁମାରଙ୍କ ସଫଳତାକୁ ହୃଦୟଙ୍ଗମ କରିପାରିଛି। ବକ୍ସିଂ କୋଚ୍ କାଟେଗୋରିରେ ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ

ପୁରସ୍କାର ପାଇଁ ତାଙ୍କର ଯଥେଷ୍ଟ ଯୋଗ୍ୟତା ରହିଛି। ଅନ୍ୟପକ୍ଷରେ ଜଣେ ପୂର୍ବତନ ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା ମନୋଜ କହିଛନ୍ତି ତାଙ୍କ ଭାଇ ଜାତୀୟ ସ୍ୱୀକୃତି ପାଇବା ଲାଗି ହକ୍‌ଦାର ଅଟନ୍ତି। ତାଙ୍କ ଯୋଗୁ ହିଁ ମୁଁ ବକ୍ସିଂରେ ସଫଳତା ହାସଲ କରିପାରିଛି।

'ଏକା କୋହଲି ୧୧ ଜଣଙ୍କ ସହ ସମାନ'

କୋଲକାତା, ୧୨।୬ (ପି.ଟି.)

ସମ୍ପୂର୍ଣ୍ଣ ଭାରତୀୟ ଦଳକୁ ଆଉଟ କରିବା ପାଇଁ ଯେପରି ବୁଦ୍ଧି ଖଟାଇବା କଥା କେବଳ ଅଧିନାୟକ ବିରାଟ କୋହଲିଙ୍କ କ୍ଷେତ୍ରରେ ତାହା ପ୍ରୟୋଗ କର। ଏକା କୋହଲି ୧୧ ଜଣ ଖେଳାଳିଙ୍କ ସହିତ ସମାନ। ଇଂଲଣ୍ଡର ଦୁଇ ସ୍ପିନର ମୋଇନ ଅଲୀ ଓ ଆଡିଲ ରଶିଦଙ୍କୁ ଏହି ପରାମର୍ଶ ଦେଇ ଆସୁଛନ୍ତି ପାକିସ୍ତାନ ଗ୍ରେଟ୍ ସାକଲେନ ମୁସ୍ତାକ। ଗତବର୍ଷ ବିଶ୍ୱକପ ପର୍ଯ୍ୟନ୍ତ ସାକଲେନ ଇଂଲଣ୍ଡ ଦଳର ସ୍ପିନ ପରାମର୍ଶଦାତା ଥିଲେ। ଉଭୟ ମୋଇନ ଓ ରଶିଦ କୋହଲିଙ୍କୁ ୬ ଥର ଲେଖାଏ ଆଉଟ କରିଛନ୍ତି। '' ସେ ଜଣେ ନୁହନ୍ତି, ୧୧ ଜଣ। ଭାରତୀୟ ଦଳରେ କୋହଲିଙ୍କ ଉଇକେଟ ଗୁରୁତ୍ୱପୂର୍ଣ୍ଣ। ବିରାଟଙ୍କ ଉଇକେଟ ଅର୍ଥ ସମ୍ପୂର୍ଣ୍ଣ ଭାରତୀୟ ଦଳକୁ ଆଉଟ କରିବା। ସେ ଏକାକୀ ୧୧ ଖେଳାଳିଙ୍କ ସହିତ ସମାନ। ତାଙ୍କ ପ୍ରତି ସେଭଳି ମନୋଭାବ ପୋଷଣ

ସାକଲେନ ମୁସ୍ତାକ

କରାଯିବା ଉଚିତ ବୋଲି ଏକ ଇନ୍‌ଷ୍ଟାଗ୍ରାମ ଲାଇଭ୍‌ରେ ୪୩ ବର୍ଷୀୟ ସାକ୍‌ଲେନ କହିଛନ୍ତି।

୨୦୧୮ରେ ହେଡିଂଲେରେ ଅନୁଷ୍ଠିତ ଏକଦିବସୀୟ ମ୍ୟାଚରେ ରଶିଦଙ୍କ ଏକ ବଲ୍‌ରେ ଚକ୍‌ମା ଖାଇ ଯାଇଥିଲେ ବିରାଟ। ବଲ୍‌ଟି ପାଖାପାଖି ଲେଗ୍‌ରେ ପଡ଼ିଥିଲେ ହେଁ ଟର୍ନ ହୋଇ ଅଫ୍‌ଷ୍ଟମ୍ପରେ ବାଜିଥିଲା। ସାକ୍‌ଲେନ ଏହାକୁ 'ବିରାଟ-ଓ୍ୱାଲା ଡେଲିଭରି' ବୋଲି କହିଥିଲେ। ନେଟ୍‌ରେ ଏଭଳି ବୋଲିଂ ଜାରି ରଖିବାକୁ ଅଭ୍ୟାସ କରିବାକୁ ସେ ରଶିଦଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱର ନମ୍ବରୱାନ ବ୍ୟାଟ୍ସମ୍ୟାନ ହୋଇଥିବାରୁ କୋହଲିଙ୍କର ଅହଂଭାବ ରହିବା ସ୍ୱାଭାବିକ୍। ଯଦି ତୁମେ ଏକ ଡଟ୍(୦) ବଲ୍ ପକାଇବ ତେବେ ତାଙ୍କ ଅହଂ ଭାବରେ ଆଘାତ ଲାଗିବ। ତାଙ୍କୁ ଫାନ୍ଦରେ ପକାଇଲେ ଯାଇ ଆଉଟ କରିପାରିବ। ଏ କ୍ଷେତ୍ରରେ ମନସ୍ତାତ୍ତ୍ୱିକ ଖେଳ ଖେଳିବାକୁ ହେବ ବୋଲି ଏହି ପୂର୍ବତନ ପାକିସ୍ତାନ ସ୍ପିନର କହିଛନ୍ତି। ଇଂଲଣ୍ଡ ଦଳ କୋହଲିଙ୍କ ବିପକ୍ଷରେ ଭଲଭାବେ ହୋମ୍‌ୱାର୍କ କରିଥିଲା ଆମେ ତାଙ୍କର ବିଭିନ୍ନ ପର୍ଯ୍ୟାୟର ବ୍ୟାଟିଂକୁ ଅନୁଧ୍ୟାନ କରିଥିଲୁ। ସେ କିପରି ଆରମ୍ଭ କରୁଛନ୍ତି, ତାକୁ ବିଲ୍ଡଅପ୍ କରୁଛନ୍ତି ଏବଂ ଶେଷ କରୁଛନ୍ତି ଦେଖିବାପରେ ଯୋଜନା ପ୍ରସ୍ତୁତ କରିଥିଲୁ ବୋଲି ସମ୍ପ୍ରତି ପାକିସ୍ତାନ କ୍ରିକେଟର ଇଣ୍ଟରନ୍ୟାଶନାଲ ପ୍ଲେୟର ଡେଭଲପ୍‌ମେଣ୍ଟ ମୁଖ୍ୟ ଥିବା ସାକ୍‌ଲେନ ପ୍ରକାଶ କରିଛନ୍ତି।

ଶ୍ରୀଲଙ୍କା ସହ ଆୟୋଜନ ଅଧିକାର ବଦଳ କଲା ପାକିସ୍ତାନ

ନୂଆଦିଲ୍ଲୀ, ୧୨।୬

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଆଗାମୀ ସଂସ୍କରଣ ପାକିସ୍ତାନ ପରିବର୍ତ୍ତେ ଶ୍ରୀଲଙ୍କାରେ ଆୟୋଜନ ହେବା ସମ୍ଭାବନା ବଢ଼ିଛି। ପ୍ରକୃତରେ ପାକିସ୍ତାନ ଏହି ଟୁର୍ନାମେଣ୍ଟ ଆୟୋଜନ ଅଧିକାର ପାଇଥିଲା। ତେବେ ଭାରତ ସହିତ ଉତ୍ତେଜନାମୂଳକ ପରିସ୍ଥିତି ଏବଂ କୋଭିଡ-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହାକୁ ଆୟୋଜନ ପାଇଁ ଶ୍ରୀଲଙ୍କାକୁ ଅଫର ଦେଇଛି। ପ୍ରତି ବଦଳରେ ପାକିସ୍ତାନ ୨୦୨୨ ଏସିଆ କପ୍ ଆୟୋଜନ କରିବା ଲକ୍ଷ୍ୟରେ ରହିଛି। ଚଳିତବର୍ଷ ସେପ୍ଟେମ୍ବରରେ ଏସିଆ କପ୍ ଆୟୋଜନ ଆଶା କ୍ଷୀଣ ରହିଛି।



ASIA CUP 2020

ମାତ୍ର ଯଦି ଏହା ଆୟୋଜନ ହୁଏ ତେବେ ପାକିସ୍ତାନରେ ନ ହୋଇ ଶ୍ରୀଲଙ୍କାରେ ହେବ। ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଶ୍ରୀଲଙ୍କା କ୍ରିକେଟ ବୋର୍ଡ(ଏସଏଲସି) ସହିତ ଏସିଆ କପ୍ ଆୟୋଜନ ଅଧିକାର ଅଦଳ ବଦଳ କରିଛି। ତେବେ ଏସିଆନ କ୍ରିକେଟ କାଉନସିଲ (ଏସିସି) କାର୍ଯ୍ୟନିର୍ବାହୀ କମିଟି ଏହି ଅଦଳ ବଦଳକୁ ଅନୁମୋଦନ ଦେଇନାହିଁ। ଚଳିତ ମାସ ଶେଷ ବେଳକୁ ଆୟୋଜନ ଅଧିକାର ଯୋଜନାର ସ୍ପଷ୍ଟ ଚିତ୍ର ମିଳିବ। ଶ୍ରୀଲଙ୍କା ୨୦୧୦ ପରଠାରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରିନାହିଁ। ତେଣୁ ସୁଯୋଗର ସଦ୍‌ବ୍ୟବହାର କରି ଘରୋଇ ଦର୍ଶକଙ୍କୁ ଆକୃଷ୍ଟ କରିବାକୁ ଚାହିଁବ। ପ୍ରତିଯୋଗିତାର ପୂର୍ବ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିଲା। ଜୁନ ୯ରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏସିସିର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ବସିଥିଲା। ୨୦୨୦ ଏସିଆ କପ୍ ସମ୍ପର୍କରେ ଉଚିତ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ମତପ୍ରକାଶ ପାଇଥିଲା।

ନାରୀ ସମସ୍ୟା ଆଉ ଏବେ ହେବନାହିଁ
ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାର ଆୟୁର୍ବେଦିକ ଉପାୟ
ଟନିକ୍ ସହ ପାଆନ୍ତୁ 20 ଟାବ୍‌ଲେଟ୍ Free
INDIA'S MOST TRUSTED BRAND
ସମ୍ପୂର୍ଣ